# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୧/୨୦୨୬ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, March 21/2026 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୧୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 115 | ମୂଲ୍ୟ ₹୭/-





**୨୦୨୭ ଇଦ୍ ପାଇଁ ପ୍ରସ୍ତୁତି ଚଳାଇଲେଣି ସଲମାନ**

ଚଳିତ ବର୍ଷ ଇଦ୍‌ରେ ସଲମାନ ଖାନ୍‌ଙ୍କ କୌଣସି ଫିଲ୍ମ ରିଲିଜ ହୋଇ ନ ଥିବାବେଳେ ୨୦୨୭ ପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି।

୧୨

୧୪

**ରାହୁଲଙ୍କ ଡବଲ ଗୋଲ୍**

ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ବିପକ୍ଷ ଆଇଏସ୍‌ଏଲ୍ ମ୍ୟାଚରେ ଡବଲ ଗୋଲ୍ ସ୍କୋର କରିଛନ୍ତି ଓଡ଼ିଶା ଏଫ୍‌ସିର ରାହୁଲ କେପି।






କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଶୁକ୍ରବାର ଅନୁଷ୍ଠିତ ଟି–୬୩ ବର୍ଗର ପୁରୁଷ ଲଙ୍ଗ୍‌ଜମ୍ପ ଇଭେଣ୍ଟ ଅବସରରେ ପଞ୍ଜାବର ଆକାଶ ମେହେରା ଲମ୍ଫ ପ୍ରଦାନ କରୁଛନ୍ତି। **(ଫଟୋ: ବିକାଶ ନାୟକ)**

# ପ୍ରିମିୟମ ପେଟ୍ରୋଲ ୨.୦୯ ଟଙ୍କା ମହଙ୍ଗା

### ଇଣ୍ଡଷ୍ଟ୍ରିଆଲ ଡିଜେଲ ଲିଟର ପିଛା ୨୨.୦୩ ଟଙ୍କା ବଢ଼ିଲା

ନୂଆଦିଲ୍ଲୀ,୨୦।୩(ପି.ଟି.)

ମଧ୍ୟପ୍ରାଚ୍ୟର ଯୁଦ୍ଧ ଥମିବାର ନାଁ ନେଉ ନ ଥିବାରୁ ବୈଶ୍ୱିକ ତୈଳ ବଜାରରେ ନିଆଁ ଲାଗିଛି। ଏହାର ପ୍ରତ୍ୟକ୍ଷ ପ୍ରଭାବ ଭାରତୀୟ ଅଏଲ୍ ମାର୍କେଟରେ ପଡ଼ିଛି। ତୈଳ ବିପଣନ କମ୍ପାନୀଗୁଡ଼ିକ ଶୁକ୍ରବାର ହାଇୟର ଗ୍ରେଡ୍ ବା ପ୍ରିମିୟମ ପେଟ୍ରୋଲ ମୂଲ୍ୟରେ ୨.୦୯ ଟଙ୍କା ବୃଦ୍ଧି କରିଛନ୍ତି। ସେହିପରି ଶିଳ୍ପ କ୍ଷେତ୍ରରେ ବ୍ୟବହୃତ ହାଇସ୍ପିଡ୍ ଇଣ୍ଡଷ୍ଟ୍ରିଆଲ ଡିଜେଲ ମଧ୍ୟ ଲିଟର ପ୍ରତି ୨୨ ଟଙ୍କା ୦୩ ପଇସା ମହଙ୍ଗା ହୋଇଛି। ଯଦିଓ ସାଧାରଣ ଯାନବାହନରେ ଭର୍ତ୍ତି କରାଯାଉଥିବା ପେଟ୍ରୋଲ ଦରକୁ ଅପରିବର୍ତ୍ତିତ ରଖାଯାଇଛି, ପ୍ରିମିୟମ୍ ପେଟ୍ରୋଲ ଓ ଇଣ୍ଡଷ୍ଟ୍ରିଆଲ ଡିଜେଲ ମୂଲ୍ୟ ବୃଦ୍ଧିକୁ ଦେଖିଲେ ତାହା ମଧ୍ୟ ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।

ଦିଲ୍ଲୀରେ ପ୍ରିମିୟମ୍ ୯୫–ଅକ୍ଟେନ୍ ପେଟ୍ରୋଲ ପୂର୍ବରୁ ଲିଟର ପିଛା ୯୯.୮୯ ଟଙ୍କା ଥିବାବେଳେ ସଦ୍ୟ ମୂଲ୍ୟ ବୃଦ୍ଧି ସହ ଏହା ୧୦୧.୮୯ ଟଙ୍କାକୁ ଛୁଇଁଛି। ପୂର୍ବରୁ ଜାତୀୟ ରାଜଧାନୀରେ ୧ ଲିଟର ଇଣ୍ଡଷ୍ଟ୍ରିଆଲ ଡିଜେଲ ୮୭.୬୭ ଟଙ୍କାରେ ମିଳୁଥିବାବେଳେ ଏବେ ଏହା ୧୦୯.୫୯କୁ ଚଢ଼ିଛି। ଅନ୍ତର୍ଜାତୀୟ ବଜାରରେ ଗୁରୁବାର ଅଶୋଧିତ ତୈଳ ବ୍ୟାରେଲ ପିଛା ୧୧୯ ଆମେରିକୀୟ ଡଲାରକୁ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ** ପ୍ରସ୍ତାବ ପ୍ରତ୍ୟାହାର

# ନିୟମିତ ହେଲେ ଚୁକ୍ତିଭିତ୍ତିକ ସ୍କିମାଟିକ୍ କନିଷ୍ଠ ଶିକ୍ଷକ

ଭୁବନେଶ୍ୱର,୨୦।୩
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଶିକ୍ଷକମାନଙ୍କ କ୍ଷେତ୍ରରେ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଦୀର୍ଘଦିନ ଧରି ନିୟମିତ ଅପେକ୍ଷାରେ ଥିବା ୧୩ ହଜାରରୁ ଊର୍ଦ୍ଧ୍ୱ ସ୍କିମାଟିକ୍ କନିଷ୍ଠ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିୟମିତ କରିଛନ୍ତି। ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୨୩–୨୪ ବର୍ଷରେ ନିଯୁକ୍ତି ପାଇଥିବା ଏହି ବର୍ଗର କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବାପାଇଁ ପ୍ରଦାନ କରାଯାଇଥିବା ପ୍ରସ୍ତାବକୁ ସୁବିଚାରପୂର୍ବକ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ଏହି ଶିକ୍ଷକମାନେ ସେମାନଙ୍କ ଚାକିରିରେ ଯୋଗଦାନ ସମୟଠାରୁ ନିୟମିତ ହୋଇଛନ୍ତି। ତେଣୁ ସେମାନେ ଚାକିରିରେ ଯୋଗଦାନ ସମୟଠାରୁ ୨୦୨୫ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ପିଛିଲା ଭାବେ ସମସ୍ତ ପ୍ରାପ୍ୟ ପାଇବେ। ୨୦୨୬ ଜାନୁଆରୀ ପହିଲାଠାରୁ ନିୟମିତ କର୍ମଚାରୀଙ୍କ ଦରମା ତଥା ଅନ୍ୟାନ୍ୟ ସମସ୍ତ ସୁବିଧା ପାଇପାରିବେ। ସୂଚନାଯୋଗ୍ୟ, ଏହି କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ। ସରକାରଙ୍କ ଏହି ନିଷ୍ପତ୍ତିକୁ ନେଇ ଶିକ୍ଷକ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ସବୁ ବର୍ଗର ଶିକ୍ଷକମାନଙ୍କ ନ୍ୟାୟୋଚିତ ଦାବି ପୂରଣ ଦିଗରେ ସରକାର ଯତ୍ନବାନ ଅଛନ୍ତି। ପର୍ଯ୍ୟାୟକ୍ରମେ ବିଭିନ୍ନ ବର୍ଗର ଶିକ୍ଷକଙ୍କ ଦାବି ପୂରଣ କରାଯିବ।

# ୧ ଡଲାର=୯୩.୭୧ ଟଙ୍କା

## ୨୦୨୬ରେ ୪% ଖସିଲାଣି ଭାରତୀୟ ମୁଦ୍ରା

ମୁମ୍ବାଇ,୨୦।୩(ରଏଟର୍ସ/ପି.ଟି.)

ଟଙ୍କା ଦିନକୁ ଦିନ ଅଧିକ ତଳମୁହାଁ ହୋଇ ଦୁର୍ବଳତାର ରେକର୍ଡ ଭାଙ୍ଗି ଚାଲିଥିବାବେଳେ ପଶ୍ଚିମ ଏସିଆର ଇରାନ୍ ଯୁଦ୍ଧ ଏହାକୁ ଆହୁରି କ୍ଷତାକ୍ତ କରିଦେଇଛି। ମଧ୍ୟପ୍ରାଚ୍ୟର ଯୁଦ୍ଧ ଘନଘଟା ଭିତରେ କିନ୍ତୁ ଡଲାର ଶକ୍ତିଶାଳୀ ହୋଇଛି। ଚରମ ଭୂରାଜନୈତିକ ଉତ୍ତେଜନା ଭିତରେ ହର୍ମୁଜ ପ୍ରଣାଳୀ ଦେଇ ତୈଳ ଓ ପ୍ରାକୃତିକ ବାଷ୍ପ ପରିବହନରେ ପ୍ରତିବନ୍ଧକ କ୍ରୁଡ୍ ମୂଲ୍ୟରେ ନିଆଁ ଲଗାଇଦେଇଛି। ଭାରତ ଡଲାର ପଇଠ କରି ଏସବୁ ଆମଦାନୀ କରିଥାଏ। ତେଣୁ ଭାରତୀୟ ମୁଦ୍ରା ଉପରେ ଯୁଦ୍ଧର ସିଧାସଳଖ ପ୍ରଭାବ ପଡ଼ିଛି। ଶୁକ୍ରବାର ଟଙ୍କାରେ ୧%ରୁ ଅଧିକ ଅବମୂଲ୍ୟାୟନ ଘଟିଛି। ଡଲାର ତୁଳନାରେ ଏହାର ବିନିମୟ ମୂଲ୍ୟ ୯୩.୭୧ ଟଙ୍କା ରହିଛି। ୪ ବର୍ଷ ମଧ୍ୟରେ ଟଙ୍କା କୌଣସି ଦିନରେ ଏତେ ଦୁର୍ବଳ ହୋଇ ନ ଥିଲା। ଯୁଦ୍ଧ ଚିନ୍ତା ଜାରି ରହିଥିବାରୁ ଅର୍ଥନୀତି ଉପରେ ଏହାର ନକାରାତ୍ମକ ପ୍ରଭାବ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମୁଣ୍ଡବ୍ୟଥା ବଢ଼ାଇ ଦେଇଛି। କାରଣ ସ୍ଥିତିରେ ସୁଧାର ଆଣିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କର ହସ୍ତକ୍ଷେପ ଆଉ ଫଳପ୍ରଦ ହେଉନାହିଁ।

ଡଲାର ଶକ୍ତିଶାଳୀ ହେବାରେ ଲାଗିଥିବାବେଳେ ଟଙ୍କାର ବିନିମୟ ମୂଲ୍ୟ କ୍ରମଶଃ ଖସିଚାଲିବା ଭାରତୀୟ ଅର୍ଥନୀତି ପାଇଁ ଚିନ୍ତାର କାରଣ ହୋଇଛି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଗୁରୁବାର ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୯୨.୬୩ ଟଙ୍କା ରହିଥିଲା। ଶୁକ୍ରବାର ସେସନ୍‌ରେ ଦେଶର କରେନ୍ସି ଆହୁରି ୧ ଟଙ୍କା ୮ ପଇସା ଦୁର୍ବଳ ହୋଇ ୯୩.୭୧କୁ ଖସିପଡ଼ିଛି। ୨୦୨୨ ପରେ ଏହା ହେଉଛି ଟଙ୍କାର ସବୁଠୁ ବଡ଼ ତଳମୁହାଁ। ଏହାକୁ ମିଶାଇ ସାମଗ୍ରିକ ଭାବେ ଦେଖିଲେ ୨୦୨୬ରେ ଟଙ୍କା ୪ ପ୍ରତିଶତ ପର୍ଯ୍ୟନ୍ତ ଅସ୍ତିତ୍ୱ ହରାଇଲାଣି, ଯାହାକି ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ପାଲଟିବା ଦୌଡ଼ରେ ନିଜକୁ ସାମିଲ କରିଥିବା ଭାରତ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି କୁହାଯାଉଛି। ଯୁଦ୍ଧାବସାନର ସଙ୍କେତ ମିଳୁ ନ ଥିବାରୁ ଆଗାମୀ ଗୋଟିଏ କିମ୍ବା ଦୁଇଟି ସେସନ୍‌ରେ ୧ ଡଲାର = ୯୫ ଟଙ୍କା ହେବା ଆଶଙ୍କା କରାଯାଉଛି। ଏନର୍ଜି ପ୍ରାଇସ୍‌ରେ ବୃଦ୍ଧି ଭାରତୀୟ ଟଙ୍କା ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିବା ଜେବି ଡ୍ରାକ୍ସ ହୋନୋର ଏସିଆ ମାର୍କୋ ଷ୍ଟ୍ରାଟେଜିଷ୍ଟ ବିବେକ ରାଜପାଲ ମତ ଦେଇଛନ୍ତି।

ଯୁଦ୍ଧଜନିତ ତୈଳ ମୂଲ୍ୟ ବୃଦ୍ଧିର ଚାପ ଯେ କେବଳ ଟଙ୍କାକୁ ଦୁର୍ବଳ କରିଦେଇଛି ତାହା ନୁହେଁ, ଘରୋଇ ବଜାରରୁ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ)ଙ୍କ ପଳାୟନ ସାଙ୍ଗକୁ ଭାରତର ବିଦେଶୀ ମୁଦ୍ରା ଭଣ୍ଡାରରେ ମଧ୍ୟ ଅସ୍ଥିରତା ସୃଷ୍ଟି କରିଛି। ମାର୍ଚ୍ଚ ୧୩ରେ ଶେଷ ହୋଇଥିବା ସପ୍ତାହରେ ଦେଶର ଫରେକ୍ସ ରିଜର୍ଭରେ ୭.୦୫୨ ବିଲିୟନ୍ ଡଲାର ହ୍ରାସ ଘଟିବାରୁ ଏହା ୭୦୯.୭୫୯ ବିଲିୟନ୍ ଡଲାରକୁ ଖସିଯାଇଥିଲା। ଏହି ଧାରା ଅଦ୍ୟାବଧି ଜାରି ରହିଥିବାରୁ ସଦ୍ୟ ସ୍ଥିତି ସମ୍ପର୍କିତ ବିବରଣୀ ଆସନ୍ତା ସପ୍ତାହରେ ସ୍ପଷ୍ଟ ହେବ।

### ୭୦୯.୭୬ ବିଲିୟନ୍ ଡଲାରକୁ ଖସିଲା ଫରେକ୍ସ ରିଜର୍ଭ



ଶୁକ୍ରବାର ଆର୍‌ବିଆଇ ପକ୍ଷରୁ ଜାରି ତଥ୍ୟାନୁସାରେ ☞ପୃଷ୍ଠା–୪


DADLS-88





OIPR-



## ସଂକ୍ଷେପରେ

### ଶକ୍ତିପୀଠରେ ନବରାତ୍ର ପୂଜା

ରାଉରକେଲା,୧୯।୩(ସଙ୍ଗୀତା ଜେନା): ବାସନ୍ତୀକ ଦୁର୍ଗାପୂଜା ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ମାଁ ଶୈଳପୁତ୍ରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଜଗଦା ସ୍ଥିତ ମାଁ ବାଟ ମଙ୍ଗଳା ଶକ୍ତିପୀଠରେ ଚଳିତବର୍ଷ ନବରାତ୍ର ପାଳନ କରାଯାଉଛି। ସକାଳ ୬ଟାରେ ଦ୍ୱାର ଫିଟା, ବାଳପୂଜା, ଆନୁଷଙ୍ଗିକ ବିଧିବିଧାନ କରାଯାଇଥିଲା। ସନ୍ଧ୍ୟାରେ ମାଁଙ୍କ ଘଟ ସ୍ଥାପନ ହୋଇଥିଲା। ପଣ୍ଡିତ କାଶୀନାଥ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋମଯଜ୍ଞ ସହ ଚଣ୍ଡୀପାଠ କରାଯାଇଥିଲା। ରମେଶ ଦାସ, ଗୀତା ଦାସ, ସଞ୍ଜୀବ ମହାନ୍ତି, ପ୍ରଭାତ ମହାନ୍ତି, ଲକ୍ଷ୍ମୀଧର ନାୟକ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ହନୁମାନ ବାଟିକା, ସେକ୍ଟର-୨ ମଙ୍ଗଳା ମନ୍ଦିର, ଗାୟତ୍ରୀ ମନ୍ଦିର, ବୈଷ୍ଣୋଦେବୀ ମନ୍ଦିରରେ ନବରାତ୍ର ପୂଜା ଆରମ୍ଭ ହୋଇଛି।

### ଡିଏଫ୍ଓ ଯଶୋବନ୍ତ ସେଠୀ ପୁରସ୍କୃତ




ରାଉରକେଲା,୨୦।୩(ବିପ୍ଳବ ରଞ୍ଜନ ଦାଶ): ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କୁ ଦି ଇକୋନୋମିକ୍ ଟାଇମ୍ସ ଗଭଟେକ୍ ପୁରସ୍କାର ୨୦୨୬ ମିଳିଛି। ରାଉରକେଲା ବନ ବିଭାଗରେ ନବସୃଜନ ଏବଂ ସଂରକ୍ଷଣ ପ୍ରୟାସକୁ ସାମାଜିକ ପ୍ରଭାବ ବର୍ଗରେ ଏଆଇ ସହିତ ସାମିଲ କରିବା ପାଇଁ ଏହି ପୁରସ୍କାର ମିଳିଛି। ଗତ ୧୯ ତାରିଖରେ ନୂଆଦିଲ୍ଲୀର ଏକ ହୋଟେଲରେ ଅନୁଷ୍ଠିତ ଉତ୍ସବରେ ସେଠୀଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିଜେତା ଚୟନ ପାଇଁ ଏକ ଜୁରୀ ମଣ୍ଡଳୀ ଗଠନ କରାଯାଇଥିଲା। ଏଥିରେ ପ୍ରୀତି ସୁଦାନ (ପୂର୍ବତନ ଅଧ୍ୟକ୍ଷା, ୟୁପିଏସ୍‌ସି), ରାଧା ଚୌହାନ (ପୂର୍ବତନ ସଚିବ, ଦୋପ୍ଟ), ମନୋଜ କୁମାର ସିଂହ (ପୂର୍ବତନ ମୁଖ୍ୟ ସଚିବ, ଉତ୍ତର ପ୍ରଦେଶ), ମୋନିକା ଏସ୍. ଗର୍ଗ (ପୂର୍ବତନ ଅତିରିକ୍ତ ମୁଖ୍ୟ ସଚିବ, ଉତ୍ତର ପ୍ରଦେଶ)ଙ୍କ ସମେତ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର ଓ ଡିଆର୍‌ଡିଓର ପୂର୍ବତନ ଉଚ୍ଚ ଅଧିକାରୀମାନେ ସାମିଲ ଥିଲେ।

# ଓଡ଼ିଆ ପରମ୍ପରାର ପ୍ରତୀକ ପଖାଳ

ରାଉରକେଲା,୨୦।୩
(ସଙ୍ଗୀତା ଜେନା/ବିପ୍ଳବ ରଞ୍ଜନ ଦାଶ)

ଓଡ଼ିଆ ପରମ୍ପରାର ପ୍ରତୀକ ପଖାଳକୁ ମନେ ପକାଇବା ପାଇଁ ଶୁକ୍ରବାର ସେକ୍ଟର-୪ସ୍ଥିତ ରାଉରକେଲା କଲେଜରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନା ଓ ପ୍ରାଧ୍ୟାପକ ରଶ୍ମିରଞ୍ଜନ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାରୀନେତ୍ରୀ ମୀନତି ଦେବତାଙ୍କ ସମେତ ସ୍ଥାନୀୟ ଥାନା କର୍ମଚାରୀ ଯୋଗ ଦେଇଥିଲେ। ସେହିପରି ଗରିମା ପରିବାର ପକ୍ଷରୁ ସେକ୍ଟର-୧୯ରେ ପଖାଳ ଦିବସ ପାଳନ କରାଯାଇଥିଲା। ଆବାହକ ଶଙ୍କର ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଶୋକ କକ୍କଡ, ଅଞ୍ଜୁ କକ୍କଡ, ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରଦୀପ ପଟ୍ଟନାୟକ, ମହେଶ ଭଜିର ପ୍ରମୁଖ ଉପସ୍ଥିତ ରହି ପଖାଳ ଖାଇଥିଲେ। ଜଗଦାସ୍ଥିତ ନୀଳଶୈଳ ମହାବିଦ୍ୟାଳୟରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀକାନ୍ତ କୁମାର ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବରିଷ୍ଠ ଅଧ୍ୟାପକ ପ୍ରଦୀପ କୁମାର ପାଣିଗ୍ରାହୀ, ମନୀଷା ଦାସ, ବିଜୟ ଦାସ, ପ୍ରଶାନ୍ତ ଚନ୍ଦ୍ର ମହାପାତ୍ର ସହଯୋଗ କରିଥିଲେ।




ମହିଳା ସମିତି ପକ୍ଷରୁ ପଖାଳ ଦିବସ ପାଳନ କରାଯାଉଛି।

ସେହିପରି ରାଉରକେଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ବିଶ୍ୱ ପଖାଳ ଦିବସ ପାଳନ କରାଯାଇଛି। ଗ୍ରୀଷ୍ମ ଋତୁରେ ଶରୀରକୁ ଶୀତଳ ରଖିବା ପାଇଁ ପଖାଳର ଆବଶ୍ୟକତା ରହିଥିଲା ବେଳେ ଏହାର ଗୁରୁତ୍ୱକୁ ନେଇ ସିଭିଲଟାଉନଶିପ୍ ସ୍ଥିତ ମା' ଇନ୍ଦିରା ମହିଳା ସମିତି ପକ୍ଷରୁ ପଖାଳ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଅଦା କଞ୍ଚାଲଙ୍କା ଛେଚା, ଲେମ୍ବୁ ଆଦି ଦିଆଯାଇ ପଖାଳ ସହିତ ଶାଗ, ବଡ଼ିଚୁରା, ଆଳୁ, ଭେଣ୍ଡି, ଫୁଲକୋବି, ଭଜା, ଆଳୁ ଭର୍ତ୍ତା, ସାଲାଡ, ସଜନା ଛୁଇଁ ଭଜା, ପୋଦିନା ଓ ଧଣିଆ ଚଟଣି, ବାଇଗଣ ପୋଡା ସହ ଆଳୁ ଭରତା ଓ ମାଛଭଜା ପରି ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରି ଲୋକଙ୍କୁ ପରିବେଷଣ କରାଯାଇଥିଲା। ଏଥିରେ ଛବି ମହାନ୍ତି, ପିଙ୍କୁ ଜୈସ୍ୱାଲ, ବିନୋଦ ରାଉତ, ତୈଲୋଚନ ସାହୁ ଅତିଥି ଭାବେ ଯୋଗଦେଇ ପଖାଳର ବୈଶିଷ୍ଟ୍ୟ ଉପରେ ଆଲୋଚନା କରିଥିଲେ। ସମିତିର ସଭାପତି ପୁଷ୍ପା ଲେଙ୍କା, ଉର୍ମିଳ ସାହୁ, ଲୀଳାବତୀ ସାହୁ, ସଞ୍ଜୁଲତା ଦାସ, ଝୁଲଣା ନାୟକ, ରୀତା ଗୌଡ ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ରାଉରକେଲା ପାନ୍ଥ ନିବାସରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଏନ୍.ବି.ଏସ ରାଜପୁତ, ଜିଲାପାଳ ଡା. ଶୁଭଙ୍କର ମହାପାତ୍ର, ଡିଆଇଜି ବ୍ରିଜେଶ ରାୟ, ଆର୍‌ଏସ୍‌ପି ଡିଆଇସି ଆଲୋକ ବର୍ମା, ଏସ୍‌ପି ନିତେଶ ୱାଧୱାନୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ ସଭ୍ୟ ସୁରଞ୍ଜନ ସାହୁ, ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, ସୁନ୍ଦରଗଡ ସଦର ଉପଜିଲାପାଳ ତେଜସ୍ୱିନୀ ବେହେରା ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପଖାଳର ମଜା ନେଇଥିଲେ। ଏଥିପାଇଁ ବିଶେଷ କରି ଆଳୁ ବାଇଗଣ ଭରତା, ଶାଗଭଜା, କଖାରୁ ଫୁଲ ପିଠଉ, ମାଛ ଫ୍ରାଏ ଆଦି ୨୫ପ୍ରକାରର ତରକାରୀ ଅତିଥିମାନଙ୍କୁ ପରସା ଯାଇଥିଲା ବୋଲି ପର୍ଯ୍ୟଟନ ବିଭାଗର ସହାୟକ ନିର୍ଦ୍ଦେଶକ ନିରଞ୍ଜନ ମହାପାତ୍ର କହିଛନ୍ତି। ଏହି ଅବସରରେ ଆଭାସୀରେ ମୁଖ୍ୟ ମନ୍ତ୍ରୀଙ୍କ ବିଶ୍ୱ ପଖାଳ ଦିବସ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା।

# ୨୨ରୁ ଜାତୀୟ ନାଟକ ମହୋତ୍ସବ




ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲା,୨୦।୩(ବିପ୍ଳବ ରଞ୍ଜନ ଦାଶ)

ସେକ୍ଟର ୫ସ୍ଥିତ କଲଚରାଲ୍ ଏକାଡେମୀରେ ଶୁକ୍ରବାର ନାଟ୍ୟାନୁଷ୍ଠାନ ସମ୍ପର୍କ ପକ୍ଷରୁ ବିଶ୍ୱନାଟ୍ୟ ଦିବସ ପାଳନ ସମ୍ପର୍କରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସମ୍ପାଦକ ଭାସ୍କର ଚନ୍ଦ୍ର ମହାପାତ୍ର କହିଲେ, ମାର୍ଚ୍ଚ ୨୨ରୁ ୨୭ ତାରିଖ ପର୍ଯ୍ୟନ୍ତ ୬ ଦିନ ବ୍ୟାପୀ ଜାତୀୟ ନାଟକ ମହୋତ୍ସବ ସିଭିକ ସେଣ୍ଟରରେ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ନାଟ୍ୟାନୁଷ୍ଠାନ ପକ୍ଷରୁ ନାଟକ ପରିବେଷଣ କରାଯିବ। ୨୨ତାରିଖରେ ସମ୍ପର୍କ ରାଉରକେଲାର ନାଟକ 'ଅସ୍ମିତା', ୨୩ରେ କୋଲକାତାର ଥିଏଲାଇଟ୍ ପକ୍ଷରୁ 'ମାୟାପୁରୀ', ୨୪ରେ ବେଲପାହାଡ଼ ମିରର ଥିଏଟର ପକ୍ଷରୁ ସମ୍ବଲପୁରୀ ନାଟକ 'ଓଲପି', ୨୫ରେ ରୂପାନ୍ତର ବାରିପଦାର ଓଡ଼ିଆ ନାଟକ 'ଅପଦାର୍ଥ', ୨୬ରେ ଭୁବନେଶ୍ୱରର ପଞ୍ଚଧ୍ୱନି ପକ୍ଷରୁ ଓଡିଆ ନାଟକ 'ନୂଆ ଦିଗନ୍ତ' ଏବଂ ୨୭ରେ ଜାମସେଦପୁର ପାତ୍ର ପକ୍ଷରୁ ହିନ୍ଦୀ ନାଟକ 'ପଞ୍ଛି' ମଞ୍ଚସ୍ଥ ହେବ। ଏତତ୍‌ବ୍ୟତୀତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସହ ଆଲୋଚନାଚକ୍ର, ନାଟ୍ୟ ପଦଯାତ୍ରା, ଓଡିଶୀ ନୃତ୍ୟୋତ୍ସବ ଆଦି ଆୟୋଜିତ ହେବ। ଏହି ଅବସରରେ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ସମେତ ବହୁ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯିବା କାର୍ଯ୍ୟକ୍ରମ ରହିଛି। ସଭାପତି ସୁବ୍ରତା ପତି ସ୍ୱାଗତ ଭାଷଣ ଦେଇଥିବାବେଳେ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋକ ବୋଷ, ଅକ୍ଷୟ ସାମଲ, ଡ. ସୁମନ ଦତ୍ତ, ସତ୍ୟ ମିଶ୍ର, କଲ୍ୟାଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# 'ରାଉରକେଲା ମୋ ଜନ୍ମଭୂମି, କର୍ମଭୂମି'

## ଦିଲୀପ ରାୟଙ୍କୁ ବିଭିନ୍ନ ସଙ୍ଗଠନର ସମ୍ବର୍ଦ୍ଧନା

ରାଉରକେଲା,୨୦।୩
(ବିପ୍ଳବ ରଞ୍ଜନ ଦାଶ/ଦିନେଶ ମିଶ୍ର)

ରାଜ୍ୟସଭା ସଦସ୍ୟ ଭାବେ ନିର୍ବାଚିତ ହେବା ପରେ ଶୁକ୍ରବାର ରାଉରକେଲା ସହରରେ ଦିଲ୍ଲୀପ ରାୟଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରାୟ ପୂର୍ବାହ୍ନ ୧୦ଟାରେ ଝାରସୁଗୁଡାରୁ ଆସି ପାନପୋଷ ଗାନ୍ଧୀ ଛକରେ ପହଞ୍ଚିଲେ। ପ୍ରଥମେ ସେ ଗାନ୍ଧୀଛକ ନିକଟସ୍ଥ କାଳୀ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ପାନପୋଷ ଛକରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ରାଜ୍ୟସଭା ସଦସ୍ୟ ରାୟ, ତାଙ୍କ ସ୍ତ୍ରୀ ପୂଜା ରାୟ, କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ୍ ଏକ ଖୋଲା ଜିପ୍‌ରେ ଶୋଭାଯାତ୍ରାରେ ବାହାରିଥିଲେ। ଏହି ଶୋଭାଯାତ୍ରା ସହର ପରିକ୍ରମା କରି ବିର୍ସା ଛକରେ ଶେଷ ହୋଇଥିଲା। ଶୋଭାଯାତ୍ରାରେ ଭାଜପା ପାନପୋଷ ସଙ୍ଗଠନ ସଭାପତି ପୂର୍ଣ୍ଣିମା କେରକେଟା,



ଦିଲୀପ ରାୟଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

ଖୁସବୁ ଯାଦବ, ଶୁଭ ପଟ୍ଟନାୟକ, ରାଜ୍ୟ ମୁଖପାତ୍ର ଧୀରେନ୍ଦ୍ର ସେନାପତି, ହରି ରାଉତରାୟଙ୍କ ସମେତ ହଜାର ହଜାର ସମର୍ଥକ ଅଂଶଗ୍ରହଣ କରିଥିଲେ। ସେହିପରି ଦିଲୀପଙ୍କୁ ରାଉରକେଲା ସହରର ବିଭିନ୍ନ ସାମାଜିକ, ଧାର୍ମିକ ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇଥିଲା।

ଏହି ଅବସରରେ ମେ ଫେୟାର ହକି ଭିଲେଜରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାୟ କହିଥିଲେ, ରାଉରକେଲା ମୋ ଜନ୍ମଭୂମି ଓ କର୍ମଭୂମି। ରାଉରକେଲା ମୋତେ ଏଠି ନିଜର ପରିଚୟ ସହ ବହୁତ କିଛି ଦେଇଛି। ଏହି ବିଜୟ ରାଉରକେଲାବାସୀଙ୍କ ବିଜୟ। ମୁଁ ରାଜ୍ୟସଭା ସଦସ୍ୟ ଭାବେ ରାଜ୍ୟ ଓ ରାଉରାକେଲା ସହର ପାଇଁ ଆଗକୁ ବହୁ ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ଉଦ୍ୟମ କରିବି। ମୁଁ ତୃତୀୟ ଥର ପାଇଁ ରାଜ୍ୟସଭା ସଦସ୍ୟ ଭାବେ ବିଜୟୀ ହୋଇଛି। ମୁଁ ଶପଥ ନ ନେଇ ପ୍ରଥମେ ମୋ ଜନ୍ମମାଟିର ଲୋକଙ୍କ ପାଖକୁ ଆସି ସେମାନଙ୍କ ଶୁଭେଚ୍ଛା ଓ ଆଶୀର୍ବାଦ ନେବା ପରେ ଶପଥ ପାଠ କାର୍ଯ୍ୟରେ ଯୋଗଦେବି। ଏହି ରାଜ୍ୟସଭା ନିର୍ବାଚନରେ କୌଣସି ଘୋଡା ବେପାର ହୋଇନାହିଁ। ପ୍ରତ୍ୟେକ ବିଧାୟକଙ୍କ ମୋ ପ୍ରତି ଭଲପାଇବା ଓ ଭଲ ସମ୍ପର୍କ ହିଁ ମୋତେ ବିଜୟୀ କରିଛି ବୋଲି ରାୟ କହିଥିଲେ।

# ଉତ୍ତମ ଭବିଷ୍ୟତ ଗଠନ ନେଇ କର୍ମଶାଳା

ରାଉରକେଲା,୨୦।୩(ବିପ୍ଳବ ରଞ୍ଜନ ଦାଶ): ରାଉରକେଲା ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଷଷ୍ଠରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ କ୍ୟାରିୟର ଗାଇଡାନ୍ସ ତଥା ଉତ୍ତମ ଭବିଷ୍ୟତ ଗଠନ ନିମିତ୍ତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଦୀପ୍ତା ବେହେରା ସଭାପତିତ୍ୱ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ନିରୁପମା ପତିଙ୍କଙ୍କ ମଞ୍ଚ ପରିଚାଳନାରେ ସଭାପତି କର୍ମଶାଳାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରଥମେ ଛାତ୍ରୀଛାତ୍ରଙ୍କ ପ୍ରଶ୍ନ, ବକ୍ତବ୍ୟ ତଥା କ୍ୟାରିୟର ଉପରେ ଆଲୋଚନା ହୋଇଥିଲା। ବରିଷ୍ଠ ଶିକ୍ଷାବିତ୍ ସତ୍ୟରଞ୍ଜନ ମଲ୍ଲିକ ଓ ସୌରଭ କୁମାର ପତି କ୍ୟାରିଅର ଉପରେ ମାର୍ଗଦର୍ଶନ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୁଜାତା ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ନିବେଦିତା ସାହୁ, ରୀତା ମହାପାତ୍ର, ସରୋଜ ଜେନା, ପ୍ରମିଳା ଡୁଙ୍ଗଡୁଙ୍ଗ, ମିନତୀ ଖମାରୀ ପ୍ରମୁଖ ସହଯୋଗ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ଛବିରାଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାବର ଆଦାନପ୍ରଦାନ ଚିନ୍ତାମୁକ୍ତ ସମାଜ ଗଠନ କରେ



ବାର୍ଷିକୋତ୍ସବରେ ଉପସ୍ଥିତ ଅନୁଷ୍ଠାନର ସଦସ୍ୟା।

## ଆରାଧ୍ୟା ମହିଳା ସମିତିର ବାର୍ଷିକ ଉତ୍ସବ

ରାଉରକେଲା, ୨୦।୩(ସଙ୍ଗୀତା ଜେନା)

ଦିନକୁ ଦିନ କାର୍ଯ୍ୟ ଚାପ, ସୋଶିଆଲ ମିଡିଆର ବହୁଳ ବ୍ୟବହାର ଲୋକଙ୍କୁ ଅଧିକ ଚାପଗ୍ରସ୍ତ କରୁଛି। ମାନସିକ ଚାପ କ୍ରମଶଃ ଶାରୀରିକ କ୍ଲେଶରେ ପରିଣତ ହୋଇଥାଏ। ଗମ୍ଭୀର ରୋଗ ସୃଷ୍ଟି କେବଳ ପରିବାର ନୁହେଁ ସମାଜ ଉପରେ ଭାର ହୋଇଥାଏ। ତେଣୁ ଯୋଗ ଦ୍ୱାରା ମାନସିକ ଅବସାଦ ଦୂରୀକରଣ ସହ ନିଜ ଭାବର ଆଦାନପ୍ରଦାନ ମଣିଷକୁ ଚିନ୍ତାମୁକ୍ତ କରିଥାଏ। ଯାହା ଏକ ସୁସ୍ଥ ସମାଜ ଗଠନ ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରିଥାଏ। ଜଗଦା ସ୍ଥିତ ଉତ୍କଳବିହାର ମାର୍ଗରେ ଥିବା ଆରାଧ୍ୟାର ୭ମ ବାର୍ଷିକ ଉତ୍ସବ ଓ ମହିଳା ଦିବସ ଅବସରରେ ବୁଧବାର ଅତିଥି ଭାବେ ଯୋଗଦେଇ ପରିବାର ଅଦାଲତର ପରାମର୍ଶଦାତ୍ରୀ ତଥା ଆଇନଜୀବୀ ଆରତୀ ଚୌଧୁରୀ ଏଭଳି ମତବ୍ୟକ୍ତ କରିଥିଲେ। ସମିତି ସଭାନେତ୍ରୀ ହରପ୍ରିୟା ପଟ୍ଟନାୟକଙ୍କ ପୌରୋହିତ୍ୟରେ ସଭାକାର୍ଯ୍ୟ ହୋଇଥିଲା। ପରେ ଜୟଶ୍ରୀ ପାଣ୍ଡେ, କୁନମୁନ୍ ମିଶ୍ର, ସ୍ୱର୍ଣ୍ଣ ସାହୁ, ରଶ୍ମିତା ସ୍ୱାଇଁ ଉଦ୍‌ଘାଟନୀ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ପ୍ରିୟବାଳା ନାୟକ ଦୁର୍ଗାତାଣ୍ଡବ ପରିବେଷଣ ସହିତ କୁନି କୁନି କଳାକାରମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ପରେ ସାମାଜିକ କର୍ମୀ କୀର୍ତ୍ତିଲତା ପଣ୍ଡା, ନବଜୀବନ ମଣ୍ଡଳର ଆବାହିକା ସୁନନ୍ଦା ବରାଳ, ଶକ୍ତିଯୋଗର ଯୋଗଗୁରୁ ଅନ୍ନପୂର୍ଣ୍ଣା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସବିତା ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମମତା ତ୍ରିପାଠୀ, ସମ୍ପାଦିକା ପ୍ରେମଲତା ମହାନ୍ତି, ରୋଜାଲିନ୍ ରାଉତ, ବବିତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ନଗର ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ

ରାଉରକେଲା,୨୦।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ନଗର ରାଜଭାଷା କାର୍ଯ୍ୟାନ୍ୱୟନ କମିଟି (ଟୋଲିକ୍)ର ଅର୍ଦ୍ଧବାର୍ଷିକ ବୈଠକ ଶୁକ୍ରବାର ରାଉରକେଲା କ୍ଲବରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏହି ଅଞ୍ଚଳରେ ଥିବା କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ/ବିଭାଗ, କାର୍ଯ୍ୟାଳୟ, ସରକାରୀ ଉଦ୍ୟୋଗ, ବ୍ୟାଙ୍କ, ବୀମା କମ୍ପାନୀ, ପ୍ରତିଷ୍ଠାନ ଇତ୍ୟାଦିର ପ୍ରତିନିଧିମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ଖଣି ଉନ୍ନୟନ-ସିଏମ୍‌ଏଲ୍‌ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. କେ. ଗିରି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୋଲକାତାସ୍ଥିତ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନସ୍ଥ ରାଜଭାଷା (କାର୍ଯ୍ୟାନ୍ୱୟନ)ର ଉପନିର୍ଦ୍ଦେଶକ ଡକ୍ଟର ବିଚିତ୍ରସେନ ଗୁପ୍ତା ଏବଂ ଆର୍‌ଏସ୍‌ପି ଲୋକସମ୍ପର୍କ ବିଭାଗର ଜିଏମ୍, ସଞ୍ଚାର ମୁଖ୍ୟ ଏବଂ ଟୋଲିକ୍‌ର ସଦସ୍ୟ ସଚିବ ଅର୍ଚ୍ଚନା ସତପଥୀ ମଞ୍ଚାସୀନ ଥିଲେ। ବିଏସ୍‌ଏନ୍‌ଏଲ୍‌ର ଜିଏମ୍ କେ.ଏନ୍. ରାୟ, ଏନ୍‌ଆଇଟି ରାଉରକେଲାର କୁଳସଚିବ ରୋହନ ଧିମାନ, କେନ୍ଦ୍ରୀୟ ଉତ୍ପାଦ ଶୁଳ୍କର ସହକାରୀ ନିର୍ଦ୍ଦେଶକ କେ. କେ. ସିଂହ, ସିଆଇଏସ୍‌ଏଫ୍‌ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଦୟାଲ ରାମ, ମୁଖ୍ୟ ଡାକଘର ଅଧୀକ୍ଷକ ଶ୍ୟାମ ସୁନ୍ଦର ମହାରଣା ଏବଂ ବିଭିନ୍ନ କେନ୍ଦ୍ରୀୟ ସରକାରୀ/ପିଏସ୍‌ୟୁ ସଙ୍ଗଠନର ୩୦ରୁ ଊର୍ଦ୍ଧ୍ୱ ଅଧିକାରୀ ଯୋଗ ଦେଇଥିଲେ। ହିନ୍ଦୀ ହେଉଛି ଏକ ହାରର ମଣି ପରି, ଯାହା ଭାରତର ବିଭିନ୍ନ ଭାଷା ଏବଂ ସଂସ୍କୃତିକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଛି ବୋଲି ମୁଖ୍ୟ ଅତିଥି ଗିରି କହିଥିଲେ। ଡ. ଗୁପ୍ତା ହିନ୍ଦୀକୁ ରାଜଭାଷା ଭାବେ ବ୍ୟବହାର କରିବା ସହିତ ବିଭିନ୍ନ ବୈଧାନିକ ଧାରା ଉପରେ ଆଲୋଚନା କରିଥିଲେ। ଆର୍‌ଏସ୍‌ପିର ରାଜଭାଷା ଅଧିକାରୀ ସୁଶ୍ରୀ ଲୋଲାଟି ଟପ୍ପୋ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଏନଆଇଟିର ରବି ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।




ବୈଠକରେ ଉପସ୍ଥିତ ଅଧିକାରୀଗଣ।

# ସାଇବର କ୍ରାଇମ୍ ଇନଭେଷ୍ଟିଗେଶନ କର୍ମଶାଳା ଉଦ୍‌ଘାଟିତ

ରାଉରକେଲା,୨୦।୩(ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ବିପିୟୁଟି ସୁବାଷ ବୋଷ ଅଡିଟୋରିୟମ୍ ପ୍ରେକ୍ଷାଳୟରେ ଶୁକ୍ରବାର ସାଇବର କ୍ରାଇମ୍ ଇନଭେଷ୍ଟିଗେଶନ କର୍ମଶାଳା ରାଉରକେଲା ଏସ୍‌ପି ନିତେଶ ୱାଧୱାନିଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ୪ ଦିନିଆ କର୍ମଶାଳାରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜେ ସତର୍କତା ଅବଲମ୍ବନ ନ କଲେ ସାଇବର କ୍ରାଇମ୍ ଘଟିବାର ବିଶେଷ ସମ୍ଭାବନା ଥାଏ ବୋଲି କହିଥିଲେ। ସାଇବର କ୍ରାଇମ୍ ଏକ୍ସପର୍ଟ ଅଶୋକ ସିଂ, ବିପିୟୁଟି କୁଳପତି ପ୍ରଫେସର ଡକ୍ଟର ଅମୀୟ କୁମାର ରଥ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କର୍ମଶାଳାରେ ୧୩୦ ଜଣ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ରାଉରକେଲା ଅତିରିକ୍ତ ଏସ୍‌ପି ଶ୍ରାବଣୀ ନାୟକ ମଞ୍ଚ ପରିଚାଳନା କରିଥିଲେ। ଯଦି କୌଣସି ଥାନାକୁ ସାଇବର କେସ୍ ଆସିଥାଏ ତାର ପ୍ରାଥମିକ ତଦନ୍ତ କିପରି କରିହେବ ଓ ଏହି କେସ୍‌ର ସିଡି ରିପୋର୍ଟର ପ୍ରଣାଳୀକୁ କିପରି ଫଲୋଅପ୍ କରିବାକୁ ହେବ ସେ ନେଇ ପୋଲିସ କର୍ମଚାରୀଙ୍କୁ ତାଲିମ୍ ପ୍ରଦାନ କରାଯାଇଥିଲା। ରାଉରକେଲା ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



କର୍ମଶାଳାରେ ମଞ୍ଚାସୀନ ଅତିଥି।

# ଛାତ୍ରୀଛାତ୍ରଙ୍କ ପରେଡ୍‌ରେ ଅଂଶଗ୍ରହଣ

ରାଉରକେଲା,୨୦।୩(ଦିନେଶ ମିଶ୍ର)

ବିଶ୍ରା ବ୍ଲକସ୍ତରୀୟ ପରେଡ ପ୍ରଦର୍ଶନୀ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଶୁକ୍ରବାର ବ୍ଲକ ଶିକ୍ଷାଧିକାରୀ ସୁପ୍ରଭାତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ବ୍ଲକ ଚେୟାରମ୍ୟାନ ଫୁଲମଣି କେରକେଟ୍ଟା ମୁଖ୍ୟ ଅତିଥି, ବିଶ୍ରା ଥାନାଧିକାରୀ ମନୋରଞ୍ଜନ କୁମ୍ଭାର, ଏବିଇଓ ସତ୍ୟଭାମା ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ମମତା ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଶ୍ରା ବ୍ଲକର ବିଭିନ୍ନ ସ୍କୁଲରୁ ୨୦ଟି ଦଳର ଛାତ୍ରୀଛାତ୍ର ପରେଡ ପ୍ରଦର୍ଶନୀ କରିଥିଲେ। ଏହି ପରେଡକୁ ବିଶ୍ରା ଥାନା ସବ୍‌ଇନ୍ସପେକ୍ଟର ଆର.କେ ନାୟକ, ଆଶିଷ ପ୍ରଧାନ, ଡକ୍ଟର ବି.କେ ଦାସ, ରୋହିତାଶ୍ୱ ମହାନ୍ତି ପ୍ରମୁଖ ଜଜ୍ ଭାବେ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ଧ୍ରୁବଚରଣ ରାଉତ, ଦେବାନନ୍ଦ ମାହାତୋ, ଚିତ୍ତରଞ୍ଜନ ଘୋଷ, ଶୁକ୍ରା ଓରାମ, ଗୋବିନ୍ଦ ଚନ୍ଦ୍ର ସେଠୀ ପ୍ରମୁଖ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମମତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ପରେଡ୍‌ରେ ଉପସ୍ଥିତ ଅତିଥିଗଣ।

# ପଥପ୍ରାନ୍ତ ନାଟକରେ ବନାଗ୍ନି ନିବାରଣ ବାର୍ତ୍ତା

ରାଉରକେଲା,୨୦।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବନଖଣ୍ଡ ପକ୍ଷରୁ ଡିଏଫ୍ଓ ଯଶୋବନ୍ତ ସେଠୀଙ୍କ ନିର୍ଦ୍ଦେଶକ୍ରମେ ବନଖଣ୍ଡ ଅନ୍ତର୍ଗତ ନୂଆଗାଁ ବଜାର, ହାତିବାରୀ ହାଟ, ରାଏବଗା ହାଟ, ବିରମିତ୍ରପୁର ମେଳା ଆଦି ସ୍ଥଳରେ ଶୁକ୍ରବାର ବନାଗ୍ନି ନିବାରଣ ପାଇଁ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଯାଇଛି। ଜଙ୍ଗଲ ପୋଡି ଯୋଗୁ ବୃକ୍ଷରାଜି ନଷ୍ଟ ହେବା ସହ ବିଭିନ୍ନ ପ୍ରଜାତିର ବନ୍ୟଜନ୍ତୁ ପ୍ରଭାବିତ ହୋଇଥାନ୍ତି। ଏଣୁ ନାଟକ ମାଧ୍ୟମରେ ମହୁଲ ସଂଗ୍ରହ, ଜୀବଜନ୍ତୁ ଶିକାର କିମ୍ବା ବଣଭୋଜି ପାଇଁ ଜଙ୍ଗଲରେ ନିଆଁ ନ ଲଗାଇବାକୁ ନିବେଦନ କରାଯାଇଥିଲା। ସେହିପରି ଜଳନ୍ତା ସିଗାରେଟ କିମ୍ବା ଦିଆସିଲି କାଠି ଏଣେତେଣେ ନ ପକାଇବାକୁ ପରାମର୍ଶ ଦିଆଯାଇଥିଲା। ଜାଣିଶୁଣି ଜଙ୍ଗଲରେ ନିଆଁ ଲଗାଇଲେ ୭ ବର୍ଷ ଜେଲଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଦେବା ନିୟମ ସମ୍ପର୍କରେ ଅଞ୍ଚଳବାସୀଙ୍କୁ ସତର୍କ କରାଯାଇଥିଲା। ବିଭିନ୍ନ କାର୍ଯ୍ୟକ୍ରମସ୍ଥଳରେ ନୂଆଗାଁ ସରପଞ୍ଚ ଏମ.ଏମ୍ ମିଞ୍ଜ, ହାତିବାରୀ ଫରେଷ୍ଟର ସୁଶୀଳ କେରକେଟା, ରାଏବଗା ଫରେଷ୍ଟର ଲୋକନାଥ ମେହେର, ବିରମିତ୍ରପୁର ଫରେଷ୍ଟର କ୍ଷିତିଭୂଷଣ ମହନ୍ତ, ଫରେଷ୍ଟ ଗାର୍ଡ ରତିକାନ୍ତ ଜେନା, ହସିନା ସେଠ୍, ସମାଜସେବୀ ଜୟଶଙ୍କର ଠାକୁର, ଫରେଷ୍ଟ ସ୍କ୍ୱାଡ୍ ଆକାଶ ଶେଖର ଦେଓ ପ୍ରମୁଖ ଲୋକଙ୍କୁ ସଚେତନ କରାଇଥିଲେ।




ବନାଗ୍ନି ନିବାରଣ ଉପରେ ପଥପ୍ରାନ୍ତ ନାଟକ ପରିବେଷଣ।

# ଥାଲାସେମିଆ ରୋଗୀଙ୍କୁ ମିଳୁନି ରକ୍ତ

ବଲାଙ୍ଗୀର,୨୦।୩(ବୀରେନ୍ଦ୍ର କୁମାର ଝାଙ୍କର)




ବଲାଙ୍ଗୀରର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଉଛି।

**ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର**

- ମନମୁଖି ଚାଲିଛି ରକ୍ତ ବଣ୍ଟନ,ରୋଗୀ ହସ୍ତସନ୍ତ
- ସିଡିଏମ୍‌ଓଙ୍କୁ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ହେଉନାହିଁ
- ଖବରଦାତା ସମ୍ମିଳନୀ କରି ଗୁରୁତର ଅଭିଯୋଗ ଆଣିଲେ ସ୍ୱେଚ୍ଛାସେବୀ

ବଲାଙ୍ଗୀର ଜିଲାର ବିଭିନ୍ନ ସାମାଜିକ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଏକ ଖବରଦାତା ସମ୍ମିଳନୀ ଡକାଯାଇଥିଲା। ଏହି ସମ୍ମିଳନୀରେ ବଲାଙ୍ଗୀର ଜିଲାରେ ସ୍ୱାସ୍ଥ୍ୟ ଓ ଚିକିତ୍ସାସେବାରେ ଦୁର୍ନୀତି ନେଇ ଗୁରୁତର ଅଭିଯୋଗ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତଭଣ୍ଡାରରେ ମନମୁଖୀ ରକ୍ତ ବଣ୍ଟନ କରାଯାଉଥିବା ଅଭିଯୋଗ ହୋଇଥିଲା। ସ୍ୱେଚ୍ଛାସେବୀମାନେ କହିଥିଲେ ଯେ, ଜିଲାର ଥାଲାସେମିଆ ରୋଗୀଙ୍କୁ ରକ୍ତ ଦେବାରେ ରକ୍ତ ଭଣ୍ଡାର ଅଧିକାରୀ ଓ କର୍ମଚାରୀ ମନମୁଖୀ କାର୍ଯ୍ୟ କରୁଛନ୍ତି। ସେମାନେ ବେଆଇନ ଭାବେ ରକ୍ତଭଣ୍ଡାର ଗେଟ୍‌ରେ ଏକ ସୂଚନା ଉଲ୍ଲେଖ କରିଛନ୍ତି। ଉକ୍ତ ସୂଚନାରେ ଗ୍ରୀଷ୍ମପ୍ରବାହ ଯୋଗୁ ସ୍ୱେଚ୍ଛାକୃତ ରକ୍ତଦାନ ହ୍ରାସ ଘଟିଥିବାରୁ ରକ୍ତ ଭଣ୍ଡାରରେ ପର୍ଯ୍ୟାପ୍ତ ପରିମାଣର ରକ୍ତ ଗଚ୍ଛିତ ହୋଇପାରୁନାହିଁ। ଏଣୁ ମାର୍ଚ୍ଚ ୫ ତାରିଖରୁ ବିନା ବଦଳରେ ରକ୍ତ ଦିଆଯିବନାହିଁ। ଏଣୁ ନିଜେ ନିଜର ରକ୍ତଦାତା ଆଣି ରକ୍ତ ବିନିମୟ କରିବାକୁ ଅନୁରୋଧ ବୋଲି ରକ୍ତଭଣ୍ଡାର ଅଧିକାରୀଙ୍କ ସ୍ୱାକ୍ଷର ଥିବା ଏକ ବିଶେଷ ସୂଚନା ଲଗାଯାଇଛି। ସ୍ୱେଚ୍ଛାସେବୀମାନେ ଏଭଳି ସୂଚନା ବେଆଇନ ବୋଲି କହିବା ସହ ଥାଲାସେମିଆ ରୋଗୀଙ୍କୁ ରକ୍ତ ଦିଆଯିବାର ନିୟମ ରହିଛି ଏବଂ ରକ୍ତଭଣ୍ଡାର ଅଧିକାରୀ ସଚେତନତା ନକରି କିଭଳି ଭାବେ ଏହି ସୂଚନା ଲଗାଇଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏନେଇ ସିଡିଏମ୍‌ଓ ଅଫିସକୁ ଯାଇ ସିଡିଏମ୍‌ଓଙ୍କୁ ଭେଟି ଅଭିଯୋଗ କରିଥିଲେ। ଅଭିଯୋଗର ଦୀର୍ଘ ତିନିଦିନ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ସ୍ୱେଚ୍ଛାସେବୀମାନେ ଖବରଦାତା ସମ୍ମିଳନୀ କରି ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଥିଲେ। ସେମାନେ ଆହୁରି ଗୁରୁତର ଅଭିଯୋଗ କରିଥିଲେ ଯେ, ପ୍ରତିମାସ ରକ୍ତଭଣ୍ଡାରକୁ କେତେ ରକ୍ତ ଆସୁଛି ତାର କୌଣସି ହିସାବ ଦିଆଯାଇନାହିଁ। କେବଳ କେତେ ରକ୍ତ ରୋଗୀଙ୍କୁ ଦିଆଯାଉଛି ତାର ହିସାବ ଦିଆଯାଉଛି। ଏଥିରୁ ରକ୍ତଭଣ୍ଡାରରୁ ଅନ୍ୟତ୍ର ରକ୍ତଚାଲାଣ ହେଉଥିବା ସେମାନେ ସନ୍ଦେହ କରିଛନ୍ତି। ଏହାବାଦ ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଳୟ, ଭୀମଭୋଇ ମେଡିକାଲ କଲେଜରେ ଅଧିକାଂଶ ଡାକ୍ତର ଓ ଷ୍ଟାଫ୍ ମନମୁଖୀ କାର୍ଯ୍ୟ ଚଳାଇଥିବା ଅଭିଯୋଗ କରିଥିଲେ। ଜିଲାରୁ ସ୍ୱାସ୍ଥ୍ୟମନ୍ତ୍ରୀ ରହିଥିଲେ ମଧ୍ୟ ଅଧିକାଂଶ ସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ଏବଂ ଷ୍ଟାଫ୍ ମନଇଚ୍ଛା କାର୍ଯ୍ୟ ଜାରି ରଖିଥିବାରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପରିଚାଳନାଗତ ଦକ୍ଷତା ଉପରେ ସେମାନେ ପ୍ରଶ୍ନ କରିଥିଲେ। ମାସରେ ଅଧିକାଂଶ ଡାକ୍ତର ଛୁଟିରେ ରହୁଛନ୍ତି। ଡାକ୍ତରଖାନାରେ ଷ୍ଟ୍ରେଚର, ହ୍ୱିଲଚେୟାର, ରକ୍ତ ଏବଂ ଉଚିତ୍ ମେଡିସିନ୍ ମିଳୁନଥିବା ଅଭିଯୋଗ କରିଛନ୍ତି। ନିରାମୟରେ ମାଗଣା ଔଷଧ କଥା କୁହାଯାଉଥିଲେ ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ଔଷଧ ଉପଲବ୍ଧ କରାଯାଉନଥିବା ଅଭିଯୋଗ କରିଥିଲେ। ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନହେଲେ ଏକ ବଡଧରଣର ଆନ୍ଦୋଳନ କରାଯିବ ବୋଲି ମିଳିତ ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ କୁହାଯାଇଛି। ଆଜିର ସମ୍ମିଳନୀକୁ ସ୍ୱେଚ୍ଛାସେବୀ ସଙ୍ଗଠନର ଗୋବିନ୍ଦ ଶତପଥୀ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିବେରେଶନ୍‌ର ଏସ.ଏନ. ହୋତା, କୋଶଳ ମୁକ୍ତି ମୋର୍ଚ୍ଚାର ବିକାଶ ସା, ଯାଦବ ସମାଜର ସନ୍ଦୀପ ବାଗ, ୟୁଥ୍ ଆକ୍ସନ କମିଟିର ବିନୋଦ କାଲସାଏ, ମାହେଶ୍ୱରୀ ସେନାର ଥବୀର କର୍ମୀ, ସହଯୋଗ ଫାଉଣ୍ଡେଶନର ଅନୀଲ ମୋଦୀ, ସ୍ମାଇଲ ଫର ଅଲ୍‌ର ସଞ୍ଜୀବ ସାହୁ, ବିଙ୍ଗ୍ ହ୍ୟୁମାନ ଫାଉଣ୍ଡେଶନର ମୁକେଶ ପଧାନ ଉପସ୍ଥିତ ରହି ବିଭିନ୍ନ ଦୁର୍ନୀତି ସମ୍ପର୍କରେ ସୂଚନା ଦେଇଥିଲେ।

## ନାମଫଳକ ନ ଥାଇ କଲ୍ୟାଣ ମଣ୍ଡପ ନିର୍ମାଣ ସମ୍ପୂର୍ଣ୍ଣ

କଣ୍ଟାବାଞ୍ଜି,୨୦।୩(ଗୁରୁଦୟାଲ ହଂସ)



ବିର୍ଣ୍ଣା ରାସ୍ତା ଶିଶୁ ଉଦ୍ୟାନ ନିକଟରେ ନବନିର୍ମିତ କଲ୍ୟାଣ ମଣ୍ଡପ।

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦର ବିର୍ଣ୍ଣା ରାସ୍ତା ଶିଶୁ ଉଦ୍ୟାନ ନିକଟରେ ଏକ ନୂତନ କଲ୍ୟାଣ ମଣ୍ଡପ ଗତ ଦେଢ ବର୍ଷ ତଳୁ ନିର୍ମାଣ ହୋଇସାରିଛି। ଏହି କଲ୍ୟାଣ ମଣ୍ଡପର ନିର୍ମାଣ ଅଟକଳ ପ୍ରାୟ ଅଢେଇ କୋଟିରୁ ଊର୍ଦ୍ଧ୍ୱ ରହିଛି। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଥିଲେ ମଧ୍ୟ ସେଠାରେ କୌଣସି ନାମ ଫଳକ ଲଗାଯାଇ ନାହିଁ। ନାମ ଫଳକ ନ ଥିବାରୁ ଉକ୍ତ କଲ୍ୟାଣ ମଣ୍ଡପ କେଉଁ ଏଜେନ୍ସି ଦ୍ୱାରା କେତେ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି ତାହା ଜଣାପଡୁନାହିଁ। ନିର୍ମାଣ ହୋଇ ପଡି ରହିଥିବାରୁ କଲ୍ୟାଣ ମଣ୍ଡପ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସେହିପରି ଏନଏସସି ତରଫରୁ ୱାର୍ଡ ନଂ.୧୨ ଆମ୍ବପଡାରେ ମଧ୍ୟ ଅନ୍ୟ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଚାଲିଛି। ହେଲେ ନିର୍ମାଣସ୍ଥଳରେ କୌଣସି ନାମ ଫଳକ ନାହିଁ। ଏନଏସି ପକ୍ଷରୁ ସହର କେନ୍ଦ୍ରସ୍ଥଳରେ ପୂର୍ବରୁ ଥିବା କଲ୍ୟାଣ ମଣ୍ଡପ ରକ୍ଷଣାବେକ୍ଷଣ କରାଯାଉ ନ ଥିବା ବେଳେ ଏହା ପରିତ୍ୟକ୍ତ ହୋଇ ପଡିରହିଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ବୁଦ୍ଧିଜୀବି ମହଲରେ ଦାବି ହେଉଛି।

## ବ୍ଲକସ୍ତରୀୟ ଅଂଶୁଘାତ ସଚେତନତା ଶିବିର



ଶିବିରରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଖପ୍ରାଖୋଲ,୨୦।୩(ଅଭୟ ତ୍ରିପାଠୀ)

ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷଠାରେ ବ୍ଲକ ସ୍ତରୀୟ ଅଂଶୁଘାତ ସଚେତନତା ଶିବିର ଶୁକ୍ରବାର ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ବ୍ଲକ ଅଧ୍ୟକ୍ଷା ନିରୂପମା ପଟେଲ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପରମେଶ୍ୱର ନାଏକ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ନାଏକ ଯୋଗଦେଇ ଅଂଶୁଘାତରୁ କିପରି ରକ୍ଷା ମିଳିବ ସେନେଇ ସମସ୍ତେ ସଚେତନ ହେବାକୁ କହିଥିଲେ। ଏହି ଅବସରରେ ସିଡିପିଓ ଅମିତା ପଣ୍ଡା, ସହକାରୀ ଶ୍ରମ ଅଧିକାରୀ ବିଭୁଦତ୍ତ ମଲ୍ଲିକ, ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ସିୱାଇଏସ୍‌ଡିର ଜୋନାଲ ସମ୍ମିଳନୀ

ଟିଟିଲାଗଡ,୨୦।୩(ସନ୍ତୋଷ ପଟ୍ଟନାୟକ)

ରାଜ୍ୟରେ ଗ୍ରାମୀଣ ସ୍ତରରେ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ସେଣ୍ଟର ଫର ୟୁଥ ଏଣ୍ଡ ସୋସିଆଲ ଡେଭଲପମେଣ୍ଟ (ସିୱାଇଏସଡି) ତରଫରୁ ସଂଗଠନର ୪୪ତମ ସ୍ଥାପନା ଦିବସ ଅବସରରେ ଜୋନାଲ ସ୍ତରୀୟ ସମ୍ମିଳନୀ ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଯାଇଛି। ସଂଗଠନର ପଶ୍ଚିମାଞ୍ଚଳ କାର୍ଯ୍ୟକ୍ରମ ପରିଚାଳକ କମଳାକାନ୍ତ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସିଆରପି, ସିବିଓ, ଯୁବନେତା, ପଞ୍ଚାୟତିରାଜ ପ୍ରତିନିଧି, ସାମାଜିକ ସଂଗଠନର ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ସମ୍ମିଳନୀରେ ଟିଟିଲାଗଡ ବିଡିଓ ଚନ୍ଦ୍ରମଣି ନାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମୀଣ ମହିଳା ନେତୃତ୍ୱ ଓ ସ୍ୱେଚ୍ଛାସେବୀ ସଂଗଠନର ଭୂମିକା ଉପରେ ମତବ୍ୟକ୍ତ କରିଥିଲେ। ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବୀରବର ସାହୁ, ଟିଟିଲାଗଡ ବ୍ଲକ ଉପାଧ୍ୟକ୍ଷ ଜଗତରାମ ରଣା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଗ୍ରାମୀଣ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଗ୍ରାମୀଣ ସମୁଦାୟରେ ଉଲ୍ଲେଖନୀୟ କାମ କରୁଥିବା ମହିଳା ନେତ୍ରୀ, ଯୁବ ନେତାମାନଙ୍କୁ ସମ୍ମାନିତ କରାଯାଇଥିଲା। ଆଞ୍ଚଳିକ ସଂଯୋଜକ କାହ୍ନୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମାଇଁ ଭାରତ ଯୁବା ମଣ୍ଡଳ ବିକାଶ ଅଭିଯାନ

ଲୋଇସିଂହା,୨୦।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡରେ ମାଇଁ ଭାରତ ଯୁବା ମଣ୍ଡଳ ବିକାଶ ଅଭିଯାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ମେରା ଯୁବା ଭାରତ ଆନୁକୂଲ୍ୟରେ ଓ ସରଗାଡ ଜଗନ୍ନାଥ ଯୁବ ପରିଷଦ ସହଯୋଗ କ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀରାମ କ୍ଲବ,ବଣିକ ସେବା ସଂଘ,ମା' କୁଶଙ୍ଗାଇ ଦେବୀ ସାଂସ୍କୃତିକ କଳାପରିଷଦ, ଶକ୍ତି ସ୍ୱରୂପା ଯୁବ କଲ୍ୟାଣ ଯୁବକ ସଂଘ, ମା' ଉଗ୍ରତାରା ସାଂସ୍କୃତିକ କଳାକାର ସଂଘ ସମେତ ବହୁ ଅନୁଷ୍ଠାନର ସଦସ୍ୟ ଯୋଗ ଦେଇଥିଲେ। ସମ୍ପାଦକ ନାରାୟଣ ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଶର୍ମା ସାହୁ, ତ୍ରିଲୋଚନ ସେଠ,ସୁବଳ ଖଟୁଆ ଅତିଥି ଭାବେ ଯୋଗ ଦେଇଥିଲେ। ମେରା ଯୁବା ଭାରତରେ ନୂତନ ଭାବେ ଯୁବତୀ ଯୁବକଙ୍କୁ ସାମିଲ କରିବା ଉଦ୍ଦେଶ୍ୟରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜଗନ୍ନାଥ ଯୁବ ପରିଷଦର ସଦସ୍ୟ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ୧୧,୦୨୧ ପରିବାର ବିସ୍ଥାପିତ

ବଲାଙ୍ଗୀର,୨୦।୩(ବୀରେନ୍ଦ୍ର କୁମାର ଝାଙ୍କର)

**ଲୋୟର ସୁକତେଲ ବିସ୍ଥାପିତ ସମସ୍ୟା**

- ଖଣି ଖନନ ପ୍ରସଙ୍ଗରେ ବିଧାନସଭାରେ ପ୍ରଶ୍ନ
- ପ୍ରଶ୍ନ କଲେ କଲିକେଶ, ଉତ୍ତର ରଖିଲେ ମନ୍ତ୍ରୀ

ବଲାଙ୍ଗୀର ଜିଲାର ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ, ବିସ୍ଥାପନ ସମସ୍ୟା ଏବଂ ଜିଲାର ଖଣି ଖନନ ପ୍ରସଙ୍ଗକୁ ନେଇ ବିଧାନସଭାରେ ବଲାଙ୍ଗୀର ବିଧାୟକ କଲିକେଶ ନାରାୟଣ ସିଂଦେଓ ପ୍ରଶ୍ନ କରିଥିଲେ। ଜଳସେଚନ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ସେ ପ୍ରଶ୍ନ କରିଥିବା ଜଣାଇଛନ୍ତି। ବିଧାୟକ ସିଂଦେଓ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ବ୍ୟୟ ଅଟକଳ କେତେ ବଢିଛି ଓ କେତେ ଜମିକୁ ଜଳସେଚନ ବ୍ୟବସ୍ଥା କରାଯାଇଛି ବୋଲି ପ୍ରଶ୍ନ ପଚାରିଥିଲେ। ଏହାସହିତ କେତେ ବିସ୍ଥାପିତ ପରିବାରକୁ କ୍ଷତିପୂରଣ ଦେଇ ଥଇଥାନ କରାଯାଇଛି ଏବଂ କେତେ ଲୋକଙ୍କୁ ଥଇଥାନ କରିବା ବାକି ରହିଛି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ ତଥା ଜଳସେଚନ ବିଭାଗ ଦାୟିତ୍ୱରେ ଥିବା ମାଝି ଉତ୍ତର ରଖିଛନ୍ତି ଯେ, ଲୋୟର ସୁକତେଲ ପ୍ରକଳ୍ପର ମୂଳ ଅଟକଳ ୨୧୭ କୋଟି ଥିଲା। ତେବେ ତୃତୀୟ ଥର ଅଟକଳ ବଢି ୫୨୬୦ କୋଟି ଟଙ୍କାରେ ପହଞ୍ଚିଥିବା ସୂଚନା ଦେଇଛନ୍ତି। ପ୍ରକଳ୍ପ କାମ ୯୮ ପ୍ରତିଶତ ସରିଛି ଓ ଆସନ୍ତା ୨୦୨୬ ଖରିଫରେ ଜିଲାର ୩୦,୯୬୫ ହେକ୍ଟର ଜମିକୁ ଜଳସେଚିତ କରିବାକୁ ପ୍ରସ୍ତୁତି ହୋଇଛି। ଏହିପ୍ରକଳ୍ପରେ ମୋଟ ୧୩,୬୦୭ ଏକର ଜମି ଅଧିଗ୍ରହଣ କରାଯାଇଛି।

ସେଥିରେ ୧୫ଟି ଗ୍ରାମର ୫,୪୪୯ ଏକର ଜମିକୁ ୧୮୯୪ ଜମି ଅଧିଗ୍ରହଣ ଆଇନରେ ଓ ୧୪ ଗ୍ରାମର ୪,୪୪୫ ଏକର ଜମିକୁ ୨୦୧୩ ଜମି ଅଧିଗ୍ରହଣ ଆଇନ ଅନୁଯାୟୀ ଅଧିଗ୍ରହଣ କରାଯାଇଛି। ମୋଟ ୨୯ ଖଣ୍ଡ ଗ୍ରାମର ୧୧,୦୨୧ ପରିବାରକୁ ବିସ୍ଥାପିତ କରାଯାଇଛି। ବାକି କୁମିଆଁପାଲି ଗ୍ରାମର ୧୧୮ଟି ଆଦିବାସୀ ପରିବାରକୁ କ୍ଷତିପୂରଣ ଦେଇ ଥଇଥାନ କରାଯିବାକୁ କାର୍ଯ୍ୟ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ ଉତ୍ତର ରଖିଛନ୍ତି। ଖଣି ଖନନ ପ୍ରସଙ୍ଗରେ କଲିକେଶ ପଚାରିଥିବା ପ୍ରଶ୍ନର ଉତ୍ତରରେ ଖଣି ଓ ଇସ୍ପାତମନ୍ତ୍ରୀ ଜେନା ବଲାଙ୍ଗୀର ଜିଲାରେ ଏପର୍ଯ୍ୟନ୍ତ କେନ୍ଦ୍ର ସରକାର ସାଲେପାଲି ଗ୍ରାଫାଇଟ ବ୍ଲକ, ଭରତବାହାଲ ଗ୍ରାଫାଇଟ ଓ ମାଙ୍ଗାନିଜ ବ୍ଲକ, ଲରମ୍ବା ଗ୍ରାଫାଇଟ ଓ ମାଙ୍ଗାନିଜ ବ୍ଲକ, କନାଇଟାଲ ଗ୍ରାଫାଇଟ ଓ ମାଙ୍ଗାନିଜ ବ୍ଲକ ଏବଂ ରାଜ୍ୟ ସରକାର ତେଲିପଦର ପିପଲମୁଣ୍ଡା, ଲୁକାପଡା ଚୁନପଥର ଖଣିକୁ ନିଲାମ କରିଛନ୍ତି ବୋଲି ଉତ୍ତର ରଖିଥିବା ଜଣାଇଛନ୍ତି। ଏପର୍ଯ୍ୟନ୍ତ କେନ୍ଦ୍ର ଓ ରାଜ୍ୟ ସରକାର ମିଶି ୧୨ଟି ଖଣି ନିଲାମ କରି ସାରିଥିବା ଖଣିମନ୍ତ୍ରୀ ଉତ୍ତର ରଖିଥିବା ସେ ଜଣାଇଛନ୍ତି।

## ଶ୍ରୀରାମ ନବମୀ ପାଇଁ ଶାନ୍ତି କମିଟି ବୈଠକ



କଣ୍ଟାବାଞ୍ଜି,୨୦।୩(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରରେ ଆଗାମୀ ୨୭ ତାରିଖ ପର୍ଯ୍ୟନ୍ତ ଶ୍ରୀରାମ ନବମୀ ମହୋତ୍ସବ ପାଳିତ ହେବ। ତେବେ ପୂର୍ବବର୍ଷ ଭଳି ଚଳିତବର୍ଷ କେମିତି ସୁରୁଖୁରୁରେ ମହୋତ୍ସବ ପାଳନ ହେବ ସେ ନେଇ କଣ୍ଟାବାଞ୍ଜି ପୋଲିସ ପକ୍ଷରୁ ଶାନ୍ତି କମିଟି ବୈଠକ ଶୁକ୍ରବାର ସନ୍ଧ୍ୟାରେ ଥାନା ଅଭ୍ୟର୍ଥନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡି, ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ ସହ ଶ୍ରୀରାମ ନବମୀ ମହୋତ୍ସବ କମିଟି ସଦସ୍ୟ ଉପସ୍ଥିତ ଥିଲେ। ବାବା ସାହେବ ଆମ୍ବେଡକର ଜୟନ୍ତୀ ମହୋତ୍ସବ କମିଟି ସଦସ୍ୟ ମଧ୍ୟ ଏହି ବୈଠକରେ ସାମିଲ ଥିଲେ। ଶ୍ରୀରାମ ନବମୀ ମହୋତ୍ସବକୁ ଠିକ୍ ଭାବେ ପରିଚାଳନା କରିବା, ୨୭ ତାରିଖ ଦିନ ସକାଳୁ ହେବାକୁ ଥିବା ବାଇକ୍ ଶୋଭାଯାତ୍ରା ଓ ସନ୍ଧ୍ୟାରେ ହେବାକୁ ଥିବା ଶୋଭାଯାତ୍ରାରେ ଯେମିତି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ କରିବାକୁ ସମସ୍ତଙ୍କୁ ନିବେଦନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀରାମ ନବମୀ ମହୋତ୍ସବ କମିଟି ସଭାପତି ରାଜୁ ଶର୍ମା, ସଦସ୍ୟ ନିଶିକାନ୍ତ ମହାପାତ୍ର, ଆଇନଜୀବୀ ବିବେକ ଶର୍ମା ସହ ମୁସଲିମ କମିଟିର ବରିଷ୍ଠ ସଦସ୍ୟ ଅବଦୁଲ ଗଫାର, ୟଙ୍ଗ ମୁସଲିମ କମିଟି ସଭାପତି ସଜ୍ଜୁ ଖାନ, ଆମ୍ବେଡକର ମହୋତ୍ସବ କମିଟି ସଭାପତି ଅନୀଲ ବିଭାର, ବଜରଙ୍ଗ ଦଳ କଣ୍ଟାବାଞ୍ଜି ସଭାପତି ରାଜା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପରଘରେ ଆଶ୍ରୟ ନେଇଛନ୍ତି ଭୂମି

ଲୋଇସିଂହା,୨୦।୩(ସୁଶାନ୍ତ ବାରିକ)

**ଘର ଡ଼ିହ ନାହିଁ, ବାରଦ୍ୱାର ହେଉଛନ୍ତି**



ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢୀପଦର ପଞ୍ଚାୟତ ନେଗିପାଲି ଗ୍ରାମର ଭୂମି ନାଏକ(୬୦)। ତାଙ୍କର ପୈତୃକ ଘରଡିହ ନାହିଁ। ଫଳରେ ଗ୍ରାମର ଦଳିତ ବସ୍ତିର ଜଣେ ବ୍ୟକ୍ତିଙ୍କ ଘରେ ଆଶ୍ରୟ ନେଇଛନ୍ତି। ଭୂମିଙ୍କୁ ଘରଡିହ ଏବଂ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଶୁକ୍ରବାର ଗ୍ରାମବାସୀ ଲୋଇସିଂହା ତହସିଲଦାର ଟିକୁନୁ ପୁଟାଙ୍କ ଦ୍ୱାରସ୍ଥ ହୋଇ ଦାବି କରିଛନ୍ତି। ପ୍ରକାଶ ଯେ, ନେଗିପାଲି ଗ୍ରାମର ଅନୁସୂଚିତ ଜାତି ବର୍ଗର ଭୂମିଙ୍କ ମା' ବାପାଙ୍କ ଦେହାନ୍ତ ହୋଇଯାଇଛି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ପରିବାରରେ ଭୂମି ଓ ତାଙ୍କର ୩ ଭଉଣୀ ଅଛନ୍ତି। ୩ ଭଉଣୀ ଅନ୍ୟତ୍ର ବିବାହ କରି ଘର ସଂସାର କରିଥିବା ବେଳେ ଭୂମି ଅବିବାହିତ ରହିଛନ୍ତି। ପଞ୍ଚାୟତରୁ ୩୫ କେଜି ଅନ୍ତ୍ୟୋଦୟ ଚାଉଳ ଓ ଭତ୍ତା ପାଉଛନ୍ତି। ଏତିକିରେ ସେ ବହୁ କଷ୍ଟରେ ଦିନ କାଟୁଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଭୂମିଙ୍କ ପୈତୃକ ଘରଡିହକୁ କେହି ବିକ୍ରି କରି ଦେଇଥିବାରୁ ସେ ବାସହୀନ ହୋଇଯାଇଛନ୍ତି। ବିଗତ କିଛି ବର୍ଷ ହେଲା ସେ ବାରଦ୍ୱାର ହୋଇ ରହୁଛନ୍ତି। ତାଙ୍କର ଅସହାୟତାକୁ ଦେଖି ପ୍ରାୟ ୨ ବର୍ଷ ହେବ ଗ୍ରାମର ଦଳିତ ବସ୍ତିର ଜଣେ ବଦାନ୍ୟ ବ୍ୟକ୍ତି ଏକ କୁଡିଆରେ ତାଙ୍କୁ ଆଶ୍ରୟ ଦେଇଛନ୍ତି। ତାଙ୍କର ଦେଖାଚାହାଁ କରିବାକୁ କେହି ନାହିଁ। ଲୋଇସିଂହା ବ୍ଲକ ଓ ଜିଲା ପ୍ରଶାସନ ଯଥାଶୀଘ୍ର ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପଖାଳ ସହ ୬୦ ବ୍ୟଞ୍ଜନ

**ରାଜ୍ୟ ହୋଟେଲ ପରିଚାଳନା ପ୍ରତିଷ୍ଠାନ ପକ୍ଷରୁ ପଖାଳ ଦିବସ**

ବଲାଙ୍ଗୀର,୨୦।୩(ବୀରେନ୍ଦ୍ର କୁମାର ଝାଙ୍କର)



ପଖାଳ ଦିବସ ଅବସରରେ ଷ୍ଟାଫ୍ ଓ ଛାତ୍ରୀଛାତ୍ର।

ବଲାଙ୍ଗୀରସ୍ଥିତ ରାଜ୍ୟ ହୋଟେଲ ପରିଚାଳନା ପ୍ରତିଷ୍ଠାନ ପକ୍ଷରୁ ଶୁକ୍ରବାର ପଖାଳ ଦିବସ ପାଳନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ସମ୍ବଲପୁରୀ ନୃତ୍ୟ ମନଛୁଆଁ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଅଧ୍ୟାପିକା ଅଧ୍ୟାପକ ପଖାଳ ଦିବସର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ବୈଜ୍ଞାନିକ ଦୃଷ୍ଟିକୋଣରୁ ପଖାଳ କେତେ ଉପକାରୀ ଏବଂ ଓଡିଶାର ପଖାଳ ଏବେ ସାରା ବିଶ୍ୱରେ କିଭଳି ଲୋକପ୍ରିୟ ହେଉଛି କହିଥିଲେ। ପଖାଳ ଦିବସ ପାଳନ ଅବସରରେ ହୋଟେଲ ପରିଚାଳନା ପ୍ରତିଷ୍ଠାନ ପକ୍ଷରୁ ପଖାଳ ସହ ୬୦ଟି ସ୍ୱତନ୍ତ୍ର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ହୋଟେଲ ପରିଚାଳନା ପ୍ରତିଷ୍ଠାନର ଅଧ୍ୟାପନା ବିଭାଗର କୋଲୁରୁ ରବି କୁମାର, ସତ୍ୟବତୀ ମିଶ୍ର, ଯୁଧିଷ୍ଠିର ନାଏକ, ସତ୍ୟବ୍ରତ ଦାସଙ୍କ ସମେତ ଅନ୍ୟ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ହରିଶଙ୍କରରେ ପଖାଳ ଦିବସ ପାଳିତ



ଡାକବଙ୍ଗଳାଠାରେ ଅତିଥିମାନେ ପଖାଳ ଖାଉଛନ୍ତି।

ଖପ୍ରାଖୋଲ,୨୦।୩(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ହରିଶଙ୍କର ବନ ବିଭାଗ ଡ଼ାକବଙ୍ଗଳାଠାରେ ବ୍ଲକ ସଂସ୍କୃତି ସୁରକ୍ଷା ପରିଷଦ ତରଫରୁ ପଖାଳ ଦିବସ ପରିଷଦର ଆବାହକ କାଳିଆ ସାହୁଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଡ. ଅଭୟ ତ୍ରିପାଠୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ତହସିଲଦାର ଆନନ୍ଦ ଚନ୍ଦ୍ର ପଣ୍ଡା, ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ଏସିଏଫ ଅରବିନ୍ଦ ନାଏକ, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭଇସାଲ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ନାଏକ, ଭାଜପା ମଣ୍ଡଳ ସଭାପତି ଉମାକାନ୍ତ ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଆ ଅସ୍ମିତା ତଥା ଓଡ଼ିଶାର ସ୍ୱତନ୍ତ୍ର ଖାଦ୍ୟ ପଖାଳ, ତାର ଉପକାର, ଔଷଧୀୟ ଗୁଣ, ସ୍ୱାସ୍ଥ୍ୟ ସମ୍ପର୍କିତ ତଥ୍ୟ ଉପସ୍ଥାପାନ ସହିତ ଧର୍ମୀୟ ବିଶ୍ୱାସ ଉପରେ ଆଲୋକପାତ କରିଥିଲେ। ଜ୍ୟୋତିରଞ୍ଜନ ପଣ୍ଡା, ବଂଶୀଧର ସେଠ, ସୁଧାକର ଦାସ, ପ୍ରିୟବ୍ରତ ସରାଫ, ଦୋଳାମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉମାକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ନାଟକ 'ଗୁଟେ ରାତିର କଥା, ସୀତାଚୋରି' ମଞ୍ଚସ୍ଥ

ବଲାଙ୍ଗୀର,୨୦।୩(ବୀରେନ୍ଦ୍ର କୁମାର ଝାଙ୍କର)



ନାଟକ ସୀତାଚୋରିର ଏକ ଦୃଶ୍ୟ।

**ରାଜ୍ୟସ୍ତରୀୟ କୋଶଲୀ ନାଟବାଦୀ-ନାଟଯାତ୍ରା**

ବଲାଙ୍ଗୀର ସହର ଉପକଣ୍ଠ ସଦାଇପାଲି ରାମଜୀ ଯୁବକ ସଂଘ ପକ୍ଷରୁ ପଲ୍ଲୀଶ୍ରୀ ବିହାରସ୍ଥିତ ରାଧାକୃଷ୍ଣ ମଣ୍ଡପ ଠାରେ ରାଜ୍ୟସ୍ତରୀୟ ମହାକୋଶଲ କୋଶଲି ନାଟବାଦୀ-ନାଟଯାତ୍ରା ଦ୍ୱିତୀୟ ସନ୍ଧ୍ୟାରେ ନାଟକ 'ଗୁଟେ ରାତିର କଥା' ଓ 'ସୀତାଚୋରି' ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ସୁମନ୍ତ ଭୋଇଙ୍କ ନିର୍ଦ୍ଦେଶନାରେ ସୁବର୍ଣ୍ଣପୁର ଜିଲା ବଡକର୍ଲେ ବୀଣାପାଣି ସାହିତ୍ୟ କଳା ସଂସଦର କଳାକାରମାନେ କୋଶଲୀ ନାଟକ ଗୁଟେ ରାତିର କଥା ପରିବେଷଣ କରିଥିଲେ। ଏହାପରେ ଟିକଲବାହାଲର ଜୟ ହନୁମାନ ନାଟ୍ୟ କଳା ପରିଷଦର କଳାକାରମାନଙ୍କ ପକ୍ଷରୁ ଗୀତିନାଟ୍ୟ ସୀତାଚୋରି ମଞ୍ଚସ୍ଥ ହୋଇଥିଲା। ରାବଣ ଭୂମିକାରେ ଶତ୍ରୁଘ୍ନ ବେହେରା ଅଭିନୟ କରିଥିଲେ। ଡା. ପ୍ରମୋଦ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ସଭା ହୋଇଥିଲା। ଅତିଥି ଭାବେ ସାଇଟ୍ ଇଞ୍ଜିନିୟରିଂ କଲେଜର ପ୍ରିନସିପାଲ ଇଂ. ନମିତା ପଟେଲ ଓ ସୁଶ୍ରୀ ଆଇଟିଆଇ ପ୍ରିନସିପାଲ ଇଂ. ସନ୍ତୋଷ ବ୍ରହ୍ମା ଯୋଗଦାନ କରିଥିଲେ। ଏହି ଅବସରରେ ମଞ୍ଚ ନାଟକରେ ଅଭିନୟ କରୁଥିବା କଳାକାର ସତ୍ୟବ୍ରତ ଆଚାର୍ଯ୍ୟ ଓ ଧୀରାଜ ବେଜ୍‌ଙ୍କୁ ନାଟକ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସାଇଟ୍ ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୃନ୍ଦାବନ ମହାକୁର, ଜୟନ୍ତ ପଟେଲ, ଆଦିତ୍ୟ ପଟ୍ଟନାୟକ, ଅଶୋକ ପଧାନ, ଲୋକନାଥ ସିଂ, ଦେବାଶିଷ ପଟ୍ଟନାୟକ, ତଥା ପ୍ରଫୁଲ୍ଲ ମିଶ୍ର ସହଯୋଗ କରିଥିଲେ।

# ଡିଆରସିଏସଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଧାରଣା

**ସୋନପୁର,୨୦।୩(ମୃତ୍ୟୁଞ୍ଜୟ ଶତପଥୀ)**


ଜିଲାପାଳ ଡ. ନୃପରାଜ ସାହୁ ମରାଡୁଗୋଛା ପଞ୍ଚାୟତରୁ ଆସିଥିବା ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମରାଡୁଗୋଛା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ସମ୍ପାଦକ, ପିଅନ ଓ ରାତ୍ର ଜଗୁଆଳି ପଦବୀରେ ନୂତନ ନିଯୁକ୍ତି ଏବଂ ଡିଆରସିଏସ୍‌ଙ୍କୁ ନିଲମ୍ବନ ପାଇଁ ଚାଷୀମାନେ ଦାବି କରିଛନ୍ତି। ସେହିପରି ପାକ୍ସ ପରିଚାଳନା ସମିତି ଥଇଥାନ ନିଯୁକ୍ତି କ୍ଷେତ୍ରରେ ସମବାୟ ଆଇନ ବିରୋଧରେ ନିଷ୍ପତ୍ତି ନେଇଛି। ଏଥିପାଇଁ ପାକ୍ସ ପରିଚାଳନା ପରିଷଦକୁ ଭଙ୍ଗ କରି ନୂତନ ପରିଷଦ ଗଠନ କରିବାକୁ ଅଞ୍ଚଳର ଚାଷୀମାନେ ଦାବି କରିବା ସହ ସୁବର୍ଣ୍ଣପୁର ବିଭାଜନ ସମବାୟ ସମିତି ସମୂହ ଉପନିବନ୍ଧକ(ଡିଆର୍‌ସିଏସ୍)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଧାରଣା ଦେଇଥିଲେ। ମରାଡୁଗୋଛା ପଞ୍ଚାୟତର ସରପଞ୍ଚ ମନମୋହନ ସାହୁଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏହି ଆନ୍ଦୋଳନରେ ସାମିଲ ହେବା ସହ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ତେବେ ଡିଆର୍‌ସିଏସ୍ ଡ. ସଞ୍ଜୟ କୁମାର ତ୍ରିପାଠୀ ଗୁରୁବାରଠାରୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଛୁଟିରେ ଯାଇଥିବାରୁ ଚାଷୀମାନେ ନିରାଶ ହୋଇଥିଲେ। ଅନ୍ୟପକ୍ଷେ ଜିଲାପାଳ ଡ. ନୃପରାଜ ସାହୁ ସନ୍ଧ୍ୟାରେ ଆନ୍ଦୋଳନ ସ୍ଥଳକୁ ଆସି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ପାକ୍ସର ପୂର୍ବତନ ସମ୍ପାଦକ, ପରିଚାଳନା ପରିଷଦ ଓ ଏପରିକି ଡିଆର୍‌ସିଏସ୍‌ଙ୍କ କାର୍ଯ୍ୟକଳାପ ସମ୍ପର୍କରେ ସେ ଅବଗତ ଅଛନ୍ତି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରତିଶୃତି ଦେବା ସହ ରବି ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଆଲୋଚନା ସମୟରେ ସୋନପୁର ଏଆରସିଏସ୍ ଭବାନୀ ଶଙ୍କର ଦାଶ ଉପସ୍ଥିତ ଥିଲେ।

ସୂଚନା ଅନୁଯାୟୀ ମରାଡୁଗୋଛା ପାକ୍ସରେ ନିଯୁକ୍ତି ପ୍ରଦାନରେ ଦୁର୍ନୀତି ହୋଇଥିଲା। ସ୍ୱେଚ୍ଛାକୃତ ଅବସର(ଭିଆରଏସ୍) ଗ୍ରହଣ କଲେ କର୍ମଚାରୀଙ୍କ ପୁଅଙ୍କୁ ନିଯୁକ୍ତି ଦେବାର ଏବେ ସରକାରଙ୍କ କୌଣସି ନିୟମ ନ ଥିବାବେଳେ ପାକ୍ସର ସମ୍ପାଦକ ତଥା ସିଇଓ ନବୀନ ଦାଶ, ରାତ୍ର ଜଗୁଆଳି ମକୁନ୍ଦ ନାଏକ ଓ ପିଅନ ମନୋଜ ଦାଶ ନିଜ ପୁଅଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି। ପାକ୍ସର ପରିଚାଳନା ପରିଷଦ ଓ ଉପରିସ୍ଥ ଅଧିକାରୀ ଏଥିରେ ସହଯୋଗ କରି ସମବାୟ ଆଇନ ବିରୋଧରେ ନିଷ୍ପତ୍ତି ନେଇଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ନବୀନ, ମକୁନ୍ଦ ଓ ମନୋଜ ଭିଆର୍‌ଏସ୍ ପାଇଁ ଆବେଦନ କରିଥିଲେ। ପାକ୍ସ ପରିଚାଳନା ପରିଷଦରେ ଏହି ପ୍ରସ୍ତାବ ଗୃହୀତ ହୋଇଥିଲା। ନୂତନ ନିଯୁକ୍ତି ପାଇଁ ରେଜିଷ୍ଟ୍ରାରଙ୍କ ପକ୍ଷରୁ ଅନୁମତି ଅଣା ଯାଇ ନ ଥିଲା। ପାକ୍ସ ପକ୍ଷରୁ ବିଜ୍ଞାପନ ପ୍ରକାଶ ପାଇ ନ ଥିଲା, କି ନିଯୁକ୍ତି କମିଟି ଗଠନ ହୋଇ ନ ଥିଲା। ସରକାରଙ୍କ ନିଯୁକ୍ତି ନିୟମକୁ ଅଣଦେଖା କରି ଡିଆର୍‌ସିଏସ୍ ଥଇଥାନ ନିଯୁକ୍ତି ପ୍ରସ୍ତାବକୁ ପ୍ରଶାସନିକ ଅନୁମୋଦନ ପ୍ରଦାନ କରିଥିଲେ। ଗତ ଫେବୃଆରୀ ୧୯ ତାରିଖରେ ନବୀନ, ମକୁନ୍ଦ ଓ ମନୋଜ ଭିଆର୍‌ଏସ୍ ନେଇଥିଲେ। ସେହି ଦିନ ହିଁ ସେମାନଙ୍କ ପରିବାରର ୪ଜଣ ନିଯୁକ୍ତି ପାଇଥିଲେ। ପାକ୍ସ ସମ୍ପାଦକ ନବୀନଙ୍କ ପୁଅ ଅମ୍ବରୀଶଙ୍କୁ ଉକ୍ତ ପାକ୍ସର ଭାରପ୍ରାପ୍ତ ସିଇଓ ତଥା ସମ୍ପାଦକ ଓ ଜ୍ୱାଇଁ ତଥା ବରଗଡ ଜିଲା ବରପାଲି ବ୍ଲକ ରେମେଡ ଗାଁର ଅନିଲ କୁମାର ଦାସଙ୍କୁ ସହସମ୍ପାଦକ ଭାବେ ବେଆଇନ ନିଯୁକ୍ତି ଦିଆଯାଇଥିଲା। ସେହିପରି ପାକ୍ସର ରାତ୍ର ଜଗୁଆଳି ଥିବା ମକୁନ୍ଦ ନାଏକଙ୍କ ପୁଅ ଅମିତଙ୍କୁ ରାତ୍ର ଜଗୁଆଳି ଓ ପିଅନ ମନୋଜ ଦାସଙ୍କ ପୁଅ ଆଜାଦ୍ ପିଅନ ଭାବେ ନିଯୁକ୍ତି ପାଇଥିଲେ। ସେହିଭଳି ପରିଚାଳନା ପରିଷଦ ଚାଷୀଙ୍କ ସ୍ୱାର୍ଥ ବିରୋଧି ନିଷ୍ପତ୍ତି ନେଉଥିବା ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଚାଷୀ କାର୍ତ୍ତିକେଶ୍ୱର ଛତ୍ରିଆ, ଜୟଚନ୍ଦ୍ର ଭୁଏ, ଶିବ ନାଏକ, ଶଙ୍କର ମହଲା, ମାର୍କଣ୍ଡ ନାଗ, ବସୁ ସାହୁ, ସୁନୀଲ ସା ଓ ରବି ସାହୁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

**ନୂତନ ନିଯୁକ୍ତି, ପରିଚାଳନା ପରିଷଦକୁ ଭଙ୍ଗ ଦାବି**

# ବଧୂ ହତ୍ୟା ନେଇ ଥାନାରେ ଅଭିଯୋଗ

**ବୌଦ୍ଧ,୨୦।୩(ଅଜିତ କୁମାର ବାରିକ)**

ବୌଦ୍ଧ ନୂଆସାହିରେ ଜଣେ ବିବାହିତା ମହିଳାଙ୍କୁ ହତ୍ୟା କରାଯିବା ନେଇ ଅଭିଯୋଗ ହେବା ପରେ ସ୍ଥାନୀୟ ପୋଲିସ ୫ ଜଣଙ୍କ ନାମରେ ମାମଲା ରୁଜୁ କରିଛି।

ବୌଦ୍ଧ ଥାନାରେ ହୋଇଥିବା ଅଭିଯୋଗ ମୁତାବକ, ହରଭଙ୍ଗା ବ୍ଲକ କରକଟା ଗ୍ରାମର ନିଶାମଣି ସାହୁଙ୍କ ଝିଅ ପ୍ରବୀଣା ବୌଦ୍ଧ ନୂଆସାହିର ସ୍ୱର୍ଗତ ଶ୍ରୀନିବାସ ସାହୁଙ୍କ ପୁଅ ଅଜିତ ସାହୁଙ୍କୁ ଗତ ୧୮।୨।୨୦୧୮ରେ ବୈଦିକ ରୀତିରେ ବିବାହ କରିଥିଲେ । ପ୍ରବୀଣାଙ୍କ ୭ବର୍ଷର ଗୋଟିଏ ଝିଅ ଥିବା ବେଳେ ତାଙ୍କୁ ଶାଶୁ ଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଗତ ୧୪ ତାରିଖ ଦିନ ଦେଢଶାଶୁ ପ୍ରବୀଣାଙ୍କ ବାପଘରକୁ ଫୋନ କରି ତାଙ୍କ ଝିଅ ବୌଦ୍ଧ ମେଡିକାଲରେ ଭର୍ତ୍ତି ହୋଇଥିବା କହି ପହଞ୍ଚିବାକୁ କହିଥିଲେ। ଫଳରେ ନିଶାମଣି ବୌଦ୍ଧ ମେଡିକାଲରେ ପହଞ୍ଚିବା ପରେ ତାଙ୍କ ଝିଅକୁ ବୁର୍ଲା ମେଡିକାଲକୁ ନିଆଯାଇଥିବା ଜାଣିବାକୁ ପାଇଥିଲେ। ବୁର୍ଲା ମେଡିକାଲରେ ପହଞ୍ଚି ପ୍ରବୀଣାଙ୍କୁ ଦେଖିବା ବେଳେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ମାଡ ଦାଗ ଦେଖିବାକୁ ମିଳିଥିଲା। ଡାକ୍ତରଙ୍କୁ ଏ ସମ୍ପର୍କରେ ପଚାରିବାରୁ ପ୍ରବଳ ମାଡ ଦିଆଯାଇଥିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପ୍ରକାଶ କରିଥିଲେ ବୋଲି ନିଶାମଣି ଦେଇଥିବା ଏତଲାରେ ଅଭିଯୋଗ କରାଯାଇଛି। ତେଣୁ ସମସ୍ତେ ମିଶି ତାଙ୍କ ଝିଅଙ୍କୁ ମାରି ଦେଇଥିବା ଅଭିଯୋଗ କରିବା ସହ ତୁରନ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଶାମଣି ବୌଦ୍ଧ ଥାନାରେ ଗତ ୧୮ ତାରିଖ ଦିନ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ବୌଦ୍ଧ ଥାନାରେ ନମ୍ବର ୧୩୨/୨୬ରେ ଏକ ହତ୍ୟା ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି। ଏ ସମ୍ପର୍କରେ ବୌଦ୍ଧ ଥାନା ଅଧିକାରୀ ନଳିନୀକାନ୍ତ ଦାଶଙ୍କୁ ପଚାରିବାରେ ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି। ତେବେ କେତେଜଣ ଅଭିଯୁକ୍ତଙ୍କ ରାଜନୈତିକ ସଂପୃକ୍ତି ରହିଥିବାରୁ ପୋଲିସ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାକୁ ନେଇ ସାଧାରଣରେ ଆଲୋଚନା ହେଉଛି।

■ ୫ ଜଣଙ୍କ ନାମରେ ମାମଲା ରୁଜୁ କଲା ପୋଲିସ
■ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ହେବ କାର୍ଯ୍ୟାନୁଷ୍ଠାନ

# ଲୋକ ମହୋତ୍ସବ ମାଲେଶ୍ରୀ ଉଦ୍‌ଘାଟିତ


ମାଲେଶ୍ରୀ ଲୋକ ମହୋତ୍ସବ ପ୍ରଥମ ସନ୍ଧ୍ୟାରେ ସ୍ମରଣିକା ଉନ୍ମୋଚନ କରାଯାଉଛି।

**ବୀରମହାରାଜପୁର,୨୦।୩(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନବମ ଲୋକ ମହୋତ୍ସବ ଶୁକ୍ରବାର ରାତି ୮ରେ ଉଦ୍‌ଘାଟିତ ହୋଇଯାଇଛି। ବୀରମହାରାଜପୁର ଉପଜିଲାପାଳ ଲୋକ ମହୋତ୍ସବ କମିଟି ଅଧକ୍ଷ ସୁରେନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଲୋକ ମହୋତ୍ସବକୁ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଞ୍ଜୋଲିନା ପଧାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଉକ୍ତ ମହୋତ୍ସବରେ ବିଶିଷ୍ଟ କଣ୍ଠଶିଳ୍ପୀ ଶତ୍ରୁଘନ ଲୁହା ମାଲେଶ୍ରୀ ବନ୍ଦନା ଗାନ କରିଥିଲେ। ଓଡ଼ିଶୀ ନୃତ୍ୟ କସ୍ତୁରବାଗାନ୍ଧୀ ବିଦ୍ୟାଳୟ ସିଂଢୋଲ, ରାଇଝାହିଁ ଝାରସୁଗୁଡା, ପାୟଲ କଳା ପରିଷଦ ଟିଟିଲାଗଡ଼, କରମସାନୀ ରୁମକୁଝୁମା କଳାପରିଷଦ ଉଲୁଣ୍ଡା, ଶବର ଶବରୀ ନୃତ୍ୟ ଗୁପ୍ତେଶ୍ୱର ଦଣ୍ଡପାଟି ମେଣ୍ଡାମାଲ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉକ୍ତ ସଭାକୁ ଡ. ଦ୍ୱିତୀକୃଷ୍ଣ ପଣ୍ଡା ପରିଚାଳନା କରିଥିବାବେଳେ ବୀରମହାରାଜପୁର ତହସିଲଦାର ଶୁଚିସ୍ମିତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଲୋକ ମହୋତ୍ସବର ସ୍ମରଣିକା ମାଲେଶ୍ରୀ ଉନ୍ମୋଚନ ହୋଇଥିଲା। ସ୍ମରଣିକା କମିଟିର ସମ୍ପାଦନା ମଣ୍ଡଳୀ ସମ୍ପାଦକ ଦ୍ୱିତିକୃଷ୍ଣ ପଣ୍ଡା ସଦସ୍ୟ ପ୍ରଫୁଲ୍ଲ କୁମାର ରଥ, ଭୂଷଣ କୁମାର ପାତ୍ର, ଅନିରୁଦ୍ଧ କୁରକୁରିଆ, କିଶୋର କୁମାର ହୋତା, ଯୁଗଳ କିଶୋର ମିଶ୍ର, ଲକ୍ଷ୍ମୀନାରାୟଣ ସାହୁ, ପଙ୍କଜ ଖମାରି, ଗିରିଧାରୀ ହୋତା, ଅକ୍ଷୟ ରାଏ, ଶୁଭ୍ରାଂଶୁ ପାଢ଼ୀ, ସଦାଶିବ ଚାନ୍ଦ, ଯୋଗୀନ୍ଦ୍ର ପଣ୍ଡା, ହୃଷିକେଶ ଚାନ୍ଦ ପ୍ରମୁଖ ସାମିଲ ହୋଇଥିଲେ। ମାଲେଶ୍ରୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାକୁ ଜନସାଧାରଣ ଦେଖିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଭରପୁର ଉପଭୋଗ କରିଥିଲେ। ପ୍ରଥମ ସନ୍ଧ୍ୟାରେ ବୀରମହାରାଜପୁର ବ୍ଲକର ସମସ୍ତ ସରପଞ୍ଚ ସମିତି ସଭ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶୁକ୍ରବାର ପ୍ରାୟ ୧୨ଟାରେ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଚମ୍ପାମାଳ ଚମ୍ପେଶ୍ୱର ମହାଦେବ, ମା' ମେଟାକାନୀ, ପାଳିତ ଶ୍ରୀକ୍ଷେତ୍ର ଜଗନ୍ନାଥ, ବୀରମହାରାଜପୁର ଜଗନ୍ନାଥ ମନ୍ଦିରୁ ଆଜ୍ଞାମାଳ ଆସିବା ପରେ ଏକ ଭବ୍ୟ ଶୋଭାଯାତ୍ରାରେ କମିଟିର ସମସ୍ତ ସଦସ୍ୟାସଦସ୍ୟ ସାମିଲ ହୋଇଥିଲେ। ପ୍ରଥମ ସନ୍ଧ୍ୟାରେ ମାହେଶ୍ୱରୀ ବନ୍ଦନା ବିଶିଷ୍ଟ କଣ୍ଠଶିଳ୍ପୀ ଶତୃଘ୍ନ ଲୁହାଙ୍କଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଲକ୍ଷ୍ମୀ ନାରାୟଣ ସାହୁ, ପ୍ରୀତିମୟୀ ସିତେସ ମିଶ୍ର, ସନ୍ତୋଷ କୁମାର ପଣ୍ଡା, ସନ୍ତୋଷିନି ନାଏକ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

■ ସ୍ମରଣିକା ଉନ୍ମୋଚନ
■ ସମ୍ବଲପୁରୀ ଓ ଡାଲଖାଇ ନୃତ୍ୟରେ ବିଭୋର ଦର୍ଶକ

# ନାମଫଳକ ନ ଥାଇ କଲ୍ୟାଣ ମଣ୍ଡପ ନିର୍ମାଣ ସମ୍ପୂର୍ଣ୍ଣ

**କଣ୍ଟାବାଞ୍ଜି,୨୦।୩(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦର ବିର୍ଣ୍ଣା ରାସ୍ତା ଶିଶୁ ଉଦ୍ୟାନ ନିକଟରେ ଏକ ନୂତନ କଲ୍ୟାଣ ମଣ୍ଡପ ଗତ ଦେଢ ବର୍ଷ ତଳୁ ନିର୍ମାଣ ହୋଇସାରିଛି। ଏହି କଲ୍ୟାଣ ମଣ୍ଡପର ନିର୍ମାଣ ଅଟକଳ ପ୍ରାୟ ଅଢେଇ କୋଟିରୁ ଉର୍ଦ୍ଧ୍ୱ ରହିଛି। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଥିଲେ ମଧ ସେଠାରେ କୌଣସି ନାମ ଫଳକ ଲଗାଯାଇ ନାହିଁ। ନାମ ଫଳକ ନ ଥିବାରୁ ଉକ୍ତ କଲ୍ୟାଣ ମଣ୍ଡପ କେଉଁ ଏଜେନ୍ସିଦ୍ୱାରା କେତେ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି ତାହା ଜଣାପଡୁନାହିଁ। ନିର୍ମାଣ ହୋଇ ପଡି ରହିଥିବାରୁ କଲ୍ୟାଣ ମଣ୍ଡପ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସେହିପରି ଏନଏସସି ତରଫରୁ ୱାର୍ଡ ନଂ.୧୨ ଆମ୍ବପଡାରେ ମଧ ଅନ୍ୟ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଚାଲିଛି। ହେଲେ ନିର୍ମାଣସ୍ଥଳରେ କୌଣସି ନାମ ଫଳକ ନାହିଁ। ଏନଏସି ପକ୍ଷରୁ ସହର କେନ୍ଦ୍ରସ୍ଥଳରେ ପୂର୍ବରୁ ଥିବା କଲ୍ୟାଣ ମଣ୍ଡପ ରକ୍ଷଣାବେକ୍ଷଣ କରାଯାଉ ନ ଥିବା ବେଳେ ଏହା ପରିତ୍ୟକ୍ତ ହୋଇ ପଡିରହିଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ବୁଦ୍ଧିଜୀବି ମହଲରେ ଦାବି ହେଉଛି।

# ବାର୍‌ହା ମାଂସ ଜବତ: ୫ ଶିକାରୀ ଗିରଫ

**ହରଭଙ୍ଗା,୨୦।୩(ନରେନ୍ଦ୍ର କୁମାର ସାହୁ)**


ବାର୍‌ହା ମାଂସ ସହ ଅଭିଯୁକ୍ତ ଓ ବନ କର୍ମଚାରୀ।

ବୌଦ୍ଧ ବନଖଣ୍ଡର ମାଧପୁର ରେଞ୍ଜରେ ଅବାଧ ପଶୁ ଶିକାର ଚାଲିଛି। ଶୁକ୍ରବାର ଦିନ ବନ ବିଭାଗ ପକ୍ଷରୁ ମାଧପୁରଠାରେ ଚଢାଉ କରାଯାଇ ବାର୍‌ହା ମାଂସ ଜବତ କରାଯିବା ସହ ୫ ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ବନ କର୍ମଚାରୀମାନେ ମାଧପୁରର ରୋହିତ ନାୟକଙ୍କ ଘରେ ଚଢାଉ କରି ୭ କେଜି ୫୦୦ ଗ୍ରାମ ବାର୍‌ହା ମାଂସ ଜବତ କରିଥିଲେ। ଏହି ଘଟଣାରେ ପୁରୁଣାକଟକ ଥାନା ବଦଲା ସାହିର ଗୋପବନ୍ଧୁ ନାୟକ (୨୯), ଯଦୁ ମଲିକ (୪୮), ମାଧପୁର ଗ୍ରାମର ରୋହିତ ନାୟକ (୨୬), ପାଟଦହଲି ଗ୍ରାମର ନେତ୍ର ନାୟକ (୪୬) ଓ ଆଡେଣିଗଡ ଗ୍ରାମର ସନ୍ତୋଷ କୁମାର ସାହୁ ( ୫୦)ଙ୍କୁ ଗିରଫ କରାଯାଇଥିଲା। ବନ ବିଭାଗ ବାରହା ମାଂସ ସହ ଟାଙ୍ଗିଆ, ଛୁରୀ, ଧନୁତୀର ମଧ ଜବତ କରିଛି। ଏନେଇ ଏକ ମାମଲା ରୁଜୁ ହୋଇଛି। ଏହି ଚଢାଉରେ ରେଞ୍ଜର ଆସିକ ଦିଗାଲ, ଭକ୍ତ ମଲିକ, ମୁଲତା ସାହୁ , ବୀଣାପାଣି ଖଗୁଆ ଓ ମୋବାଇଲ ସ୍କାଡ୍ ସାମିଲ ଥିଲେ।

# ସମ୍ବର୍ଦ୍ଧିତ ହେଲେ ବୌଦ୍ଧ ଏସ୍‌ପି ରାହୁଲ ଗୋଏଲ


ବୌଦ୍ଧ ଏସ୍‌ପିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବୌଦ୍ଧ,୨୦।୩(ଅଜିତ କୁମାର ବାରିକ)**

ବୌଦ୍ଧ ଏସ୍‌ପି ଭାବରେ ରାହୁଲ ଗୋଏଲ ଯୋଗ ଦେବା ପରେ ଜିଲାରେ ଗଞ୍ଜେଇ ମୁକ୍ତ ଅଭିଯାନ ଆରମ୍ଭ କରି ସଫଳତା ହାସଲ କରିଛନ୍ତି। ଏନେଇ ଶୁକ୍ରବାର ଭୁବନେଶ୍ୱରଠାରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ବୌଦ୍ଧ ଏସ୍‌ପି ଗୋଏଲଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏସ୍‌ପି ଗୋଏଲ ଜିଲାରେ ବେଆଇନ ଗଞ୍ଜେଇ ଚାଷ ଓ ଚୋରା ଚାଲାଣ ରୋକିବା ଉଦ୍ଦେଶ୍ୟରେ ୨୦୨୫ ମସିହାରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଥିଲେ। ତାଙ୍କ ଉଦ୍ୟମକ୍ରମେ ଜିଲାରେ ୧୨୩୧୫ ଏକର ଜମିରେ ଗଞ୍ଜେଇ ଚାଷ ନଷ୍ଟ କରାଯିବା ସହ ଚୋରା ଚାଲାଣ ସମୟରେ ୩୮୭୫୬ କେଜି ଗଞ୍ଜେଇ ଜବତ କରାଯାଇଥିବା ଜଣାଯାଇଛି।

# ଜିଲା ଅଭିଯୋଜନ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ଉଦ୍‌ଘାଟିତ

**ସୋନପୁର,୨୦।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ସ୍ଥିତ ଜିଲା କୋଷାଗାର ନିକଟରେ ସୁବର୍ଣ୍ଣପୁର ଜିଲା ଅଭିଯୋଜନ ନିର୍ଦ୍ଦେଶାଳୟର କାର୍ଯ୍ୟାଳୟ ଜିଲାଜଜ୍ ଧନୁର୍ଦ୍ଧର ସେନାପତିଙ୍କ ଦ୍ୱାରା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ, ଏସ୍‌ପି ନାରାୟଣ ନାୟକ, ଉପନିର୍ଦ୍ଦେଶକ ଅଭିଯୋଜନ ବେଣୁଲାଲ ପ୍ରଧାନ, ପବ୍ଲିକ ପ୍ରୋସିକ୍ୟୁଟର ମଧୁମିତା ଅମାତ୍ୟ, ଅବକାରୀ ଅଧୀକ୍ଷକ ପ୍ରବୀର ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ନୂତନ ଭାବେ ଉଦ୍‌ଘାଟିତ ହୋଇଥିବା ଏହି କାର୍ଯ୍ୟାଳୟର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସୁବିଧା ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ସୁଦୃଢ ଓ ତ୍ୱରାନ୍ୱିତ କରିବ ବୋଲି ମତପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ସରକାରୀ ଓକିଲ, ଅଧିକାରୀ, ଆଇନଜୀବୀ, ଜନସାଧାରଣ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟରେ ପଖାଳ ଦିବସ



ବରିଷ୍ଠ ନାଗରିକ ସଙ୍ଗଠନ ଠାରେ ପଖାଳ ଦିବସରେ ଅତିଥିଗଣ।

**ବୀରମହାରାଜପୁର,୨୦।୩(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟଠାରେ ଶୁକ୍ରବାର ମଧ୍ୟାହ୍ନରେ ପଖାଳ ଦିବସ ପାଳିତ ହୋଇଯାଇଛି। ଏଥିଉପଲକ୍ଷେ ଆୟୋଜିତ ଏକ ସାଧାରଣ ସଭାରେ ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥି, ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଦୟାନିଧି ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଡ. ଦ୍ୱିତୀକୃଷ୍ଣ ସଭା ସଂଯୋଜନା କରିଥିଲେ। ଅକ୍ଷୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଦସ୍ୟ ସତ୍ୟନାରାୟଣ ନାୟକଙ୍କ ପ୍ରଯୋଜନାରେ ଏହି ଦିବସ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ଡ. ପ୍ରଫୁଲ୍ଲ ରଥ, ଭଗବାନ ମିଶ୍ର, କୃଷ୍ଣଚନ୍ଦ୍ର ପାଢ଼ୀଙ୍କ ସମେତ ସମସ୍ତ ସଦସ୍ୟାସଦସ୍ୟ ସପରିବାର ଯୋଗଦାନ କରିଥିଲେ। ଶେଷରେ ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ।

**ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ହେଲେ ସାମିଲ**

# ଡାକ୍ତର, ନର୍ସିଂହୋମ୍ ମାଲିକଙ୍କ ନାମରେ ମାମଲା

**ସୋନପୁର,୨୦।୩(ମୃତ୍ୟୁଞ୍ଜୟ ଶତପଥୀ)**


ମୃତ ମହାବୀର ଅଗ୍ରୱାଲା।

ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା ସୋନପୁର ଥାନାରେ ଗୁରୁବାର ରାତିରେ ଅଭିଯୋଗ ହୋଇଛି। ଏନେଇ ଥାନାରେ ସମ୍ପୃକ୍ତ ଡାକ୍ତର ଓ ନର୍ସିଂହୋମ ମାଲିକଙ୍କ ନାମରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ପରବର୍ତ୍ତୀ ପଦକ୍ଷେପ ପାଇଁ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଥିବା ସୋନପୁର ଆଇଆଇସି ଯାଦବ ବାଗ କହିଛନ୍ତି। ସୁବର୍ଣ୍ଣପୁର ସହରସ୍ଥିତ ଆଶା ନର୍ସିଂ ହୋମରେ ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ତରଭା ସହରର ମହାବୀର ପ୍ରସାଦ ଅଗ୍ରୱାଲା(୪୩)ଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକଙ୍କ ବଡ ଭାଇ ସୁଦର୍ଶନ ଅଗ୍ରୱାଲା(୪୫) ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଶୁକ୍ରବାର ବ୍ୟବଚ୍ଛେଦ କରାଇବା ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

ସୂଚନା ଅନୁଯାୟୀ, ଗୁରୁବାର ସକାଳେ ମହାବୀର ବୀରମହାରାଜପୁର ପଣ୍ଡାପାଲି ସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟରୁ ନିଜ ଚକ୍ଷୁ ଚିକିତ୍ସା କରି ବାଇକ୍‌ରେ ଘରକୁ ଫେରୁଥିଲେ। ସୁବର୍ଣ୍ଣପୁର ସହର ବୁଢାରଜା ଛକରେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଥିଲା। ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଚିକିତ୍ସା କରୁଥିବା ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର କୃତ୍ତିବାସ ସୁବୁଦ୍ଧି ଏହି ସରକାରୀ ଡାକ୍ତରଖାନାରେ ଅସ୍ତ୍ରୋପଚାର ପାଇଁ କୌଣସି ସୁବିଧା ନାହିଁ। ତୁରନ୍ତ ଆଶା ନର୍ସିଂ ହୋମକୁ ଯାଅ ବୋଲି କୁଆଡେ କହିଥିବା ମୃତକଙ୍କ ବଡଭାଇ ସୁଦର୍ଶନ ଅଭିଯୋଗ କରିଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ମହାବୀରଙ୍କୁ ଆଶା ନର୍ସିଂହୋମକୁ ନିଆଯାଇଥିଲା। ସେଠାରେ କର୍ମଚାରୀମାନେ ତାଙ୍କୁ ଅସ୍ତ୍ରୋପଚାର ଗୃହକୁ ନେଇ ଯାଇଥିଲେ। ତେବେ ନିଶ୍ଚେତକ ବିଶେଷଜ୍ଞ ଡାକ୍ତର ସମ୍ବିତ ମହାନ୍ତି ଅପରାହ୍ନ ୩ଟାରେ ଆସି ଭାଙ୍ଗି ଯାଇଥିବା ଗୋଡରେ ଅସ୍ତ୍ରୋପଚାର ପାଇଁ କିଛି ନିଶ୍ଚେତକ ଇଞ୍ଜେକ୍ସନ ଦେଇଥିଲେ। କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ମହାବୀରଙ୍କ ଚେତା ଫେରି ନ ଥିଲା। ପରିବାର ଲୋକେ ପଚାରିବାରୁ ୩ ରୁ ୪ ଘଣ୍ଟା ପରେ ଚେତା ଫେରିବ, ତୁରନ୍ତ ରୋଗୀଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜର ଆଇସିୟୁକୁ ନେଇ ଯାଅ ବୋଲି ସମ୍ପୃକ୍ତ ଡାକ୍ତର କୁଆଡେ କହିଥିଲେ। ପରିବାର ଲୋକେ ଅନ୍ୟ ଉପାୟ ନ ପାଇ ବଲାଙ୍ଗୀର ନେଇଥିଲେ। କିନ୍ତୁ ସେଠାରେ ମହାବୀରଙ୍କ ମୃତ୍ୟୁ ହୋଇଯାଇଥିଲା। ଭାଙ୍ଗି ଯାଇଥିବା ଗୋଡ ଅସ୍ତ୍ରୋପଚାର କରିବାକୁ ଆସି ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ତାଙ୍କ ଭାଇଙ୍କ ମୂଲ୍ୟବାନ ଜୀବନ ଚାଲିଗଲା ବୋଲି ବଡ ଭାଇ ସୁଦର୍ଶନ ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ଜିଲାପାଳ ଡ. ନୃପରାଜ ସାହୁ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିବା ସହ ରୋଗୀସେବାରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିଛନ୍ତି। ସେହିପରି ସମ୍ପୃକ୍ତ ନର୍ସିଂହୋମର ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ଜିଲାପାଳ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ଶନିବାର ଏକ ତଦନ୍ତକାରୀ ଟିମ୍ ଆଶା ନର୍ସିଂ ହୋମ ପରିଦର୍ଶନ କରିବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶ କହିଛନ୍ତି।

■ ଗୋଡ ଅସ୍ତ୍ରୋପଚାର ପାଇଁ ଆସି ଜୀବନ ଗଲା
■ ତ୍ରୁଟିପୂର୍ଣ୍ଣ ଚିକିତ୍ସାରୁ ରୋଗୀ ମୃତ ଅଭିଯୋଗ
■ ଆଜି ନର୍ସିଂହୋମ ପରିଦର୍ଶନ କରିବେ ତଦନ୍ତକାରୀ ଟିମ୍

**ପଖାଳ ଦିବସ ପାଳନ**

ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର): ଦେବଗଡ଼ ଜିଲା ରିଆମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁକ୍ରବାର ପଖାଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ସମସ୍ତ ଗୁରୁମାଗୁରୁଜୀ ବିଦ୍ୟାଳୟକୁ ଆସି ପ୍ରସ୍ତୁତି ବିଧି ଆରମ୍ଭ କରିଦେଇଥିଲେ। ପୂର୍ବ ଦିନରୁ ଏହାର ପ୍ରସ୍ତୁତି ବୈଠକ କରି ସମସ୍ତଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ସମସ୍ତ ଗୁରୁମାଗୁରୁଜୀ, ଛାତ୍ରୀଛାତ୍ର ଓ ଶୁଭେଚ୍ଛୁଙ୍କ ମଧ୍ୟରେ ପଖାଳ ଦିବସ ପାଳନ କରିବାର ଉତ୍ସାହ ପରିଲକ୍ଷିତ ହୋଇଥିଲା। ବାସ୍ତବରେ ଏହି ପଖାଳ ଦିବସ ସୁନ୍ଦର ଭାଇଚାରା ସୃଷ୍ଟି କରିଥିଲା

# ଶିଳ୍ପସଂସ୍ଥାକୁ ହୀରାକୁଦ ଜଳଭଣ୍ଡାର ଜମି ହସ୍ତାନ୍ତରକୁ ବିରୋଧ

**ସମ୍ବଲପୁର,୨୦।୩(ପ୍ରମୋଦ ବହିଦାର)**



ଆର୍‌ଡିସିଙ୍କୁ ସାକ୍ଷାତ କରି ଦାବିପତ୍ର ଦେଉଛନ୍ତି ବିଜେଡି ପ୍ରତିନିଧି ଦଳ।

## ଆର୍‌ଡିସିଙ୍କୁ ବିଜେଡିର ଦାବିପତ୍ର ପ୍ରଦାନ

ହୀରାକୁଦ ଜଳଭଣ୍ଡାର ସଂଲଗ୍ନ ଜମିକୁ ଶିଳ୍ପ ସଂସ୍ଥାକୁ ହସ୍ତାନ୍ତର ପାଇଁ ଚକ୍ରାନ୍ତ ଚାଲିଛି ବୋଲି ଅଭିଯୋଗ କରି ଏହାକୁ ଘୋର ବିରୋଧ କରିଛି ସମ୍ବଲପୁର ବିଜେଡି। ଏହାସହ ବିଭିନ୍ନ ଶିଳ୍ପାନୁଷ୍ଠାନର ସିଏସ୍‌ଆର୍ ପାଣ୍ଠିର ଦୁରୋପଯୋଗ ପୂର୍ବକ ଜନପ୍ରତିନିଧିଙ୍କ ସ୍ୱାର୍ଥରେ ବିନିଯୋଗକୁ ବିଜେଡି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଦଳର ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ଦଳ ଶୁକ୍ରବାର ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି) ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟରେ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିବା ସହ ଏହି ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ମହାନ୍ତି ଶିଳ୍ପସଂସ୍ଥାକୁ ଜମି ହସ୍ତାନ୍ତର ପ୍ରୟାସ ବେଳେ ରାଜସ୍ୱ ମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଚୁପ୍ କାହିଁକି ବୋଲି ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ହୀରାକୁଦ ଜଳଭଣ୍ଡାର ନିର୍ମାଣ ସମୟରେ ନିଜର ଭିଟାମାଟି ଓ ଜୀବିକା ହରାଇଥିବା ହଜାର ହଜାର ଲୋକଙ୍କୁ ଆଜି ଯାଏଁ ଠିକ୍ ଭାବେ ଥଇଥାନ କରାଯାଇପାରି ନାହିଁ। ଏଭଳି ସ୍ଥିତିରେ ଜଳଭଣ୍ଡାର ସଂଲଗ୍ନ ଜମିର କିସମ ପରିବର୍ତ୍ତନ କରି ରେଙ୍ଗାଲିର ଏକ ବେସରକାରୀ ଶିଳ୍ପସଂସ୍ଥାକୁ ଟେକିଦେବାକୁ ପ୍ରଶାସନିକ ସ୍ତରରେ ମସୁଧା ଚାଲିଛି ବୋଲି ଅଭିଯୋଗ ହୋଇଛି। ଏହାଦ୍ୱାରା ଚାଷୀ, ମତ୍ସ୍ୟଜୀବୀ ଓ ସହରବାସୀଙ୍କ ପାନୀୟଜଳ ବ୍ୟବସ୍ଥା ପ୍ରଭାବିତ ହେବାର ଆଶଙ୍କା ଥିଲେ ମଧ୍ୟ ସ୍ଥାନୀୟ ସାଂସଦ ଓ ବିଧାୟକ ନୀରବ ରହିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ଶିଳ୍ପସଂସ୍ଥା ଦ୍ୱାରା ପ୍ରଦୂଷଣର ଶିକାର ହେଉଥିବା ସ୍ଥାନୀୟ ସାଧାରଣ ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ପାଇଁ ଏହି ପାଣ୍ଠିର ସୁବିନିଯୋଗ କରିବାକୁ ସେ ଦାବି କରିଥିଲେ। ସମସ୍ତ ବିଷୟକୁ ଗୁରୁତ୍ୱର ସହ ନେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଆର୍‌ଡିସି ମହାପାତ୍ର ବିଜେଡି ପ୍ରତିନିଧି ମଣ୍ଡଳିଙ୍କୁ ଆଶ୍ୱାସନା ଦେଇଥିଲେ। ବିଜେଡି ପ୍ରତିନିଧି ଦଳରେ ରାଜ୍ୟ ପରିଷଦ ସଦସ୍ୟ ଗୋକୁଳ ମେହେର, ଜିଲା ସମ୍ପାଦକ ମହମ୍ମଦ ସାନଉଲ୍ଲାହ, ବିଜେଡି ରାଜ୍ୟ ଉପସଭାପତି ମିଳନ ହୋତା, ପ୍ରକାଶ ଡାଙ୍ଗ, ସାଧାରଣ ସମ୍ପାଦକ ସୁମିତ ପଟେଲ, ଛାତ୍ର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଚୁମନ ପ୍ରଧାନ, ଦେବଜ୍ୟୋତି ପଟ୍ଟନାୟକ, ବିଜେଡ଼ି ଜିଲା ସାଧାରଣ ସମ୍ପାଦକ ଧିରେନ୍ ଦେବତା, ବାଲ୍ମୀକି ନାୟକ, ପୂର୍ବତନ ଜିଲା ସାଧାରଣ ସମ୍ପାଦକ ଅଜିମ ଅଲ୍ଲୁ, ମହମ୍ମଦ ଇସାକ, ଶୁଭମ ସାହୁ, ସପନ ହୋତା, ଆର୍ଯ୍ୟନ ବହିଦାର, ସୁକେସ ସିଂ, ଅଂଶୁମାନ ସାହୁ, ପ୍ରିୟାଂଶୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଡିଜିପିଙ୍କ ଦ୍ୱାରା ସମ୍ବଲପୁର ଏସ୍‌ପି ସମ୍ମାନିତ



ସମ୍ବଲପୁର ଏସ୍‌ପି ଓଡ଼ିଶା ଡିଜିପିଙ୍କଠାରୁ ମାନପତ୍ର ଗ୍ରହଣ କରୁଛନ୍ତି।

**ସମ୍ବଲପୁର,୨୦।୩(ପ୍ରମୋଦ ବହିଦାର)**

## ଏନ୍‌ଡିପିଏସ୍ ମାମଲାର ସଫଳ ତଦନ୍ତ ପାଇଁ ହେଲେ ସମ୍ମାନିତ

ନିଶା କାରବାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସଫଳ ଓ ଉତ୍ତମ ତଦନ୍ତ ପାଇଁ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ମୁକେଶ କୁମାର ଭାମୂଙ୍କୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଯୋଗେଶ ବାହାଦୁର ଖୁରାନିଆ ସମ୍ମାନିତ କରିଛନ୍ତି। ଭୁବନେଶ୍ୱରଠାରେ ଶୁକ୍ରବାର ଆୟୋଜିତ ଏକ ସ୍ୱତନ୍ତ୍ର ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହରେ ଡିଜିପି ଖୁରାନିଆ ମାନପତ୍ର ଓ ଫଳକ ପ୍ରଦାନ ପୂର୍ବକ ସମ୍ବଲପୁର ଏସ୍‌ପି ଭାମୂଙ୍କୁ ସମ୍ମାନିତ କରିଛନ୍ତି। ପୋଲିସ ଭବନରେ ଆୟୋଜିତ ସମାରୋହରେ ଓଡ଼ିଶା ପୋଲିସର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଥିବା ବେଳେ ଉଲ୍ଲେଖନୀୟ ସେବା ପାଇଁ ବିଭିନ୍ନ ଜିଲାର ପୋଲିସ ଅଧିକାରୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି।

# ଅନ୍‌ଲାଇନ ସାମଗ୍ରୀ କ୍ୟାନ୍‌ସଲ୍ ବାହାନାରେ ଟଙ୍କା ଲୁଟ୍

**ସମ୍ବଲପୁର,୨୦।୩(ପ୍ରମୋଦ ବହିଦାର)**

## ଅଭିଯୁକ୍ତ ଗିରଫ

ଅନ୍‌ଲାଇନ ସାମଗ୍ରୀ କ୍ୟାନସଲ କରିବା ବାହାନାରେ ଜଣେ ମହିଳାଙ୍କ ଠାରୁ ୯୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଅଭିଯୁକ୍ତଙ୍କୁ ବୁର୍ଲା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ସୁନ୍ଦରଗଡ଼ ଜିଲା ରାଉରକେଲା ପ୍ଲାଣ୍ଟ ସାଇଟ୍ ଥାନା ଅନ୍ତର୍ଗତ ମାଙ୍ଗୁଣବସ୍ତିର ଅମିତ କୁମାର ସାହୁ(୨୬)। ତାଙ୍କ ନିକଟରୁ ପୋଲିସ ନଗଦ ୧୨୫୦୦ ଟଙ୍କା, ଏକ ମୋବାଇଲ୍ ଫୋନ, ପାନକାର୍ଡ, ଆଧାରକାର୍ଡ ଓ ଏକ ଚେକ୍‌ବହିକୁ ଜବତ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦେବଗଡ଼ ଜିଲା ରଙ୍ଗିଆଗୁଡ଼ା ଗ୍ରାମର ମୂଳବାସିନ୍ଦା ବର୍ତ୍ତମାନ ବୁର୍ଲା ଭିସୁଟ୍‌ରେ କାର୍ଯ୍ୟରତ ପ୍ରଜ୍ଞା ପାରମିତା ନନ୍ଦ ନାମ୍ନୀ ଜଣେ ମହିଳା ଗତ ୨୦୨୫ ଅକ୍ଟୋବରରେ ନିଜର ଅନଲାଇନ ଅର୍ଡର କ୍ୟାନସେଲ କରୁଥିବା ସମୟରେ ଠକେଇର ଶିକାର ହୋଇଥିଲେ। ଅଭିଯୁକ୍ତ ଅମିତ ନିଜକୁ ଉକ୍ତ ଅନଲାଇନ୍ କମ୍ପାନୀର ଅଜୟ ଶର୍ମା ନାମକ ଜଣେ କର୍ମଚାରୀ ଭାବେ ପରିଚୟ ଦେଇ ମହିଳାଙ୍କ ମୋବାଇଲକୁ ଏକ ଏପିକେ ଫାଇଲ୍ ପଠାଇଥିଲେ। ଏହି ଫାଇଲ୍ ଜରିଆରେ ସେ ମହିଳାଙ୍କ ମୋବାଇଲ୍ ଓ ବ୍ୟାଙ୍କ ଆକାଉଣ୍ଟକୁ ନିଜ ନିୟନ୍ତ୍ରଣକୁ ନେଇଯାଇଥିଲେ। ଏହାପରେ ମହିଳାଙ୍କ ଏସ୍‌ବିଆଇ ଓ ପିଏନ୍‌ବି ଆକାଉଣ୍ଟରୁ ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୯୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିଲେ। ଏନେଇ ମହିଳାଙ୍କ ଅଭିଯୋଗ ପରେ ବୁର୍ଲା ଥାନାରେ ଏକ ମାମଲା (ନଂ.୪୫୮/୨୦୨୫) ରୁଜୁ ହୋଇଥିଲା। ଅଭିଯୁକ୍ତ ଜଣ ଏହି ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିବା ପରେ ପୋଲିସ ତାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି।

# ସମଲେଶ୍ୱରୀ ମନ୍ଦିରରେ ଦୁଲ୍‌ଦୁଲି ପ୍ରତିଯୋଗିତା



ସମଲେଶ୍ୱରୀ ମନ୍ଦିର ପରିସରରେ ଆୟୋଜିତ ଦୁଲ୍‌ଦୁଲି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କଳାକାର।

**ସମ୍ବଲପୁର,୨୦।୩(ପ୍ରମୋଦ ବହିଦାର)**

- ଲୋକସଂସ୍କୃତିର ସୁରକ୍ଷା ପାଇଁ ଅଭିନବ ପ୍ରୟାସ
- ବଲାଙ୍ଗୀରର ମା’ ତାରିଣୀ ଦୁଲ୍‌ଦୁଲି ଦଳ ପ୍ରଥମ

ପଶ୍ଚିମ ଓଡ଼ିଶାର ଅନନ୍ୟ ଲୋକକଳା ଓ ପାରମ୍ପରିକ ବାଦ୍ୟ ‘ଦୁଲ୍‌ଦୁଲି’ର ସଂରକ୍ଷଣ ତଥା ପ୍ରଚାରପ୍ରସାର ପାଇଁ ମା’ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଆୟୋଜିତ ପ୍ରତିଯୋଗିତା ଶୁକ୍ରବାର ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ସମଲେଶ୍ୱରୀ ମନ୍ଦିର ପରିସରରେ ଆୟୋଜିତ ଏହି ମନୋଜ୍ଞ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାରୁ ଆସିଥିବା ପ୍ରତିଭାବାନ ଦଳଗୁଡ଼ିକ ନିଜର କଳା ପ୍ରଦର୍ଶନ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଏହି ପ୍ରତିଯୋଗିତାରେ ବଲାଙ୍ଗୀରର ମା’ ତାରିଣୀ ଦୁଲ୍‌ଦୁଲି ଦଳ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସମ୍ବଲପୁର ମିର୍ଗାମୁଣ୍ଡାର ମା’ ଦୁର୍ଗା ଦୁଲ୍‌ଦୁଲି ଦଳ ଦ୍ୱିତୀୟ ଏବଂ ସମ୍ବଲପୁରର ବିଦ୍ୟା ଦୁଲ୍‌ଦୁଲି ଦଳ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବିଜୟୀ ଦଳଗୁଡ଼ିକୁ ଯଥାକ୍ରମେ ୧୦ ହଜାର, ୭ ହଜାର ଓ ୫ ହଜାର ଟଙ୍କାର ପୁରସ୍କାର ରାଶି ସହ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସମ୍ମାନିତ କରାଯାଇଛି। ଏଥିସହ ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ଦଳକୁ ୨ ହଜାର ଟଙ୍କାର ସାନ୍ତ୍ୱନାମୂଳକ ପୁରସ୍କାର ଓ ଗସ୍ତ ଖର୍ଚ୍ଚ ପ୍ରଦାନ କରାଯାଇଛି। ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସଦସ୍ୟ ପ୍ରଫୁଲ୍ଲ ହୋତା ପରିଚାଳନା କରିଥିଲେ। ଅତିଥି ଭାବେ ଶ୍ୟାମ ସୁନ୍ଦର ଧର ଓ ହେମନ୍ତ ମହାପାତ୍ର ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। କପିଳେଶ୍ୱର ସାହୁ, କୃଷ୍ଣଚନ୍ଦ୍ର ବାଗ ଓ ରଞ୍ଜନ ସାହୁ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ଆଧୁନିକତା ମଧ୍ୟରେ ହଜିଯାଉଥିବା ଏହି ପାରମ୍ପରିକ କଳାକୁ ନୂତନ ପିଢ଼ିଙ୍କ ନିକଟରେ ପହଞ୍ଚାଇବା ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି ଟ୍ରଷ୍ଟବୋର୍ଡ ସଭାପତି ବାବୁ ମତବ୍ୟକ୍ତ କରିଛନ୍ତି। ଏଥିସହିତ ଶନିବାର ମନ୍ଦିର ପ୍ରାଙ୍ଗଣରେ ‘ସଂପ୍ରଦା’ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ଚାଷୀଙ୍କୁ ଦିଆଗଲା ସୌରଚାଳିତ ପାଣିପମ୍ପ

**ପଡ଼ିଆବାହାଲ,୨୦।୩(ରାଧାମୋହନ ଷଡ଼ଙ୍ଗୀ)**

ପରିବେଶରେ ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରି କୃଷିକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସେଲକୋ ଫାଉଣ୍ଡେସନ ଓଡିଶା, ଗ୍ରାମୀଣ ବ୍ୟାଙ୍କ ଏବଂ ନାବାର୍ଡର ମିଳିତ ସହଯୋଗରେ ଶୁକ୍ରବାର ଝୁଝୁମୁରା ବ୍ଲକ ଗଜେନ୍ଦୁପାଲି ପଞ୍ଚାୟତ ସବୁଜ ସନାତନପାଲି କୃଷକ ଉତ୍ପାଦକ ସଂଘର ୮ଚାଷୀଙ୍କୁ ସୌରପମ୍ପ ଯୋଗାଇ ଦିଆଯାଇଛି। ଏହି ଅବସରରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ କୃଷିଋଣ ସହାୟତା ଆଧାରରେ ଏବଂ ସେଲକୋ ଫାଉଣ୍ଡେସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଲୋକାର୍ପଣ ସମାରୋହ ସନାତନପାଲି ଠାରେ ଅନୁଷ୍ଠିତ ହୋଇଥିଲା। ଏ କାର୍ଯ୍ୟକ୍ରମରେ ଓଡିଶା ଗ୍ରାମୀଣ ବ୍ୟାଙ୍କ ସମ୍ବଲପୁର ଆଞ୍ଚଳିକ ମହାପ୍ରବନ୍ଧକ ଶୁଭଦ୍ରା ପ୍ରସାଦ ମହାନ୍ତି, ନାବାର୍ଡ ଜିଲା ଅଧିକାରୀ ଧିରେନ କୁମାର ଦାସ, ଗ୍ରାମୀଣ ବ୍ୟାଙ୍କ ବ୍ୟବସାୟ ମୁଖ୍ୟ ସ୍ୱରୂପ ସମ୍ପଦ ପୂଜାରୀ, ଶାଖା ପ୍ରବନ୍ଧକ ଅଭିଜିତ ମିଶ୍ର, ସେଲକୋ ଫାଉଣ୍ଡେସନ ର ଅବିନାଶ କୁମାର ପଣ୍ଡା, ସବୁଜ ସନାତନପାଲି କୃଷକ ଉତ୍ପାଦକ ସଂଘର ମନବୋଧ ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଉଦ୍‌ଯାପିତ

**ନାକଟିଦେଉଳ,୨୦।୩(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବଞ୍ଜାଗୋଳା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୧୮ରୁ ୩ଦିନ ଧରି ଆୟୋଜିତ ହୋଇଥିବା ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି କର୍ମଶାଳାରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ୩୦ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ଏହି କର୍ମଶାଳାରେ ସାଧନ କର୍ମୀ ଭାବେ ଶିକ୍ଷକ ଲୋକନାଥ ସାମଲ, ସୁବାସ ଚନ୍ଦ୍ର ନାୟକ, ସୁଜିତ କୁମାର ସାହୁ ଏବଂ ବସନ୍ତ କୁମାର ବିଶି ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ବଞ୍ଜାଗୋଳା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରଜଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ନାକଟିଦେଉଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ପାତ୍ର ଅତିଥି ଭାବେ ଯୋଗଦେଇ କର୍ମଶାଳାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ସହକାରୀ ଶିକ୍ଷକ ବାବୁଲାଲ ବିଶି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କଞ୍ଚନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଜିତେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ତେବେ ଏହି କର୍ମଶାଳାର ଉଦ୍‌ଯାପନୀ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ନାକଟିଦେଉଳ ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଦ୍ୟାଧର ରାଉତରାୟ, ଆକାଂକ୍ଷୀ ବ୍ଲକର ବ୍ଲକ ସଂଯୋଜକ କୃଷ୍ଣଚନ୍ଦ୍ର ପଣ୍ଡା ଏବଂ ଆରଡବ୍ଲୁଏସ୍‌ଏସ ବିଭାଗର ସହକାରୀ ଯନ୍ତ୍ରୀ ସାଇମନ ଟପୋ ପ୍ରମୁଖ ଯୋଗଦେଇଥିଲେ।

# ଅଭିଷେକ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍ ଉଦ୍‌ଘାଟିତ

**ସମ୍ବଲପୁର,୨୦।୩(ବି.ଶଙ୍କର)**

ସମ୍ବଲପୁର ଲକ୍ଷ୍ମୀନାରାୟଣ କ୍ରିକେଟ୍ କ୍ଲବ (ଏଲ୍‌ଏନ୍‌ସିସି) ଆନୁକୂଲ୍ୟରେ ଶୁକ୍ରବାର ୧୪ ତମ ଜିଲାସ୍ତରୀୟ ଅଭିଷେକ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ କମିଶନରର୍ସ କଲୋନୀ କ୍ରିକେଟ୍ କ୍ଲବ(ସିସିସିସି) ପଡ଼ିଆରେ ଅନୁଷ୍ଠିତ ଉତ୍ସବରେ ସମ୍ବଲପୁର କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ୩ଦିନିଆ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଲ୍‌ଏନ୍‌ସିସିର ସଭାପତି ତାପସ ପୂଝାରୀ ଓ ସମ୍ପାଦକ ସୁଶାନ୍ତ ମହାକୁଡ଼ଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ କବି ଡ. ଦୀପେନ କୁମାର ପଟ୍ଟନାୟକ ଯୋଗଦେଇ ପ୍ରତିଯୋଗିତାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହିତ ସ୍ୱର୍ଗତ ଅଭିଷେକଙ୍କ ଜୀବନ ତଥା କୃତୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରତିଯୋଗିତାର ପ୍ରତ୍ୟେକ ମ୍ୟାଚ ୭ ଓଭର ବିଶିଷ୍ଟ ହେବ। ଏଥିରେ ମୋଟ ୧୪ଟି ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ଦିବସରେ ୭ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଅମ୍ପେୟାର ଭାବେ ମୁକେଶ୍ ଦଳାଇ ଓ ହୃଷିକେଶ ସାହୁ ମ୍ୟାଚଗୁଡ଼ିକୁ ପରିଚାଳନା କରୁଛନ୍ତି। ଶନିବାର କ୍ୱାର୍ଟର ଫାଇନାଲ ଓ ରବିବାର ଉଭୟ ସେମିଫାଇନାଲ ଏବଂ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପଞ୍ଚ ପରିବର୍ତ୍ତନ ଯୋଜନା

**ସମ୍ବଲପୁର,୨୦।୩(ପ୍ରମୋଦ ବହିଦାର)**



ଖବରଦାତା ସମ୍ମିଳନୀରେ ଆର୍‌ଏସ୍‌ଏସ୍‌ର ସଂଘଚାଳକ ଓ ପ୍ରାନ୍ତ ପ୍ରଚାର ପ୍ରମୁଖ।

## ସମାଜ ଗଠନ ଓ ରାଷ୍ଟ୍ର ବିକାଶ ପାଇଁ ନୂତନ ସଙ୍କଳ୍ପ

ଆଗାମୀ ଦିନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍) ପକ୍ଷରୁ ସାମାଜିକ ସଂସ୍କାର ପାଇଁ ‘ପଞ୍ଚ ପରିବର୍ତ୍ତନ’ ଉପରେ ଗୁରୁତ୍ୱ ଦିଆଯିବ। ସେଥିମଧ୍ୟରେ ଭାରତୀୟଙ୍କ ମଧ୍ୟରେ ସ୍ୱଭାବର ବିକାଶ, ନାଗରିକ କର୍ତ୍ତବ୍ୟବୋଧ, ପରିବେଶ ସୁରକ୍ଷା, ପରିବାରକୁ ଏକ ଆଦର୍ଶ ବୈକୁଣ୍ଠ ସମାନ କରିବା ଏବଂ ସମାଜରେ ଜାତିଭେଦ ଭୁଲି ସମରସତା ସୃଷ୍ଟି କରିବା ପାଇଁ ସଂଘ ସଂକଳ୍ପବଦ୍ଧ ବୋଲି କହିଛନ୍ତି ସଂଘର ଓଡ଼ିଶା ପଶ୍ଚିମ ପ୍ରାନ୍ତର ସଂଘଚାଳକ ଡ. ସନାତନ ପ୍ରଧାନ। ସମ୍ବଲପୁର ସାମ୍ବାଦିକ ଭବନରେ ଶୁକ୍ରବାର ଆର୍‌ଏସ୍‌ଏସ୍ ଓଡ଼ିଶା ପଶ୍ଚିମ ପ୍ରାନ୍ତଃ ପକ୍ଷରୁ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଡ. ପ୍ରଧାନ ଆର୍‌ଏସ୍‌ଏସ୍ ସଂଘର ଭବିଷ୍ୟତ ଯୋଜନା ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଲେ, ଏଭଳି ସଂଘରେ ସଂସ୍କାର ବଜାୟ ରଖିବା ଲକ୍ଷ୍ୟରେ ପ୍ରତିବର୍ଷ ଅଖିଳ ଭାରତୀୟ ପ୍ରତିନିଧି ସଭା ଅନୁଷ୍ଠିତ ହୋଇଥାଏ। ଅନୁରୂପ ଭାବେ ଚଳିତବର୍ଷ ମଧ୍ୟ ମାର୍ଚ୍ଚ ୧୩ରୁ ୧୫ ପର୍ଯ୍ୟନ୍ତ ହରିୟାଣାର ସମଲଖାଠାରେ ଅଖିଳ ଭାରତୀୟ ପ୍ରତିନିଧି ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ହୋଇଥିବା ପ୍ରମୁଖ ନିଷ୍ପତ୍ତି ସମ୍ପର୍କରେ ସେ ସୂଚନା ଦେଇ କହିଲେ, ସର୍ବଦା ସ୍ୱଦେଶୀ ଭାବନାର ବିକାଶ, ନାଗରିକ କର୍ତ୍ତବ୍ୟ, ପରିବେଶ ସଂରକ୍ଷଣ, ପରିବାର ପ୍ରବୋଧନ ଆଦିକୁ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ସନ୍ଥ ରବିଦାସଙ୍କ ୬୫୦ତମ ଜୟନ୍ତୀ ବର୍ଷରେ ଜାତିଭେଦ ଦୂର କରି ଏକ ଶୃଙ୍ଖଳିତ ସମାଜ ଗଠନ କରିବା ସହ ଶତାବ୍ଦୀ ବର୍ଷରେ ସଂଘର ବିଚାରଧାରାର ପ୍ରସାର ସହିତ ଏହାକୁ ଘରେ ଘରେ ପହଞ୍ଚାଇବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ସେ ସୂଚନା ଦେଇଥିଲେ। ସେ ଆହୁରି କହିଲେ, ଚଳିତ ଶତାବ୍ଦୀ ବର୍ଷରେ ଗୃହ ସମ୍ପର୍କ, ହିନ୍ଦୁ ସମ୍ମିଳନୀ, ସଦ୍‌ଭାବନା ସଭା, ଯୁବ ସମ୍ମିଳନୀ ଆଦି ମାଧ୍ୟମରେ ସଂଘର ଏହି ବିଚାରଧାରାର ପ୍ରସାର ପାଇଁ ଲକ୍ଷ୍ୟ ରଖାଯାଇଛି। ସଂଘର ସହପ୍ରାନ୍ତ ପ୍ରଚାର ପ୍ରମୁଖ ପ୍ରଣବ ନାୟକ ଉପସ୍ଥିତ ଥିଲେ। ସଂଘର ମହାନଗର ପ୍ରଚାର ପ୍ରମୁଖ ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଗବେଷଣା ପାଇଁ ଉପଯୋଗୀ ହେବ ଇନ୍‌ଫ୍ଲିବନେଟର ସେଣ୍ଟର

**ସମ୍ବଲପୁର,୨୦।୩(ଭବାନୀ ଶଙ୍କର ଭୋଇ)**



ଇନ୍‌ଫ୍ଲିବନେଟ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଗବେଷକ।

## ଭିସୁଟରେ ସେବା ସମ୍ପର୍କିତ ଇନଫ୍ଲିବନେଟ ସଚେତନତା କାର୍ଯ୍ୟକ୍ରମ

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ର ପ୍ଲାଟିନମ ଜୁବିଲି ବର୍ଷ ଅବସରରେ ଶୁକ୍ରବାର ୱେବ ଆଧାରିତ ଗବେଷଣା ଏବଂ ସୂଚନା ପରିଚାଳନା ସେବା (ଇରିଇନ୍ସଏଚ ଇନଫ୍ଲିବନେଟ)ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଗୁଜରାଟ ଗାନ୍ଧୀନଗରର ୟୁଜିସି -ଇନଫ୍ଲିବନେଟର କେନ୍ଦ୍ର ଦ୍ୱାରା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଭିସୁଟର କୁଳପତି ପ୍ରଫେସର ଦିପକ କୁମାର ସାହୁ ଯୋଗଦେଇ ଉଦ୍‌ଘାଟନୀ ଅଭିଭାଷଣ ଦେଇଥିଲେ। ପ୍ରଫେସର ସାହୁ ବିଶ୍ୱବିଦ୍ୟାଳୟର ଗବେଷଣା କାର୍ଯ୍ୟରେ ୱେବ ଆଧାରିତ ଗବେଷଣା ଏବଂ ସୂଚନା ପରିଚାଳନା ସେବାର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୱେବ ଆଧାରିତ ଗବେଷଣା ଏବଂ ସୂଚନା ପରିଚାଳନା ସେବା କେନ୍ଦ୍ରର ପଲ୍ଲବ ପ୍ରଧାନ, ରାଜା ଭି. ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଭିସୁଟରେ ଏହାର ପ୍ରୟୋଗ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଗବେଷଣା ପାଇଁ ଆବଶ୍ୟକ ତଥ୍ୟ ଏବଂ ଏହାର ବିଶ୍ଳେଷଣ କ୍ଷେତ୍ରରେ ୱେବ ଆଧାରିତ ଗବେଷଣା ଏବଂ ସୂଚନା ପରିଚାଳନା ସେବାକୁ ଗବେଷକମାନେ ଏବଂ ଛାତ୍ରୀଛାତ୍ର ବେଶ ଉପଯୋଗ କରିପାରିବେ ବୋଲି ଅତିଥିମାନେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମ ପ୍ରଫେସର ଗଣେଶ୍ୱର ନାଥଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ସେ ୱେବ ଆଧାରିତ ଗବେଷଣା ଏବଂ ସୂଚନା ପରିଚାଳନା ସେବା ବିଷୟରେ ଅଧ୍ୟାପକ ଓ ଗବେଷକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଆଇକ୍ୟୁଏସିର ନିର୍ଦ୍ଦେଶକ ପ୍ରଫେସର ଶରତ କୁମାର ସ୍ୱାଇଁ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଆୟୋଜକ ସଚିବ ଡ. ଅର୍ଚ୍ଚିତା ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆବାହକ ଡ.ଜାହ୍ନବୀ ମେହେର, ଡ. ସୁଧାଂଶୁ ରଞ୍ଜନ ଦାସ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ସଫଳତାର ସହିତ ସମନ୍ୱୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୫୦ ଅଧ୍ୟାପକ, ଗବେଷକ ଓ ବିଭିନ୍ନ ସଂସ୍ଥାର ଅଂଶଗ୍ରାହୀ ଯୋଗଦେଇଥିଲେ। ଶେଷରେ ଡ. ସଂଘମିତ୍ରା ଜେନା ଧନ୍ୟବାଦ ଜ୍ଞାପନ କରିଥିଲେ।





# ଚତୁର୍ଥ ଦିନରେ ୩୮ ମିନିଟ୍

## ବାଚସ୍ପତିଙ୍କ ମାର୍ଶାଲ- ବିରୋଧୀ ମୁହାଁମୁହିଁ

### ଏସ୍‌ସିବିରେ ରୋଗୀ ମୃତ୍ୟୁ ପାଇଁ ପୂର୍ବ ସରକାର ଦାୟୀ: ଭାଜପା

ଭୁବନେଶ୍ୱର,୨୦।୩(ରବିନାରାୟଣ ଜେନା)

କଟକ ବଡ଼ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ଶୁକ୍ରବାର ମଧ୍ୟ ବିଧାନସଭାକୁ ଏକପ୍ରକାର ଅଚଳ କରିଦେଇଛନ୍ତି। ଏହି ପ୍ରସଙ୍ଗରେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ସରକାର ବିରୋଧୀ ବିଭିନ୍ନ ସ୍ଲୋଗାନ ଦେବା ସହିତ ବାଚସ୍ପତିଙ୍କ ପୋଡିୟମକୁ ବାଡ଼ାଇଥିଲେ। ଏହାସହିତ ବାଚସ୍ପତିଙ୍କ ଚୌକି ନିକଟକୁ ଯିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ଗୃହରେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହେବାରୁ ବାଚସ୍ପତି ସୁରମା ପାଢ଼ୀ ବିରୋଧୀ ସଦସ୍ୟଙ୍କୁ ନିଜ ଆସନକୁ ଯିବାକୁ ଅନୁରୋଧ କରିଥିଲେ। ମାତ୍ର ସେମାନେ କର୍ଣ୍ଣପାତ ନ କରି ପ୍ରବଳ ହଟ୍ଟଗୋଳ କରି ଚାଲିଥିଲେ। ଫଳରେ ପ୍ରଥମାର୍ଦ୍ଧରେ ଗୃହ ମାତ୍ର ୩୮ ମିନିଟ୍ ଚାଲିଥିଲା। ପ୍ରଶ୍ନକାଳରେ ୨୨ ମିନିଟ୍ ଏବଂ ଶୂନ୍ୟକାଳରେ ୧୬ ମିନିଟ୍ ଗୃହ ଚାଲିଥିଲା। ପରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକ ସଫଳ ନ ହେବାରୁ ଅପରାହ୍ନ ଗୋଟାଏରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

ଗୃହ କାର୍ଯ୍ୟ ଆରମ୍ଭ ହେବାମାତ୍ରେ ପ୍ରମୁଖ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକରି ଗୃହରେ ଏକପ୍ରକାର ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଥିଲେ। ଏହି ସମୟରେ ବାଚସ୍ପତିଙ୍କ ନିର୍ଦ୍ଦେଶ କ୍ରମେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ହେଲେ ବିରୋଧୀ ବିଜେଡିର ବରିଷ୍ଠ ସଦସ୍ୟ ବଦ୍ରିନାରାୟଣ ପାତ୍ର, ସାରଦା ପ୍ରସନ୍ନ ଜେନା, ରମେଶ ବେହେରା, ପ୍ରଶାନ୍ତ ବେହେରା, ଅରୁଣ ସାହୁ, ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ ଏବଂ କଂଗ୍ରେସ ସଦସ୍ୟ ନୀଳମାଧବ ହିକକା, ପବିତ୍ର ସାଉନ୍ତା, ଡା. ସିଏସ୍ ରାଜନ ଏକ୍କା, ସାଗର ଦାସ ପ୍ରମୁଖ ହଟ୍ଟଗୋଳ କରି ଚାଲିଥିଲେ। ପ୍ରବଳ ହଟ୍ଟଗୋଳ ଭିତରେ ମନ୍ତ୍ରୀ ଗଣ୍ଡ ୪୪ଲକ୍ଷ ୩୯ହଜାର ୬୦୨ ଛାତ୍ରୀଛାତ୍ରଙ୍କୁ ପୋଷାକ ବାବଦରେ ୧ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଉଛି ବୋଲି କହିଥିଲେ। କେଉଁ ଜିଲାରେ କେତେ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଉଛି ତା'ର ବିବରଣୀ ପ୍ରଦାନ କରିଥିଲେ। ସେହିପରି ଭାଜପା ସଦସ୍ୟ ମାନସ କୁମାର ଦତ୍ତଙ୍କ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରିତା ସମ୍ପର୍କରେ କହିବା ସହିତ ଫକୀର ମୋହନ ବିଶ୍ୱବିଦ୍ୟାଳୟକୁ 'ନାକ୍ ଏ' ମାନ୍ୟତା ପାଇଁ ସରକାରୀ ପଦକ୍ଷେପ ସମ୍ପର୍କରେ କହିଥିଲେ। ଏହି ସମୟରେ ବାଚସ୍ପତିଙ୍କ ପୋଡିୟମ ଉପରକୁ ଗୋଟିଏ ପଟେ କଂଗ୍ରେସ ଏବଂ ଅନ୍ୟପଟେ ବିଜେଡି ସଦସ୍ୟମାନେ ଉଠିବାକୁ ପ୍ରବଳ ଉଦ୍ୟମ କରିଥିଲେ। ବାଚସ୍ପତିଙ୍କ ମାର୍ଶାଲ ସେମାନଙ୍କୁ ଅଟକାଇବାରୁ ମୁହାଁମୁହିଁ ପର୍ଯ୍ୟନ୍ତ କଥା ଯାଇଥିଲା। ବିରୋଧୀଦଳ ସଦସ୍ୟମାନେ ସରକାର ବିରୋଧୀ ନାରା ଦେଇ ଗୃହରେ କମ୍ପମାନ କରିଥିଲେ। ☞ପୃଷ୍ଠା-୪



ପର୍ଯ୍ୟଟନ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ପାନ୍ଥନିବାସଠାରେ ଶୁକ୍ରବାର ଆୟୋଜିତ ରାଜ୍ୟସ୍ତରୀୟ 'ପଖାଳ ପରବ'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ଅନ୍ୟ ଅତିଥିମାନେ ପ୍ରସ୍ତୁତ ପଖାଳ ସହ ବିଭିନ୍ନ ପ୍ରକାରର ଓଡ଼ିଆ ବ୍ୟଞ୍ଜନ ଦେଖୁଛନ୍ତି।

## ସଂରକ୍ଷିତ ଅଞ୍ଚଳରେ ବନ୍ୟପ୍ରାଣୀଙ୍କ ବାସସ୍ଥଳୀ ନଷ୍ଟ ଅପରାଧ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୦।୩(ପି.ଟି.)

ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷା ପାଇଁ ରହିଛି ସଂରକ୍ଷିତ ଅଞ୍ଚଳ। ଏଠାରେ କୌଣସି ମାନବୀୟ କାର୍ଯ୍ୟକଳାପ ଯୋଗୁ ବନ୍ୟପ୍ରାଣୀଙ୍କ ବାସସ୍ଥଳ ନଷ୍ଟ ହେଲେ ତାହାକୁ ଅପରାଧ ଭାବେ ଗଣାଯିବ। ଏନେଇ ବିଭିନ୍ନ ଆଇନ ଅନୁଯାୟୀ ଦଣ୍ଡ ଓ ଜରିମାନା ବ୍ୟବସ୍ଥା କରାଯିବ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଜାତୀୟ ଚମ୍ବଲ ଅଭୟାରଣ୍ୟରେ ବ୍ୟାପକ ବେଆଇନ ବାଲି ଖନନ ଓ ଏହାଦ୍ୱାରା ବିରଳ ଜଳଚର ପ୍ରାଣୀଙ୍କ ବାସସ୍ଥଳୀ ନଷ୍ଟ ହେବା ଘଟଣାକୁ ସୁପ୍ରିମକୋର୍ଟ ଅତି ଗମ୍ଭୀରତାର ସହ ଗ୍ରହଣ କରି ଏଭଳି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି।

ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ସଂରକ୍ଷିତ ଅଞ୍ଚଳରେ ପ୍ରାକୃତିକ ପରିବେଶକୁ କ୍ଷତି ପହଞ୍ଚାଇବା ଦଣ୍ଡନୀୟ ଅପରାଧ ଏବଂ ଏଥିପାଇଁ ବିଭିନ୍ନ କଠୋର ଆଇନ ଅନୁଯାୟୀ ☞ପୃଷ୍ଠା-୪

## ଏୟାର ଇଣ୍ଡିଆ ପଠାଇଲା ଭୁଲ୍ ବିମାନ

ନୂଆଦିଲ୍ଲୀ,୨୦।୩

ନୂଆଦିଲ୍ଲୀରୁ କାନାଡାର ଭାଙ୍କୋଭର ଉଡ଼ାଣ ପାଇଁ ଏୟାରଇଣ୍ଡିଆ କର୍ତ୍ତୃପକ୍ଷ ଗୁରୁବାର ଭୁଲ୍ ବିମାନ ପଠାଇଥିଲେ। ସେହି ରୁଟ୍‌ରେ ଉଡ଼ିବା ପାଇଁ ଉକ୍ତ ବିମାନକୁ ମଞ୍ଜୁରୀ ମିଳି ନ ଥିଲା। ୯ ଘଣ୍ଟାର ଉଡ଼ାଣ ପରେ ଏହା ଜଣାପଡ଼ିବାରୁ ବୋଇଂ ୭୭୭ ଚାଇନା ଆକାଶରୁ ୟୁଟର୍ନ କରି ନୂଆଦିଲ୍ଲୀ ଫେରିଆସିଥିଲା। ଆବଶ୍ୟକ ଦସ୍ତାବିଜ ଓ ଅନୁମତି ନ ଥାଇ ବିମାନ ଉଡ଼ାଇବା ଏୟାର ଇଣ୍ଡିଆ ପାଇଁ ଏହା ପ୍ରଥମ ଘଟଣା ନୁହେଁ। ଗତବର୍ଷ ନଭେମ୍ବରରେ ଏୟାରବସ୍ ୮ଟି ବ୍ୟବସାୟିକ ଉଡ଼ାଣ ପାଇଁ ଏୟାରବସ୍ ଏ୩୨୦ନିଓ ବିମାନ ବ୍ୟବହାର କରିଥିଲା, ଯାହାର ବୈଧ ଉଡ଼ାଣଯୋଗ୍ୟ ବୈଧତା ପ୍ରମାଣପତ୍ର (ଏଆର୍‌ସି) ନ ଥିଲା। ଏହି ତ୍ରୁଟି ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ☞ପୃଷ୍ଠା-୪

## ଛାତ୍ରସଂସଦ ନିର୍ବାଚନ ପାଇଁ ସରକାର ସକାରାତ୍ମକ ଅଛନ୍ତି

ଭୁବନେଶ୍ୱର,୨୦।୩(ସୁଚିସ୍ମିତା ସାହୁ)

ଦୀର୍ଘବର୍ଷ ଧରି ରାଜ୍ୟର ସରକାରୀ ଓ ଘରୋଇ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଛି। ଛାତ୍ର ସଂସଦ ନିର୍ବାଚନ ପାଇଁ ବିଚାର ଚାଲିଛି। ବର୍ତ୍ତମାନର ସରକାର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିନାହାନ୍ତି। ସରକାର ନିର୍ବାଚନ କରିବା ପାଇଁ ସକାରାତ୍ମକ ଅଛନ୍ତି ବୋଲି ବିଧାନସଭାରେ ସଦସ୍ୟ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତର ରଖି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହା କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ୨୦୧୮ ମସିହାରୁ ଛାତ୍ରସଂସଦ ନିର୍ବାଚନ ବନ୍ଦ ରହିଛି। ନିର୍ବାଚନ ପାଇଁ ଶିକ୍ଷାନୁଷ୍ଠାନରେ ବିଶୃଙ୍ଖଳା ସୃଷ୍ଟି ହେବା ସହ ଶୈକ୍ଷିକ ବାତାବରଣ ନଷ୍ଟ ଓ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ☞ପୃଷ୍ଠା-୪










# ମହାନଦୀ ସୌନ୍ଦର୍ଯ୍ୟକରଣ ପାଇଁ ଖର୍ଚ୍ଚ ହେବ ୨୧୦କୋଟି

## ତୁରନ୍ତ କାର୍ଯ୍ୟ ଆରମ୍ଭ ଲାଗି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୩(ରବିନାରାୟଣ ଜେନା)

କଟକ ମହାନଦୀ କୂଳର ୪୨୬ ଏକର ଅଞ୍ଚଳକୁ ବିକଶିତ କରାଯିବ। ନାଶ୍‌ନାଲ ଗ୍ରୀନ୍ ଟ୍ରିବ୍ୟୁନାଲର ନିର୍ଦ୍ଦେଶ ଅନୁଯାୟୀ ୨୮୪ ଏକର ଅଞ୍ଚଳରେ ସବୁଜ ବଳୟ ସୃଷ୍ଟି କରାଯିବ ଏବଂ ଅବଶିଷ୍ଟ ୧୪୨ ଏକର ଅଞ୍ଚଳକୁ ପର୍ଯ୍ୟଟନ ଉପଯୋଗୀ କରାଯିବା ସହିତ ବିଭିନ୍ନ ଯାନିଯାତ୍ରା ପାଇଁ ଉପଯୋଗୀ କରାଯିବ। ଏଥିପାଇଁ ୨୧୦କୋଟି ଟଙ୍କା ଖର୍ଚ୍ଚ ହେବ। ଏହି କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ କଟକ ରିଭର ଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରି କହିଛନ୍ତି, ଏଥିରେ ଓଡ଼ିଶା ହାଟ, ହେରିଟେଜ ଭିଲେଜ, ପିକ୍‌ନିକ୍ ଏରିଆ, ଇଣ୍ଟରପ୍ରିଟେଶନ ସେଣ୍ଟର, ଫୁଡ୍ କୋର୍ଟ, ଲନ୍, ବଗିଚା, ମହାନଦୀ କୂଳ ସ୍ଥିତ ବିଭିନ୍ନ ୱାଟରବଡିର ସୌନ୍ଦର୍ଯ୍ୟକରଣ କରାଯିବ। ଏହି ପ୍ରକଳ୍ପକୁ ପର୍ଯ୍ୟଟକମାନଙ୍କ ପାଇଁ ଏକ ଜାତୀୟସ୍ତରର ଆକର୍ଷଣୀୟ କେନ୍ଦ୍ର ଭାବେ ଗଢ଼ି ତୋଳିବା ଆବଶ୍ୟକ ରହିଛି। ଏଥିପାଇଁ ଗୁଜରାଟର ସାବରମତୀ ଡିଜାଇନକୁ ଅନୁଧ୍ୟାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେହିପରି ମହାନଦୀ କୂଳ ସୁରକ୍ଷା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଯେଉଁ ନିର୍ମାଣ କାର୍ଯ୍ୟ ହେଉଛି, ସେହି ପ୍ରକଳ୍ପଗୁଡ଼ିକର ମଧ୍ୟ ସୌନ୍ଦର୍ଯ୍ୟକରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଏହି ପ୍ରକଳ୍ପଗୁଡ଼ିକ ନଦୀତଟକୁ ସୁରକ୍ଷା ଦେବା ସହିତ ପର୍ଯ୍ୟଟକମାନଙ୍କ ପାଇଁ ମଧ୍ୟ ଆକର୍ଷଣର କେନ୍ଦ୍ର ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ପର୍ଯ୍ୟାୟ କାମ ବେଳେ ଧବଳେଶ୍ୱର ମନ୍ଦିରର ସୌନ୍ଦର୍ଯ୍ୟକରଣ ସହିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ନିକଟସ୍ଥ ପଠାକୁ ବିକଶିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଅଧିକ ଆକର୍ଷଣୀୟ କରିବା ପାଇଁ ମହାନଦୀ ମଧ୍ୟରେ କ୍ରୁଜ ଚଳାଚଳ ବ୍ୟବସ୍ଥା କରିବା ଲାଗି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ଏ ସବୁ ସୌନ୍ଦର୍ଯ୍ୟକରଣ କାମ ପାଇଁ ଆବଶ୍ୟକ ହେଲେ ଅଧିକ ଅର୍ଥ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, ନିର୍ଦ୍ଦେଶକ ପୌର ପ୍ରଶାସନ ଅରିନ୍ଦମ ଡାକୁଆ, କଟକ ମହାନଗର ନିଗମ ଆୟୁକ୍ତ କିରଣଦୀପ୍ କୌର ପ୍ରମୁଖ ଉପସ୍ଥିତ ଥିଲେ।

# ୪୮ ଘଣ୍ଟିଆ ବାମନଘାଟି ଉପଖଣ୍ଡ ବନ୍ଦ



ଆଦିବାସୀ ଏକତା ମଞ୍ଚ ପକ୍ଷରୁ ରାଇରଙ୍ଗପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଗିରଫ ୩୪ ଆଦିବାସୀଙ୍କୁ ଖଲାସ ଦାବି

ବାରିପଦା/ରାଇରଙ୍ଗପୁର,୨୦।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ/ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ଚିଙ୍ଗି ଥାନା ଅଞ୍ଚଳର ଜଣେ ଆଦିବାସୀ ନାବାଳିକାଙ୍କୁ ଅସଦାଚରଣ ଘଟଣାରେ ଗତ ୧୩ ତାରିଖରେ ବହଳଦାଠାରେ ଜାତୀୟ ରାଜପଥ ଅବରୋଧ ବେଳେ ପୋଲିସ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ଉତ୍ତ୍ୟକ୍ତ ଲୋକେ ବହଳଦା ତହସିଲଦାରଙ୍କ ଗାଡ଼ି ଭଙ୍ଗାରୁଜା କରିବା ସହ ପୋଲିସକୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ୩୪ଜଣ ଆଦିବାସୀଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ତେବେ ଗିରଫ ସମସ୍ତ ଆଦିବାସୀଙ୍କୁ ନିର୍ଦ୍ଦୋଷରେ ଖଲାସକରିବା ଦାବିରେ ମୟୂରଭଞ୍ଜ ଆଦିବାସୀ ଏକତା ମଞ୍ଚ ଓ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ୪୮ ଘଣ୍ଟିଆ ବାମନଘାଟି ଉପଖଣ୍ଡ ବନ୍ଦ ପାଳନ କରାଯାଇଛି। ଶୁକ୍ରବାର ସକାଳ ୬ଟାରୁ ରବିବାର ସକାଳ ୬ଟା ପର୍ଯ୍ୟନ୍ତ ଦିଆଯାଇଥିବା ଏହି ବନ୍ଦ ଡାକରାର ପ୍ରଭାବ ପଡିଛି। ବନ୍ଦ ପାଳନକାରୀମାନେ ସକାଳୁ ବିଭିନ୍ନ ସ୍ଥାନରେ ପିକେଟିଂ କରି ବନ୍ଦ ସଫଳ କରାଇଥିଲେ। ରାଇରଙ୍ଗପୁର ଦେଇ ଯାଇଥିବା ରାଞ୍ଚି-ବିଜୟୱାଡା ୨୨୦ନଂ. ଜାତୀୟ ରାଜପଥ ଅବରୋଧ କରାଯିବା ଫଳରେ ଗାଡ଼ି ମଟର ଚଳାଚଳ ବନ୍ଦ ରହିଛି। ଅନ୍ୟପଟେ ରାଜପଥ ବନ୍ଦ ଯୋଗୁ ରାଇରଙ୍ଗପୁରରୁ ବାରିପଦାକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଟ୍ରକ୍, ବସ୍, ଚାରିଚକିଆ ଓ ତିନିଚକିଆ ଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ବସ୍ ଚଳାଚଳ ବନ୍ଦ ଯୋଗୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉପଖଣ୍ଡର ସମସ୍ତ ଦୋକାନ, ବଜାର, ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟ, ସ୍କୁଲ ଏବଂ କଲେଜ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଆଦିବାସୀ ସଂଗଠନଗୁଡ଼ିକ ବିଭିନ୍ନ ସ୍ଥାନରେ ପିକେଟିଂ କରି ବନ୍ଦ କରାଉଛନ୍ତି। ଏହି ବନ୍ଦକୁ ବିଜେଡି, ଜେଏମ୍ଏମ୍, କଂଗ୍ରେସ, ଆସେକା, ମାସା ଆର୍ମି, ଭଞ୍ଜ ଖେରୱାଲ ଜୁମିଦ ସମେତ ଅନ୍ୟାନ୍ୟ ଆଦିବାସୀ ସଙ୍ଗଠନ ସମର୍ଥନ କରିବା ସହ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି। ରାଇରଙ୍ଗପୁର ବିଜେଡି ଯୁବନେତା ତଥା ପୌର ପରିଷଦ ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ବ୍ଲକ୍ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମ, ଜେଏମ୍ଏମ୍ ଯୁବ ନେତା ସୁନୀଲ ମାଝୀ, ଆଦିବାସୀ ଆସେକା ସଂଗଠନର ସମ୍ପାଦକ ଜିତେନ୍ଦ୍ର ହାଁସଦା, ପୂର୍ବତନ କଂଗ୍ରେସ ବିଧାୟକ ଲକ୍ଷ୍ମଣ ମାଝୀ ପ୍ରମୁଖ ବନ୍ଦ ପାଳନର ନେତୃତ୍ୱ ନେଉଛନ୍ତି।

# ମହୁମାଛି ଭୟ: ୮୦ ଫୁଟ ଉଚ୍ଚ ପାଣିଟାଙ୍କି ଉପରେ ୪ ଘଣ୍ଟା

## ଆକ୍ରମଣରେ ୩ ଯୁବକ ଗୁରୁତର

ଉଦଳା,୨୦।୩(ସନ୍ତୋଷ କୁମାର ବାଛିନୀ)

ଓଭରହେଡ୍ ପାଣିଟାଙ୍କି ସଫା କରିବାକୁ ଆସିଥିଲେ। ହେଲେ ଉପରକୁ ଚଢ଼ିବା ସମୟରେ ଅଚାନକ ଆକ୍ରମଣ କଲେ ମହୁମାଛି। ଜୀବନ ବଞ୍ଚାଇ ୩ ଯୁବକ ଟାଙ୍କି ଉପରୁ ତଳକୁ ଓହ୍ଲାଇ ଆସିଥିବା ବେଳେ ଅନ୍ୟ ଜଣେ ୮୦ ଫୁଟ ଉଚ୍ଚରେ ଥିବା ପାଣିଟାଙ୍କି ଭିତରେ ୪ ଘଣ୍ଟା କାଳ ଫସିରହିଲେ। ମୟୂରଭଞ୍ଜ ଜିଲା ଉଦଳା ଏନ୍ଏସି ଅଧୀନ ୧ନଂ. ୱାର୍ଡରେ ଶୁକ୍ରବାର ଏଭଳି ଘଟଣା ଘଟିଛି। ମହୁମାଛି ଆକ୍ରମଣର ଶିକାର ହୋଇଥିବା ୩ ଯୁବକ ଗୁରୁତର ଅବସ୍ଥାରେ ଉଦଳା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି।



ସୂଚନା ଅନୁଯାୟୀ, ଉଦଳା ଏନ୍ଏସି ୧ନଂ. ୱାର୍ଡରେ ଥିବା ଏକ ଓଭରହେଡ୍ ପାଣିଟାଙ୍କି ସଫା କରିବା ନିମନ୍ତେ ବାଲେଶ୍ୱର ଜିଲା ମୋତିଗଞ୍ଜ ଅଞ୍ଚଳରୁ ହିମାଂଶୁ ଦାସ, ଜିତେନ୍ଦ୍ର ଜେନା, ସଞ୍ଜୟ କୁମାର ଜେନା ଏବଂ ବଳରାମ ଜେନା ଆସିଥିଲେ। ଏହି ୪ ଜଣ ଯୁବକ ପାଣିଟାଙ୍କି ଉପରକୁ ଚଢ଼ିବା ସମୟରେ ଅଚାନକ ପାଣିଟାଙ୍କି ଶିଡ଼ିରେ ହୋଇଥିବା ମହୁଫେଣାରୁ ବାଘୁଆ ମହୁମାଛି ଆକ୍ରମଣ କରିବା ଆରମ୍ଭ କରିଥିଲେ। ହିମାଂଶୁଙ୍କୁ ଛାଡ଼ି ଅନ୍ୟ ୩ଜଣ ଜୀବନ ବଞ୍ଚାଇ ତଳକୁ ଓହ୍ଲାଇ ଆସି ଗୁରୁତର ଅବସ୍ଥାରେ ପାଣିଟାଙ୍କି ତଳେ ପଡ଼ି ରହିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରିଥିଲେ। ଅନ୍ୟପକ୍ଷରେ ହିମାଂଶୁ ମହୁମାଛି ଆକ୍ରମଣରୁ ବର୍ତ୍ତିବା ପାଇଁ ଓଭରହେଡ୍ ପାଣିଟାଙ୍କି ଭିତରେ ପଶିଯାଇଥିଲେ। ୮୦ ଫୁଟ ଉଚ୍ଚରେ ଥିବା ପାଣିଟାଙ୍କି ଭିତରେ ପ୍ରାୟ ୪ ଘଣ୍ଟା କାଳ ଫସି ରହିଥିଲେ। ଖବରପାଇ ଉଦଳା ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷିତ ପୋଷାକ ପିନ୍ଧାଇ ହିମାଂଶୁଙ୍କୁ ଉଦ୍ଧାର କରି ତଳକୁ ଆଣିଥିଲେ।


# ଜେନ୍ ଜି ବନାମ ମିଲେନିଆଲ୍: ଲକ୍ଷ୍ୟ ଯଦି ଭିନ୍ନ, ନିବେଶର ଢଙ୍ଗ ସମାନ ହେବ କାହିଁକି?

ରିସ୍କ ଏବଂ ରିଟର୍ନ ମଧ୍ୟରେ ଏକ ଉପଯୁକ୍ତ ଭାରସାମ୍ୟ ବଜାୟ ରଖି ଆର୍ଥିକ ଲକ୍ଷ୍ୟ ପୂରଣ କରିବାରେ ମ୍ୟୁଚୁଆଲ୍ ଫଣ୍ଡ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏଏମ୍ଏଫ୍ଆଇ ଅନୁଯାୟୀ, ଗତ ଦୁଇ ବର୍ଷ ମଧ୍ୟରେ ଖୋଲାଯାଇଥିବା ନୂଆ ମ୍ୟୁଚୁଆଲ ଫଣ୍ଡ ଏସ୍ଆଇପି ଆକାଉଣ୍ଟଗୁଡ଼ିକ ମଧ୍ୟରୁ ୮୦% ରୁ ଅଧିକ ୩୫ ବର୍ଷରୁ କମ୍ ବୟସର ବ୍ୟକ୍ତିଙ୍କର ଅଟେ। ସେମାନଙ୍କ ପାଇଁ ନିବେଶ କେବଳ ଏକ ହବି ହୋଇ ନ ଥାଏ; ସେମାନେ ଦ୍ରୁତ ଗତିରେ ଧନ ଗଠନ କରିଥାନ୍ତି, ଆର୍ଥିକ ସ୍ୱାଧୀନତା ଖୋଜନ୍ତି ଏବଂ ପାରମ୍ପରିକ ଏଫ୍‌ଡି ଏବଂ ସୁନାରୁ ବହୁତ ଆଗକୁ ଚିନ୍ତା କରିଥାନ୍ତି।

କିନ୍ତୁ କଥା ହେଉଛି ଜେନ୍ ଜି ଏବଂ ମିଲେନିଆଲ୍ସ ସମାନ ଢଙ୍ଗରେ ନିବେଶ କରିବା ଉଚିତ୍ ନୁହେଁ। ବିଭିନ୍ନ ଜୀବନ ପର୍ଯ୍ୟାୟ, ଲକ୍ଷ୍ୟ ଏବଂ ରିସ୍କ ନେବାର ସାମର୍ଥ୍ୟ ଏହା ସୂଚାଇଥାଏ ଯେ, ଭାରତରେ ମ୍ୟୁଚୁଆଲ ଫଣ୍ଡ ଜେନ୍ ଜି ବ୍ୟକ୍ତିଙ୍କ ପାଇଁ ଉପଯୁକ୍ତ ହୋଇପାରେ କିନ୍ତୁ ମିଲେନିଆଲ୍ ବୃତ୍ତିଧାରୀଙ୍କ ପାଇଁ ହୁଏତ ତାହା ଏକ ଆଦର୍ଶ ପସନ୍ଦ ହୋଇ ନ ପାରେ।

### ଜେନ୍ ଜି ବନାମ ମିଲେନିଆଲ୍: ସେମାନେ କେଉଁ ପ୍ରକାରର ନିବେଶକ?

| ମାନଦଣ୍ଡ | ଜେନ୍ ଜି | ମିଲେନିଆଲ୍ |
|---|---|---|
| ଜନ୍ମ ବର୍ଷ | ୧୯୯୭-୨୦୧୨ (୨୦୨୬ରେ ବୟସ ~୨୧-୨୯) | ୧୯୮୧-୧୯୯୬ (୨୦୨୬ରେ ବୟସ ~୩୦-୪୫) |
| ନିବେଶ ସମୟ | ଦୀର୍ଘମିଆଦୀ (୨୫-୩୫+ ବର୍ଷ) | ମଧ୍ୟମରୁ ଦୀର୍ଘମିଆଦୀ (୧୦-୨୫ ବର୍ଷ) |
| ରିସ୍କ ନେବାର ସାମର୍ଥ୍ୟ | ଉଚ୍ଚ-ଇକ୍ୱିଟି ଓ ଗ୍ଲୋବାଲ ଫଣ୍ଡକୁ ନେଇ ସ୍ୱଚ୍ଛନ୍ଦ | ମଧ୍ୟମରୁ ଉଚ୍ଚ- ଐତିହାସିକ ରିଟର୍ନଯୁକ୍ତ ପାଣ୍ଠି ପସନ୍ଦ କରନ୍ତି |
| ପ୍ରାଥମିକ ଲକ୍ଷ୍ୟ | ଧନ ନିର୍ମାଣ, ଏଫ୍ଆଇଆର୍‌ଇ, ପ୍ରଥମ କାର/ଘର | ଅବସର, ପିଲାଙ୍କ ପାଠପଢ଼ା, ଆର୍ଥିକ ସ୍ଥିରତା |
| ମାସିକ ଆୟ | ପ୍ରାରମ୍ଭିକ ଆୟ, ଫ୍ରିଲାନ୍ସର୍, ପାର୍ଶ୍ୱ ଆୟ | ବେତନଭୋଗୀ ବୃତ୍ତିଧାରୀ, ଦ୍ୱୈତ ଆୟଧାରୀ ପରିବାର |
| ପସନ୍ଦର ଶୈଳୀ | ମୋବାଇଲ-ପ୍ରଥମ, ସୋସିଆଲ-ଫାଇନାନ୍ସ (ୟୁଟ୍ୟୁବ୍, ଇନ୍‌ଷ୍ଟା) | ଆପ୍/ୱେବ୍ ଆଧାରିତ, ରୋବୋ ଆଡଭାଇଜରଙ୍କ ବ୍ୟବହାର |
| ଆଚରଣ | ପରୀକ୍ଷାମୂଳକ, ଟେକ୍ ଓ ଟ୍ରେଣ୍ଡ ଅଭିମୁଖୀ | ରଣନୈତିକ, ଟିକସ-ଅନୁକୂଳ, ଲକ୍ଷ୍ୟ ଅଭିମୁଖୀ |

### ଜେନ୍ ଜିଙ୍କ ପାଇଁ ମ୍ୟୁଚୁଆଲ ଫଣ୍ଡ ବର୍ଗ

» **ଇଣ୍ଡେକ୍ସ ଫଣ୍ଡ:** ଏସ୍ଆଇପି ପାଇଁ ସର୍ବୋପଯୁକ୍ତ। ଏହା ନିଫ୍ଟି ୫୦ କିମ୍ବା ନିଫ୍ଟି ନେକ୍ସଟ୍ ୫୦ ଭଳି ସୂଚକାଙ୍କ ସହ ତାଳ ଦେଇ ଚାଲିଥାଏ ଓ ସ୍ୱଳ୍ପ ବ୍ୟୟ ଅନୁପାତ ସହ ଆସିଥାଏ। » **ଫ୍ଲେକ୍ସି-କ୍ୟାପ୍ ଫଣ୍ଡ:** ଲାର୍ଜ, ମିଡ୍ ଓ ସ୍ମଲ୍-କ୍ୟାପ୍ ଷ୍ଟକ୍ସରେ ନିବେଶ, ରିସ୍କ ପ୍ରବନ୍ଧନ ସହ ସୁଯୋଗକୁ ସନ୍ଧାନ କରିବାର ସ୍ୱାଧୀନତା। » **ଇଏଲ୍ଏସ୍ଏସ୍:** ୩-ବର୍ଷର ଲକ୍-ଇନ୍ ସହିତ ସେକ୍ସନ୍ ୮୦ ସି ଅଧୀନରେ ଟିକସ ଅବ୍ୟାହତି। ଚାକିରିରେ ନବନିଯୁକ୍ତଙ୍କ ପାଇଁ ଆଦର୍ଶ। » **ଥିମାଟିକ୍ ଓ ସେକ୍ଟରାଲ ଫଣ୍ଡ:** ଜେନ୍ ଜି ଏଆଇ, ବୈଦ୍ୟୁତିକ ଯାନ ଓ ଫିନଟେକ୍ ଭଳି ଭବିଷ୍ୟଧର୍ମୀ ଧାରଣା ସହ ଜଡ଼ିତ ହୋଇଥାନ୍ତି। ଏହି ଫଣ୍ଡଗୁଡ଼ିକ ସେମାନଙ୍କୁ ଉକ୍ତ ସେକ୍ଟରଗୁଡ଼ିକରେ ସିଧାସଳଖ ନିବେଶ କରିବାକୁ ଅନୁମତି ଦେଇଥାଏ। » **ଓଭରସିଜ୍ ମ୍ୟୁଚୁଆଲ ଫଣ୍ଡ:** ଏହି ଫଣ୍ଡଗୁଡ଼ିକୁ ଆପଲ୍, ଏନଭିଡିଆ ଏବଂ ଟେସ୍‌ଲା ଭଳି ବିଶ୍ୱର ବଡ଼ ବଡ଼ କମ୍ପାନୀରେ ନିବେଶ କରିବାର ସୁଯୋଗ ଦେଇଥାଏ।

### ମିଲେନିଆଲ୍ସଙ୍କ ପାଇଁ ମ୍ୟୁଚୁଆଲ ଫଣ୍ଡ ବର୍ଗ

» **ଲାର୍ଜ କ୍ୟାପ୍ ଫଣ୍ଡ:** ଭାରତର ଶ୍ରେଷ୍ଠ ୧୦୦ କମ୍ପାନୀରେ ନିବେଶ (ଯଥା- ରିଲାଏନ୍ସ, ଟିସିଏସ୍)। ଏଗୁଡ଼ିକ କମ୍ ଅସ୍ଥିରତା ସହ ସ୍ଥିର ରିଟର୍ନ ଦେଇଥାଏ। » **ମଲ୍ଟି-କ୍ୟାପ୍/ଫ୍ଲେକ୍ସି-କ୍ୟାପ୍ ଫଣ୍ଡ:** ଅତ୍ୟଧିକ ଆକ୍ରାମକ ନ ହୋଇ ଅଭିବୃଦ୍ଧି ଚାହୁଁଥିବା ମିଲେନିଆଲଙ୍କ ପାଇଁ ଆଦର୍ଶ। » **ହାଇବ୍ରିଡ୍ ଆଗ୍ରେସିଭ୍ ଫଣ୍ଡ:** ସାଧାରଣତଃ ଇକ୍ୱିଟିରେ ୬୫-୮୦% ଏବଂ ଡେବ୍ଟରେ ୨୦-୩୫%ରେ ନିବେଶ, ଯାହା ବଜାର ଅସ୍ଥିରତା ସମୟରେ ଆଶ୍ୱସ୍ତି ପ୍ରଦାନ କରିଥାଏ। » **ବାଲାନ୍ସଡ୍ ଆଡଭାଣ୍ଟେଜ୍ ଫଣ୍ଡ:** ଏଗୁଡ଼ିକ ବଜାର ପରିସ୍ଥିତି ଆଧାରରେ ଡାଇନାମିକ୍ ଭାବେ ଇକ୍ୱିଟି-ଡେବ୍ଟ ଆଲୋକେଶନକୁ ଆଡଜଷ୍ଟ କରିଥାଏ। » **ମିଡ୍ କ୍ୟାପ୍ ଫଣ୍ଡ:** ୭+ ବର୍ଷ ଦୂରରେ ଥିବା ଲକ୍ଷ୍ୟଗୁଡ଼ିକ ପାଇଁ ଉପଯୁକ୍ତ।


ସିଦ୍ଧାର୍ଥ ଦମାନି
ମୁଖ୍ୟ, ନିବେଶକ ଶିକ୍ଷା ଏବଂ ବିତରକ ବିକାଶ

### ଜେନ୍ ଜି ସଅଳ ନିବେଶ ଆରମ୍ଭ କରିବା କାହିଁକି ଉଚିତ୍?

ଧରନ୍ତୁ ଆପଣ ୨୦ ବର୍ଷ ବୟସରେ ୧୨%ର ବାର୍ଷିକ ରିଟର୍ନ ସହ ମାସିକ ୫୦୦୦ ଟଙ୍କା ନିବେଶ ଆରମ୍ଭ କଲେ। ଆପଣଙ୍କର ନିବେଶ ନିମ୍ନ ଅନୁଯାୟୀ ଅଭିବୃଦ୍ଧି ଲାଭ କରିବ:

| ନିବେଶ ଅବଧି | ମୋଟ ନିବେଶ | ଭବିଷ୍ୟତର ମୂଲ୍ୟ (ଆନୁମାନିକ) |
|---|---|---|
| ୧୦ ବର୍ଷ | ₹୬,୦୦,୦୦୦ | ₹୧୧.୬ ଲକ୍ଷ |
| ୨୦ ବର୍ଷ | ₹୧୨,୦୦,୦୦୦ | ₹୪୯.୯ ଲକ୍ଷ |
| ୩୦ ବର୍ଷ | ₹୧୮,୦୦,୦୦୦ | ₹୧.୭୬ କୋଟି |

ଏହା ହେଉଛି ଚକ୍ରବୃଦ୍ଧିର ଶକ୍ତି: ଆପଣଙ୍କ ଟଙ୍କା ରିଟର୍ନ ଅର୍ଜନ କରିଥାଏ, ପୁଣି ଅର୍ଜିତ ରିଟର୍ନ ଉପରେ ମଧ୍ୟ ରିଟର୍ନ ଅର୍ଜିତ ହୁଏ ଯାହାଦ୍ୱାରା ରିଟର୍ନର ଚକ୍ରବୃଦ୍ଧି ଘଟିଥାଏ।

### ଆପଣଙ୍କ ଏସ୍ଆଇପିକୁ ଅଧିକତମ କରିବା ପାଇଁ ଟିପ୍ସ

- ଯଥାସମ୍ଭବ ସଅଳ ନିବେଶ ଆରମ୍ଭ କରନ୍ତୁ: ଆପଣ ଯେତେ ଶୀଘ୍ର ଆରମ୍ଭ କରିବେ, ଚକ୍ରବୃଦ୍ଧିର ଲାଭ ସେତେ ବେଶି ହେବ।
- ପ୍ରତିବର୍ଷ ଏସ୍ଆଇପିର ପରିମାଣ ବଢ଼ାନ୍ତୁ: ଆପଣଙ୍କ ନିବେଶରେ ମାତ୍ର ୧୦% ବାର୍ଷିକ ବୃଦ୍ଧି ଆପଣଙ୍କ ରିଟର୍ନକୁ ସୁପରଚାର୍ଜ କରିପାରିବ।
- ନିବେଶକୁ ବଜାୟ ରଖନ୍ତୁ: ବଜାର ଅଧୋଃଗାମୀ ହେଲେ ଆତଙ୍କିତ ହୁଅନ୍ତୁ ନାହିଁ। ପ୍ରକୃତରେ ଏସ୍ଆଇପି ଅସ୍ଥିରତାରେ ସମୃଦ୍ଧ ହୋଇଥାଏ।
- ବିବିଧକରଣ କରନ୍ତୁ: ନିଜର ରିସ୍କ ଗ୍ରହଣ ସାମର୍ଥ୍ୟ ଆଧାରରେ ଇକ୍ୱିଟି, ଡେବ୍ଟ ଏବଂ ହାଇବ୍ରିଡ୍ ଫଣ୍ଡର ମିଶ୍ରଣ ବଜାୟ ରଖନ୍ତୁ।

**ଦାବିତ୍ୟାଗ:**
*ଏସ୍ଆଇପି: ଏସ୍ଆଇପି ଲାଭ କିମ୍ବା ନିମ୍ନମୁଖୀ ବଜାରରେ କ୍ଷତି ବିରୁଦ୍ଧରେ ସୁରକ୍ଷାର ଗ୍ୟାରେଣ୍ଟି ଦେଇ ନ ଥାଏ। ଦୃଷ୍ଟାନ୍ତ: ଅତୀତର ପ୍ରଦର୍ଶନ ଭବିଷ୍ୟତରେ ବଜାୟ ରହିପାରେ କିମ୍ବା ରହିନପାରେ। ଉପରେ ପ୍ରଦାନ କରାଯାଇଥିବା ଗଣନା ରିଟର୍ନର କଳ୍ପିତ ହାର ଉପରେ ଆଧାରିତ ଏବଂ ତାହା କେବଳ ଦୃଷ୍ଟାନ୍ତ ପାଇଁ ଉଦ୍ଦିଷ୍ଟ। ଉପରେ ଦର୍ଶାଯାଇଥିବା ଜାରିକର୍ତ୍ତାଗଣ / ଷ୍ଟକ୍ / ସେକ୍ଟରଗୁଡ଼ିକୁ ସୁପାରିସ ଭାବେ ବିବେଚନା କରାଯିବା ଉଚିତ ନୁହେଁ। ଫଣ୍ଡ ମ୍ୟାନେଜର(ମାନେ) ସମୟ ସମୟରେ ତାହାକୁ ଧାରଣ କରିବା କିମ୍ବା ନ କରିବା ପସନ୍ଦ କରିପାରନ୍ତି। ଦର୍ଶାଯାଇଥିବା ଯେକୌଣସି କମ୍ପାନୀ କିମ୍ବା ଗ୍ରୁପ୍‌ର ନାମ କେବଳ ଦୃଷ୍ଟାନ୍ତ ପାଇଁ ଉଦ୍ଦିଷ୍ଟ ଏବଂ ତାହା ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡ / ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ଏଏମ୍‌ସି ଲିଃର କୌଣସି ସମର୍ଥନ କିମ୍ବା ଅଙ୍ଗୀକରଣକୁ ସୂଚାଇ ନ ଥାଏ। ନିବେଶ ନିଷ୍ପତ୍ତି ନେବା ପୂର୍ବରୁ ଜଣେ ଆର୍ଥିକ ଉପଦେଷ୍ଟାଙ୍କ ସହ ପରାମର୍ଶ କରିବା ପାଇଁ ନିବେଶକମାନଙ୍କୁ ଉପଦେଶ ଦିଆଯାଉଛି।*
*ନିବେଶକ ଶିକ୍ଷା ଓ ସଚେତନତା ପାଇଁ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ଏକ ପ୍ରୟାସ।*
*ସମସ୍ତ ନିବେଶକଙ୍କୁ ଥରେ ଏକକାଳୀନ କେୱାଇସି (ନିଜ ଗ୍ରାହକଙ୍କୁ ଜାଣନ୍ତୁ) ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ। ନିବେଶକମାନେ କେବଳ ସେବି ସହ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ଉଚିତ। କେୱାଇସି ଉପରେ ଅଧିକ ସୂଚନା, ସେବି ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକର ତାଲିକା ଏବଂ ଅଭିଯୋଗ ନିରାକରଣ ପଦ୍ଧତିର ବିବରଣୀ ସମେତ ସେବି ସ୍କୋର୍ସ ପୋର୍ଟାଲ ବିଷୟରେ ଅଧିକ ଜାଣିବା ପାଇଁ ଏହି ଲିଙ୍କ୍ ପରିଦର୍ଶନ କରନ୍ତୁ: https://mutualfund.adityabirlacapital.com/Investor-Education/education/kyc-and-redressal।*
*ମ୍ୟୁଚୁଆଲ ଫଣ୍ଡ ନିବେଶଗୁଡ଼ିକ ବଜାରର କ୍ଷତିଭୟ ଅଧୀନ ଅଟେ, ଯୋଜନା ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ ଧ୍ୟାନପୂର୍ବକ ପଢ଼ନ୍ତୁ।*

Aditya Birla Sun Life Mutual Fund
ADITYA BIRLA CAPITAL
MUTUAL FUNDS


# ରାଜପଥରେ ଧାନବସ୍ତା ରଖି ଚାଷୀଙ୍କ ପ୍ରତିବାଦ


ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଚାଷୀମାନେ ଧାନବସ୍ତା ରଖି ଆନ୍ଦୋଳନ କରୁଛନ୍ତି।

- ତହସିଲଦାରଙ୍କ ଗାଡ଼ିକୁ ଛାଡ଼ିଲେନି
- ମଣ୍ଡିରେ ପଡ଼ିରହିଛି ୮ ହଜାର କୁଇଣ୍ଟାଲ
- ଧାନ ବିକି ପ୍ରାପ୍ୟ ପାଇନାହାନ୍ତି ଚାଷୀ

ତିହିଡ଼ି,୨୦।୩(ସଞ୍ଜିତ ବଳ)

ମିଲରଙ୍କ ଅସହଯୋଗରୁ ମଣ୍ଡିରେ ୮ ହଜାର କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନବସ୍ତା ପଡ଼ିରହିଛି। ଅପରପକ୍ଷେ ଧାନ ବିକିଥିବା ଚାଷୀମାନେ ଏଯାଏ ପ୍ରାପ୍ୟ ପାଇପାରି ନାହାନ୍ତି। ଏହାର ପ୍ରତିବାଦରେ ଚାଷୀମାନେ ଶୁକ୍ରବାର ସକାଳେ ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଚାରିତରଫ ସମବାୟ ସମିତି ମଣ୍ଡି ପାର୍ଶ୍ୱସ୍ଥ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଧାନବସ୍ତା ରଖି ଅବରୋଧ କରିଛନ୍ତି। ଏପରିକି ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକ ଉକ୍ତ ରାସ୍ତାରେ ଯାଉଥିବା ବେଳେ ଚାଷୀମାନେ ତାଙ୍କ ଗାଡ଼ିକୁ ଛାଡ଼ି ନ ଥିଲେ। ଚାଷୀମାନେ ତହସିଲଦାରଙ୍କ ଗାଡ଼ି ଆଗରେ ଶୋଇରହି ପ୍ରତିବାଦ ଜଣାଇଥିଲେ।

ପ୍ରକାଶ ଯେ, ଚାରିତରଫ ସମିତି ଅଧୀନରେ ୭୨୦ଜଣ ପଞ୍ଜୀକୃତ ଚାଷୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୫୨ଜଣ ଏଯାଏ ମଣ୍ଡିରେ ଧାନ ବିକିପାରି ନାହାନ୍ତି। ମଣ୍ଡି ସହ ୨ଟି ରାଇସ୍ ମିଲ୍ ଟ୍ୟାଗ୍ ହୋଇଥିବା ବେଳେ ଗତ ୧୫ଦିନ ମଧ୍ୟରେ ସେମାନେ ଆଦୌ ଧାନ ଉଠାଇ ନାହାନ୍ତି। ଫଳରେ ମଣ୍ଡି ସାମ୍ନାରେ ଖରା, କାକରରେ ୮ହଜାର କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନବସ୍ତା ପଡ଼ିରହିଛି। ସମିତିକୁ ମିଳିଥିବା ଟାର୍ଗେଟ୍ ପୂରଣ ହୋଇସାରିଥିବା ବେଳେ ଅଧିକ ୮ ହଜାର କୁଇଣ୍ଟାଲ ଟାର୍ଗେଟର ଆବଶ୍ୟକତା ଥିଲେ ମଧ୍ୟ ତାହା ପୂରଣ କରାଯାଉ ନାହିଁ। ଏପରି ଅବ୍ୟବସ୍ଥା ଯୋଗୁ ମଣ୍ଡିକୁ ଧାନ ଦେଇ ଚାଷୀମାନେ ପ୍ରାପ୍ୟ ମଧ୍ୟ ପାଇପାରି ନାହାନ୍ତି। ତେବେ ସମିତି ସଭାପତି, କର୍ମକର୍ତ୍ତା ଓ ଚାଷୀମାନେ ଏହି ସମସ୍ୟା ସମ୍ପର୍କରେ ଜିଲାପାଳ, ଅତିରିକ୍ତ ଜିଲାପାଳଙ୍କ ସମେତ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ସେମାନଙ୍କ ମଧ୍ୟରେ ପୁଞ୍ଜିଭୂତ ଅସନ୍ତୋଷ ଆନ୍ଦୋଳନର ରୂପ ନେଇଛି। ରାସ୍ତା ଅବରୋଧ ହେବାର ୩ ଘଣ୍ଟା ପରେ ତିହିଡ଼ି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଓ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରୀତିଶ ସାମଲ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ସମିତି ସଭାପତି ବସନ୍ତ କୁମାର ନାୟକ, ଚାଷୀନେତା ମୁକ୍ତିକାନ୍ତ ନାୟକ, ରାଜନଗର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଆନନ୍ଦ ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ସୁଦର୍ଶନ ବିଶ୍ୱାଳ, ବିଚିତ୍ର ବଳ, ସନ୍ଥ ଚରଣ ବିଶ୍ୱାଳ ପ୍ରମୁଖ ମଣ୍ଡିରେ ଉପୁଜିଥିବା ସମସ୍ୟା ଉପସ୍ଥାପନ କରିଥିଲେ। ଶୁକ୍ରବାର ୨ଟି ଓ ଅନ୍ୟଦିନରେ ଗୋଟିଏ ଲେଖାଏ ବଡ଼ ଟ୍ରକ୍ ସହାୟତାରେ ଧାନବସ୍ତା ଉଠାଯିବ। ଅଧିକ ଟାର୍ଗେଟ୍ ପ୍ରଦାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ଆଚାର୍ଯ୍ୟ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆଲୋଚନା ବେଳେ ପୀରହାଟ ଥାନା ଆଇଆଇସି ରୋଜାଲିନ ବେହେରା, ସମିତି ସମ୍ପାଦକ ମନୋରଞ୍ଜନ ବଳ, ପୂର୍ବତନ ସମ୍ପାଦକ ସୁଦର୍ଶନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।




"କବିମାନେ ମୃତ୍ୟୁ ଓ ବାହ୍ୟ ଦୁଃଖକଷ୍ଟକୁ ଖୁବ୍ ବଡ଼ କରି ଦେଖନ୍ତି। କିନ୍ତୁ ଏକମାତ୍ର କରୁଣ ନାଟକ ହେଲା ଅନ୍ତରାତ୍ମାର ବ୍ୟର୍ଥତା ଏବଂ ଏକମାତ୍ର ମହାକାବ୍ୟ ହେଲା– ଦେବତ୍ୱ ଦିଗରେ ମନୁଷ୍ୟର ବିଜୟୀ ଉତ୍ତରଣ।" –ଶ୍ରୀଅରବିନ୍ଦ



# ପ୍ରସ୍ତାବ ପ୍ରତ୍ୟାହାର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବେଳେବେଳେ ସରକାରୀ ନୀତିର ରହସ୍ୟମୟ ତଥା ବାଧାସୃଷ୍ଟିକାରୀ ନିଷ୍ପତ୍ତି ସମ୍ପର୍କିତ ଖବର ଦେଖିବାକୁ ମିଳେ। ତିନି ମାସ ମଧ୍ୟରେ ଭାରତର ସଂଶୋଧିତ ଭୂମିକମ୍ପ ଅଞ୍ଚଳ ନିର୍ଦ୍ଧାରଣ ବ୍ୟବସ୍ଥା ବା ପଦ୍ଧତି ପ୍ରତ୍ୟାହାର କରାଯିବା ହେଉଛି ଏପରି ଏକ ନିଷ୍ପତ୍ତି । ଏହି ନୀତି କମ୍ପନର କେନ୍ଦ୍ରରେ ଅଛନ୍ତି ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଖଟ୍ଟର। କିଛି ସମୟ ପାଇଁ, ଭାରତ ଭୂକମ୍ପ ବିପଦର ମୁକାବିଲା କ୍ଷେତ୍ରରେ ଏହାର ଆଭିମୁଖ୍ୟରେ ପରିବର୍ତ୍ତନ କରିବାକୁ ପ୍ରସ୍ତୁତ ଥିବା ପରି ମନେହେଉଥିଲା। ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ଦେଶର ଭୂକମ୍ପ ବିପଦ ଅଞ୍ଚଳର ମାନଚିତ୍ର ଏବଂ ବିଲ୍ଡିଂ କୋଡ୍ ବା ଗୃହ ନିର୍ମାଣ ମାନକକୁ ସଂଶୋଧନ କରିବାକୁ ପ୍ରସ୍ତାବ ମଧ୍ୟ ଦେଇଥିଲା। ଏହାର ଧାରଣା ଥିଲା ଭୂକମ୍ପ ବିପଦ ମୂଲ୍ୟାଙ୍କନ ପାଇଁ ଅଧିକ ଉନ୍ନତ ବୈଜ୍ଞାନିକ ପଦ୍ଧତି ଗ୍ରହଣ କରିବା ଏବଂ ବିଶେଷକରି ହିମାଳୟ କ୍ଷେତ୍ରରେ ଦୃଢ଼ ଗୃହ ନିର୍ମାଣ ମାନଦଣ୍ଡ ପ୍ରଚଳନ କରିବା। ତେବେ ଏହାକୁ ନେଇ ସରକାରୀ ମହଲରେ ଭୂକମ୍ପ ଆରମ୍ଭ ହୋଇଥିଲା ଏବଂ ଅନେକ ମନ୍ତ୍ରଣାଳୟ ଓ ଭିତ୍ତିଭୂମି ସଂସ୍ଥା ଆର୍ଥିକ ପ୍ରଭାବକୁ ସୂଚିତ କରିଥିଲେ। ଖଟ୍ଟରଙ୍କ ନିର୍ଦ୍ଦେଶରେ ଗୃହ ନିର୍ମାଣ ମନ୍ତ୍ରଣାଳୟ ସମସ୍ୟାଗୁଡ଼ିକୁ ସାମ୍ନାକୁ ଆଣିବାରେ ଆଗରେ ଥିବା ଜଣାପଡ଼ିଛି। ସଂଶୋଧିତ ଭୂକମ୍ପ ଅଞ୍ଚଳ ନିର୍ଦ୍ଧାରଣ ପ୍ରସ୍ତାବକୁ ପ୍ରତ୍ୟାହାର କରାଯିବା ସହ ବର୍ତ୍ତମାନ ପାଇଁ ପୂର୍ବ ବ୍ୟବସ୍ଥା ଜାରି ରହିଛି। ଏହାକୁ ନେଇ ଡେଭଲପର୍‌ମାନେ ଆଶ୍ୱସ୍ତ। ବାବୁମାନେ ଅନୁଭବ କରିପାରନ୍ତି ଯେ ସେମାନେ ଏକ ନିୟାମକ ବାଧାକୁ ଏଡ଼ାଇ ଦେଇଛନ୍ତି। କିନ୍ତୁ ବିପର୍ଯ୍ୟୟ ବିଶେଷଜ୍ଞମାନେ ଏଥିରେ ଖୁସି ନାହାନ୍ତି। ଭବିଷ୍ୟତରେ ହିମାଳୟ ଅଞ୍ଚଳରେ ଏକ ବଡ଼ ଧରଣର ଭୂମିକମ୍ପ ବିଷୟରେ ବୈଜ୍ଞାନିକମାନେ ବାରମ୍ବାର ଚେତାବନୀ ଦେଇଛନ୍ତି ; ଯାହା ପାଇଁ ଭୂକମ୍ପ କ୍ଷେତ୍ରର ସଂଶୋଧିତ ମ୍ୟାପ୍ ସହ ନିର୍ମାଣ ମାନଦଣ୍ଡ ସମାନ ଭାବେ ଆବଶ୍ୟକ ଥିଲା। ହେଲେ ଏହା ବଦଳରେ, ନୀତିଗତ ନିଷ୍ପତ୍ତି ତାହାକୁ ଅଟକାଇଦେଲା।

### ଏକ ବିଚିତ୍ର ଧାରା

ଭାରତରେ ବାବୁ ସାମ୍ରାଜ୍ୟ ଓ ଦାୟିତ୍ୱକୁ ନେଇ ନିୟମିତ ଭାବେ କିଛି ମାସ ଅନ୍ତରରେ ଏକ ମାମଲା ସାମ୍ନାକୁ ଆସେ, ଯାହା ଜଣଙ୍କୁ ଭାବିବାକୁ ବାଧ୍ୟ କରେ ଯେ ନିଲମ୍ବନ ପ୍ରକୃତରେ ଦଣ୍ଡ ନା କେବଳ ଏକ ଅସ୍ଥାୟୀ ବିରତି। ଏହାର ସଦ୍ୟତମ ଉଦାହରଣ ହେଉଛି ଉତ୍ତର ପ୍ରଦେଶରେ ଆଇଏଏସ୍ ଅଧିକାରୀ ଅଭିଷେକ ପ୍ରକାଶଙ୍କ ପୁନଃସ୍ଥାପନ । ଇନ୍‌ଭେଷ୍ଟ ୟୁପିର ସିଇଓ ଭାବରେ କାର୍ଯ୍ୟ କରିଥିବା ୨୦୦୬ ବ୍ୟାଚ୍‌ର ଏହି ଅଧିକାରୀଙ୍କ ବିରୋଧରେ ଗତବର୍ଷ ଏକ ସୌର ପ୍ରକଳ୍ପ ପାଇଁ ଲାଞ୍ଚ ମାଗୁଥିବା ଅଭିଯୋଗ ଆସିଥିଲା ଏବଂ ପରେ ତାଙ୍କୁ ନିଲମ୍ବନ କରାଯାଇଥିଲା। ଆଲ୍ଲାହାବାଦ ହାଇକୋର୍ଟ ତାଙ୍କ ବିରୋଧରେ କୌଣସି ପ୍ରାଥମିକ ପ୍ରମାଣ ନ ପାଇବା ପରେ ସେ ଏବେ ଚାକିରିକୁ ଫେରିଛନ୍ତି ଏବଂ ସରକାର କହିଛନ୍ତି, ବିଭାଗୀୟ ତଦନ୍ତ ଜାରି ରହିବ। ଝାଡ଼ଖଣ୍ଡ କ୍ୟାଡରର ଆଇଏଏସ୍ ଅଧିକାରୀ ପୂଜା ସିଂଘଲଙ୍କ ମାମଲା ଦେଖନ୍ତୁ। ଏମ୍‌ଜିଏନ୍‌ଆର୍‌ଇଜିଏ ପାଣ୍ଠିର ଆତ୍ମସାତ୍ ସହିତ ଜଡ଼ିତ ଏକ ମନି ଲଣ୍ଡରିଂ ତଦନ୍ତରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଗିରଫ ହୋଇ ସିଂଘଲ ପ୍ରାୟ ତିନି ବର୍ଷ ଜେଲରେ ରହିଥିଲେ। ୨୦୨୪ ଶେଷ ଭାଗରେ ସେ ଜାମିନ ପାଇବା ପରେ ଝାଡ଼ଖଣ୍ଡ ସରକାର ତାଙ୍କର ନିଲମ୍ବନ ପ୍ରତ୍ୟାହାର କରି ଚାକିରିରେ ପୁନଃସ୍ଥାପିତ କରିଥିଲେ। ତାଙ୍କ ବିରୋଧରେ ମଧ୍ୟ ବିଚାର ଚାଲିଛି। ଟେକ୍‌ନିକାଲ ଦୃଷ୍ଟିରୁ ଦେଖିଲେ ଏହା ମଧ୍ୟ ଠିକ୍। ଜାମିନ ମାନେ ଦୋଷୀ ସାବ୍ୟସ୍ତ ନୁହେଁ। ଉଭୟ କ୍ଷେତ୍ରରେ, ନିଲମ୍ବନ ଏକ ଗୁରୁତର ଶୃଙ୍ଖଳାଗତ ପଦକ୍ଷେପ ପରି ମନେହେଉନାହିଁ । ଯଦି ଗୁରୁତର ଅଭିଯୋଗ ସମ୍ବନ୍ଧୀୟ ମାମଲାରେ ପୁନଃସ୍ଥାପନ ନିୟମିତ ହୋଇଯାଏ, ତେବେ ସେହି ବିଶ୍ୱାସରେ କ୍ଷୟ ହେବାକୁ ଆରମ୍ଭ ହୋଇଯିବ।

### ଅଧିକାରୀଙ୍କୁ ସମାଲୋଚନା

ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ତାଙ୍କ ବାବୁମାନଙ୍କୁ ସର୍ବସମ୍ମୁଖରେ ଭର୍ତ୍ସନା କରିଛନ୍ତି। ଜିଲାପାଳ ଏବଂ ବରିଷ୍ଠ ଅଧିକାରୀମାନଙ୍କ ସହିତ ଏକ ବୈଠକରେ ସେ ଚେତାବନୀ ଦେଇଥିଲେ ଯେ ଅହଂକାର, ପ୍ରଶାସନିକ କଠୋରତା ଏବଂ କ୍ଷେତ୍ରକାର୍ଯ୍ୟରେ ଦୁର୍ବଳତାକୁ ସହ୍ୟ କରାଯିବ ନାହିଁ। ଏହା ସୂଚିତ କରିଥିଲା ଯେ ଏୟାରକଣ୍ଡିଶନ ଚାମ୍ବରରୁ ବାହାରକୁ ବାହାରି ଲୋକଙ୍କ କଥା ଶୁଣିବାକୁ ହେବ। ଅହଂକାର ଏବଂ କଠୋରତା ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଏକ ଗଭୀର ସାଂଗଠନିକ ଉତ୍ତେଜନାକୁ ସୂଚିତ କରେ। ବାବୁମାନଙ୍କୁ ନିୟମ ପାଳନ କରିବା ଏବଂ ନିରନ୍ତରତା ବଜାୟ ରଖିବା ପାଇଁ ତାଲିମ ଦିଆଯାଇଛି। ଅନ୍ୟପକ୍ଷରେ, ନେତାମାନେ କେତେ ଶୀଘ୍ର ଫଳାଫଳ ପ୍ରଦାନ କରନ୍ତି ତାହା ମଧ୍ୟ ବିଚାର କରାଯାଏ। ଯେତେବେଳେ ଶାସନ ମନ୍ଥର ହୁଏ, ପ୍ରତ୍ୟେକ ପକ୍ଷ ଅନ୍ୟ ପକ୍ଷକୁ ଦୋଷ ଦେବାକୁ ବାହାରି ଆସନ୍ତି। ତଥାପି ନାଇଡୁଙ୍କ ସମାଲୋଚନା ଏକ ଚେତାବନୀ ସଦୃଶ ଏବଂ ଅନେକ ସରକାରୀ କର୍ମଚାରୀ ଭଲ କାମ କରିବା ଉପରେ ଧ୍ୟାନ ଦେବେ। ଭାରତୀୟ ପ୍ରଶାସନିକ ବ୍ୟବସ୍ଥା ଏବେ ବି ବ୍ୟାପକ କ୍ଷମତାର ଅଧିକାରୀ, କିନ୍ତୁ ସହାନୁଭୂତି ବିନା ଅଧିକାର ଫିକା ପଡ଼ିଯାଇପାରେ। ନାଇଡୁଙ୍କ ଭର୍ତ୍ସନା ପ୍ରକୃତରେ ଆଚରଣରେ ପରିବର୍ତ୍ତନ ଆଣିବ କି ନାହିଁ ତାହା ଆଉ ଏକ ପ୍ରଶ୍ନ। ଅମଲାତନ୍ତ୍ର ବିଶୃଙ୍ଖଳା ପାଇଁ ଯେତିକି ଜଣାଶୁଣା, ସଂସ୍କାର ପ୍ରତି ମଧ୍ୟ ସେତିକି ସମର୍ପିତ। ଯଦି ମୁଖ୍ୟମନ୍ତ୍ରୀଙ୍କ ଗାଳି ଅଧିକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟାଳୟ ବାହାରକୁ ଯାଇ କ୍ଷେତ୍ରକାର୍ଯ୍ୟ କରିବାକୁ ପ୍ରେରଣା ଦିଏ, ତେବେ ତାହା ଏତେ ଖରାପ କଥା ହୋଇ ନ ପାରେ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | 2 | 5 | | | |
| 6 | | | 1 | | | 9 | | |
| 4 | | | | 6 | | | | |
| | | | | | | 8 | 2 | |
| | | | 4 | | | | | |
| 1 | 9 | | 7 | | 2 | | | |
| | 5 | | | | | 1 | | |
| | 7 | | | | 9 | | 5 | 6 |
| | | 1 | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 3 | 5 | 7 | 6 | 8 | 1 | 4 |
| 7 | 1 | 6 | 4 | 3 | 8 | 5 | 9 | 2 |
| 5 | 8 | 4 | 2 | 1 | 9 | 6 | 3 | 7 |
| 8 | 3 | 2 | 7 | 9 | 1 | 4 | 6 | 5 |
| 1 | 5 | 7 | 6 | 2 | 4 | 9 | 8 | 3 |
| 4 | 6 | 9 | 8 | 5 | 3 | 2 | 7 | 1 |
| 3 | 4 | 1 | 9 | 6 | 5 | 7 | 2 | 8 |
| 2 | 9 | 8 | 1 | 4 | 7 | 3 | 5 | 6 |
| 6 | 7 | 5 | 3 | 8 | 2 | 1 | 4 | 9 |

ଗତକାଲିର ଉତ୍ତର

# ଆକାଶ ଛାତ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଘର ତିଆରି କରିବାବେଳେ ଆମେ ଖରା, ବର୍ଷା, ଶୀତ ଓ ଅନ୍ୟାନ୍ୟ ଆପଦ ବିପଦରୁ ରକ୍ଷା ପାଇବା ପାଇଁ ଛାତଟିଏ ନିର୍ମାଣ କରୁ। ଘର ପାଇଁ ଛାତ ଯାହା, ପୃଥିବୀ ପାଇଁ ଆକାଶ ତାହା। ଅବଶ୍ୟ ଆକାଶ ସଦୃଶ ଛାତ ପାଇଁ ଖମ୍ବ ବା କାନ୍ଥ ନ ଥାଏ। ଏହି ଅଭାବ ପ୍ରକୃତି ପୂରଣ କରିଥାଏ। ପ୍ରାଚୀନ କାଳରୁ ବହୁ ଶାସ୍ତ୍ରଜ୍ଞ ଆକାଶ ସମ୍ବନ୍ଧରେ ଏମିତି ଏକ ଧାରଣା ପୋଷଣ କରିଛନ୍ତି। ଉଦାହରଣଭାବେ ଆନୁମାନିକ ୧୩୦୦ ଖ୍ରୀଷ୍ଟାବ୍ଦରେ ସିରିଆରେ ଜନ୍ମିତ ଲୋକପ୍ରିୟ, ବିଶ୍ୱସନୀୟ ଆରବ ବିଦ୍ୱାନ ଓ ଐତିହାସିକ ଇବାନ କସୀରଙ୍କ କୋରାନ – ଆଧାରିତ ବ୍ୟାଖ୍ୟା ଉପସ୍ଥାପନ କରାଯାଇପାରେ, ଯେଉଁଥିରେ ଉଲ୍ଲେଖ କରାଯାଇଛି, ଆକାଶ ହେଉଛି ପୃଥିବୀ ସକାଶେ ଏକ ସୁରକ୍ଷିତ ଓ ସଂରକ୍ଷିତ ଛାତ। ତେବେ ଏହି ପ୍ରକାର ଚିରାଚରିତ ଧାରଣା କେତେଦୂର ଠିକ ?

ଏହି ଉକ୍ତିର ତର୍ଜମା କରାଯାଇପାରେ। ବୈଜ୍ଞାନିକ ମତାନୁଯାୟୀ ଆକାଶ ହେଉଛି ପୃଥିବୀର ବାୟୁମଣ୍ଡଳ, ମେଘ ଉପରିସ୍ଥ ନୀଳଦୃଶ୍ୟ ଏବଂ ସୂର୍ଯ୍ୟ, ନକ୍ଷତ୍ର ପରି ଅଗଣିତ ଖଗୋଳୀୟ ପିଣ୍ଡ, ଯାହା କି ଭୂପୃଷ୍ଠରୁ ଊର୍ଦ୍ଧ୍ୱକୁ ଚାହିଁଲେ ଦେଖାଯାଏ। ମୋଟାମୋଟି ଭାବେ ବାୟୁମଣ୍ଡଳ ହେଉଛି ବିସ୍ତୃତ ଆକାଶର ଏକ ନିମ୍ନସ୍ଥ ଅଂଶ। ଉକ୍ତ ବାୟୁମଣ୍ଡଳ ବାସ୍ତବରେ ପୃଥିବୀରେ ଜୀବନ ରକ୍ଷା ପାଇଁ ଅତ୍ୟାବଶ୍ୟକ। ସୂର୍ଯ୍ୟରୁ ଆସୁଥିବା ହାନିକାରକ ଅତିବାଇଗଣୀ ରଶ୍ମି ଶୋଷଣ କରି ଆମକୁ ଚର୍ମ କର୍କଟ ରୋଗରୁ ବାଏ। ପୃଥିବୀକୁ ଜାକେଟ ପରି ଆବୃତ୍ତ ହୋଇଥିବାରୁ ଦିନବେଳର ଅତ୍ୟଧିକ ଗରମ ଓ ରାତିର ଥଣ୍ଡାକୁ ନିୟନ୍ତ୍ରଣାଧୀନ କରିଥାଏ। ପୁଣି ପୃଥିବୀରେ ଜଳର ସନ୍ତୁଳନ ପାଇଁ ବର୍ଷାପାତ ସକାଶେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସର୍ବୋପରି ଆମ ନିଃଶ୍ୱାସ ପ୍ରଶ୍ୱାସ ପାଇଁ ଖୋରାକ ଯୋଗାଏ।

ତଥାପି ସୁରକ୍ଷା କବଚ ଭାବେ ଏହା ସମ୍ପୂର୍ଣ୍ଣ ତ୍ରୁଟିହୀନ ନୁହେଁ। ଘର ପାଇଁ ଛାତଟିଏ ଗଢ଼ିଦେଲେ ମଧ୍ୟ ଏଥିରେ ଆମେ ଅଭାବ ଓ ଅସାମର୍ଥ୍ୟ ଦେଖୁ। କେତେକ କ୍ଷେତ୍ରରେ ଶତ୍ରୁପକ୍ଷର ଆକ୍ରମଣ ରୋକିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା ଦରକାର। ଯଥା– ପ୍ରତିପକ୍ଷର ମୂଳ ଆଶଙ୍କା ଅହରହ ରହିଥିବାରୁ ଇସ୍ରାଏଲ ଏକ ଅତ୍ୟାଧୁନିକ ମୋବାଇଲ ଏୟାର ଡିଫେନ୍ସ ସିଷ୍ଟମ ପ୍ରତିଷ୍ଠା କରିଛି, ଯାହା ଲୌହ ଗମ୍ବୁଜ (ଆଇରନ ଡ୍ରୋନ) ଭାବେ ପରିଚିତ। ବର୍ତ୍ତୁଳାକାର ଏହି ଛାତଟି ପ୍ରତିଦିନ ଚବିଶ ଘଣ୍ଟା କାର୍ଯ୍ୟକ୍ଷମ ରହିଥାଏ। ଏହି ପ୍ରତିଷେଧକ ବ୍ୟବସ୍ଥା ଚାରିରୁ ସତୁରି କିଲୋମିଟର ଦୂରତା ମଧ୍ୟକୁ ଅନୁପ୍ରବେଶ କରୁଥିବା ଶତ୍ରୁପକ୍ଷର ରକେଟ, ମିସାଇଲ, ଡ୍ରୋନ, ତୋପ କମାଣକୁ ବାୟୁରେ



ଧ୍ୱଂସ କରିଦିଏ। ତେଣୁ ଘରର ଛାତ ପାଇଁ ମଧ୍ୟ ଅତିରିକ୍ତ ଛାତର ଆବଶ୍ୟକତା ଦେଖାଦିଏ।

ବାୟୁମଣ୍ଡଳର ଉପସ୍ଥିତି ତଥା ପୃଥିବୀର ଚୁମ୍ବକତ୍ୱ ସତ୍ତ୍ୱେ ପୃଥିବୀ ପ୍ରତି ମହାକାଶଜନିତ ବସ୍ତୁ ଯୋଗୁ ବିପଦ ରହିଛି। ଉଦାହରଣ ଭାବେ କ୍ଷୁଦ୍ରଗ୍ରହ ବା ଗ୍ରହାଣୁ। ଏତଦ୍‌ବ୍ୟତୀତ ଉଲ୍‌କାଖଣ୍ଡ, ଯାହା ଏକ ଉତ୍ତପ୍ତ ପ୍ରସ୍ତର ବା ଧାତୁ। ଏହା ମହାକାଶରୁ ଭୂପତିତ ହୋଇଥାଏ। ଏହି ଦୁଇଟି ବସ୍ତୁ ମଧ୍ୟରେ ପ୍ରଭେଦ ରହିଛି। ଗ୍ରହାଣୁ ମୁଖ୍ୟତଃ ମଙ୍ଗଳ ଓ ବୃହସ୍ପତି ଗ୍ରହ ମଧ୍ୟରେ ସୂର୍ଯ୍ୟକୁ ପରିକ୍ରମା କରୁଥିବା ଗୋଟିଏ ବଡ଼ ବସ୍ତୁ। ଏହାର ଆକାର ଅଳ୍ପ କିଛି ମିଟରଠାରୁ ଆରମ୍ଭ କରି ଶହ ଶହ କିଲୋମିଟର ବିଶିଷ୍ଟ ହୋଇପାରେ।

ଉଭୟ ଜନ୍ମ ସ୍ଥାନ ଓ ଆକାର ଦୃଷ୍ଟିରୁ ଉଲ୍‌କାପିଣ୍ଡ ଓ ଗ୍ରହାଣୁ ମଧ୍ୟରେ ଫରକ ରହିଛି। ଉଲ୍‌କା ଅନ୍ତରୀକ୍ଷରୁ ପୃଥିବୀ ଆଡ଼କୁ ଆସେ। ଆମ ବାୟୁମଣ୍ଡଳରେ ପ୍ରବେଶ କରିବା ପରେ ଏହା ଘର୍ଷଣ ଯୋଗୁ ସାଧାରଣତଃ ଜଳି ନଷ୍ଟ ହୋଇଯାଏ। ତଥାପି ବେଳେବେଳେ ଏହାର କିଛି ଅଂଶ ଭୂପତିତ ହୁଏ। ଏହା ବସ୍ତୁତଃ ଉଲ୍‌କାପିଣ୍ଡ ବା ଖଣ୍ଡ ଭାବେ ନାମିତ। ଏଥିରୁ ସ୍ପଷ୍ଟ ହୁଏ ଯେ, ଉଲ୍‌କାର ଅବସ୍ଥିତି ହେଉଛି ବାୟୁ ମଣ୍ଡଳରେ ଏବଂ ସେଠାରେ ତାହା ବାଷ୍ପୀଭୂତ ହୋଇଯାଏ। କିନ୍ତୁ ଉତ୍ତପ୍ତ ଅବସ୍ଥାରେ ଏଥିରୁ ଖସି ଆସିଥିବା ଉଲ୍‌କାଖଣ୍ଡ ନିମ୍ନଗାମୀ ଭୂପୃଷ୍ଠରେ ଅବସ୍ଥାନ କରିଥାଏ। ଉଲ୍‌କାକୁ ବେଳେବେଳେ ମହାକାଶୀୟ ଜ୍ୱଳନ ଶିଳା (ବର୍ଣ୍ଣିଂ ସ୍ପେସ ରକ ବା ଶୁଟିଂ ଷ୍ଟାର) ବୋଲି ବିବେଚିତ କରାଯାଏ।

ଗ୍ରହାଣୁ କିପରି ଧ୍ୱଂସ ସାଧନ କରେ, ତା'ର ଉଦାହରଣ ୧୯୦୮ରେ ରୁଷିଆର ସାଇବେରିଆ ଅଞ୍ଚଳସ୍ଥିତ ଟୁଙ୍ଗୁସ୍କାର ଘଟଣାରୁ ପ୍ରାପ୍ତ ହୁଏ। ସେତେବେଳେ ବାୟୁମଣ୍ଡଳରେ ଏକ ପ୍ରଚଣ୍ଡ ବିସ୍ଫୋରଣ ଘଟି ସେଠାକାର ୨୦୦୦ ବର୍ଗ କିଲୋମିଟର ବନାଞ୍ଚଳ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଥିଲା। ଏଥିପାଇଁ ପଚାଶରୁ ଷାଠିଏ ମିଟର ଚଉଡ଼ା ବିଶିଷ୍ଟ ଅନ୍ତରୀକ୍ଷ ଶିଳାକୁ ଦାୟୀ କରାଯାଇଛି। ଏହି ଭୟାନକ ବିସ୍ଫୋଟ ହିରୋସୀମାରେ ପଡ଼ିଥିବା ବୋମାଠାରୁ ହଜାରରୁ ଦୁଇହଜାର ଗୁଣ ଅଧିକ ଶକ୍ତିଶାଳୀ ବୋଲି ଆକଳନ କରାଯାଇଛି। ତତ୍‌ଜନିତ ଆଲୋକ ଓ ଧ୍ୱନି ହଜାରେ କିଲୋମିଟର ପର୍ଯ୍ୟନ୍ତ ପ୍ରଭାବ ବିସ୍ତାର କରିଥିଲା। ଅବଶ୍ୟ ଏହାର ପତନ ସ୍ଥଳ ଭୂପୃଷ୍ଠରେ ନ ଥିଲା। ବାୟୁମଣ୍ଡଳରେ ସଂଘଟିତ ଏହି ଘଟଣାର କାରଣ ଭାବେ କ୍ଷୁଦ୍ର ଗ୍ରହ ଅଥବା ବୃହତ୍ ମେଟିରଏଡକୁ (ପଥୁରିଆ ଓ ଧାତବ ପିଣ୍ଡ) ଚିହ୍ନଟ କରାଯାଇଛି।

ଉଲ୍‌କାରୁ ଉଦ୍‌ଭବ ଉଲ୍‌କାଖଣ୍ଡ (ମେଟିଓରାଇଟ) ଜନିତ କ୍ଷୟକ୍ଷତି ୨୦୧୩ ଫେବୃୟାରୀ ୧୫ରେ ରୁଷିଆ ଚେଲ୍ୟାବିନ୍‌ସ୍କ ସହରର ଘଟଣାରୁ ଜଣାପଡ଼େ। ଏହାର ଚଉଡ଼ା ପ୍ରାୟ ୨୦ ମିଟର ଓ ଓଜନ ୧୪,୦୦୦ ଟନ। ଉକ୍ତ ସହରର ୩୦ କିଲୋମିଟର ଉପରିସ୍ଥ ବାୟୁମଣ୍ଡଳରେ ବିସ୍ଫୋରଣ ଯୋଗୁ ସାତ ହଜାରରୁ ଅଧିକ ଘର କ୍ଷତିଗ୍ରସ୍ତ ଓ ପ୍ରାୟ ପନ୍ଦର ଶହ ଲୋକ ମୃତାହତ ହେଲେ।

ପୂର୍ବ ବର୍ଣ୍ଣିତ ୧୯୦୮ର ବିସ୍ଫୋରଣ ଅପେକ୍ଷା ୨୦୧୩ର ବିସ୍ଫୋରଣ ବିଶ୍ୱବାସୀଙ୍କୁ ଅଧିକ ଚିନ୍ତାଗ୍ରସ୍ତ କଲା। ୧୯୦୮ ଘଟଣାରେ ଅଧିକ ଓଜନିଆ ପିଣ୍ଡ ସଂପୃକ୍ତ ଥିଲା। ତେଣୁ ଏହାର ଭୟାବହତା ଅଧିକ ହେବା ସ୍ୱାଭାବିକ। କିନ୍ତୁ ପରବର୍ତ୍ତୀ ଘଟଣାଟିରେ ଗୋଟିଏ କ୍ଷୁଦ୍ର ଉଲ୍‌କାପିଣ୍ଡ ବିସ୍ଫୋରକ ଭାବେ କାର୍ଯ୍ୟ କଲା। ତେଣୁ ଲୋକେ ଭାବିଥିଲେ ଯେ, ଏଥିଯୋଗୁ କ୍ଷୟକ୍ଷତି ନଗଣ୍ୟ ହେବ। କିନ୍ତୁ ବାସ୍ତବରେ ଜଣାପଡ଼ିଲା, ସମ୍ଭାବନାଠାରୁ ଏହା ବହୁ ଗୁଣ ଅଧିକ ଭୟାନକ। ବିଶେଷ ଭାବେ ଜନବସତିରେ ଏହା ଭୂପତିତ ହେବାରୁ ଲୋକମାନଙ୍କୁ ସଚେତନ କରାଇଲା ଯେ, ଏହାକୁ ଅଣଦେଖା କରିବା ପ୍ରମାଦପୂର୍ଣ୍ଣ। ଏହା ଗୋଟିଏ ଚେତାବନୀ ପରି କାର୍ଯ୍ୟ କଲା। ବାସ୍ତବିକ ଛୋଟ ସାପର ବିଷ କମ୍ ଉତ୍କଟ ନୁହେଁ!

ଆଗରୁ ଚିନ୍ତା କରାଯାଉଥିଲା ଯେ, କୋଡ଼ିଏ ମିଟରର କମ୍ ଚଉଡା ଗ୍ରହାଣୁ ଛୋଟ ବୋଲି କମ୍ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହା ବସ୍ତୁତଃ ୫୦୦ କିଲୋଟନ ବିସ୍ଫୋରଣ ସହ ସମାନ, ଯାହା ହିରୋସୀମା ବୋମାଠାରୁ ତିରିଶ ଗୁଣ ଅଧିକ ଶକ୍ତିଶାଳୀ।

ତେଣୁ ବିଶ୍ୱସ୍ତରରେ ନାସା ପ୍ଲାନେଟର – ଡିଫେନ୍ସ ଏକସରସାଇଜ ନାମକ ଏକ କାର୍ଯ୍ୟକ୍ରମ ଆରମ୍ଭ କଲା। ତତ୍‌ସହ ଏକସନ ଟିମ ଆନ ନିଏର ଆର୍ଥ ଅବଜେକ୍ଟସ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚିତ ହେଲା।

ଲୋକେ ହୃଦୟଙ୍ଗମ କଲେ ଯେ, ଅନ୍ତରୀକ୍ଷ ଏକ ଶାନ୍ତ ସ୍ଥାନ ନୁହେଁ। ଏହା ପ୍ରାକୃତିକ ଉପଦ୍ରବରୁ ମୁକ୍ତ ନୁହେଁ। ଘରର ଛାତକୁ ଶକ୍ତ ରଖିବାକୁ ଆମେ ଯେମିତି ଯତ୍ନଶୀଳ ହେବା, ସେମିତି ଆକାଶ ଛାତ ତଳେ ନିରାପଦରେ ରହିବାକୁ ଆନ୍ତର୍ଜାତିକ ସ୍ତରରେ ବିଜ୍ଞାନ ଓ ପ୍ରଯୁକ୍ତିର ଉପଯୋଗ ନିହାତି ଆବଶ୍ୟକ। ନଚେତ ହୁଗୁଳା ଭାବେ ଓହଳି ଥିବା ଫ୍ୟାନ ତଳେ ପବନ ଖାଇ ଘୁଙ୍ଗୁଡ଼ି ମାରି ଶୋଇଥିବା ବ୍ୟକ୍ତି ପରି ଆମେ ବିପର୍ଯ୍ୟୟକୁ ନିମନ୍ତ୍ରଣ କରିବା ସହ ଏହା ସମାନ ହେବ।

ମୋ: ୯୦୭୮୭୪୩୮୪୩

# ପରୀକ୍ଷା ଋତୁ ଓ କୁତୁକୁତୁ



ଡ. କୁଳାଙ୍ଗାର

ମଣିଷ ଜୀବନଟା ଗୋଟେ ପରୀକ୍ଷା। ସେ ପରୀକ୍ଷାରେ କିଏ ବହୁତ ପଢ଼ିଲା ପରେ ବାରମ୍ବାର ଫେଲ୍ ହେଉଥାଏ ତ ଆଉ କିଏ ଆଦୌ ନ ପଢ଼ି କପିକୁପା ନଚେତ ଧରାଧରି କରି ପାସ୍ ହୋଇଯାଉଛି। ତେବେ ପାଠପଢ଼ା ପରୀକ୍ଷାର ମଜା ଅଲଗା। ବର୍ଷସାରା ପଢ଼ିଥିବା ପାଠକୁ ଓଗାଳି ପକେଇବା ପାଇଁ ପରୀକ୍ଷା ହେଉଛି ମହାମଞ୍ଚ। ମାନେ ବର୍ଷସାରା ଯଦି ରିହର୍‌ସାଲ ମାନେ ଆଖଡା ହୋଇଛି, ତେବେ ପରୀକ୍ଷା ହେଉଛି ମଞ୍ଚ ଅଭିନୟ। ସେଇଟି ଜଣାପଡେ କିଏ କେତେ ପାରିବାର!

ପ୍ରତି କ୍ଲାସ୍‌ରେ ପରୀକ୍ଷା ହୁଏ। ତେବେ ପରୀକ୍ଷା ଭିତରେ ରଜା ହେଉଛି ଦଶମ ପରୀକ୍ଷା। ଯେଉଁ ପରୀକ୍ଷାରେ ଯେତେ ମାର୍କ ରଖିଥାଅ ପଛେ, ଦଶମ ବୋର୍ଡ ପରୀକ୍ଷାରେ କେତେ ମାର୍କ ରଖିପାରିଲ ସେଇଟା ହେଉଛି କାଳେ ବାହାଦୁରିର କଥା। ବହୁ ନାତିମାନଙ୍କର ଜେଜେମାନେ କହନ୍ତି – ମାଟ୍ରିକ ହେଉଛି ଘାଟି... ସେଇଟା ଡେଇଁପଡିଲେ ବାକି ଉଶ୍ୱାସ!!

ଆଗରୁ ବହୁଲୋକ ମାଟ୍ରିକ ଘାଟି ଡେଇଁବାରେ ବିଫଳ ହେବାରେ ହ୍ୟାଟ୍ରିକ କରିଛନ୍ତି। ଏବେ ସିନା ପରୀକ୍ଷକମାନେ ଆଉ ଜାକି ନ ହୋଇ ଏତେ ମାର୍କ ଦେଲେଣି। ଆଗରୁ କିନ୍ତୁ ପରୀକ୍ଷକମାନେ ନିକିତି ଧରି ଓଜନ କଲା ପରି ଉତ୍ତରକୁ ପ୍ରଶ୍ନ ସହିତ ତଉଲି କରି ମାର୍କ ଦେଉଥିଲେ। ସେଇ ଚାପ ଓ ଭୟ ଏତେ ଥିଲା ଯେ ତାହା ଏତେ କାଳଯାଏ ବିସ୍ତାରି ରହିଛି। ତେଣୁ ଦଶମ ପରୀକ୍ଷାରେ ପିଲାଏ ଯେତିକି ବ୍ୟସ୍ତ, ଅଭିଭାବକମାନେ ତା'ଠାରୁ ବହୁଗୁଣରେ ବ୍ୟସ୍ତ । କିଛି ପିଲା ପାଠ ପଢ଼ନ୍ତି ଆଉ କିଛି ପିଲା ଯୋଗାଡ଼ ଯନ୍ତ୍ରରେ ଲାଗିପଡନ୍ତି ପ୍ୟାଣ୍ଟ, ଶାର୍ଟ, ଅନ୍ତବସ୍ତ୍ର, ଜୋତା ମୋଜା ଭିତରେ କୋଉଠି କେମିତି କରି କପି ଦେବୀଙ୍କର କୃପାଲାଭ କରିହେବ। ଅଭିଭାବକ ଲାଗିପଡନ୍ତି କୋଉ ଶିକ୍ଷକ ନ ହେଲେ ପିଅନଙ୍କୁ ଟିକେ ପିଲାଟିକୁ ସାହାଯ୍ୟ କରିବାକୁ ସେଟିଂ କରିହେବ!

ବହୁ ପରୀକ୍ଷା କେନ୍ଦ୍ରକୁ ଯଦି ଆପଣ ଦେଖିବେ, ଲାଗିବ ଏଠି ପରୀକ୍ଷା ନୁହେଁ ତ ଗୋଟେ ଯୁଦ୍ଧ ଚାଲିଛି! ଭିତରେ ପରୀକ୍ଷା ହେଉଥିବ, ବାହାରେ ଅଭିଭାବକ ଗଦା ହୋଇଥିବେ, ପାଚେରି ଚାରିପଟେ ବୁଲୁଥିବେ, କୋଉପଟେ କେମିତି କରି ପ୍ରଶ୍ନଟାକୁ ପାଇଗଲେ ଉତ୍ତର ପଠେଇବା ବ୍ୟବସ୍ଥା କରିବାକୁ ଚେକି ରହିଥିବେ। ତେବେ ଏସବୁ ଯୋଗାଡ଼ିଆଙ୍କ ଭିତରୁ ଅଧାମୂର୍ଖ! ସେଇମାନେ ପରୀକ୍ଷାର୍ଥୀଙ୍କ ପଣ୍ଡିତ କରିବା ଉଦ୍ଦେଶ୍ୟରେ ଏଇ ଯେଉଁ କସରତ କରନ୍ତି ତାହାକୁ ପ୍ରତିହତ କରିବାକୁ ସରକାର ବାହାଦୁର ପୋଲିସ, ସିସିଟିଭି, ଏଆଇ ଜଗୁଆଳି ବ୍ୟବସ୍ଥା କରନ୍ତି । ମାନେ ପରୀକ୍ଷା ନୁହେ ତ ବ୍ୟବସ୍ଥା ଓ ଅଭିଭାବକଙ୍କ ମଧ୍ୟରେ ଯୁଦ୍ଧ!!

ପରିସ୍ଥିତି ଏମିତି ହେଲାଣି, ଯଦି କାହାର ପିଲା ଦଶମ ବୋର୍ଡ ପରୀକ୍ଷା ଦେଉଛି ତା ଘରକୁ ବନ୍ଧୁବାନ୍ଧବ ସାହାଯ୍ୟ କରିବାକୁ ଦୌଡୁଛନ୍ତି। ମାନେ ରାଜଦ୍ୱରେ ଶ୍ମଶାନେ ଚ... ପରେ ପ୍ରକୃତ ବନ୍ଧୁ ସିଏ... ଆମ ଛୁଆର ପରୀକ୍ଷା କେନ୍ଦ୍ରର ପାଚେରି କଡରେ ଛିଡା ହୋଇଥାଏ ଯିଏ!

ବହୁତ ଅଭିଭାବକ ପିଲାର ପରିଶ୍ରମ, ପାଠପଢା ଓ ଶିକ୍ଷକଙ୍କ ଶିକ୍ଷାଦାନ ଉପରେ ଭରସା ନ କରି ଈଶ୍ୱରଙ୍କ ଉପରେ ନିର୍ଭର କରିଥାନ୍ତି। ମାନସିକ ନାମରେ ଈଶ୍ୱରଙ୍କୁ ଲାଞ୍ଚର ଲୋଭ ଦେଖାନ୍ତି। ମୋ



ପୁଅ/ଝିଅ ପରୀକ୍ଷାରେ ଭଲକଲେ ତମକୁ ଏୟା ଦେବି, ସେୟା ଦେବି ବୋଲି କହନ୍ତି। ଈଶ୍ୱର ବିଚରା କ'ଣ କରନ୍ତେ, ସିଏ ତ ଭକତ ଭାବରେ ବନ୍ଧା, ତେଣୁ ସିଏ ପିଲାର ପାଠକୁ ଚାହିଁ ବ୍ୟବସ୍ଥା କରନ୍ତି! ସେପଟେ ପିଲା ପାଠ ନ ପଢ଼ିଥିବା କାରଣରୁ ଠିକ୍ ଉତ୍ତର ଲେଖି ନ ପାରି ଫେଲ ହେଲେ ମା'ବାପା ଈଶ୍ୱରଙ୍କୁ ଦୋଷ ଦେଇ କହନ୍ତି – ହେ ପ୍ରଭୁ ଏ କ'ଣ କଲ?

ଈଶ୍ୱର ବିଶ୍ୱାସୀମାନେ କହନ୍ତି ଏ ଧରାରେ ଯାହା କିଛି ହେଉଛି ସବୁ ସେଇ ଈଶ୍ୱରଙ୍କ ଇଚ୍ଛାରେ! ଅତଏବ ଯେଉଁଠି ପିଲାଟି ପାଠଶାଠ ପଢ଼ି ନ ଥାଏ, ତା' ପାଇଁ କପିର ସୁବିଧା କରିଦିଅନ୍ତି! ପିଲାଏ ନାନା ଢଙ୍ଗରେ କପିଟିଏ ଯୋଗାଡ଼ କରି ଦେଲା ପରେ ବୁଝୁ ନ ବୁଝୁ ଟିପି ପକାନ୍ତି! ଏବେ ପୁଣି ବଡ଼ ଅଡୁଆ! ଏକାଧିକ ସେଟ୍ ପ୍ରଶ୍ନପତ୍ର ପ୍ରସ୍ତୁତ ହେଉଥିବା କାରଣରୁ ସାମ୍ନା ପିଲାଟି ଜାଗା ଲେଖିଛି ତା' ପଛ ପିଲାଟି ଯଦି ତାଠୁ ଦେଖି ଟିପି ଦେଲା କଥା ସରିଲା!

ଗୋଟିଏ ପିଲାର କ୍ରମିକ ସଂଖ୍ୟା ୧ର ପ୍ରଶ୍ନ ଥିଲା – ଯିଏ ଯୋଗ୍ୟ ନୁହେଁ ତାକୁ କ'ଣ କୁହନ୍ତି? ପିଲାଟି ତ ପାଠ ପଢିଥିଲା, ଲେଖିଲା – ଅଯୋଗ୍ୟ। ପଛରେ ବସିଥିବା ପିଲାଟି ସାମ୍ନା ପିଲାର ଖାତାକୁ କଣେଇକି ଚାହିଁଲା ଆଉ ସିଧା କ୍ରମିକ ସଂଖ୍ୟା ୧ର ଉତ୍ତରକୁ ଟିପି ଦେଲା – ଅଯୋଗ୍ୟ। ଅସଲରେ କିନ୍ତୁ ତା'ର ପ୍ରଶ୍ନସେଟ୍ ଅଲଗା ଥିଲା ଏବଂ କ୍ରମିକ ସଂଖ୍ୟା ୧ର ପ୍ରଶ୍ନ ଥିଲା – ତୁମେ ବଡ଼ ହେଲେ କ'ଣ ହେବାକୁ ଚାହଁ?

ଉପରୋକ୍ତ ଘଟଣାରୁ ଏୟା ଅନୁମେୟ କି କପି କରିବା ମଧ୍ୟ ଏତେ ସହଜ ନୁହେଁ! ସେଥି ପାଇଁ ଦକ୍ଷତାର ଆବଶ୍ୟକତା ରହିଛି! ଖାଲି କପି କରିବାରେ ନୁହଁ, ଏବର ପିଲାଏ ମୁଣ୍ଡର ବୁଦ୍ଧିକୁ ଅଧିକ ଖଟେଇ ଉତ୍ତର ଲେଖିବାରେ ମଧ୍ୟ ଧୁରନ୍ଧର ଥାନ୍ତି। ଗୋଟିଏ ପିଲାର ଚିତ୍ରାଙ୍କନ ପରୀକ୍ଷାରେ ପ୍ରଶ୍ନ ଥିଲା – ବାଘ ଶିକାର କରିବାର ଦୃଶ୍ୟ ଅଙ୍କନ କର। ଏତେ କଷ୍ଟ ବିଷୟ ଦେଖି ପିଲାଟିର ମୁଣ୍ଡ ଘୂରିଗଲା, ସିଏ ବହୁ ଚେଷ୍ଟା ପରେ ବି ଚିତ୍ର ଆଙ୍କି ପାରିଲାନି। ଉପାୟ ପାଞ୍ଚି ଉତ୍ତର ଖାତାରେ ଚିତ୍ର ଆଙ୍କିବା ବଦଳରେ ଲେଖିଲା – ବାଘ ଆସିଥିଲା... ଶିକାର କଲା... ଆଉ ଡିଆଁ ମାରି ପଳେଇଲା....!!

ଆଉ ଜଣେ ପିଲାର ପରୀକ୍ଷାରେ ପ୍ରଶ୍ନ ଥିଲା – ଅଳସୁଆମି କାହାକୁ କହନ୍ତି? ଉଦାହରଣ ସହ ବୁଝାଇ ଲେଖନ୍ତୁ! ପିଲାଟି ଉତ୍ତର ଲେଖିଲା – ପ୍ରିୟ ପରୀକ୍ଷକ ମହାଶୟ.... ଜାଣି ଖୁସି ହେବେ କି ମୁଁ ନିଜେ ଅଳସୁଆମିର ପ୍ରକୃଷ୍ଟ ଉଦାହରଣ। ହେଇଟି ଦେଖନ୍ତୁ ଅଳସୁଆମି କରି ପାଠ ନ ପଢ଼ି ବର୍ଷସାରା କଟାଇ ଦେଇଥିବାରୁ ଏବେ ଉତ୍ତର ଖାତାରେ ଗୋଟିଏ ବି ପ୍ରଶ୍ନର ଉତ୍ତର ଲେଖିପାରୁନାହିଁ। ଆଶା ଆପଣ ମୋର ଦୁଃଖ ବୁଝି... ମାର୍କ ଦେବାରେ ଅଳସୁଆମି କରିବେ ନାହିଁ!!

ପରୀକ୍ଷାରେ ଲେଖି ଫେରିବା ପରେ ପ୍ରଶ୍ନ ଅଭିଭାବକଙ୍କ ହାତରେ... ପଚାରି ପକାନ୍ତି, ଏଥିରେ କ'ଣ ଲେଖିଲୁ, ସେଥିରେ କ'ଣ ଲେଖିଲୁ! ଟିକେ ଭୁଲ କହିଲେ ପିଲାକୁ ରାଗନ୍ତି, ମାରନ୍ତି। ଅଭିଭାବକମାନେ ପରୀକ୍ଷାକୁ ନେଇ ଏତେ ବ୍ୟସ୍ତ ଓ ବ୍ୟାକୁଳ ଯେ ଖବରକାଗଜ, ଟିଭି ପରୀକ୍ଷାର ସ୍ୱତନ୍ତ୍ର ପ୍ରକାଶନ ଓ ପ୍ରସାରଣ କରୁଛନ୍ତି। ପରୀକ୍ଷା ବେଳେ ଏୟା କରିବ, ସେୟା କରିବନି। ଏୟା ଖାଇବ ସେୟା ଖାଇବନି! ପିଲା ଯଦି ସେସବୁ ଦେଖିବ ପାଠଶାଠ ଭୁଲିଯିବ! ଏସବୁକୁ ସେଇ ଅଭିଭାବକ ହିଁ ଦେଖନ୍ତି ଆଉ ପିଲାକୁ ଟେନ୍ସନ ପକାନ୍ତି! ଶେଷକଥା ହେଲା, ସବୁ ଋତୁ ପରି ପରୀକ୍ଷା ଋତୁ ମଧ୍ୟ ଆସିବ ଓ ଯିବ, ମଣିଷ ଯେମିତି ଥିଲା ସେମିତି କୁତୁକୁତୁ ହେବ!!

ନରସିଂହପୁର, କଟକ

ମୋ: ୮୮୯୫୮୨୫୮୬୩

## ଏଇ ଭାରତରେ

ମହିଳା ସଶକ୍ତୀକରଣର ପ୍ରତୀକ ସାଜିଛନ୍ତି ବେଙ୍ଗାଲୁରୁର ଜାନ୍ସି ବି.ଭି.। ସେ ଏକାବେଳକେ ଜଣେ ମା', ଅଟୋଚାଳକ ଓ ପ୍ରଶିକ୍ଷକ ଭୂମିକା ନିର୍ବାହ କରୁଛନ୍ତି। ଜାନ୍ସିଙ୍କୁ ବୟସ ଏବେ ୩୩। ସେ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରିବା ସହ ଅନ୍ୟ ମହିଳାଙ୍କୁ ମାଗଣାରେ ଡ୍ରାଇଭିଂ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ସ୍ୱାବଲମ୍ବୀ କରିପାରିଛନ୍ତି। ବେଙ୍ଗାଲୁରୁ ସହର ନିକଟରେ ବନେରଘାଟରେ ତାଙ୍କ ଜନ୍ମ। ୧୨ ବର୍ଷ ବୟସରେ ସେ ତାଙ୍କ ପିତାଙ୍କୁ ହରାଇ ପରେ ପରିବାର ଚଳାଇବା ଦାୟିତ୍ୱ ମା'ଙ୍କ ଉପରେ ରହିଥିଲା। ମା'ଙ୍କ ଦେହାନ୍ତ ପରେ ସେ ଖୁଡ଼ୀଙ୍କ ପାଖରେ ରହି ୧୦ ଶ୍ରେଣୀ ପାସ କରିଥିଲେ ଓ ଆର୍ଥିକ ଅଭାବ ତାଙ୍କୁ ଅଧିକ ପଢ଼ିବା ଲାଗି ସୁଯୋଗ ଦେଇ ନ ଥିଲା। ପରେ ୧୬ବର୍ଷ ବୟସରେ ଅନ୍ୟ ଘରେ କାମ କରି ମାସକୁ ୫,୦୦୦ ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇଥିଲେ। ୨୦୧୧ରେ ବିବାହ କରିଥିଲେ ଓ ତାଙ୍କ ସ୍ୱାମୀଙ୍କ ସହଯୋଗରେ ସେ ଅଟୋ ଡ୍ରାଇଭିଂ ପ୍ରଶିକ୍ଷଣ ନେଇଥିଲେ। ପରେ କମର୍ସିଆଲ ଡ୍ରାଇଭିଂ ଲାଇସେନ୍ସ ପାଇଥିଲେ। ଏବେ ସେ ଅଟୋ ଚଳାଇବା ଓ ପ୍ରଶିକ୍ଷଣ ଦେବାରେ ଦିନକୁ ୧୦-୧୨ ଘଣ୍ଟା ସମୟ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ମାର୍ଚ୍ଚ ୧୯୭୬

- ଉଦୟପୁର ଅନ୍ତର୍ଗତ ଗୋବର୍ଦ୍ଧନ ବିକାଶ ବସ୍ତିରେ ବିସ୍ଫୋରଣ ଘଟି ୩ ମହିଳା ଓ ୪ ଶିଶୁଙ୍କ ସମେତ ୧୪ ଜଣଙ୍କ ମୃତ୍ୟୁ।
- ବିଶିଷ୍ଟ ସାରଙ୍ଗୀ ବାଦକ ଓସ୍ତାଦ ଅବଦୁଲ ମଜିଦ ଖାଁଙ୍କ ୯୨ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ଦେଖରେ ଦେଖ ବସନ୍ତ ବାଆ
ବିକଳେ କବି ଭ୍ରମଇ ଆହା
ତୁମରି ଚିର ଖେଳର ସାଥୀ
ନ ଲଭି କାହିଁ ଭରସା ସାହା ।
–(କବିର ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପଦବୀ ପୂରଣ କରାଯାଉ

ମହାଶୟ,

ଓଡ଼ିଶା ରାଜ୍ୟର ପ୍ରଶାସନିକ ପ୍ରାଣକେନ୍ଦ୍ର ହେଉଛି ସଚିବାଳୟ ବା ବର୍ତ୍ତମାନର 'ଲୋକସେବା ଭବନ'। ରାଜ୍ୟ ସରକାରଙ୍କ ଫାଇଲ କାମ ଲାଗି ଲୋଡ଼ା ହୁଏ ଆବଶ୍ୟକ ସଂଖ୍ୟକ କର୍ମଚାରୀ। ଏଠାରେ ବହୁ ସଂଖ୍ୟାରେ ପଦବୀ ଖାଲିଥିବା ଜାଣିବା ପରେ ମର୍ମାହତ ହେଲି। ବିଧାନସଭା ଅଧିବେଶନରେ ଏକ ପ୍ରଶ୍ନର ଉତ୍ତରରେ ସରକାର ସ୍ପଷ୍ଟ କରିଥିଲେ ଯେ, ଲୋକସେବା ଭବନରେ ଅଧିକାରୀଙ୍କ ଅଭାବ ଦେଖାଦେଇଛି। ସର୍ବମୋଟ ୮୨୭ ପଦବୀ ଖାଲିପଡ଼ିଛି। ଏକାବେଳକେ ଏତେ ସଂଖ୍ୟକ ପଦବୀ ଖାଲି ପଡ଼ିବା ଫଳରେ ସଚିବାଳୟରେ ଦୈନନ୍ଦିନ କାର୍ଯ୍ୟ ପରିଚାଳନାରେ ନାହିଁ ନ ଥିବା ଅସୁବିଧା ସୃଷ୍ଟି ହେଉଛି। ଏହା ସହିତ କାର୍ଯ୍ୟରତ ଅଧିକାରୀଙ୍କ ଉପରେ ମଧ୍ୟ ଅତ୍ୟଧିକ ଚାପ ପଡୁଛି। ରାଜ୍ୟରେ ବେକାରି ସମସ୍ୟା ଅତି ଉତ୍କଟ। ତେଣୁ ସରକାର ପ୍ରାଥମିକତା ଭିତ୍ତିରେ ଖାଲି ପଡ଼ିଥିବା ପଦବୀ ପୂରଣ କରନ୍ତୁ। ପଦବୀ ଶୀଘ୍ର ପୂରଣ ନ ହେଲେ ଲୋକସେବା ଭବନର ଗତିଶୀଳତା ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହାର ପ୍ରଭାବ ସିଧାସଳଖ ସାଧାରଣ ଲୋକଙ୍କ ଉପରେ ପଡ଼ିବ।

–ପ୍ରତାପ ନାୟକ, କଳିଙ୍ଗ ବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭୁଲାମନ



**ଗଳ୍ପ**

**ପ୍ରତାପ ବିଶ୍ୱାଳ**

ଏଇ ଭୁଲିଯିବାଟା ତା'ର ଗୋଟାଏ ରୋଗ ହୋଇଗଲାଣି। କୌଣସି କଥା ଠିକ୍ ସମୟରେ ମନେପଡୁନି। ଅଫିସ୍ ଆସିବାକୁ ଅଧା ବାଟ ଅତିକ୍ରମି ଆସିଛି ହଠାତ୍ ତା' ମନକୁ ଆସିଲା ସେ ଆସିଲାବେଳେ ଘରେ ତାଲା ବୋଧେ ପକେଇନି। ସ୍ତ୍ରୀ ବାପଘରକୁ ଯାଇଛି କାଲିଠାରୁ। ଘରେ ଏକୁଟିଆ ଏକୁଟିଆ ଫିଲ୍ କଲା ବୋଲି ଶୀଘ୍ର ଆଜି ଟିକେ ବାହାରିଆସିଛି ଘରୁ। ନ'ଟା ବାଜିଛି ଲାଗୁଛି ଯେମିତି ଖରାବେଳ। ହାତରେ ସମୟ ଥିଲେ ବି ଗାଡ଼ିର ଗତି ଦ୍ରୁତ। ସେ ତାଲା ପକେଇଛି କି ନାହିଁ ଚିନ୍ତା କଲାବେଳେ ଗାଡ଼ିର ଗତି କମିଗଲାଣି। ତାଲା ପକେଇବାକୁ ଭୁଲିଯାଇଛି ନା ପକେଇଛି ସଂଶୟରେ। ପୁଣି ମନକୁ ଆସିଲା ସେ ନିଶ୍ଚେ ତାଲା ପକେଇବାକୁ ଭୁଲିଯାଇଛି। ସେ ନିଜକୁ ଧିକ୍କାରି ମନେମନେ କହିଲା, ମିଛରେ ସେ ସିନା ତା' ସ୍ତ୍ରୀ ଉପରେ ବିରକ୍ତ ହୁଏ ସ୍ତ୍ରୀ କିନ୍ତୁ ଯାହା କୁହେ ସେଇଟା ଅପ୍ରିୟ ସତ। ତା'ର କାଳେ ଭୁଲାମନ।

ଅଗତ୍ୟା ଫେରିଲା ସେଇ ଅଧାବାଟରୁ ଭଡ଼ାଘରକୁ। ଯାହାଙ୍କ ଘରେ ସିଏ ଭଡ଼ାରେ ଅଛି, ତାଙ୍କ ଘରେ ବୁଢ଼ାବୁଢ଼ୀ ମାତ୍ର ଦୁଇଜଣ। ରୋଷେଇବାସ, ବୁଢ଼ାବୁଢ଼ୀଙ୍କୁ ଦେଖାଶୁଣା କରିବାକୁ ସ୍ତ୍ରୀଲୋକଟିଏ ଅଛି। ବାସନ୍ତୀ। ତା' ସ୍ତ୍ରୀ କୁହେ ବାସନ୍ତୀଟା ଭଲ ଲୋକ ନୁହେଁ। ତା'ର ହାତଉଠା ପଣ ଅଛି। ବୁଢ଼ାବୁଢ଼ୀଙ୍କ ସଉଦାପତ୍ରରୁ ଲୁଚେଇ କିଛି କାଳେ ତା' ଘରକୁ ପଠେଇଦିଏ। କିନ୍ତୁ ସେ ଜାଣେ ସେ ନଥିଲା ବେଳେ ବାସନ୍ତୀର ତାଙ୍କ ଘରକୁ ଅବାଧ ପ୍ରବେଶ। ଏକୁଟିଆ ସ୍ତ୍ରୀ ଲୋକଟା ବା କେତେ ଟିଭି, ମୋବାଇଲ ସାଙ୍ଗରେ ଦିନକାଟନ୍ତା! ବାସନ୍ତୀ ତାଙ୍କ ଘରକୁ ଆସେ, ଦୁହେଁ ବସି ଗପନ୍ତି। ସେ ଯଦି କବାଟରେ ତାଲା ନ ପଡ଼ିଥିବା ଦେଖି ଘରକୁ ଆସିଥିବ କଳାକନା ବୁଲାଇ ଦେଇଥିବ।

ଘର ଗେଟ୍ ପାଖରେ ପହଞ୍ଚି ଯେତେବେଳେ ସେ ଦ୍ୱାର ମୁହଁ ପାଖକୁ ଆସିଲା, ଗାଡ଼ି ଗେଟ୍ ପାଖରେ ରହିବା ଶବ୍ଦ ଶୁଣି ହେଉ କିମ୍ବା ବାହାରକୁ ସେ ଆସିଥିଲା, ତାକୁ ଦେଖି ବାସନ୍ତୀ ପଚାରିଲା– କ'ଣ କିଛି ଛାଡ଼ିଯାଇଥିଲେ କି ବାବୁ?

ସେ ବାସନ୍ତୀକୁ ଚାହିଁ ଟିକେ ହସିଦେଇ କହିଲା– ହଁ। ଯାଇ କୋଲପକୁ ଦୁଇଥର ଟାଣିଲା। ଦେଖିଲା ଠିକ୍ ଅଛି। ସେତେବେଳେ ସେ ଅନୁଭବ କଲା, ଭିତରେ ଗଞ୍ଜି ତା'ର ଝାଳରେ ଓଦା ହୋଇଯାଇଛି। ବୁଝିପାରିଲାନି ଭାରାକ୍ରାନ୍ତ ମନ ପାଇଁ ନା ଖରା ପାଇଁ ତା' ଦେହ ଏମିତି ଝାଳରେ ଜୁଡ଼ୁବୁଡ଼ୁ। ଚାବି ଖୋଲି ଭିତରକୁ ଯିବ ନା ଫେରିଯିବ, ଫେରିଗଲେ ବାସନ୍ତୀ ପୁଣି ଯଦି ପଚାରେ ବାବୁ କ'ଣ ଘର ନ ଖୋଲି ସେମିତି ପଳେଇଗଲେ? ସେ ଘର ମାଲିକଙ୍କ ଦ୍ୱାର ଆଡ଼କୁ ଚାହିଁଲା। ଦେଖିଲା ବାସନ୍ତୀର କାହିଁ ଦେଖାନାହିଁ। ବୋଧେ ଘର ଭିତରକୁ ଗଲାଣି। ଘର ଭିତରକୁ ନ ଯାଇ ସେ ପୁଣି ଆସି ଗାଡ଼ି ଷ୍ଟାର୍ଟ କଲା।

ଏମିତି ହୋଇଥିଲା, ତିନି ଦିନ ହୋଇନି। ସ୍ତ୍ରୀ ବାପଘରକୁ ଯିବ ବୋଲି ସନ୍ଧ୍ୟାରେ ଦୁହେଁ କିଛି କିଣାକିଣି କରିବାକୁ ଘରେ ତାଲା ପକାଇ ମାର୍କେଟ ଯାଇଥିଲେ। କିଣି ସାରିଲା ପରେ ସ୍ତ୍ରୀ କହିଥିଲେ– ମୁଁ ଏଇଠି ଅଛି, ତୁମେ ପରିବା ମାର୍କେଟରୁ କିଛି ପରିବା ନେଇଆସ। ଡେରି କରିବନି। ସେ ପରିବା ମାର୍କେଟ୍ ଯାଇ ପରିବା କିଣିଲାବେଳେ ଦେଖା ହୋଇଯାଇଥିଲା ଜଣେ ସାଙ୍ଗ। ତା' ସାଙ୍ଗରେ ଗପୁଗପୁ ଡେରି ହୋଇଗଲା ବୋଲି ପରିବା ବ୍ୟାଗ୍‌କୁ ଧରି ସିଧା ପଳାଇ ଆସିଥିଲା ଘରକୁ। ଘରେ ଆସି ଦୁଆର କବାଟରେ ତାଲା ପଡ଼ିଥିବା ଦେଖି ହଠାତ୍ ତା'ର ସ୍ତ୍ରୀ କଥା ମନେପଡ଼ିଯାଇଥିଲା। ପୁଣି ଦୌଡ଼ିଥିଲା ମାର୍କେଟ୍। ମାର୍କେଟ୍‌ରେ ଯେଉଁଠି ସ୍ତ୍ରୀକୁ ଛାଡ଼ି ପରିବା କିଣିବାକୁ ଯାଇଥିଲା ସେଠାକୁ ଯାଇ ଖୋଜିଲା। ଦେଖିଲା ସେଠି କେଉଁଠି ସେ ନାହାନ୍ତି। ଭାବିଲା ଫୋନ୍ କରିବ ସ୍ତ୍ରୀକୁ। ପକେଟ୍‌ରେ ହାତ ପୂରାଇ ଦେଖେ ତ ମୋବାଇଲ ନାହିଁ। ଭାବିଲା କି ଦୁର୍ଯୋଗ! ପରିବା କିଣିବା ଭିତରେ ବୋଧେ ମୋବାଇଲ୍‌ଟା କେଉଁଠି ପକେଟ୍‌ରୁ ଖସିପଡ଼ିଛି। ପୁଣି ପରିବା ମାର୍କେଟ୍ ଯାଇ ସବୁ ଗଳିକନ୍ଦି ଖୋଜିବାକୁ ଲାଗିଲା। ମୋବାଇଲ ନ ମିଳିବାରୁ ହତାଶ ହୋଇ ଆସି ପୁଣି ଥରେ ସ୍ତ୍ରୀକୁ ଖୋଜିଲା। ପାଇଲା ନାହିଁ। ଏହା ଭିତରେ ଦୁଇ ଘଣ୍ଟାରୁ ଅଧିକ ସମୟ ଅତିବାହିତ ହୋଇସାରିଥିଲା। ଭାବିଲା କ'ଣ ସେ କରିବ। ଶେଷକୁ ଠିକ୍ କଲା ଘରକୁ ଯାଇ ତାଲା ଭାଙ୍ଗିବ। ଆଉ ଜଣେ କାହାକୁ ସାଙ୍ଗରେ ନେଇ ସ୍ତ୍ରୀ ହଜିଯାଇଛି ବୋଲି ଥାନାରେ ଏତଲା ଦେବ।

ବ୍ୟସ୍ତ ହୋଇ ଘରକୁ ଫେରିଆସି ଦେଖେ ତ ଘରର ଦାଣ୍ଡକବାଟ ବନ୍ଦ ଥିଲେ ବି ବାହାରେ ଲାଇଟ୍ ଜଳୁଛି। ସେ ଆଶ୍ଚର୍ଯ୍ୟ ହୋଇ କବାଟପାଖକୁ ଯାଇ ଦେଖେ ତ କବାଟରେ ତାଲା ନାହିଁ। କବାଟ ଠେଲି ଭିତରକୁ ପଶିଲା। ଦେଖିଲା ସବୁଘରେ ଲାଇଟ ଜଳୁଛି। ଏହି ସମୟରେ ରୋଷେଇଘରରୁ ସ୍ତ୍ରୀଙ୍କ ପାଟି ଶୁଭିଲା: ଭଲ ଲୋକ ତୁମେ! ପରିବା କିଣିବାକୁ ଯାଇଥିଲ ନା ପରିବା ମାର୍କେଟ୍‌କୁ କିଣିବାକୁ ଯାଇଥିଲ?

ସେ ସୋଫାରେ ବସିପଡ଼ି କହିଲା– ତୁମେ କେତେବେଳୁ ଆସିଲଣି। ମୁଁ ତୁମକୁ କେତେ ଖୋଜିଲିଣି?

ଖୋଜୁଥିଲ! କେତେ ସମୟ ତୁମକୁ ଆଉ ଅପେକ୍ଷା କରିଥା'ନ୍ତି? ଅପେକ୍ଷା କରି କରି ଶେଷକୁ ପରିବା ମାର୍କେଟ୍‌ର ଗଳିକନ୍ଦି ଖୋଜିଲି। ଫୋନ୍ ଆଠ ଦଶ ଥର କଲି। ଉଠେଇଲନି। କେଉଁଠି ଥିଲ ତୁମେ? କେମିତି କହିବ ସେ ସମୟରେ ହୁଏତ ସେ ଭୁଲିଯାଇ ବସାକୁ ଫେରିଆସିଛି। କହିଲା– ସାଙ୍ଗଟାଏ ଦେଖା ହୋଇଗଲା ତ ତା' ସାଙ୍ଗରେ କଥା ହେଉ ହେଉ ଟିକେ ଡେରି ହୋଇଗଲା।

ସାଙ୍ଗ ସହିତ କଥା ହେଉଥିଲ ବୋଲି କ'ଣ ଫୋନ୍‌ଟା ବାଜୁଥିବ ଶୁଭିଲାନି। ବାଧ ହୋଇ ଅଟୋଟାଏ କରି ଚାଲିଆସିଲି।

ସେ କହିଲା– ସେଇଆକୁ ତ ଖୋଜୁଖୋଜୁ ଏତେ ସମୟ ଗଲା। ପରିବା କିଣିଲାବେଳେ ଅସାବଧାନତାବଶତଃ ଫୋନ୍‌ଟା କୁଆଡ଼େ ପଡ଼ିଗଲା ଯେ ଖୋଜିଖୋଜି ଆଉ ପାଇଲି ନାହିଁ।

ସ୍ତ୍ରୀ ତା'ର ରୋଷେଇଘରରୁ ବାହାରି ଆସି କହିଲା– ଫୋନ୍‌କୁ ହଜାଇ ଦେଇଆସିଛ! ବର୍ଷେ ହୋଇନି କିଣିଥିଲ। ପନ୍ଦର ହଜାରେ ଟଙ୍କା ପାଣିରେ ପକାଇ ଦେଇ ଆସିଲ? ଏମିତିକା ମଣିଷ ମୁଁ ମୋ' ଜୀବନରେ କେବେ ଦେଖିନାହିଁ।

ସେ ଆଉ କିଛି କହିବା ପୂର୍ବରୁ ଘର ଭିତରୁ ଫୋନ୍‌ଟା ରିଂ ହେଲା। ସେ ସୋଫାରୁ ଉଠିପଡ଼ିଲା। ତା'ରି ଫୋନ୍‌ର ରିଂ ଟୋନ୍ ତ! ତା'ହେଲେ ସେ କ'ଣ ମାର୍କେଟ ଗଲାବେଳେ ଫୋନ୍‌ଟାକୁ ନେଇ ନଥିଲା! ସ୍ତ୍ରୀ ଆଶ୍ଚର୍ଯ୍ୟ ହୋଇ କହିଲା– ତୁମ ଫୋନ୍ ତ ଘର ଭିତରେ ରିଂ ହେଉଛି, ମାର୍କେଟ୍‌ରେ ପୁଣି ହଜିଲା କେଉଁଠି? କି ଭୁଲାମନର ମଣିଷ ତୁମେ। ପରିବା ବ୍ୟାଗ୍ କାହିଁ? ଆଣିଛ ନା କେଉଁଠି ଛାଡ଼ିଦେଇ ଆସିଛ?

ହଠାତ୍ ତା'ର ମନକୁ ଆସିଲା ଆରେ ସତେ ତ ପରିବା ବ୍ୟାଗ୍‌ଟାକୁ ତ ସେ ଗାଡ଼ି ଡିକି ପାଖରେ ଝୁଲାଇଲା ପରି ମନେପଡୁଛି ନା ଆଉ କେଉଁଠି ଛାଡ଼ିଦେଇ ଆସିଲା। ଫୋନ୍ ରିଂ ହେଉଥିଲା। ସେ ଆଉ ଫୋନ୍ ପାଖକୁ ନ ଯାଇ ସିଧା ଦୌଡ଼ିଲା ପରି ଆସିଲା ବାହାରେ ରଖିଥିବା ବାଇକ୍ ପାଖକୁ। ରକ୍ଷା, ବ୍ୟାଗ୍‌ଟା ଟଙ୍ଗାହୋଇଛି ଡିକି ପାଖରେ। ବ୍ୟାଗ୍‌ଟାକୁ ଖୋଲି ଘରକୁ ନେଇ ଥୋଇଦେଇ ସ୍ତ୍ରୀକୁ କହିଲା– ପାଣି ଗ୍ଲାସେ ଦିଅ ତ ଆଗ। ପାଣି ଗ୍ଲାସକ ପିଇ ନିଜକୁ ଟିକେ ହାଲୁକା ଅନୁଭବ କଲା।

ଭାବୁ ଭାବୁ ଆସି ପହଞ୍ଚି ଯାଇଥିଲା ସେ ଅଫିସ୍ ଗେଟ୍ ପାଖରେ। ପକେଟ୍‌ରୁ ମୋବାଇଲ ବାହାର କରି ଦେଖେ ତ ଅଧଘଣ୍ଟା ବିଳମ୍ବ ହୋଇଗଲାଣି। ଦ୍ରୁତ ବେଗରେ ନିଜ ସିଟ୍ ପାଖକୁ ଯାଇ କାମରେ ମନଦେଲା। କିଛି ସମୟ ଯାଇଛି ହଠାତ୍ ବଡ଼ବାବୁ ତା' ପାଖକୁ ଆସି ପଚାରିଲେ– ତୁମେ ଆସିଛଟି! ବାଇମେଟ୍ରିକ ସିଷ୍ଟମରେ ଉପସ୍ଥିତି କାହିଁ ଜାରି କରିନ? ସେକ୍ରେଟାରୀ ବର୍ତ୍ତମାନ ମୋତେ ପଚାରୁଥିଲେ ତୁମେ ଲିଭ୍ ଆପ୍ଲିକେଶନ ଦେଇନ, ତୁମକୁ ଛୁଟି କିଏ ଦେଇଛି ବୋଲି ମୋତେ ତାଗିଦା କରୁଥିଲେ।

ସେ ମନଦୁଃଖରେ ଉଠି ଛିଡ଼ା ହୋଇ କହିଲା– ମୁଁ ତ ଅନେକବେଳୁ ଆସି କାମ କରୁଛି। ଅବଶ୍ୟ ବାଇମେଟ୍ରିକ୍‌ରେ ଟିପ ଦେବା କଥାଟା ଭୁଲିଯାଇଛି। ଆପଣ ତ ଦେଖୁଛନ୍ତି ମୁଁ ମୋ ସିଟ୍‌ରେ ଅଛି। ବଡ଼ବାବୁ କହିଲେ– ସେ କଥା କିଏ ବୁଝିବ? ଯାଅ ସେକ୍ରେଟାରୀଙ୍କୁ କହିବ ନହେଲେ ସେ ଶୋ' କଜ୍ ନୋଟିସ୍ କରି ଦରମା ବନ୍ଦ କରିଦେବେ। ଅଫିସ୍‌ର ଏ ସାଧାରଣ ନିୟମଟାକୁ କେମିତି ଭୁଲିଯାଉଛ! ଅଫିସର ଗୋଟାଏ ଶୃଙ୍ଖଳା ଅଛି ନା ନାହିଁ?

ବଡ଼ବାବୁ କହି କହି ଚାଲିଗଲେଣି। ସେ ଦେଖିଲା ଅନ୍ୟମାନେ ତା' ବିକଳ ମୁହଁକୁ ଚାହିଁ ରହିଛନ୍ତି। କେମିତି, କାହାକୁ ସେ କହିବ ମୋ' ମୁହଁକୁ ଚାହିଁଛ କ'ଣ ଏବେ ମୋତେ ଗୋଟାଏ ନୂଆ ରୋଗ ଆଟାକ୍ କରିଛି 'ଭୁଲିଯିବା'। ସେ ପୁଣି ତା' ସିଟ୍‌ରେ ବସିଗଲା। ଭାବିଲା ଡାକ୍ତରଖାନାକୁ ଯାଇ ଡାକ୍ତରଙ୍କୁ ଦେଖାଇବାକୁ ପଡ଼ିବ। ବରଂ ଆଜି ସେ ଛୁଟି ନେଇଯିବ। ଟେବୁଲ ଡ୍ରୟାରରୁ କାଗଜ ବାହାର କରି ଛୁଟି ଦରଖାସ୍ତ ଲେଖିବାକୁ ଲାଗିଲା।

ମୋ: ୯୪୩୭୭୪୫୯୮୩

## ପୁସ୍ତକ ପରିଚୟ

### ଓଡ଼ିଆ ପୁରାଣସାହିତ୍ୟର ଇତିହାସ: ସାରଳା ଖଣ୍ଡ




**ଲେଖକ:** ଡ. ସୁଧାକର ଦାସ
**ପ୍ରକାଶକ:** ପ୍ରଜ୍ଞା ଶିରୋମଣି ପ୍ରତିଷ୍ଠାନ, ମହାନଦୀ ବିହାର, କଟକ
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୪୦୦/–

ଆଲୋଚ୍ୟ ଗ୍ରନ୍ଥରେ ୪ଟି ପରିଚ୍ଛେଦ ରହିଛି। ପ୍ରଥମ ପରିଚ୍ଛେଦରେ ପୁରାଣର ପ୍ରାଚୀନତା, ସଂସ୍କୃତ ପୁରାଣମାନଙ୍କର ସଂଖ୍ୟା ଓ ପ୍ରକାରଭେଦ ତଥା ସଂସ୍କୃତ ଉପପୁରାଣଗୁଡ଼ିକର ପରିଚୟ ରହିଛି। ଦ୍ୱିତୀୟ ପରିଚ୍ଛେଦରେ ରହିଛି ଭାଷା–ସାହିତ୍ୟ ବିକାଶରେ ସଂସ୍କୃତ ପୁରାଣଗୁଡ଼ିକର ଦେଶୀୟ ସଂସ୍କରଣ, ଓଡ଼ିଆ ପୁରାଣ ରଚନାର ପୃଷ୍ଠଭୂମି, ସଂସ୍କୃତ ପୁରାଣ ଓ ଓଡ଼ିଆ ପୁରାଣ ମଧ୍ୟରେ ଥିବା ସାମ୍ୟ ଓ ବୈଷମ୍ୟ ଚର୍ଚ୍ଚା। ତୃତୀୟ ପରିଚ୍ଛେଦରେ ସ୍ଥାନିତ କଳିଙ୍ଗୋତ୍କଳ ସାମ୍ରାଜ୍ୟ, ଗଙ୍ଗକାଳୀନ ସମାଜ, ଶ୍ରୀଜଗନ୍ନାଥ ଓ ଉତ୍କଳର ଓଡ଼ିଆ ଭାଷା ସମ୍ପର୍କରେ ଆଲୋଚନା। ଚତୁର୍ଥ ପରିଚ୍ଛେଦରେ ସାରଳା ମହାଭାରତରେ ଥିବା ରାମାୟଣ ପ୍ରସଙ୍ଗର ବିଶ୍ଳେଷଣ କରାଯାଇଛି। ଆଦି ଓଡ଼ିଆ ପୁରାଣକାର ଭାବେ ସାରଳାଦାସଙ୍କୁ ବିବେଚନା କରି ପୁରାଣର ପଞ୍ଚ ଲକ୍ଷଣ କିପରି ସାରଳାଙ୍କ ରଚନାରେ ରହିଛି, ତା'ର ଅନୁସନ୍ଧାନ ଲେଖକ ପୁଙ୍ଖାନୁପୁଙ୍ଖ ଭାବେ ଏହି ଗବେଷଣା ଗ୍ରନ୍ଥଟିରେ କରିଛନ୍ତି। ''ମୋ କଥା''ରେ ଲେଖକ କହିଛନ୍ତି: ''ବିଚିତ୍ର ରାମାୟଣ, ମହାଭାରତ, ଚଣ୍ଡୀ ପୁରାଣ ଆଦି ଗ୍ରନ୍ଥ ଅଧ୍ୟୟନ କରି ଆଦି ପୁରାଣକାର ଭାବେ ସାରଳାଦାସଙ୍କୁ ବିଚାରକୁ ନେଇଛି।'' ପୁଣି ମୁଖବନ୍ଧରେ କହିଛନ୍ତି: ''ମୋ ଜାଣିବାରେ ସାରଳାଙ୍କୁ ଜଣେ ପୁରାଣକାରଭାବେ ଓଡ଼ିଶାର ଆଲୋଚକମାନେ ଆଲୋଚନାକୁ କେବେ ନେଇନାହାନ୍ତି। କାଁ ଭାଁ ତାଙ୍କ ସମ୍ପର୍କରେ ଯେଉଁଠି ବା ବର୍ଣ୍ଣନା କରାଯାଇଛି, ତାହା ଖଣ୍ଡିତ, ଦୁର୍ବଳ ଓ ରସଶୂନ୍ୟ। ଅତଏବ ଆମର ଏଇ ଗ୍ରନ୍ଥରେ x x ସାରଳାଙ୍କ ସମ୍ୟକ୍ ପରିଚୟ ପରେ ତାଙ୍କ ସୃଷ୍ଟି ସକଳକୁ ପୁରାଣ ରୂପେ ବିଚାର କରିଛୁ।'' ପୁସ୍ତକଟି ତଥ୍ୟଗର୍ଭୀ ଓ ଆଶା କରାଯାଏ ଏହା ସାଧାରଣ ପାଠକ ଓ ଗବେଷକଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ।

### ତୃତୀୟ ନୟନ




**କବି:** ଶମ୍ଭୁନାଥ ରାଉଳ
**ପ୍ରକାଶକ:** ଦିବ୍ୟ ପ୍ରକାଶନୀ, ସାମନ୍ତରାପୁର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୬, **ମୂଲ୍ୟ:** ଟ.୨୫୦/–

ଆଲୋଚ୍ୟ କବିତାଗ୍ରନ୍ଥରେ ମୋଟ ୫୪ଟି କବିତା ସ୍ଥାନିତ, ଯାହା କବିଙ୍କ ସମକାଳ ଓ ସମାଜର ନାନା ପରିଦୃଶ୍ୟ ଓ ଅନୁଭବକୁ ନେଇ ପରିକଳ୍ପିତ। ବିଶିଷ୍ଟ ନାଟ୍ୟକାର ଓ କବି ରମେଶ ଦାସ ଗ୍ରନ୍ଥାରମ୍ଭରେ କବି ଓ ତାଙ୍କ କବିତା ସମ୍ପର୍କରେ କହନ୍ତି: ''କବି ଶମ୍ଭୁନାଥ x x କବିତା ଲେଖନ୍ତି ନାହିଁ, କବିତା ବଳେବଳେ ତାଙ୍କ ଭିତରୁ ସଞ୍ଚରିତ ହୋଇଯାଏ। x x ଆଚାର, ବିଚାର, ଆସ୍ପୃହା ତଥା ଆଲୋଡ଼ନ ତାଙ୍କ କବିତା ଭିତରକୁ ପଶିଆସନ୍ତି। x x ସାରା ବିଶ୍ୱର ବାର୍ତ୍ତା ଦେବାକୁ ଯେମିତି ତାଙ୍କ କବିତା ଉନ୍ମୁକ୍ତ।'' 'ପ୍ରହସନ' ଶୀର୍ଷକ କବିତାରେ କବି ଆତ୍ମବ୍ୟଙ୍ଗ କରିଛନ୍ତି ନିଜକୁ, କହିଛନ୍ତି– 'ମୁଁ ପ୍ରହସନର ଏକ ମୂର୍ତ୍ତିମନ୍ତ ପ୍ରତୀକ' ଓ 'ମୁଁ ବଶବର୍ତ୍ତୀ କରିପାରେ ମୋର ସରଳ ଗ୍ରାହକଙ୍କୁ'। 'ଅନ୍ନଦାତା' ଶୀର୍ଷକ କବିତାରେ ତାଙ୍କର ସ୍ୱର ଭିନ୍ନ, ଭୂମିଲଗ୍ନ। ତାଙ୍କ ଭାଷାରେ ''ଅନ୍ନଦାତାଙ୍କର ଯେତେ ବି ଜୟଗାନ କଲେ/ କମ୍ ଲାଗେ/ ଯେତେ ବି ଆଶୀର୍ବାଦର ହାତ ବଢ଼ାଇଲେ/ ଅସମ୍ପୂର୍ଣ୍ଣ ରହିଗଲା ଭଳି ଲାଗେ/ ଅନ୍ନଦାତାଙ୍କ ରତିଭରି ଅହଂକାର ନାହିଁ/ କରିଥିବା ପୁଣ୍ୟଫଳର/ ପ୍ରତ୍ୟାଶା ନାହିଁ/ ସେ ସବୁବେଳେ ଖାଣ୍ଟିସୁନା।'' (ପୃ: ୧୯)। ଯୁଦ୍ଧ ଓ ଆତଙ୍କ ତାଙ୍କ କବିତାର ଭାଷା ହୋଇଉଠେ ବି କେବେକେବେ। ଯଥା: ''ପୃଥିବୀର ଯେଉଁ ଦିଗକୁ ଚାହିଁଲେ/ କାନ ଡେରିଲେ ଯୁଦ୍ଧର ଭେରୀ ଶୁଣାଯାଏ/ ଏବେ ବିବାହ ଉତ୍ସବର ବାଣ ଫୁଟେଇଲେ/ ମନେହୁଏ ଆତଙ୍କର ପାଦଶବ୍ଦ।'' ('ଯୁଦ୍ଧ ଓ ଆତଙ୍କ'–ପୃ: ୭୩)। ବହିର ନାମକରଣ ସମ୍ପର୍କରେ ବକ୍ତବ୍ୟ ରଖି କବି କହନ୍ତି: ''ତୃତୀୟ ନୟନ ମହାପ୍ରଭୁ ମହାଦେବଙ୍କୁ ନଜରରେ ରଖି ଦେଇନାହିଁ। ସାରା ସମାଜକୁ ଧ୍ୟାନରେ ରଖି ମନକୁ ଆଣିଛି। ଏ ସଂସାରରେ ଓ ସମାଜରେ ଯାହାସବୁ ଘଟଣା ଘଟୁଛି, ଆମ ଗୋଚରରେ ହେଉ ବା ଅଗୋଚରରେ, କେହି ଜଣେ ନିଶ୍ଚୟ ଦେଖୁଛନ୍ତି।'' କବିତାରେ ମନସ୍ଥ କରି କବି ଅଳଂକରଣ ଖଞ୍ଜନ୍ତି ନାହିଁ। ତାହା ସ୍ୱତଃ। ବିଷୟ ଓ ଅବତାରଣା– ଉଭୟ ଦୃଷ୍ଟିରୁ ବହିଟି ପାଠକଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା।

## କବିତା

### ପ୍ରଜାପତି

**ଶ୍ରୀହରି ଧଳ**

ସେ ଯୁଦ୍ଧ ବୁଝେନା
ଯୁଦ୍ଧର ବିଭୀଷିକା ଜାଣେନା।
ଗୋଟେ ଧ୍ୱଂସ ଗଦା ଉପରେ ଥାଏ
ସ୍ୱପ୍ନଭୂକ୍ କବି।

କବିତା ମନସ୍କତାରେ
ପୁନଶ୍ଚ ପୃଥିବୀର ଚିତ୍ର ଗଢ଼େ ଗୀତରେ।
ଡେଣାରେ ନିଆଁକୁ ବସାଏ, ମୃତ୍ୟୁକୁ ବସାଏ
ଗୋଟେ ଦୂରନ୍ତ ଶାନ୍ତିର ପରିଧିଯାଏ
ଉଡ଼ିଯିବାଯାଏ।

ସେ ଜୟ ବୁଝେନା
ପରାଜୟ ବୁଝେନା
ମୀମାଂସାହୀନ ଗଣିତ ବୁଝେନା।
ପ୍ରଜାପତିଟେ ହସୁଥାଏ
ଧୂଳି, ଧୂଆଁ, ବାରୁଦ ଭିଡ଼ରେ।

ମୃତ ସୈନିକ ଓଠ ଦାଢ଼ରେ
ଉଇଁ ଆସୁଥିବା ସୂର୍ଯ୍ୟ ଭିତରେ
ଜୀବନ ଖୋଜେ
ଯୁଦ୍ଧ ବିରତିର ସୂତ୍ର ଖୋଜେ।
ଡେଣାରେ ଟଙ୍ଗେଇଥାଏ ଗୋଟେ
ଯୁଦ୍ଧ ବିରତିର ସନ୍ଧିପତ୍ର।
ଆଖିରେ ନୂଆ ଜୀବନର ଅଧିବାସ।

– ତାଉଁତରା, କପାସି, ଚିତାଳୋ, ଯାଜପୁର
ମୋ: ୮୧୧୭୦୮୧୯୦୬

### ତନ୍ତ୍ର

**ଗଜାନନ ମିଶ୍ର**

ପ୍ରଚେଷ୍ଟା ସତ୍ତ୍ୱେ
ହେଉନି ରପ୍ତାନି।
ପଛେ ହେବ ବିଚାର
ସଫଳ କିଏ କେତେ।

କାର୍ଯ୍ୟବାହୀଙ୍କର ବେପରୁଆ
ଅଣଦେଖାରେ ଠପ୍ ବ୍ୟବସ୍ଥା।
ଭଲ ଖରାପ ଦେଖୁଦେଖୁ ବିଗିଡ଼େ
ମାଟି ଆକାଶ ଏକାଥରକେ।

ପ୍ରସ୍ତୁତିରେ ହଜେ ହିସାବ
ପାରମ୍ପରିକ ବିକ୍ରିବଟାରେ।
ଏକକାଳୀନ ପୈଠ ହେଲାବେଳେ
ଦିଶେ ଭିତର ବାହାର।

ଧୂପକାଠି ମସଲାର
ନ ଥାଏ ଆବଶ୍ୟକତା।
ବିନିଯୋଗ ହୁଏ ସମ୍ମାନ
ସୌନ୍ଦର୍ଯ୍ୟ ବାଟସାରା।

– ତପୋବନ, ଟିଟିଲାଗଡ଼, ବଲାଙ୍ଗୀର
ମୋ: ୯୪୩୭୩୬୬୬୪୪

### ଆଞ୍ଜୁଳାଏ ଜୀବନ

**ମିନାକ୍ଷୀ ଦ୍ୱିବେଦୀ**

ଆଞ୍ଜୁଳାଏ ପାଣି ଏ ଜୀବନ,
ଧରି ରଖିବାକୁ ଚେଷ୍ଟା କଲେ ବି
ଆଙ୍ଗୁଠି ସନ୍ଧି ଦେଇ
ଧୀରେ ଖସିଯାଏ ସମୟ।

ନିଜସ୍ୱ କିଛି ନାହିଁ ଏଠି, ସବୁ ଋଣକରା ସ୍ମୃତିର ସମ୍ପତ୍ତି
କିଛି ହସ, କିଛି ଲୁହ,
ଆଉ କିଛି ଅଧାଗଢ଼ା ସ୍ୱପ୍ନର ପାହାଚ
କେବେ ଏହା ଶାନ୍ତ ପୋଖରୀର ଜଳ
ତ କେବେ ଅଶାନ୍ତ ସମୁଦ୍ରର ଢେଉ।

ଖୋଜୁଖୋଜୁ ନିଜକୁ ଏ ଭିଡ଼ ଭିତରେ,
ପାଇଯାଏ କେବେ ଏକାକୀତ୍ୱର ସ୍ୱର,
ସାଉଣ୍ଟିବାକୁ ଗଲେ ଅତୀତର ଖଣ୍ଡିତ ଆଇନା
ରକ୍ତାକ୍ତ ହୁଏ ପାପୁଲି।

ଜୀବନ ତ ଏକ ସଞ୍ଜ ନଇଁବା ପୂର୍ବର ଖେଳ,
ଯେଉଁଠି ଜିତିବାର ମୋହ ନାହିଁ କି ନାହିଁ ହାରିବାର ଭୟ,
ସବୁ ସେହି ମାଟିର ମାୟା
ବଳକା କେବଳ କିଛି ଅକୁହା କଥା
ଆଉ, ପବନରେ ଭାସୁଥିବା ଆଞ୍ଜୁଳେ ଶୂନ୍ୟତା।

ତଥାପି...
ଏଇ ଆଞ୍ଜୁଳାଏ ଜୀବନକୁ ନେଇ ଗର୍ବ ଅନେକ,
ଯେ ପର୍ଯ୍ୟନ୍ତ ଶେଷ ବୁନ୍ଦାଟି ଖସିନାହିଁ
ସେ ପର୍ଯ୍ୟନ୍ତ ବଞ୍ଚିବାର ଜିଦ୍
ଆଉ ଅଳ୍ପ ଟିକେ ବାକିଥାଏ।

ମୋ: ୭୯୭୮୦୮୨୮୩୪

### ଗୀତି–କବିତା

### କିଏ ଜାଣିଥିଲା ଶେଷ ବସନ୍ତରେ

**ହରିଶ୍ଚନ୍ଦ୍ର ବେହେରା**

କିଏ ଜାଣିଥିଲା ଶେଷ ବସନ୍ତରେ
ଆସିବ ତା' ଶେଷ ଚିଠି
ଡାକବାଲା ଆଉ ଆସିବନି ଦିନେ
ତା' ପାଖକୁ ଚିଠି ବାଣ୍ଟି।

କାଲିରେ ନୁହେଁ ସେ ଆଖିର ଲୁହରେ
ଉଚ୍ଛୁଳା ଆବେଗ ଦେଇ
ଯେତେ ସ୍ନେହ ବାକିଥିଲା ତା' ଅନ୍ତରେ
ଦେଇଛି ଝିଅଟି ପାଇଁ
ଫି' ସାଲେ ପୁଣି ଆସିବ ବସନ୍ତ
ନ ଥିବ ସେନେହ ତା'ଠି।

ନିଷ୍ଠୁର ନିୟତି ସେ କାହୁଁ ବୁଝିବ
ସ୍ନେହ ମମତାର ମାନେ
ଝରିଗଲେ ଫୁଲ କେତେ ଯେ ବେଦନା
ଲତା ହିଁ କେବଳ ଜାଣେ
ନଇ ଜାଣେ ତା'ର ଅନ୍ତରର ଦୁଃଖ
ଆସିଲେ ଜୁଆର ଭାଟି।

ହୃଦୟ ଫରୁଆ ଭିତରେ ରଖିବ
ତା' ମାଆର ଶେଷ ଚିଠି
ହୁଏତ ବା ଦିନେ ଆସିବ କିଏ ସେ
ବଜେଇ ମରଣଘଣ୍ଟି
ମା' ପରା ତୋତେ ବସିଛି ଚାହିଁରେ
ସାଉଁଳି ଦେବ ତୋ' ପିଠି।

ମୋ: ୯୪୩୭୮୧୩୭୦୮

## କାଳକାଳକୁ



''ଘର ତାହା, ଯାହା ପାଦ ଦେବା ମାତ୍ରେ ଆଦରି ନିଏ।''
– ରବର୍ଟ ଫ୍ରଷ୍ଟ

**ରବର୍ଟ ଫ୍ରଷ୍ଟ**ଙ୍କ ଜନ୍ମ ୨୬ ମାର୍ଚ୍ଚ ୧୮୭୪ରେ ସାନ୍ ଫ୍ରାନ୍‌ସିସ୍କୋରେ ଓ ପରଲୋକ ୨୯ ଜାନୁଆରୀ ୧୯୬୩ରେ, ବୋଷ୍ଟନ୍‌ରେ। ବିଶ୍ୱବିଦିତ ଏହି ଆମେରିକୀୟ କବିଙ୍କ କବିତାରେ ଗ୍ରାମ୍ୟଜୀବନର ବାସ୍ତବତା ଧରାଦିଏ। ଆମେରିକୀୟ ଲୋକଭାଷା ହୋଇଉଠେ ତାଙ୍କ କବିତାର ଭାଷା। ଜଟିଳ ସମାଜ ଜୀବନ ଓ ଦର୍ଶନ ତାଙ୍କ କବିତାର ଅନ୍ୟତମ ଆଭିମୁଖ୍ୟ। ତାଙ୍କ ରଚିତ ପ୍ରସିଦ୍ଧ ପୁସ୍ତକଗୁଡ଼ିକ ଭିତରେ ଅନ୍ତର୍ଭୁକ୍ତ 'ଏ ବୟ'ଜ୍ ଉଇଲ୍', 'ନର୍ଥ ଅଫ୍ ବୋଷ୍ଟନ୍' ଓ 'ନିଉ ହାମ୍ପସାୟର୍'। ଇଂଲିଶ୍ କବିତାକୁ ଉଲ୍ଲେଖନୀୟ ଅବଦାନ ପାଇଁ ଏହି କବି 'ପୁଲିଜର ପୁରସ୍କାର'ରେ ସମ୍ମାନିତ। ସେ କହନ୍ତି: ୧. ''ଲେଖକର ଲୁହ କି ପାଠକର ଲୁହ ; ଲେଖକର ବିସ୍ମୟ କି ପାଠକର ବିସ୍ମୟରେ ମୋ' କବିତା ନ ଥାଏ, ଥାଏ ଅନନୁଭୂତ ସ୍ମୃତି–ଆବିଷ୍କାରର ଆନନ୍ଦରେ।'' ୨. ''ଯୌବନରେ ବିପ୍ଲବୀ ହେବାକୁ ମୁଁ ସାହସ କରି ପାରେ ନାହିଁ ଏଇ ଡରେ ଯେ, ବାର୍ଦ୍ଧକ୍ୟରେ ଏହା ମୋତେ ରକ୍ଷଣଶୀଳ ସାବ୍ୟସ୍ତ କରିଦେଇପାରେ।''

# ଅମୃତଲଗ୍ନ

**ଲଘୁଗଳ୍ପ**

**ରତ୍ନପ୍ରଭା ନାଥ**

ବନ୍ଦନା ଚାତକ ପରି ଚାହିଁ ରହିଥାଏ ଆଶୁତୋଷଙ୍କୁ। କେତେ ସମୟ ହେବ ଗଲେଣି, ଏଯାଏ ଫେରିନାହାନ୍ତି। ଅପେକ୍ଷାର ସମୟ ବଡ଼ କଷ୍ଟକର। ଯେତିକି ଡେରି ହେଉଥାଏ, ବନ୍ଦନାର ବ୍ୟଗ୍ରତା ସେତିକି ବଢୁଥାଏ। ବେଳେବେଳେ ଉଦାସ ମଧ୍ୟ ହୋଇଯାଉଥାଏ। ବାହାଘର ଦଶବର୍ଷ ହୋଇଗଲା, ମାତ୍ର ମାତୃତ୍ୱ ସୁଖରୁ ସେ ବଞ୍ଚିତ। ତାଙ୍କର କେଉଁଥିରେ କିଛି ଅଭାବ ନ ଥିଲା। ଭଗବାନ ସବୁ ଦେଇଥିଲେ– ଭଲ ଘର, ଗାଡ଼ି, ଧନସମ୍ପତ୍ତି, ପ୍ରେମରେ ଓଦା କରିଦେଉଥିବା ସ୍ୱାମୀ। କେତେ ଡାକ୍ତର ବୈଦ୍ୟଙ୍କୁ ପରାମର୍ଶ କରି କେତେ ଔଷଧ ଖାଇଛନ୍ତି। କିନ୍ତୁ କୌଣସି ସୁଫଳ ମିଳିନାହିଁ। ଶେଷରେ ଆଇ.ଭି.ଏଫ୍. ମଧ୍ୟ କରିଥିଲେ। ସେଥିରେ ମଧ୍ୟ ବିଫଳ ହେଲେ। ତାଙ୍କ ଅକ୍ଷମତାକୁ ନେଇ ଧୀରେ ଧୀରେ ଲୋକଙ୍କର କଟୁ କଥା, ଲାଞ୍ଛନା ବଢ଼ିବାକୁ ଲାଗିଲା। ସେଥିପାଇଁ ସେ ଲୋକମାନଙ୍କ ସହ ଏବେ କମ୍ ମିଳାମିଶା କରୁଥିଲେ। ତାଙ୍କ ମାନସିକତାର ମଧ୍ୟ ପରିବର୍ତ୍ତନ ହେବାକୁ ଲାଗିଲା। ଦିନ ଥିଲା ଛୋଟ ପିଲାମାନଙ୍କୁ ଦେଖିଲେ ମନରେ ଆନନ୍ଦ ଖେଳିଯାଉଥିଲା। ଏବେ ଛୋଟ ପିଲାଙ୍କୁ ଦେଖିଲେ ଚିଡ଼ିଚିଡ଼ା ହୋଇଯାଉଛନ୍ତି। ଗର୍ଭବତୀ ମହିଳାଙ୍କୁ ସହ୍ୟକରି ପାରୁନଥିଲେ। ତାଙ୍କର ଇଚ୍ଛା ହେଉଥିଲା ସବୁ ନିଆଁ ଲାଗିଯାଆନ୍ତା କି? ଯେଉଁ ସୁଖରୁ ସେ ବଞ୍ଚିତ, ସେ ସୁଖ ପାଇବାର ଅଧିକାର କାହାର ବି ନାହିଁ। ଏହିପରି ଗୁଡ଼ାଏ ଦୁର୍ଭାବନା ତାଙ୍କୁ କବଳିତ କରିବାରେ ଲାଗିଥାଏ।

ରକ୍ଷଣଶୀଳତାର ଊର୍ଦ୍ଧ୍ୱରେ କେତେ ଜଣ ଶୁଭେଚ୍ଛୁ, ବନ୍ଧୁ ଅନାଥାଶ୍ରମରୁ ପିଲାଟିଏ ଆଣିବା ପାଇଁ ପ୍ରସ୍ତାବ ଦେଇଥିଲେ। ମାତ୍ର ବନ୍ଦନା ଏହା ସହଜରେ ଗ୍ରହଣ କରିପାରି ନାହାନ୍ତି। ଭିନ୍ନ ରକ୍ତର ପିଲାକୁ ସେ କିପରି ନିଜର ସନ୍ତାନ ବୋଲି ଭାବିପାରିବେ! ବନ୍ଦନା ଆଶାବାଦୀ ଅଛନ୍ତି, ଏଥର ପ୍ରିଗ୍ନାନ୍ସି ରିପୋର୍ଟ ନିଶ୍ଚିତ ପଜିଟିଭ୍ ଆସିବ। ଆଶୁତୋଷ ଏଯାଏ ଫେରିନାହାନ୍ତି। ବନ୍ଦନାଙ୍କ ଉଦ୍‌ବେଗ ବଢ଼ିଚାଲିଥାଏ। ହଠାତ୍ ଝଡ଼ବେଗରେ ଆଶୁତୋଷ ଆସି କହିଲେ, 'ବନ୍ଦନା, ଶୀଘ୍ର ବାହାରିପଡ଼। ଡାକ୍ତର ତୁମକୁ ଦେଖାକରିବାକୁ ଚାହୁଁଛନ୍ତି।'

''ଆରେ ଆରେ! ରିପୋର୍ଟ କ'ଣ ଆସିଲା କୁହ। ଏ କରୋନା ସମୟରେ ମୁଁ ବାହାରକୁ ଯିବାକୁ ଚାହୁଁନାହିଁ'' ବନ୍ଦନା ବ୍ୟସ୍ତହୋଇ କହିଲେ। ଆଶୁତୋଷ କିଛି ନ ଶୁଣିଲା ପରି କହିଲେ 'ତୁମେ ଶୀଘ୍ର ବାହାରିପଡ଼, ଆମକୁ ଡାକ୍ତର ଅପେକ୍ଷା କରିଛନ୍ତି ଯେ!'

ଆଶା, ଆକାଂକ୍ଷା ଓ ଦ୍ୱନ୍ଦ୍ୱ ଭିତରେ ବନ୍ଦନା ବାହାରି ଆଶୁତୋଷଙ୍କ ସହିତ ଡାକ୍ତରଙ୍କ କ୍ୟାବିନ୍‌କୁ ଗଲେ। ସେ ଏହି ଡାକ୍ତରଙ୍କ ପାଖରେ ପ୍ରାୟ ପାଞ୍ଚ ସାତବର୍ଷ ହେବ ଚିକିତ୍ସିତ ହେଉଛନ୍ତି। ଡାକ୍ତର ସେମାନଙ୍କୁ ଦେଖି କହିଲେ 'ମୋ ସହିତ ଆସ'। ଜଣେ ବୃଦ୍ଧା ମହିଳାଙ୍କ ୱାର୍ଡକୁ ସେମାନଙ୍କୁ ନେଇ କହିଲେ 'ଏ ମହିଳା ଜଣକ ଏକ ଉଚ୍ଚପଦସ୍ଥ ସରକାରୀ ଚାକିରିରୁ ଅବସର ନେଇଛନ୍ତି। କ୍ୟାନ୍‌ସରରେ ଏଠାରେ ଚିକିତ୍ସିତ ହେଉଛନ୍ତି। ଏ ପର୍ଯ୍ୟନ୍ତ ତାଙ୍କ ପୁଅବୋହୂ ତାଙ୍କୁ ଥରେମାତ୍ର ଦେଖାକରିବାକୁ ଆସିନାହାନ୍ତି। ବୃଦ୍ଧାଙ୍କ ଅପେକ୍ଷା ନିରାଶାରେ ପରିଣତ ହୋଇଛି। ତାଙ୍କ ରକ୍ତର ସନ୍ତାନ ଏପରି ହୋଇପାରେ ବୋଲି ସେ ବିଶ୍ୱାସ କରିପାରୁ ନାହାନ୍ତି। ବନ୍ଦନା ହତଚକିତ ହୋଇ ଚାହିଁ ରହିଥିଲେ।



ଡାକ୍ତର ସେମାନଙ୍କୁ ଶିଶୁ ବିଭାଗ ୱାର୍ଡକୁ ନେଇଗଲେ। ନର୍ସ ଗୋଟିଏ ସଦ୍ୟ ଜନ୍ମିତ ଶିଶୁକୁ ବୋତଲରେ କ୍ଷୀର ପିଆଇବାକୁ ଚେଷ୍ଟା କରୁଥାନ୍ତି। ପିଲାଟି କାନ୍ଦୁଥାଏ। ଡାକ୍ତର ନର୍ସଙ୍କଠାରୁ ଛୁଆଟିକୁ ଆଣି ବନ୍ଦନାଙ୍କ ହାତରେ ଧରାଇଦେଲେ। କେମିତି ଏକ ଅପୂର୍ବ ଆନନ୍ଦ ଓ ପରିପୂର୍ଣ୍ଣତାରେ ତାଙ୍କ ଦୁଇହସ୍ତ ପୂରିଉଠୁଥାଏ। ଡାକ୍ତର କହିଲେ– 'ଶିଶୁଟିର ବାପା ପ୍ରଥମେ କରୋନାରେ ଚାଲିଗଲେ। ଏ ପିଲାଟିକୁ ଦୁଇଦିନ ତଳେ ଜନ୍ମଦେଇ ତା' ମାଆଟି ମଧ୍ୟ କରୋନାରେ ଚାଲିଗଲା। ତେବେ ସୁଖର କଥା, ଶିଶୁଟି କରୋନାମୁକ୍ତ।

ଡାକ୍ତର କହିଲେ– ତୁମେ ଦୁହେଁ ଶିଶୁଟିର ଉପଯୁକ୍ତ ଅଭିଭାବକ ହୋଇପାରିବ ବୋଲି ମୋର ବିଶ୍ୱାସ। ସେଦିନ ସେ ଅମୃତଲଗ୍ନ କ'ଣ ଥିଲା କେଜାଣି, ଦିହେଁଯାକ କନ୍ୟାରତ୍ନଟିକୁ ଘରକୁ ଧରି ଆସୁଥିଲେ। ବନ୍ଦନାଙ୍କ ଆଖିରେ ଆନନ୍ଦାଶ୍ରୁ। ଦୀର୍ଘ ଦଶବର୍ଷ ପରେ ଆଶୁତୋଷ ଓ ବନ୍ଦନାଙ୍କ ପ୍ରିଗ୍ନାନ୍ସି ରିପୋର୍ଟ ଏତେ ସୁନ୍ଦର ଓ ରକ୍ତମାଂସର ହୋଇପାରେ ବୋଲି ବନ୍ଦନାଙ୍କର ବିଶ୍ୱାସ ହେଉ ନ ଥିଲା।

– ଜାଗମରା, ଭୁବନେଶ୍ୱର
ମୋ: ୮୨୪୯୯୨୯୭୬୨

# ଘଟଣା ସତ୍ୟ ହେଲେ କାର୍ଯ୍ୟାନୁଷ୍ଠାନ: ଜିଲାପାଳ

**ଦେବଗଡ଼,୨୦।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ଶିକ୍ଷା ବିଭାଗରେ ବ୍ୟାପକ ଅନିୟମିତତା ହୋଇଛି। ମୋଟା ଅଙ୍କର ଅର୍ଥ କାରବାର କରାଯାଇ ୭୦ରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କୁ ଡେପୁଟେଶନ କରାଯାଇ ନିଜର ସୁବିଧା ସ୍ଥାନକୁ ପଠାଯାଇଛି ବୋଲି ଅଭିଯୋଗ ହେବା ପରେ ତଦନ୍ତ ଆରମ୍ଭ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍‌କୁ ଜିଲାପାଳ କବିନ୍ଦ୍ର କୁମାର ସାହୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି। ଘଟଣା ସତ୍ୟ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କହିଛନ୍ତି। ଏହି ଘଟଣାରେ ଆକ୍ସନ ମୋଡ଼ରେ ଜିଲାପାଳ ଥିବାରୁ ଶିକ୍ଷା ବିଭାଗରେ ଅନିୟମିତତା କରିଥିବା, ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଛନକା ପଶିଛି। କାର୍ଯ୍ୟାନୁଷ୍ଠାନ ସହ ସବୁ ଅନିୟମିତତା ଡେପୁଟେଶନ ଅର୍ଡର ରଦ୍ଦ ହେବ ବୋଲି ଜିଲାପାଳ କହିଛନ୍ତି। ଶିକ୍ଷା ବିଭାଗରେ ଅନିୟମିତତାରେ ଡେପୁଟେଶନ ହୋଇଥିବା ଶିକ୍ଷକ ଫେରିବେ ମୂଳ ସ୍କୁଲକୁ। ଏହି ଘଟଣା ଗତ କିଛିଦିନ ଧରି ଚର୍ଚ୍ଚାରେ ଥିବାବେଳେ କାର୍ଯ୍ୟାନୁଷ୍ଠାନ ଅପେକ୍ଷାରେ ଦେବଗଡ଼ ଜିଲାବାସୀ ରହିଛନ୍ତି। ତେବେ ଏହି ଅନିୟମିତତା ଜିଲା ଶିକ୍ଷା ଅଧିକାରୀଙ୍କ ଜ୍ଞାତସାରରେ ହୋଇଥିବା ଅଭିଯୋଗ ହୋଇଆସୁଛି।

ପ୍ରକାଶ ଯେ, ଜିଲାରେ କେତେକ ସ୍କୁଲରେ ଶିକ୍ଷକ ଅଭାବ ରହିଥିଲା। ତେଣୁ ଯେଉଁ ସ୍କୁଲରେ ଶିକ୍ଷକଙ୍କ ଜରୁରୀ ଆବଶ୍ୟକ ଥିଲା, ସେହି ସ୍କୁଲକୁ ଶିକ୍ଷକଙ୍କୁ ଡେପୁଟେଶନରେ ପଠାଇବା ଲାଗି ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ୧୯ଶିକ୍ଷକଙ୍କୁ ଡେପୁଟେଶନରେ ପଠାଯାଇଥିଲା। ଏହି ମୌକାର ସୁଯୋଗ ନେଇ ଜିଲା ଶିକ୍ଷା ବିଭାଗର ଅଧିକାରୀ ଓ କର୍ମଚାରୀ ଅର୍ଥ କାରବାର କରି ମନଇଚ୍ଛା ଡେପୁଟେଶନ କରିଛନ୍ତି। ଯେଉଁ ଶିକ୍ଷକ ମୋଟା ଅଙ୍କର ଅର୍ଥ ଦେଇଛନ୍ତି, ସେମାନେ ମନପସନ୍ଦର ସ୍ଥାନରେ ଥିବା ସ୍କୁଲକୁ ଯାଇଛନ୍ତି। ଏହା ଫଳରେ ଗୋଟିଏ ଗୋଟିଏ ସ୍କୁଲରେ ଅଧିକ ଶିକ୍ଷକ ରହିଥିବାବେଳେ ଗୋଟିଏ ଗୋଟିଏ ସ୍କୁଲରେ ଶିକ୍ଷକ ନାହାନ୍ତି। ଯେଉଁ ସ୍କୁଲକୁ କେହି ଯିବାକୁ ଇଚ୍ଛା କରିନାହାନ୍ତି, ସେଠାରେ ଏବେ ବି ଶିକ୍ଷକ ଅଭାବ ରହିଛି। ଉକ୍ତ ଘଟଣା ନେଇ ଜିଲାପାଳଙ୍କ ଲେଟର ନଂ. ୪୫୪୨ରେ ଜିଲାର ସମସ୍ତ ୫୦ ଜଣ ସିଆରସିସିଙ୍କୁ ନିଜ ଦାୟିତ୍ୱରେ ଥିବା ସ୍କୁଲଗୁଡ଼ିକର ତଥ୍ୟ ମାଗିଥିଲେ। ଛାତ୍ରୀଛାତ୍ର ସଂଖ୍ୟା କେତେ, କେତେଜଣ ଶିକ୍ଷୟିତ୍ରୀଶିକ୍ଷକ ଅଛନ୍ତି ଓ କେତେଜଣ ଡେପୁଟେଶନ ଆସିଛନ୍ତି କି ଯାଇଛନ୍ତି, କେଉଁ ତାରିଖରେ ଆସିଛନ୍ତି ଆଉ କେଉଁ ତାରିଖରେ ଯାଇଛନ୍ତି, ସମସ୍ତ ରିପୋର୍ଟ ୯ ତାରିଖ ସୁଦ୍ଧା ଦେବା ପାଇଁ ଜିଲାପାଳ ଚିଠିରେ ଉଲ୍ଲେଖ କରିଥିଲେ। ସିଆର୍‌ସିସିମାନେ ସମସ୍ତ ରିପୋର୍ଟ ଦେଇଥିବା ଜଣାପଡ଼ିଛି। ଜିଲାପାଳ ସିଆର୍‌ସିସିମାନଙ୍କ ସହିତ ୩ଘଣ୍ଟାରୁ ଊର୍ଦ୍ଧ୍ୱ ଏହି ବିଷୟରେ ଆଲୋଚନା କରିଥିଲେ। ସିଆର୍‌ସିସିମାନେ ଦେଇଥିବା ରିପୋର୍ଟକୁ ନେଇ ଜିଲା ପ୍ରଶାସନର ସ୍ୱତନ୍ତ୍ର ଟିମ୍ ତଦନ୍ତ କରୁଛି, ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କହିଛନ୍ତି। ଏପଟେ ଜିଲା ଶିକ୍ଷା ଅଧିକାରୀ ସବୁ ଜାଣି ଅଜଣା ପରି ନାଟକ କରୁଥିବା ଅଭିଯୋଗ ହେଉଛି। ଶିକ୍ଷା ବିଭାଗର ଅଧିକାରୀଙ୍କ ଅଜାଣତରେ ଏପରି କେମିତି ହେବ ବୋଲି ବୁଦ୍ଧିଜୀବୀଙ୍କ ମନରେ ପ୍ରଶ୍ନ ଉଠୁଛି। ତାଙ୍କ ଜ୍ଞାତସାରରେ ସବୁ ହୋଇଛି ବୋଲି ଚର୍ଚ୍ଚା ହେଉଛି। ଜିଲା ଶିକ୍ଷା ବିଭାଗର ଜନୈକ କିରାଣି ଓ ଜିଲା ଶିକ୍ଷା ବିଭାଗର ଅଧିକାରୀଙ୍କ ଜାଣତରେ ବଦଳି, ଡେ଼ପୁଟେଶନ ହୋଇଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯାଉ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ଉକ୍ତ ଘଟଣାରେ ସମ୍ପୃକ୍ତ ଅଧିକାରୀ, କର୍ମଚାରୀଙ୍କ ଉପରେ କଣ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାହା ଭବିଷ୍ୟତରେ ଜଣାପଡ଼ିବ।

**ଶିକ୍ଷା ବିଭାଗରେ ଅନିୟମିତତା, ଶିକ୍ଷକଙ୍କୁ ଡେପୁଟେଶନ ପ୍ରସଙ୍ଗ**



- ତଦନ୍ତ କରୁଛି ସ୍ୱତନ୍ତ୍ର ଟିମ୍, କାର୍ଯ୍ୟାନୁଷ୍ଠାନ ଅପେକ୍ଷାରେ ଜିଲାବାସୀ
- ଅନିୟମିତତାରେ ଡେପୁଟେଶନ ହୋଇଥିବା ଶିକ୍ଷକ ଫେରିବେ ମୂଳ ସ୍କୁଲକୁ
- ରଦ୍ଦ ହେବ ସବୁ ଅନିୟମିତତା ଡେପୁଟେଶନ ଅର୍ଡର
- ଜିଲା ଶିକ୍ଷା ଅଧିକାରୀଙ୍କ ଜ୍ଞାତସାରରେ ସବୁ ହୋଇଥିବା ଅଭିଯୋଗ

# ଘର ଆଜବେଷ୍ଟସ୍ ଭାଙ୍ଗିଲା, ସ୍କୁଲ ଟିଣଛାତ ଉଡ଼ିଲା



ସାନଛତ୍ରଙ୍ଗ ପ୍ରାଥମିକ ବିଦ୍ୟାଳୟ ଛାତରେ ଲାଗିଥିବା ଟିଣ ଶେଡ ଉଡ଼ିଯାଇଛି।

**ଥୁଆମୂଳ ରାମପୁରରେ କାଳବୈଶାଖୀର ପ୍ରଭାବ**

**ଥୁଆମୂଳ ରାମପୁର,୨୦।୩ (ଦୁର୍ଗା ଦୁର୍ଗା)**

ଥୁଆମୂଳ ରାମପୁର ବ୍ଲକ ଅଞ୍ଚଳରେ ଗତ ମଙ୍ଗଳବାରଠାରୁ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ପବନ ସାଙ୍ଗକୁ କୁଆପଥର ମାଡ଼ ଯୋଗୁ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। କେଉଁଠି ଗରିବର ଚାଳ ଉଡ଼ିଯାଇଛି ତ କେଉଁଠି ଆଜବେଷ୍ଟସ୍ ଛାତ ଭାଙ୍ଗି ଚୁରମାର ହୋଇଯାଇଛି। ବିଶେଷକରି ସେର୍କାପାଇ, ଢୋଲପାସ ଓ ସାନଛତ୍ରଙ୍ଗ ଅଞ୍ଚଳରେ ପ୍ରକୃତିର କୋପ ଅଧିକ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଗତ ବୁଧବାର କାଳବୈଶାଖୀରେ କେରପାଇ ପଞ୍ଚାୟତ ସେର୍କାପାଇ ଗ୍ରାମର ପବିତ୍ର ନାଏକ ଓ ବୁଦ୍ଧୁ ମାଝୀଙ୍କ ଘର ଆଜବେଷ୍ଟସ୍ ଭାଙ୍ଗି ନଷ୍ଟ ହୋଇଯାଇଛି। ସେହିପରି ଗୁରୁବାର ସନ୍ଧ୍ୟାରେ ଅଡ୍ରି ପଞ୍ଚାୟତ ଢୋଲପାସ ଗ୍ରାମର ସାଗୁରାମ ନାଏକଙ୍କ ଘର ପବନ ମାଡ଼ରେ କ୍ଷତିଗ୍ରସ୍ତ ହୋଇଛି। ଛାତ ଉଡ଼ିଯିବା ଫଳରେ ଘରେ ରଖାଯାଇଥିବା ଖାଦ୍ୟଶସ୍ୟ ଓ ଆସବାପତ୍ର ନଷ୍ଟ ହୋଇଯାଇଛି। ଏବେ ଏହି ଗରିବ ପରିବାର ଖୋଲା ଆକାଶ ତଳେ ଦିନ କାଟୁଛନ୍ତି। ସାନଛତ୍ରଙ୍ଗ ପ୍ରାଥମିକ ବିଦ୍ୟାଳୟର ଛାତରେ ଲାଗିଥିବା ଟିଣ ଶେଡ ପବନରେ ଉଡ଼ିଯାଇଛି। ଅନ୍ୟପଟେ ବ୍ଲକର ବିଭିନ୍ନ ସ୍ଥାନରେ ଗଛ ପଡ଼ି ବିଦ୍ୟୁତଖୁଣ୍ଟ ଉପୁଡ଼ି ଯାଇଥିବାରୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ପ୍ରଶାସନ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଓଡ଼ିଆ ସ୍ୱାଭିମାନ, ସଂସ୍କୃତିର ଜୟଗାନ

**ସମ୍ବଲପୁର,୨୦।୩(ପ୍ରମୋଦ ବହିଦାର)**

ପାରମ୍ପରିକ ଓଡ଼ିଆ ଖାଦ୍ୟ ସଂସ୍କୃତିର ଅବିଚ୍ଛେଦ୍ୟ ଅଂଶ ଭାବେ ପରିଚିତ ପଖାଳ। ଏହାର ପ୍ରଚାର ଓ ପ୍ରସାର ନିମନ୍ତେ ଶୁକ୍ରବାର ସମଗ୍ର ରାଜ୍ୟରେ ପଖାଳ ଦିବସ ପାଳିତ ହୋଇଛି। ସମ୍ବଲପୁରରେ ମଧ ବେଶ୍ ହର୍ଷଉଲ୍ଲାସର ସହିତ ପାଳିତ ହୋଇଛି ଜିଲାସ୍ତରୀୟ ପଖାଳ ଦିବସ। ସ୍ଥାନୀୟ ପାନ୍ଥନିବାସରେ ଅନୁଷ୍ଠିତ ଓଡ଼ିଆ ପରମ୍ପରାର ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପଖାଳ ଦିବସରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ପ୍ରମୁଖ ଯୋଗଦେଇ ଓଡ଼ିଆ ଅସ୍ମିତାର ପ୍ରତୀକ ପଖାଳର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପାରମ୍ପରିକ ଓଡ଼ିଆ ପଖାଳକୁ ଓଡ଼ିଆ ସ୍ୱାଭିମାନ ଓ ସଂସ୍କୃତିର ପ୍ରତୀକ ଭାବେ ଅଭିହିତ କରିଥିଲେ ଅତିଥିମାନେ। ସେହିପରି ଏହି ପାରମ୍ପରିକ ଓଡ଼ିଆ ବ୍ୟଞ୍ଜନ ପଖାଳର ସଂରକ୍ଷଣ ତଥା ଏଥିପ୍ରତି ଲୋକଙ୍କ ଆଗ୍ରହକୁ ସୁଦୂରପ୍ରସାରି କରିବାକୁ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ପାନ୍ଥନିବାସରେ ଅନୁଷ୍ଠିତ ପଖାଳ ଦିବସ ପାଳନ ଉତ୍ସବରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି) ସଂଗ୍ରାମ କେଶରୀ ମହାପାତ୍ର, ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଧବ, ମହାନଗର ନିଗମ ଆୟୁକ୍ତ ରେହାନ୍ ଖତ୍ରୀ, ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ, ଅତିରିକ୍ତ ଜିଲା ପର୍ଯ୍ୟଟନ ନିର୍ଦ୍ଦେଶକ ରବୀନ୍ଦ୍ର ଦଳାଇଙ୍କ ସମେତ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ପାରମ୍ପରିକ ପଖାଳ ସାଙ୍ଗକୁ ଶାଗଭଜା, ବଡ଼ିଚୂରା, ମାଛଭଜା, ଚୂନାମାଛ ବେସର, ବାଇଗଣ ଭର୍ତ୍ତା, ବିଲାତି ଖଟା ଆଦି ବିଭିନ୍ନ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନର ସ୍ୱାଦ ଆସ୍ୱାଦନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଥିବା ବେଳେ ଆଭାସୀ ମାଧ୍ୟମରେ ଏହାର ସିଧା ପ୍ରସାରଣ କରାଯାଇଥିଲା। କାର୍ଯ୍ୟକ୍ରମ ସ୍ଥଳରେ ପଖାଳ ସହିତ ବିଭିନ୍ନ ପାରମ୍ପରିକ ଓଡ଼ିଆ ଖାଦ୍ୟର ପ୍ରଦର୍ଶନ ସହ ଉପସ୍ଥିତ ଅତିଥିମାନଙ୍କୁ ପରଷା ଯାଇଥିଲା। କେବଳ ସମଗ୍ର ସମ୍ବଲପୁର ସହର ନୁହେଁ ବରଂ ସମଗ୍ର ଜିଲାରେ ପଖାଳ ଦିବସକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ ଉତ୍ସାହଜନକ ପରିବେଶ ମଧ୍ୟରେ ପାଳନ କରାଯାଇଥିଲା।



ପାନ୍ଥନିବାସରେ ପାଳିତ ଜିଲାସ୍ତରୀୟ ପଖାଳ ଦିବସରେ ପାରମ୍ପରିକ ପଖାଳ ଓ ଅନ୍ୟାନ୍ୟ ସୁସ୍ୱାଦୁ ବ୍ୟଞ୍ଜନର ଆନନ୍ଦ ନେଉଛନ୍ତି ଅତିଥିମାନେ।

**ସମ୍ବଲପୁରରେ ଜିଲାସ୍ତରୀୟ ପଖାଳ ଦିବସ**

# ବୋଲେରୋ ଧକ୍କାରେ ବାଇକ୍ ଆରୋହୀ ମୃତ

**ଦେବଗଡ଼,୨୦।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ଥାନା ଅଧୀନ ଠିଆନାଳ ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ବୋଲେରୋ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅନୁଗୋଳ ଜିଲା ପାଲଲହଡ଼ା ଥାନା ଅନ୍ତର୍ଗତ ଝିମିରିପାଲି ଗ୍ରାମର ଭଗବାନ ନାୟକ(୪୨)। ଗୁରୁବାର ରାତିରେ ସେ ବାଇକ୍ ଯୋଗେ ଠିଆନାଳ ପଟୁ ନିଜ ଗ୍ରାମକୁ ଫେରୁଥିବାବେଳେ ବିପରୀତ ଦିଗରୁ ଭୁଲ ରାସ୍ତାରେ ଆସୁଥିବା ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବାରକୋଟ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିବା ସହ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଟ୍ରକ୍‌କୁ ପିଟିଲା କାର୍, ଅବସରପ୍ରାପ୍ତ ଏସ୍‌ଡିଏମ୍‌ଓଙ୍କ ମୃତ୍ୟୁ

**ଭବାନୀପାଟଣା,୨୦।୩(ଉତ୍ତମ କୁମାର ଦାଶ)**



କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ବଳଦିଆମାଲ ପେଟ୍ରୋଲ ପମ୍ପ ସମ୍ମୁଖରେ ଶୁକ୍ରବାର ସକାଳେ କାର୍ ଦୁର୍ଘଟଣାରେ ବରିଷ୍ଠ ଡାକ୍ତର ତଥା ଅବସରପ୍ରାପ୍ତ ଧର୍ମଗଡ଼ ଏସ୍‌ଡିଏମ୍‌ଓ (ଉପଖଣ୍ଡ ଚିକିତ୍ସାଧିକାରୀ) ହରିଶ ଚନ୍ଦ୍ର ପଧାନ (୭୭)ଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁସାରେ, ହରିଶ ପୂର୍ବାହ୍ନରେ ଭବାନୀପାଟଣା ପୁରୁଣାପଡାସ୍ଥିତ ନିଜ ଘରୁ କାର୍ (ନଂ.ଓ୦୮ଭି-୬୯୬୫) ଯୋଗେ ଧର୍ମଗଡ଼ କ୍ଲିନିକ ଯାଉଥିବାବେଳେ ବଳଦିଆମାଲ ପେଟ୍ରୋଲ ପମ୍ପ ସମ୍ମୁଖ ୨୬ ନମ୍ବର ଜାତୀୟ ରାଜପଥରେ ଅଟକି ରହିଥିବା ଏକ ଟ୍ରକ୍ ସହିତ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣାରେ କାର୍ ଚାଳକ ମଧ ଆହତ ହୋଇଛନ୍ତି। ତାଙ୍କ ପରଲୋକ ଖବର ଶୁଣି ବହୁ ଲୋକ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଏକ ଶୋକାକୁଳ ପରିବେଶରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଏକମାତ୍ର ପୁଅ ଉତ୍ତମ ପ୍ରଧାନ ମୁଖାଗ୍ନି ଦେଇଥିଲେ।

# ରିତେଶ ପୁଷ୍ଟେଠ ଭାଜପା ଯୁବମୋର୍ଚ୍ଚା ସମ୍ପାଦକ

**ରାଉରକେଲା,୨୦।୩(ବିପ୍ଳବ ରଞ୍ଜନ ଦାଶ)**



ରିତେଶ ପୁଷ୍ଟେଠ୍ ଭାରତୀୟ ଜନତା ପାର୍ଟି ଯୁବା ମୋର୍ଚ୍ଚାର ନୂତନ ସମ୍ପାଦକ ଭାବେ ମନୋନିତ ହୋଇଛନ୍ତି। ଏହି ଖବର ପରେ ସୁନ୍ଦରଗଡ଼ ଜିଲାରେ ଖୁସିର ଲହରୀ ଖେଳିଯାଇଛି। ଏହି ଗୁରୁ ଦାୟିତ୍ୱ ତାଙ୍କୁ ମିଳିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝୀ, ସୁନ୍ଦରଗଡ଼ ସାଂସଦ ଜୁଏଲ୍ ଓରାମ, ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ତଥା ରାଉରକେଲା ସାଙ୍ଗଠନିକ ଜିଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟାଙ୍କୁ ରିତେଶ ଧନ୍ୟବାଦ ଦେଇଛନ୍ତି। ବର୍ତ୍ତମାନ ରିତେଶ ଆଇଆଇଟି ଭୁବନେଶ୍ୱର ଓ ଆଇଆଇଏମ୍‌ସି, ନୂଆଦିଲ୍ଲୀ ସହଯୋଗରେ ଓଡ଼ିଶାର ଏଆଇ ଆଧାରିତ ସଞ୍ଚାର ଷ୍ଟାର୍ଟ ଅପ୍ ଡେସିନୋଭା ପିଆର୍ ଆଣ୍ଡ୍ ଆଡ୍‌ଭାର୍ଟାଇଜିଂର ସଂସ୍ଥାପକ ଭାବେ କାର୍ଯ୍ୟ କରୁଛନ୍ତି।

# କଫ ସିରପ୍ କାରବାର, ୨ ଗିରଫ



ଗିରଫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

**ବରଗଡ଼,୨୦।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ଥାନା ପୋଲିସ ଗୁରୁବାର କଫ୍ ସିରପ କାରବାର ଉପରେ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଅମ୍ବାଭୋନା ଥାନା ଅନ୍ତର୍ଗତ ଭୁକ୍ତା ଗ୍ରାମର ରାଜୁ ଓରଫ୍ ଟିକନ ପଟେଲ(୨୧) ଏବଂ ଟିକେ ଓରଫ୍ ଟିକେଶ୍ୱର ସିଦାର୍(୩୨)। ସେମାନଙ୍କ ପାଖରୁ ସିଲ୍ଡ ହୋଇଥିବା ୩୦୦ ବୋତଲ କଫ୍ ସିରପ୍, ସିଲ୍ଡ ଖୋଲାଯାଇଥିବା ୧୦ବୋତଲ କଫ୍ ସିରପ୍, ଗୋଟିଏ ସ୍କୁଟି (ନଂ.ସିଜି୧୩ଏୱାଇ/୧୦୭୦), ଗୋଟିଏ ମୋବାଇଲ ଏବଂ ନଗଦ ୨୧ହଜାର ୫୭୦ ଟଙ୍କା ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ଶୁକ୍ରବାର ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜିଲା କାରାଗାର ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟା ୪୦ମିନିଟ୍‌ରେ ଅଭିଯୁକ୍ତମାନେ କଫ୍ ସିରପ୍ ବିକ୍ରି କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ଏସ୍‌ପି ପି.ଏସ୍ ମୀନାଙ୍କ ନିର୍ଦ୍ଦେଶକ୍ରମେ ଅମ୍ବାଭୋନା ଥାନାର ଏକ ପୋଲିସ ଟିମ୍ ସେଠାରେ ଅତର୍କିତ ଚଢ଼ାଉ କରିଥିଲା।

# ୩ ମାସରେ ସଡ଼କ ଦୁର୍ଘଟଣାରେ ଗଲାଣି ୬୮ ଜୀବନ

**ଜିଲାସ୍ତରୀୟ ସଡ଼କ ସୁରକ୍ଷା ସମିତି ବୈଠକ**

**୧୧୯୮ ଜଣଙ୍କର ଡ୍ରାଇଭିଂ ଲାଇସେନ୍ସ ସସ୍‌ପେଣ୍ଡ**

**ଭବାନୀପାଟଣା,୨୦।୩(ଉତ୍ତମ କୁମାର ଦାଶ)**



ଜିଲାସ୍ତରୀୟ ସଡ଼କ ସୁରକ୍ଷା ସମିତି ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଗୁରୁବାର ଜିଲାସ୍ତରୀୟ ସଡ଼କ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଅଧକ୍ଷତା କରିଥିଲେ। ବିନା ହେଲମେଟରେ ଗାଡି ଚଳାଇବା ଓମଦ୍ୟପାନ କରି ଗାଡି ଚାଳନା କରିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। କଳାହାଣ୍ଡି ଜିଲା ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସୂଚନା ଅନୁଯାୟୀ ଜିଲାରେ ଡିସେମ୍ବର ୨୦୨୫ରେ ୩୪ଟି ସଡ଼କ ଦୁର୍ଘଟଣା ଘଟି ୧୯ ଜଣଙ୍କ ମୃତ୍ୟୁ ହୋଇଥିଲା। ଜାନୁଆରୀ ୨୦୨୬ରେ ୪୧ଟି ଦୁର୍ଘଟଣାରେ ୨୬ ଜଣ ଓ ଫେବୃଆରୀରେ ୩୨ ଦୁର୍ଘଟଣାରେ ୨୩ ଜଣଙ୍କର ମୃତ୍ୟୁ ହୋଇଥିଲା। ସମୁଦାୟ ଏହି ୩ ମାସରେ ସଡ଼କ ଦୁର୍ଘଟଣାରେ ୬୮ ଜଣଙ୍କର ମୃତ୍ୟୁ ହୋଇଛି, ଯାହାକି ଚିନ୍ତାର ବିଷୟ। ଡିସେମ୍ବର ୨୦୨୫ରୁ ଫେବୃଆରୀ ୨୦୨୬ ମଧ୍ୟରେ ହେଲମେଟ ନ ପିନ୍ଧିବା, ଦ୍ରୁତ ଗତିରେ ଗାଡି ଚଳାଇବା, ଗାଡି ଚଳାଇବା ସମୟରେ ମୋବାଇଲ ଫୋନ ବ୍ୟବହାର କରିବା, ମଦ୍ୟପାନ କରି ଗାଡି ଚଳାଇବା ଇତ୍ୟାଦି କେସ୍‌ରେ ଆଞ୍ଚଳିକ ପରିବହନ ବିଭାଗ ଦ୍ୱାରା ୩୪୨୦ ଚାଲାଣ ଇସ୍ୟୁ କରାଯାଇ ୧୧୯୮ ଜଣଙ୍କର ଡ୍ରାଇଭିଂ ଲାଇସେନ୍ସ ସସ୍‌ପେଣ୍ଡ କରାଯାଇଛି। ଏହି ବୈଠକରେ ଡେପୁଟି କମିଶନର ତଥା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରତାପ କିଶୋର ପଣ୍ଡା, ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାଏକ, ଡିଏସ୍‌ପି ଲୋକନାଥ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, କମିଟି ସଦସ୍ୟ ବରିଷ୍ଠ ଖବରଦାତା ଉମାଶଙ୍କର କର, ଏମ୍‌ଭିଆଇ ମିଥୁନ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଘରୋଇ ବସ୍ ସଂଘ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସମ୍ମିଳନୀ

**ଖଡ଼ିଆଳ,୨୦।୩(ସୁଜିତ କୁମାର ପ୍ରଧାନ)**



ଜାତୀୟ ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

ଖଡ଼ିଆଳସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ମନୋବିଜ୍ଞାନ ବିଭାଗ ଓ ପତଙ୍ଗ ଇଣ୍ଡିଆ ସଂଗଠନର ମିଳିତ ଆନୁକୂଲ୍ୟରେ ଏକଦିବସୀୟ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୁବ ଓ ବୟସ୍କଙ୍କ ମଧ୍ୟରେ ଆକାଂକ୍ଷା ଏବଂ ପସନ୍ଦରେ ମଡେଲିଂର ଭୂମିକା ଶୀର୍ଷକ ଆଲୋଚନାଚକ୍ରକୁ ଅଧକ୍ଷ ଡ. ଅକ୍ଷୟ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ରୂପଶ୍ରୀ ଗୋସ୍ୱାମୀ ମୁଖ୍ୟବକ୍ତା, ଜିଲା ଶିଶୁ କଲ୍ୟାଣ କମିଟି ଅଧକ୍ଷ ଡ. ଫଣିନ୍ଦ୍ରମ ଦେଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆବାହକ ଚନ୍ଦ୍ରକାନ୍ତ ଦାସ ଆଲୋଚନାଚକ୍ରର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଭାରପ୍ରାପ୍ତ ବିଭାଗ ମୁଖ୍ୟ ଡ. ସୁରେନ୍ଦ୍ର କାଲେତ, ସହ ଅବାହିକା ବନିତା ସେଠୀ, ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଶୁଭସ୍ମିତା ପଧାନ ନିଜର ଅଭିମତ ପ୍ରଦାନ କରିଥିଲେ। ଏଥିରେ ଚାରୋଟି ବୈଷୟିକ ଅଧିବେଶନରେ ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟରୁ ଅଧ୍ୟାପକ, ଅଧ୍ୟାପିକା ତଥା ଗବେଷକ ଓ ଗବେଷିକା ଯୋଗଦେଇ ନିଜର ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଡ. ଲିପିକା ପ୍ରିୟଦର୍ଶିନୀ ପାତ୍ର, ରାଜେଶ ପାତ୍ର, ଡ. ଶିବକୁମାର, ପ୍ରହଲ୍ଲାଦ ମାଝି, ପ୍ରୀତମ ତିର୍କୀ ପ୍ରମୁଖ ବିଭିନ୍ନ ଅଧିବେଶନର ପରିଚାଳନା କରିଥିଲେ। ଶେଷରେ ସହକାରୀ ପ୍ରଫେସର ରଶ୍ମିକାନ୍ତି ତିର୍କୀ ଧନ୍ୟବାଦ ଦେଇଥିଲେ।



**ରେସଲର ସାଲେହ ମହମ୍ମଦିଙ୍କୁ ଫାଶୀଦେଲା ଇରାନ**

ଇରାନ ସରକାର ୧୯ ବର୍ଷୀୟ ରେସ୍‌ଲର ଚାମ୍ପିୟନ୍ ସାଲେହ ମହମ୍ମଦି ଏବଂ ଅନ୍ୟ ୨ ବିକ୍ଷୋଭକାରୀଙ୍କୁ କୋମ୍‌ଠାରେ ସର୍ବସାଧାରଣରେ ଫାଶୀ ଦେଇଛନ୍ତି। ବିକ୍ଷୋଭକାରୀଙ୍କ ଉପରେ ସରକାରଙ୍କ ଦମନଲୀଳା ଉତ୍ତେଜନାକୁ ଆହୁରି ବଢ଼ାଇବ ବୋଲି ଆକ୍ଟିଭିଷ୍ଟମାନେ କହିଛନ୍ତି। ଗତ ଜାନୁଆରୀ ୮ ବିକ୍ଷୋଭ ବେଳେ ୨ ପୋଲିସ ଅଧିକାରୀଙ୍କ ହତ୍ୟା ସହ ସେମାନେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା।

# କୁଏଟ୍ ତୈଳ ବିଶୋଧନାଗାର ଉପରେ ଆକ୍ରମଣ

## ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍: ଇରାନ ସେନା ମୁଖପାତ୍ର ନିହତ

ଦୁବାଇ,୨୦।୩

କୁଏଟ୍‌ର ଏକ ତୈଳ ବିଶୋଧନାଗାର ଉପରେ ଶୁକ୍ରବାର ଭୋର ସମୟରେ ଇରାନ ଡ୍ରୋନ୍ ଆକ୍ରମଣ କରିଛି। ଇସ୍ରାଏଲ୍‌ରେ ଆକ୍ରମଣ ସତର୍କ ସୂଚନା ସ୍ୱରୂପ ସାଇରନ୍‌ଗୁଡ଼ିକ ବାଜିଥିଲା। ଅନ୍ୟପକ୍ଷରେ ତେହରାନ୍‌ରେ ଇସ୍ରାଏଲ୍ ସେନା ପକ୍ଷରୁ ଏୟାରଷ୍ଟ୍ରାଇକ୍ କରାଯାଇଛି। ଉକ୍ତ ଏୟାରଷ୍ଟ୍ରାଇକ୍‌ର ଇରାନର ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡସ କର୍ (ଆଇଆର୍‌ଜିସି) ମୁଖପାତ୍ର ଜେନେରାଲ ଅଲି ମହମ୍ମଦ ନୈନି ନିହତ ହୋଇଥିବା ଇରାନୀୟ ସରକାରୀ ଟିଭି ସ୍ପଷ୍ଟ କରିଛି। ଏଥିସହିତ ଆଇଆର୍‌ଜିସିର ବାସିଜ୍ ଫୋର୍ସର ଗୋଇନ୍ଦା ମୁଖ୍ୟ ଜେନେରାଲ ଏସ୍‌ମାଇଲ୍ ଅହମଦି ମଧ୍ୟ ଆକ୍ରମଣରେ ନିହତ ହୋଇଛନ୍ତି। ନୈନି ଆମେରିକା ଓ ଇସ୍ରାଏଲ୍‌କୁ ଚେତାବନୀ ଦେବାର କିଛି ସମୟ ପରେ ଏୟାର ଷ୍ଟ୍ରାଇକ୍‌ରେ ପ୍ରାଣ ହରାଇଛନ୍ତି। ତେହରାନ୍ ୟୁରାନିୟମ୍ ଏନ୍‌ରିଚ୍‌ମେଣ୍ଟ କରିପାରିବ ନାହିଁ ଏବଂ ବାଲିଷ୍ଟିକ୍ ମିଶାଇଲ୍ ନିର୍ମାଣ କରିପାରିବ ନାହିଁ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଥିବାବେଳେ ନୈନି ଏହାକୁ ଖଣ୍ଡନ କରିଥିଲେ। ତେହରାନ୍ ଏବେ ବି ମିଶାଇଲ୍ ନିର୍ମାଣ ଜାରି ରଖିଛି ଏବଂ ଯୁଦ୍ଧ ଜାରି ରହିବ ବୋଲି ସେନା ମୁଖପାତ୍ର କହିଥିଲେ।



ଅଲି ମହମ୍ମଦ ନୈନି

୩ ସପ୍ତାହ ହେଲା ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଏବଂ ଉପସାଗରୀୟ ଅଞ୍ଚଳର ଶକ୍ତି ଭିତ୍ତିଭୂମିଗୁଡ଼ିକ ଉପରେ ଆକ୍ରମଣ ଯୋଗୁ ବିଶ୍ୱ ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହୋଇଛି। କୁଏଟ୍‌ର ମିନା ଅଲ୍-ଅହମଦି ତୈଳ ବିଶୋଧନାଗାର ଉପରେ ୨ ପର୍ଯ୍ୟାୟରେ ଡ୍ରୋନ୍ ମାଡ଼ ଯୋଗୁ ନିଆଁ ଲାଗିଯାଇଛି। ଦିନକୁ ୭୩୦,୦୦୦ ବ୍ୟାରେଲ୍ ତୈଳ ପ୍ରୋସେସିଂ ହେଉଥିବା ଅନ୍ୟ ଏକ ରିଫାଇନେରି ଗୁରୁବାର ଇରାନ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିଲା। ବୁଧବାର ଇସ୍ରାଏଲ୍ ପାରସ୍ୟ ଉପସାଗରରେ ଥିବା ଇରାନର ବୃହତ୍ ସାଉଥ୍ ପାର୍ସ ପ୍ରାକୃତିକ ଗ୍ୟାସ୍ ଫିଲ୍ଡରେ ଇସ୍ରାଏଲ୍ ବୋମାମାଡ଼ କରିଥିଲା, ଯାହାର ଶବ୍ଦ ଜେରୁଜେଲମ୍ ପର୍ଯ୍ୟନ୍ତ ଶୁଣାଯାଇଥିଲା।

ଶୁକ୍ରବାର ଲୋକେ ଇଦ୍-ଉଲ୍-ଫିତର ପାଳନ କରୁଥିବାବେଳେ ଦୁବାଇ ସମେତ ସାଉଦି ଆରବର ବିଭିନ୍ନ ଭାଗରେ ବିସ୍ଫୋରଣ ଶବ୍ଦ ଶୁଣାଯାଇଛି। ବାହରିନ୍‌ର ଏକ ୱେରହାଉସ୍ ଉପରେ ଶୁକ୍ରବାର ସକାଳେ ଶ୍ରାପନେଲ୍ ପଡ଼ିଥିଲା। ଇରାନର କେତେକ ଡ୍ରୋନ୍‌କୁ ସାଉଦି ଆରବ ଖସାଇଦେଇଛି। ଉପସାଗରୀୟ ଅଞ୍ଚଳରେ କ୍ରମାଗତ ଆକ୍ରମଣ ଯୋଗୁ ଭୟଭୀତ ଅନେକ ଲକ୍ଷ ଲୋକ ଘରଦ୍ୱାର ଛାଡ଼ି ଆଶ୍ରୟ ସ୍ଥଳୀକୁ ପଳାଇଥବାବେଳେ ବିଶ୍ୱ ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇଛି।

# ୩୦୦ ବେଆଇନ ୱେବ୍‌ସାଇଟ୍, ଆପ୍ ବନ୍ଦ

## ଗାମ୍ବଲିଂ, ବେଟିଂ ୱେବ୍‌ସାଇଟ୍ ଉପରେ କେନ୍ଦ୍ରର ଛାଟ

ନୂଆଦିଲ୍ଲୀ,୨୦।୩(ପି.ଟି.)

ଭାରତରେ ବେଆଇନ ଗାମ୍ବଲିଂ ଓ ବ୍ୟାଟି ୱେବ୍‌ସାଇଟ୍‌ଗୁଡ଼ିକର ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଯୁବପିଢ଼ି ଏହାର ଜାଲରେ ଛନ୍ଦିହୋଇ ବିପୁଳ ଅର୍ଥ ହରାଇବା ସହ ସର୍ବସ୍ୱାନ୍ତ ହେଉଛନ୍ତି। କେନ୍ଦ୍ର ସରକାର ଏହାକୁ ଦୃଷ୍ଟିରେ ରଖି ଜୁଆ ଖେଳାଉଥିବା ୩୦୦ ୱେବ୍‌ସାଇଟ୍ ଓ ଆପ୍‌କୁ ବ୍ଲକ୍ କରିଦେଇଛନ୍ତି।



ସରକାରୀ ସୂତ୍ରରୁ ଶୁକ୍ରବାର ଜଣାପଡ଼ିଛି, ଯୁବପିଢ଼ି ଅଧିକ ଲୋଭର ବଶବର୍ତ୍ତୀ ହୋଇ ଅନ୍‌ଲାଇନ କ୍ୟାସିନୋ, ରୋଉଇଲେଟ୍, ଲାଇଭ୍ ଡିଲର ଟେବୁଲ,ଭଳି ଅନ୍‌ଲାଇନ୍ ସ୍ପୋର୍ଟ୍ସ ବେଟିଂ ଆପ୍‌ରେ ଟଙ୍କା ଲଗାଇଥାନ୍ତି। ସେହିପରି ସଟ୍ଟା/ମଟ୍‌କା ଗାମ୍ବଲିଂ ନେଟ୍‌ୱର୍କ ଓ ରିଅଲ-ମନି କାର୍ଡ ଏବଂ କ୍ୟାସିନୋ ଗେମ୍‌ରେ ମଧ୍ୟ ଅର୍ଥ ଲଗାନ୍ତି। ଏଭଳି ୩୦୦ ୱେବ୍‌ସାଇଟ୍ ଓ ଆପ୍ଲିକେଶନ୍‌କୁ ସରକାର ବେଆଇନ ଘୋଷଣା କରିବା ସହ ସେଗୁଡ଼ିକ ଉପରେ ନିଷେଧାଦେଶ ଜାରି କରିଛନ୍ତି। ଏହାକୁ ମିଶାଇ ଅଦ୍ୟାବଧି ୮,୪୦୦ ୱେବ୍‌ସାଇଟ୍‌କୁ ବନ୍ଦ କରାଗଲାଣି। ସେଥିରୁ ୪,୯୦୦ଟିକୁ ଅନ୍‌ଲାଇନ ଗାମ୍ବଲିଂ ଆକ୍ଟ ବଳରେ ବ୍ୟାନ୍ କରାଯାଇଥିବା ଜଣାପଡ଼ିଛି। ଦେଶରେ ଅନ୍‌ଲାଇନ୍ ଗାମ୍ବଲିଂ ବ୍ୟବସ୍ଥାକୁ ନିରାପଦ ଓ ଉତ୍ତରଦାୟୀ କରିବା ପାଇଁ କେନ୍ଦ୍ର ପ୍ରତିଶ୍ରୁତିବଦ୍ଧ ହୋଇଥିବାରୁ ପ୍ରମୋଶନ୍ ଆଣ୍ଡ୍ ରେଗୁଲେଶନ୍ ଅଫ୍ ଅନ୍‌ଲାଇନ୍ ଗାମ୍ବଲିଂ ଆକ୍ଟ, ୨୦୨୫ ବଳରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏପରି କି ଏଭଳି ୱେବ୍‌ସାଇଟ୍ ଓ ଆପ୍‌ଗୁଡ଼ିକର ବିଜ୍ଞାପନ, ପ୍ରୋତ୍ସାହନରେ ଲିପ୍ତ ସଂସ୍ଥା ଏବଂ ଦେୟ ବ୍ୟବସ୍ଥା କରାଉଥିବା ବ୍ୟାଙ୍କଗୁଡ଼ିକ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂତ୍ରରୁ ଜଣାପଡ଼ିଛି। ଏହାକୁ ଉଲ୍ଲଂଘନ କଲେ ସୂଚନା ପ୍ରଯୁକ୍ତି ଆଇନ, ୨୦୦୦ ବଳରେ ସମ୍ପୃକ୍ତ କମ୍ପାନୀଗୁଡ଼ିକ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବାର ବ୍ୟବସ୍ଥା ରହିଛି। ପ୍ରୋତ୍ସାହନଦାତାଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ କିମ୍ବା ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଅଥବା ଉଭୟ ଦଣ୍ଡରେ ଦଣ୍ଡିତ କରାଯାଇପାରେ। ଦ୍ୱିତୀୟ ଥର ଦୋଷୀ ସାବ୍ୟସ୍ତ ହେଲେ ୫ ବର୍ଷ ଜେଲ କିମ୍ବା ୨ କୋଟି ଟଙ୍କାର ଜରିମାନା ଅଥବା ଉଭୟ ଦଣ୍ଡ ମିଳିପାରେ। ଯେଉଁମାନେ ସୋସିଆଲ ମିଡିଆ ଭଳି ଅନ୍‌ଲାଇନ ମାଧ୍ୟମରେ ଏହାର ପ୍ରଚାରପ୍ରସାର କରୁଛନ୍ତି, ସେମାନଙ୍କୁ ୨ ବର୍ଷ ଜେଲ କିମ୍ବା ୫୦ ଲକ୍ଷ ଟଙ୍କାର ଜରିମାନା ଅଥବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବା ନେଇ ଉକ୍ତ ଆଇନ କର୍ତ୍ତୃପକ୍ଷଙ୍କୁ କ୍ଷମତା ପ୍ରଦାନ କରିଛି।

# ସାଉଦି ଆରବରେ ଆଉ ଜଣେ ଭାରତୀୟଙ୍କ ମୃତ୍ୟୁ

## ଆକ୍ରମଣରେ ଗଲାଣି ୬ ଭାରତୀୟଙ୍କ ଜୀବନ

ନୂଆଦିଲ୍ଲୀ,୨୦।୩

ସାଉଦି ଆରବର ରିୟାଧରେ ଗତ ବୁଧବାର ହୋଇଥିବା ଆକ୍ରମଣରେ ଜଣେ ଭାରତୀୟଙ୍କ ମୃତ୍ୟୁ ଘଟିଥିବା ସେଠାର ଭାରତୀୟ ଦୂତାବାସ ଶୁକ୍ରବାର ସ୍ପଷ୍ଟ କରିଛି। ଦୂତାବାସ ପକ୍ଷରୁ ମୃତକଙ୍କ ପରିବାର ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯିବା ସହ ସମସ୍ତ ଆବଶ୍ୟକ ସହାୟତା ପ୍ରଦାନ କରାଯାଇଛି। ଭାରତୀୟଙ୍କ ମୃତ୍ୟୁ ଘଟଣାରେ ଦୂତାବାସ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ଇରାନ ଉପରେ ଇସ୍ରାଏଲ୍ ଏବଂ ଆମେରିକାର ଆକ୍ରମଣ ପରେ ତେହରାନ ଉପସାଗରୀୟ ପଡ଼ୋଶୀ ଦେଶଗୁଡିକ ଉପରେ କ୍ରମାଗତ ଭାବେ ମିଶାଇଲ୍ ଏବଂ ଡ୍ରୋନ୍ ଆକ୍ରମଣ ଜାରି ରଖିଥିବାରୁ ସେଠାରେ ରହୁଥିବା ଭାରତୀୟଙ୍କୁ ନେଇ ଚିନ୍ତା ବଢ଼ିଛି। ସାଉଦି ଆରବରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯିବା ସହ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉଛି।

ପଶ୍ଚିମ ଏସିଆ ଯୁଦ୍ଧ ଲାଗିରହିଥିବାବେଳେ ଇତିମଧ୍ୟରେ ଉପସାଗରୀୟ ଅଞ୍ଚଳରେ ୬ ଜଣ ଭାରତୀୟଙ୍କ ମୃତ୍ୟୁ ଘଟିବା ସହ ଜଣେ ନିଖୋଜ ଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେଠାରେ ଥିବା ଭାରତୀୟମାନଙ୍କୁ ସହାୟତା ଓ ସ୍ୱଦେଶ ପଠାଇବା ପାଇଁ ଦୂତାବାସ କର୍ତ୍ତୃପକ୍ଷ ସ୍ଥାନୀୟ ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରୁଛନ୍ତି।

# ଯୁଦ୍ଧବିମାନ ଅବତରଣ ପାଇଁ ଆମେରିକାର ନିବେଦନକୁ ଶ୍ରୀଲଙ୍କାର ପ୍ରତ୍ୟାଖ୍ୟାନ

କଲମ୍ବୋ,୨୦।୩ (ପି.ଟି.)

ମାର୍ଚ୍ଚ ଆରମ୍ଭରେ ଆମେରିକାର ୨ଟି ଯୁଦ୍ଧବିମାନକୁ ଶ୍ରୀଲଙ୍କାର ଦକ୍ଷିଣ-ପୂର୍ବ ଭାଗରେ ଥିବା ମାତ୍ତାଲା ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ ପାଇଁ ୱାଶିଂଟନ ପକ୍ଷରୁ କରାଯାଇଥିବା ନିବେଦନକୁ ଶ୍ରୀଲଙ୍କା ପ୍ରତ୍ୟାଖ୍ୟାନ କରିଥିଲା ବୋଲି ଏହାର ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ ଶୁକ୍ରବାର ପାର୍ଲାମେଣ୍ଟକୁ କହିଛନ୍ତି। ମାର୍ଚ୍ଚ ୪ ଓ ୮ରେ ଜିବୌଟିରୁ ୨ଟି ଆମେରିକୀୟ ଯୁଦ୍ଧବିମାନ ଶ୍ରୀଲଙ୍କାରେ ଅବତରଣ ପାଇଁ ଅନୁମତି ମଗାଯାଇଥିଲା। ତେବେ କଲମ୍ବୋ ଉଭୟ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଥିଲା ବୋଲି ଦିସାନାୟକେ କହିଛନ୍ତି। ଅନେକ ଚାପ ସତ୍ତ୍ୱେ ଆମେ ନିରପେକ୍ଷତା ବଜାୟ ରଖିବାକୁ ଚାହୁଁ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲାବେଳେ ନିରପେକ୍ଷ ରହିବା ପାଇଁ ଆମେ ଯଥାସମ୍ଭବ ଉଦ୍ୟମ କରିବୁ ବୋଲି ଶ୍ରୀଲଙ୍କା ରାଷ୍ଟ୍ରପତି କହିଛନ୍ତି।

# ମଧ୍ୟପ୍ରାଚ୍ୟ ଅଭିମୁଖେ ୟୁଏସ୍‌ଏସ୍ ଟ୍ରିପୋଲି

ୱାଶିଂଟନ,୨୦।୩

ଆମେରିକା ନୌସେନା ଯୁଦ୍ଧଜାହାଜ ୟୁଏସ୍‌ଏସ୍ ଟ୍ରିପୋଲି ମଧ୍ୟପ୍ରାଚ୍ୟ ଅଭିମୁଖେ ଅଗ୍ରସର ହେଉଛି। ଏଥିରେ ୨,୨୦୦ ସୈନ୍ୟ ରହିଥିବାରୁ ଉକ୍ତ ଅଞ୍ଚଳରେ ଆମେରିକା ଅଧିକ ସେନା ନିୟୋଜିତ କରିବା ସଙ୍କେତ ମିଳିଛି। ଇରାନରେ ଆମେରିକା ସ୍ଥଳଯୁଦ୍ଧ କରିପାରେ ବୋଲି ମଧ୍ୟ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ସାଟେଲାଇଟ୍ ଚିତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୟୁଏସ୍‌ଏସ୍ ଟ୍ରିପୋଲି ସହ ୨ଟି ଏସ୍କର୍ଟ ଜାହାଜକୁ ମାର୍ଚ୍ଚ ୧୫ରେ ଦକ୍ଷିଣ ଚାଇନା ସାଗରର ଦକ୍ଷିଣପଶ୍ଚିମ ଭାଗରେ ଗତି କରୁଥିବା ଦେଖିବାକୁ ମିଳିଥିଲା। ପରଦିନ ଏହାକୁ ସିଙ୍ଗାପୁର ନିକଟରେ ଠାବ କରାଯାଇଥିଲା। ଏବେ ଏହା ଦକ୍ଷିଣ ଭାରତ ମହାସାଗରରେ ଯାତ୍ରା କରୁଛି। ଜାପାନର ଓକିନାୱାରେ ଥିବା ଦ୍ରୁତ କାର୍ଯ୍ୟାନୁଷ୍ଠାନ ବାହିନୀ ୩୧ତମ ମେରାଇନ ଏକ୍ସପେଡିଶନାରି ୟୁନିଟ୍‌ରୁ ୩ ବାହିନୀର ସୈନ୍ୟ ଟ୍ରିପୋଲିରେ ଆସିଥିବାରୁ ଆକ୍ରମଣ ଜୋର୍‌ଦାର ହେବା ଆଶଙ୍କା କରାଯାଉଛି।



# ଇସିଆଇ ବିରୋଧରେ ହାଇକୋର୍ଟ ଗଲା ଟିଏମ୍‌ସି

## ନିର୍ବାଚନ ପୂର୍ବରୁ ଅଫିସରଙ୍କ ବଦଳି

କୋଲକାତା,୨୦।୩

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଭାରତର ନିର୍ବାଚନ କମିଶନ (ଇସିଆଇ) ରାଜ୍ୟର ଅନେକ ଆଇଏଏସ୍ ଏବଂ ଆଇପିଏସ୍ ଅଫିସରଙ୍କୁ ବଦଳି କରିଥିବାରୁ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏହାକୁ କୋଲକାତା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛି। ବିଧାନସଭା ନିର୍ବାଚନ ପାଇଁ ଇସିଆଇ ତାରିଖ ଘୋଷଣା କରିବା ପରେ ରାଜ୍ୟର ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୋଲିସ ମହାନିର୍ଦ୍ଦେଶକ (ଡିଜିପି), କୋଲକାତା ପୋଲିସ କମିଶନର ଆଦି ପ୍ରଶାସନିକ ଅଧିକାରୀମାନଙ୍କୁ ବଦଳି କରାଯିବାକୁ ନେଇ ଟିଏମ୍‌ସି ଏମ୍‌ପି ତଥା ବରିଷ୍ଠ ଆଇନଜୀବୀ କଲ୍ୟାଣ ବାନାର୍ଜୀ ପ୍ରଶ୍ନ ଉଠାଇବା ସହ ହାଇକୋର୍ଟରେ ପିଟିଶନ ଦାଏର କରିଛନ୍ତି। ମୁଖ୍ୟ ବିଚାରପତି ସୁଜୟ ପଲ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠରେ ପିଟିଶନ୍‌ର ଦ୍ରୁତ ଶୁଣାଣି ପାଇଁ ଆଇନଜୀବୀ ନିବେଦନ କରିଛନ୍ତି।



# ବର୍ତ୍ତମାନ ସରକାରରେ ୧୧୧ ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ: ଶିଳ୍ପମନ୍ତ୍ରୀ

## ଓଏମ୍‌ସିଇ ୨୦୨୬ ଏକ୍ସପୋର ୨ୟ ଦିନ



ଭୁବନେଶ୍ୱର,୨୦।୩(ଅନୁରାଧା ମହାରଣା)

ବର୍ତ୍ତମାନର ସରକାରଙ୍କ ଅଧୀନରେ ୧୧୧ଟି ଶିଳ୍ପ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି, ଯାହା ମଧ୍ୟରୁ ଅନେକ ଶିଳ୍ପର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଚାଲିଥିବା ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଓଡ଼ିଶା ମାଇନିଂ ଆଣ୍ଡ କନ୍‌ଷ୍ଟ୍ରକଶନ ଇକ୍ୱିପମେଣ୍ଟ ଏକ୍ସପୋ (ଓଏମ୍‌ସିଇ) ୨୦୨୬ ୨ୟ ଦିନରେ ଶିଳ୍ପ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ଓଡ଼ିଶା କେବଳ ଖଣିଜ ପଦାର୍ଥ ଉତ୍ତୋଳନ ଉପରେ ଗୁରୁତ୍ୱ ଦେଉନାହିଁ ବରଂ ଖଣି କ୍ଷେତ୍ରରେ ମୂଲ୍ୟ ଯୋଗ ଉପରେ ମଧ୍ୟ ଧ୍ୟାନ ଦେଉଛି। ଆମେ ମଧ୍ୟ ପୃଥିବୀର ବିରଳ କ୍ଷେତ୍ରଗୁଡ଼ିକରେ ସ୍ଥିର ପ୍ରଗତି ହାସଲ କରୁଛୁ, ଯାହା ଭବିଷ୍ୟତର ଶିଳ୍ପ ଅଭିବୃଦ୍ଧି ପାଇଁ ଅନେକ ସମ୍ଭାବନା ଧାରଣ କରିଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମ ଶିଳ୍ପଜଗତର ବିଶିଷ୍ଟ ବ୍ୟକ୍ତି, ନୀତିନିର୍ମାତା, ଟେକ୍ନୋଲୋଜି ପ୍ରଦାତାଙ୍କୁ ଅଭିନବ ସମାଧାନଗୁଡ଼ିକୁ ଆଲୋକିତ କରିବା ଏବଂ ସହଭାଗିତା ପାଇଁ ସୁଯୋଗଗୁଡିକୁ ବିକଶିତ କରିବା ପାଇଁ ଏକତ୍ରିତ କରିଛି। ଓଡ଼ିଶାର ଶିଳ୍ପ ପ୍ରଗତି ଉପରେ ଆଲୋକପାତକରି ମନ୍ତ୍ରୀ ସ୍ୱାଇଁ ଉଲ୍ଲେଖ କରିଛନ୍ତି, ରାଜ୍ୟରେ ଦ୍ରୁତ ଭିତ୍ତିଭୂମି ବିକାଶ ବୈଷୟିକ ଦୃଷ୍ଟିରୁ ଉନ୍ନତ ଖଣି ଓ ନିର୍ମାଣ ଉପକରଣ ପାଇଁ ଚାହିଦାକୁ ପ୍ରୋତ୍ସାହିତ କରୁଛି। ଦ୍ରୁତ ଶିଳ୍ପାୟନ ଓ ଭିତ୍ତିଭୂମି ସମ୍ପ୍ରସାରଣ ସହ ଅତ୍ୟାଧୁନିକ ଉପକରଣ ପାଇଁ ଆବଶ୍ୟକତା ବୃଦ୍ଧି ପାଉଛି। ସିଆଇଆଇ ଓଏମ୍‌ସିଇ ଭଳି ପ୍ଲାଟ୍‌ଫର୍ମଗୁଡିକ ସହଭାଗିତା କରିବା, ବିଚାରଧାରାର ଆଦାନପ୍ରଦାନ ଓ ନୂତନ ବ୍ୟବସାୟ ମାର୍ଗ ଅନ୍ୱେଷଣ କରିବା ପାଇଁ ହିତାଧିକାରୀଙ୍କ ଲାଗି ଏକ ଚମତ୍କାର ସୁଯୋଗ ପ୍ରଦାନ କରୁଛି ବୋଲି ସେ କହିଛନ୍ତି। ସିଆଇଆଇ ଓଏମ୍‌ସିଇ ୨୦୨୬, ୧୫୦ରୁ ଅଧିକ ପ୍ରଦର୍ଶକଙ୍କୁ ଆକର୍ଷିତ କରିଥିବା ବେଳେ ୨୦୦୦୦ ବର୍ଗମିଟର ଅଞ୍ଚଳରେ ୧୦୦୦୦ରୁ ଅଧିକ ବ୍ୟବସାୟିକ ପରିଦର୍ଶକ ପରିଦର୍ଶନ କରିଛନ୍ତି । ଏହି ଏକ୍ସପୋ ଖଣି, ନିର୍ମାଣ ଓ ଭିତ୍ତିଭୂମି କ୍ଷେତ୍ରରେ ଏକ ବିସ୍ତୃତ ଶୃଙ୍ଖଳାର ଅତ୍ୟାଧୁନିକ ଟେକ୍ନୋଲୋଜି ଓ ସମାଧାନଗୁଡ଼ିକୁ ପ୍ରଦର୍ଶିତ କରିଛି।

## ପୁରୀକୁ ୨ ଏକ୍ସପ୍ରେସ୍ ଟ୍ରେନ୍ ସେବା ପୁନଃ ସ୍ଥାପନ

ଭୁବନେଶ୍ୱର,୨୦।୩ (ଅନୁରାଧା ମହାରଣା)

ପୁରୀକୁ ୨ ଏକ୍ସପ୍ରେସ୍ ଟ୍ରେନ୍ ସେବା ପୁନଃ ସ୍ଥାପନ ହୋଇଛି। ପୂର୍ବତଟ ରେଳପଥ ଘୋଷଣା କରିଛି ଯେ ପୁରୀ ଷ୍ଟେଶନରେ ହୋଇଥିବା ପ୍ଲାଟ୍‌ଫର୍ମ ଉନ୍ନତୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ହାଓଡା-ପୁରୀ-ହାଓଡା ଏକ୍ସପ୍ରେସ୍ ଟ୍ରେନ୍‌ର ପରିଚାଳନାରେ ପରିବର୍ତ୍ତନ ଅଣାଯାଇଛି। ପୂର୍ବରୁ ପୁରୀ ଷ୍ଟେଶନରେ ପ୍ଲାଟ୍‌ଫର୍ମ କାମ ଯୋଗୁ ଏହି ଟ୍ରେନ୍‌ଗୁଡ଼ିକ ମାଳତୀପାଟପୁରରେ ସ୍ୱଳ୍ପ ଅବସାନ ଓ ସ୍ୱଳ୍ପ ଉତ୍ପତ୍ତି ହେଉଥିବା ବେଳେ ଏବେ ସେବା ପୁରୀ ଷ୍ଟେଶନକୁ ପୁନଃ ସ୍ଥାପନ କରାଯାଇଛି। ୧୨୮୩୭ (ହାଓଡା-ପୁରୀ ଏକ୍ସପ୍ରେସ୍) ମାର୍ଚ୍ଚ ୨୧ଠାରୁ ମାଳତୀପାଟପୁର ବଦଳରେ ପୁରୀରେ ଅବସାନ କରିବ ଏବଂ ୧୨୮୩୮ (ପୁରୀ-ହାଓଡା ଏକ୍ସପ୍ରେସ୍) ମାର୍ଚ୍ଚ ୨୨ ଠାରୁ ପୁରୀରୁ ଯାତ୍ରା ଆରମ୍ଭ କରିବ। ଅସ୍ଥାୟୀ ଭାବେ ଟ୍ରେନ୍ ନମ୍ବର ୧୨୮୩୮ ମାର୍ଚ୍ଚ ୨୨ ରୁ ମେ ୧୫ ପର୍ଯ୍ୟନ୍ତ ପୁରୀରୁ ସନ୍ଧ୍ୟା ୮ଟା୧୫ ବଦଳରେ ରାତି ୯ଟା ୩୦ରେ ଛାଡ଼ିବ।

## କିଟ୍‌ରେ ଇଫ୍‌ତାର ପାଳିତ



ଭୁବନେଶ୍ୱର,୨୦।୩ (ଅନୁରାଧା ମହାରଣା)

କିଟ୍ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଇଫ୍‌ତାର ପାଳିତ ହୋଇଯାଇଛି। କିଟ୍‌ରେ କାର୍ଯ୍ୟରତ ମୁସଲମାନ ସମ୍ପ୍ରଦାୟର ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଭାରତ ସମେତ ବିଭିନ୍ନ ଦେଶର ଛାତ୍ରୀଛାତ୍ରଙ୍କୁ ନେଇ ଇଫ୍‌ତାର ପାର୍ଟିର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ କହିଲେ, ସବୁ ଧର୍ମର ମୂଳ ଆଧାର ହେଉଛି ଦୟା, ମାନବିକତା, ସ୍ନେହ ଓ ସୌହାର୍ଦ୍ଦ୍ୟ। କିଟ୍ ଓ କିସ୍ ଦୟା ଓ ମାନବିକତା ଉପରେ ପର୍ଯ୍ୟବସିତ ଦୁଇଟି ଶିକ୍ଷାନୁଷ୍ଠାନ। ଛାତ୍ରୀଛାତ୍ରମାନେ ଅନ୍ୟକୁ ଭଲ ପାଇବା, ଅନ୍ୟମାନଙ୍କଠାରୁ ଭଲ ପାଇବା ସହ ସ୍ନେହ ପାଇବା ପାଇଁ ଚେଷ୍ଟା କରିବାକୁ ସେ ପରାମର୍ଶ ଦେଇଥିଲେ। ପରସ୍ପରକୁ ଭଲ ପାଇବା ଦ୍ୱାରା ଅନେକ ମାନସିକ ଓ ସାମାଜିକ ସମସ୍ୟା ଦୂରହୋଇପାରିବ ବୋଲି ସାମନ୍ତ କହିଥିଲେ। ଏହାକୁ ସମସ୍ତେ ଆପଣାଇବା ସହ ଅଭ୍ୟାସ କରିବା ଉଚିତ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, ଉପକୁଳପତି ଡା. ସି.ବି.କେ. ମହାନ୍ତି, ପ୍ରଫେସର କେ.ଡି. ରାଜୁ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତିଙ୍କ ସମେତ କିଟ୍ ଓ କିସ୍‌ର ବହୁ ପଦାଧିକାରୀ ଉପସ୍ଥିତ ଥିଲେ ।

# ଶିଳ୍ପ ଅଭିବୃଦ୍ଧିରେ ମନ୍ଥରତା

## ୩ ମାସର ସର୍ବନିମ୍ନ ସ୍ତରକୁ ଖସିଲା ମୁଖ୍ୟ ୮ କ୍ଷେତ୍ରର ପ୍ରଦର୍ଶନ

ନୂଆଦିଲ୍ଲୀ, ୨୦।୩ (ପି.ଟି.)

ଦେଶର ୮ଟି ମୁଖ୍ୟ ଭିତ୍ତିଭୂମି କ୍ଷେତ୍ର (କୋର୍ ସେକ୍ଟର) ର ଅଭିବୃଦ୍ଧି ହାର ଫେବୃଆରୀରେ ୨.୩ ପ୍ରତିଶତକୁ ଖସି ଆସିଛି, ଯାହା ଗତ ୩ ମାସ ମଧ୍ୟରେ ସର୍ବନିମ୍ନ। ଏହି ମନ୍ଥରତା ପଛର ପ୍ରମୁଖ କାରଣ ହେଉଛି ଶକ୍ତି ସମ୍ବନ୍ଧୀୟ କ୍ଷେତ୍ରଗୁଡ଼ିକରେ ହ୍ରାସ। ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ୍ ଏବଂ ରିଫାଇନେରି ଉତ୍ପାଦନରେ ହ୍ରାସ ଯୋଗୁ ଏହି ସ୍ଥିତି ଉପୁଜିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ଗତ ବର୍ଷ ଏହି ସମୟରେ ଅଭିବୃଦ୍ଧି ହାର ୩.୪% ଥିବାବେଳେ ଏବର୍ଷ ତାହା କମିଛି। ସରକାରୀ ତଥ୍ୟ ଅନୁଯାୟୀ, ଚଳିତବର୍ଷ ଫେବୃଆରୀରେ ଶିଳ୍ପ ଅଭିବୃଦ୍ଧି ୨.୩% ରହିଛି, ଏହା ଜାନୁଆରୀରେ ୪.୭% ଥିଲା। ଅନ୍ୟପକ୍ଷରେ ୨୦୨୫ ଫେବୃଆରୀରେ ଏହି ଅଭିବୃଦ୍ଧି ୩.୪% ରହିଥିଲା। 'ଆଇସିଆର୍‌ଏ'ର ମୁଖ୍ୟ ଅର୍ଥଶାସ୍ତ୍ରୀ ଅଦିତି ନାୟାରଙ୍କ କହିବାନୁଯାୟୀ ମୁଖ୍ୟ କ୍ଷେତ୍ରଗୁଡ଼ିକରେ ମନ୍ଥରତା ଯୋଗୁ 'ଶିଳ୍ପ ଉତ୍ପାଦନ ସୂଚକାଙ୍କ' (ଆଇଆଇପି) ମଧ୍ୟ ଫେବୃଆରୀରେ ୪% କୁ ଖସିବା ଆଶଙ୍କା ରହିଛି, ଯାହା ଜାନୁଆରୀରେ ୪.୮% ଥିଲା। ଯଦି ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ ଜାରି ରହେ, ତେବେ ଇନ୍ଧନ ଦର ବଢ଼ିବ ଏବଂ ଏହା ଆଗାମୀ ଆର୍ଥିକ ବର୍ଷ (୨୦୨୬-୨୭) ରେ ଭାରତର ଜିଡିପି ଅଭିବୃଦ୍ଧି ଉପରେ ଖରାପ ପ୍ରଭାବ ପକାଇପାରେ। ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ସିମେଣ୍ଟ (୯.୩%) ଏବଂ ଇସ୍ପାତ (୭.୨%) କ୍ଷେତ୍ରରେ ଭଲ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ହେଲେ ଶକ୍ତି କ୍ଷେତ୍ରରେ ବଡ଼ଧରଣର ହ୍ରାସ ଦେଖିବାକୁ ମିଳିଛି। ଅଶୋଧିତ ତୈଳ ଉତ୍ପାଦନରେ ୫.୨% ଏବଂ ପ୍ରାକୃତିକ ଗ୍ୟାସ୍ କ୍ଷେତ୍ରରେ ୫% ହ୍ରାସ ଘଟିଛି। ବିଦ୍ୟୁତ୍ ଉତ୍ପାଦନ ମାତ୍ର ୦.୫% ବଢ଼ିଛି, ଯାହା ଅର୍ଥନୀତି ପାଇଁ ଭଲ ସଙ୍କେତ ନୁହେଁ ବୋଲି କୁହାଯାଉଛି।

# ଦ୍ରୁତ ପରିବେଷଣ ଅପେକ୍ଷା ସଠିକତା ଜରୁରୀ



## ବିଜିୟୁରେ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୨୦।୩ (ଅନୁରାଧା ମହାରଣା)

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ଓ ଆଡ୍‌ଫ୍ୟାକ୍ଟର୍ସ ପିଆର୍ ମିଳିତ ସହଯୋଗରେ 'ରିଇମାଜିନିଂ କମ୍ୟୁନିକେଶନ ମ୍ୟାନେଜମେଣ୍ଟ ଇନ୍ ଏ ଡାଟା-ଡ୍ରିଭେନ୍, ପ୍ଲାଟ୍‌ଫର୍ମ ଇକୋନୋମି' ଶୀର୍ଷକକୁ ନେଇ ୨ ଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଆଡ୍‌ଫ୍ୟାକ୍ଟର୍ସ ପିଆର୍‌ର ନିର୍ଦ୍ଦେଶକ ଡ. ସମୀର କପୁର ମୁଖ୍ୟ ଅତିଥି ଏବଂ ଆଇଆଇଏମ୍ କୋଝିକୋଡ୍‌ର ହ୍ୟୁମାନିଟିଜ୍ ଆଣ୍ଡ୍ ଲିବରାଲ୍ ଆର୍ଟସ୍ ବିଭାଗର ସହଯୋଗୀ ପ୍ରଫେସର ଡ. ଅନୁପମ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର କୁଳପତି ପ୍ରଫେସର କୁଳଭୂଷଣ ବାଲୁନୀ କାର୍ଯ୍ୟକ୍ରମରେ ଯୋଗଦେଇ ସଭାକୁ ସମ୍ବୋଧିତ କରିଥିଲେ। ଆବାହକ ତଥା ସହକାରୀ ପ୍ରଫେସର ସୁରେଶ କୁମାର ଗୋଲ୍ଲେ ଉଦ୍‌ଘାଟନୀ ସମାରୋହରେ ସ୍ୱାଗତ ଭାଷଣ ଦେଇଥିଲେ। ଡିନ୍ ଡ. ଶିବଶଙ୍କର ଦାସ ତଥ୍ୟ ଅଧାରିତ ଯୋଗାଯୋଗର ବଢୁଥିବା ଗୁରୁତ୍ୱ ଉପରେ ଆଲୋକପାତକରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଡ. ସମୀର କପୁର କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ପରିଚାଳିତ ସଂଳାପଭିତ୍ତିକ ଯୋଗାଯୋଗର ଅଭ୍ୟୁଦୟ ଉପରେ ଗୁରୁତ୍ୱାରୋପକରି ସୂଚାଇଥିଲେ ଯେ, ବର୍ତ୍ତମାନ ଦ୍ରୁତ ପରିବେଷଣ ଅପେକ୍ଷା ସଠିକତା ଏବଂ ବିଶ୍ୱାସନୀୟତା ଅଧିକ ଜରୁରୀ। ଏହି ଅବସରରେ 'ଏମ୍‌ବିଏ ଇନ୍ କମ୍ୟୁନିକେଶନ ମ୍ୟାନେଜମେଣ୍ଟ ପାଠ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ସମାରୋହ ଶେଷରେ ଡ. ଜ୍ଞାନରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଅଶୋକ ଲେଲାଣ୍ଡର ୩୫୩୨ ଟୌରସ ଟିପ୍ପର ଲଞ୍ଚ



ଭୁବନେଶ୍ୱର,୨୦।୩ (ଅନୁରାଧା ମହାରଣା)

ଅଶୋକ ଲେଲାଣ୍ଡର ଟୌରସ ମଡେଲର ଏକ ପ୍ରକାର, ଶକ୍ତିଶାଳୀ ହେଭି-ଡ୍ୟୁଟି ୩୫୩୨ ଟିପ୍ପର ଶୁକ୍ରବାର ସମ୍ବଲପୁର ସହରର ଗୋଟିଏ ହୋଟେଲରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଲଞ୍ଚ କରାଯାଇଛି। ଅଶୋକ ଲେଲାଣ୍ଡର ଅଧିକୃତ ଡିଲର ଜାଲାନ ଅଟୋମୋବାଇଲ ପକ୍ଷରୁ ଏହା ଲଞ୍ଚ ହୋଇଛି। ସୂଚନା ଥାଉକି, ଏହା ଭାରତର ପ୍ରଥମ ୮-ଲିଟର ଇଞ୍ଜିନଚାଳିତ ୩୫୩୨ ଟିପ୍ପର (ଟୌରସ) ଯାହାକୁ ପଶ୍ଚିମ ଓଡ଼ିଶାରେ ଲଞ୍ଚ କରାଯାଇଛି। ଏହି ହେଭିଡ୍ୟୁଟି ଟିପ୍ପର ସ୍ୱତନ୍ତ୍ର ଭାବରେ ଭାରିଯାନ ନିର୍ମାଣ ପ୍ରୟୋଗ ପାଇଁ ଡିଜାଇନ କରାଯାଇଛି, ଯାହା ଉତ୍କୃଷ୍ଟ ଶକ୍ତି ଏବଂ ଦକ୍ଷତା ପ୍ରଦାନ କରେ। ଜାଲାନ ଅଟୋମୋବାଇଲ୍ସର ଚେୟାରମ୍ୟାନ ଅଶୋକ ଜାଲାନ, ଏମ୍‌ଡି ଯୋଗେଶ ଜାଲାନ, ନିର୍ଦ୍ଦେଶକ ମନୀଷ ଚୌଧୁରୀ କହିଥିଲେ, ଏହା କେବଳ ସମ୍ବଲପୁର ନୁହେଁ ବରଂ ସମଗ୍ର ଓଡ଼ିଶା ଓ ପଶ୍ଚିମ ଓଡ଼ିଶା ପାଇଁ ଏକ ଗର୍ବର ମୁହୂର୍ତ୍ତ। ଏହି ଭାରିଯାନ ଶିଳ୍ପକୁ ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ଶକ୍ତି ପ୍ରଦାନ କରେ। ସେ ଆହୁରି ମଧ୍ୟ କହିଛନ୍ତି, ଗୁରୁପାଦ ଅଟୋମୋବାଇଲ୍ସ ମଧ୍ୟ ସମ୍ବଲପୁରରେ ଏହାର ପ୍ରଥମ ଡେଲିଭରି କରିଛି। କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାହକମାନଙ୍କୁ ଯାନର ବୈଶିଷ୍ଟ୍ୟ ଏବଂ ବୈଷୟିକ ନିର୍ଦ୍ଦିଷ୍ଟକରଣ ବିଷୟରେ ବିସ୍ତୃତ ସୂଚନା ଦିଆଯାଇଥିଲା। ଏହି ଅବସରରେ କମ୍ପାନୀର ଜେଡ୍‌ଏମ୍ ଦୀପକ ରାଜଦାନ, ଆର୍‌ଏମ୍ ଅଭିନ୍ନ ପ୍ରତୀକ , ଏଏମ୍ ପ୍ରିୟରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ପିଇବା ପାଣିବୋତଲ ଦର ବଢ଼ିଲା

ଭୁବନେଶ୍ୱର,୨୦।୩ (ଅନୁରାଧା ମହାରଣା)

ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବ ଭାରତରେ ପଡ଼ିବାକୁ ଲାଗିଛି। ରଏଟର୍ସ ରିପୋର୍ଟ ଅନୁଯାୟୀ କ୍ରୁଡ୍ ଅଏଲ ଦର ବଢ଼ିବାରେ ପ୍ଲାଷ୍ଟିକ୍ ପ୍ୟାକେଜିଂ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଛି। ଭାରତରେ ବୋତଲ ବନ୍ଦ ପାଣିର ଦର ପ୍ରାୟ ୧୧% ବଢ଼ିଯାଇଛି। କିଛି ମାସ ପୂର୍ବେ ବୋତଲବନ୍ଦ ପାଣି ଉପରେ ଟ୍ୟାକ୍ସ ୧୮%ରୁ ୫%କୁ ହ୍ରାସକରି କେନ୍ଦ୍ର ସରକାର ଗ୍ରାହକଙ୍କୁ ଆଶ୍ୱସ୍ତି ଦେଇଥିଲେ। ମାତ୍ର ଏବେ ପାଣିବୋତଲ ଦର ବୃଦ୍ଧିପାଇଛି। ଗବେଷଣା ଅନୁଯାୟୀ ଦେଶର ପ୍ରାୟ ୭୦% ଭୂଗର୍ଭ ଜଳରେ ପ୍ରଦୂଷଣ ଥିବାରୁ ବୋତଲବନ୍ଦ ପାଣିର ଚାହିଦା ଲଗାତର ବଢୁଛି, ଯାହାର ବଜାର ମୂଲ୍ୟ ପ୍ରାୟ ୫ ବିଲିୟନ ଡଲାର ଏବଂ ବିସ୍‌ଲେରି, କୋକାକୋଲା(କିନ୍‌ଲେ), ପେପ୍‌ସିକୋ(ଆକ୍ୱାଫିନା), ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଓ ଟାଟା ଗ୍ରୁପ୍ ଭଳି ବଡ଼ କମ୍ପାନୀ ଏଥିରେ ପ୍ରତିଯୋଗିତା କରୁଛନ୍ତି। କ୍ରୁଡ୍ ଅଏଲ ଦର ବୃଦ୍ଧି ଯୋଗୁ ପ୍ଲାଷ୍ଟିକ୍ ବୋତଲ ତିଆରିରେ ବ୍ୟବହୃତ ପଲିମରର ଲଗାତର ୫୦% ବଢ଼ି ୧୭୦ ଟଙ୍କା ପ୍ରତି କିଲୋଗ୍ରାମ ହୋଇଛି। ବୋତଲ ଖୋଳ ଦର ୨ଗୁଣରୁ ଅଧିକ ବଢ଼ି ୦.୪୫ ଟଙ୍କା ପ୍ରତି ପିସ୍ ହୋଇଛି ଏବଂ ଲେବଲ ଓ ଟେପ ମଧ୍ୟ ମହଙ୍ଗା ହୋଇଛି। ବଜାରର ପ୍ରାୟ ଏକ-ତୃତୀୟାଂଶ ଧରିଥିବା ବିସ୍‌ଲେରି ୧୧% ଦର ବଢ଼ାଇଛି, ଯାହାଦ୍ୱାରା ୧ ଲିଟରର ୧୨ ବୋତଲର ଏକ ବକ୍ସ ଏବେ ୨୪୦ ଟଙ୍କାରେ ମିଳୁଛି ଯାହା ପୂର୍ବରୁ ୨୧୬ ଟଙ୍କାର ଥିଲା

# କୋଡ଼ିଙ୍ଗାମାଳି ବକ୍ସାଇଟ ଖଣିରେ ବେଦାନ୍ତର ଇଭି ନିୟୋଜିତ

ଭୁବନେଶ୍ୱର,୨୦।୩ (ଅନୁରାଧା ମହାରଣା)

ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର କୋଡ଼ିଙ୍ଗାମାଳି ବକ୍ସାଇଟ ଖଣିରେ ବୈଦ୍ୟୁତିକ ଯାନ(ଇଭି) ଲୋଡର ନିୟୋଜନକରି ଡି-କାର୍ବୋନାଇଜେଶନ ମାଇଲଖୁଣ୍ଟ ହାସଲ କରିଛି, ଯାହା ଏହାର ଲୋଡିଂ କାର୍ଯ୍ୟକଳାପରୁ ୫୦% ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିପାରିଛି। ବେଦାନ୍ତ ଆଲୁମିନିୟମ ପକ୍ଷରୁ ଏହି ସୂଚନା ଦିଆଯାଇଛି। ୨୦୫୦ ସୁଦ୍ଧା ମୋଟ ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ଦିଗରେ କମ୍ପାନୀର ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ଏହି ପରିବର୍ତ୍ତନ ଦ୍ୱାରା ଅଧା ଲୋଡିଂ ବ୍ୟବସ୍ଥା ଡିଜେଲରୁ ବିଦ୍ୟୁତ୍‌କୁ ସ୍ଥାନାନ୍ତରିତ ହୋଇଛି। ସିଙ୍ଗାରାମ ସାଇଡିଂରେ ପୂର୍ବରୁ ୬ଟି ଡିଜେଲ ଲୋଡର ଉପରେ ନିର୍ଭର କରିବାକୁ ପଡୁଥିଲା। ନୂତନ ୩.୩ ଡିଜେଲରୁ ଇଭି ବ୍ୟବସ୍ଥା ସହ ଅଙ୍ଗାରକାମ୍ଳ ନିର୍ଗମନ ଘଣ୍ଟା ପ୍ରତି ୧୨୦ କିଲୋଗ୍ରାମ ହ୍ରାସ ପାଇଛି, ଯାହା ସ୍ୱଚ୍ଛ ଏବଂ ଅଧିକ ଦକ୍ଷ ଖନନରେ ଯଥେଷ୍ଟ ଯୋଗଦାନ ଦେଇଛି। ଏହି ପରିବର୍ତ୍ତନ ବାୟୁ ଏବଂ ଶବ୍ଦ ପ୍ରଦୂଷଣ ହ୍ରାସ, ଉଚ୍ଚ ଶକ୍ତି ଦକ୍ଷତା ଏବଂ ଜୀବାଶ୍ମ ଇନ୍ଧନ ନିର୍ଭରଶୀଳତା ହ୍ରାସ ସହ



ପରିବେଶଗତ ଲାଭ ମଧ୍ୟ ଆଣିଦେଇଛି । ବେଦାନ୍ତ ଆଲୁମିନା ବିଜ୍‌ନେସ୍‌ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ବୈଦ୍ୟୁତିକ ଯାନକୁ ଶକ୍ତିର ଏକ ସ୍ଥାୟୀ ଏବଂ ଅକ୍ଷୟଶକ୍ତି ଉତ୍ସ ଭାବରେ ଦେଖୁଛୁ ଯାହା ଆମର ପରିଚାଳନା ଏବଂ ଆମ ଧରିତ୍ରୀର ଭବିଷ୍ୟତକୁ ଶକ୍ତି ପ୍ରଦାନ କରେ। ଏହି ସଫଳତା ଆମର ନେଟ୍ ଜିରୋ ଯାତ୍ରାକୁ ସୁଦୃଢ଼ କରିବା ସହ ଏହା ପ୍ରମାଣିତ କରୁଛି ଯେ ବିନା ଆପୋସ ବୁଝାମଣାରେ ସ୍ଥାୟୀ ନବସୃଜନ ଖଣି କ୍ଷେତ୍ରର ଉତ୍କର୍ଷକୁ ଆଗେଇନେଉଛି ।

# ରପ୍ତାନି ଋଣ: ସୁଧ ସବ୍‌ସିଡି ନିୟମରେ ସଂଶୋଧନ

ଭୁବନେଶ୍ୱର,୨୦।୩ (ଅନୁରାଧା ମହାରଣା)

କେନ୍ଦ୍ର ସରକାର ପ୍ରି ଏବଂ ପୋଷ୍ଟ ଶିପ୍‌ମେଣ୍ଟ ଏକ୍ସପୋର୍ଟ କ୍ରେଡିଟ୍ ପାଇଁ ସୁଧ ସବ୍‌ସିଡି ନିର୍ଦ୍ଦେଶିକାରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରିଛନ୍ତି। ଏହି ପରିବର୍ତ୍ତନ ୨୫,୦୬୦ କୋଟି ଟଙ୍କାର ରପ୍ତାନି ପ୍ରୋତ୍ସାହନ ମିଶନ ଅଧୀନରେ କରାଯାଇଛି। ନୂଆ ନିୟମ ଅନୁଯାୟୀ ଋଣଖାତା ଯେଉଁଦିନ ନନ୍-ପର୍‌ଫର୍ମିଂ ଆସେଟ୍(ଏନ୍‌ପିଏ) ଭାବେ ବର୍ଗୀକୃତ ହେବ, ସେହିଦିନଠାରୁ ସୁଧ ସବ୍‌ସିଡି ସୁବିଧା ପ୍ରଯୁଜ୍ୟ ହେବ ନାହିଁ। ଏହା ପରଠାରୁ କୌଣସି ସବ୍‌ସିଡି ଲାଭ ମିଳିବ ନାହିଁ। କେବଳ ଜାନୁଆରୀ ୨ ପରେ ବଣ୍ଟନ ଋଣରେ ଲାଗୁହେବ। ଯୋଜନା ବିଦେଶୀ ବାଣିଜ୍ୟ ନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) ଜାରି କରିଥିବା ଏକ ବାଣିଜ୍ୟ ବିଜ୍ଞପ୍ତିରେ କୁହାଯାଇଛି, ଏହି ସୁଧ ସବ୍‌ସିଡି ଯୋଜନା କେବଳ ଜାନୁଆରୀ ୨ କିମ୍ବା ତାହାର ପରେ ବଣ୍ଟନ ହୋଇଥିବା ରପ୍ତାନି ଋଣ ଉପରେ ପ୍ରଯୁଜ୍ୟ ହେବ। ପୂର୍ବରୁ ବଣ୍ଟନ ହୋଇଥିବା ଋଣ ଏହି ସଂଶୋଧିତ ନିୟମ ଅଧୀନରେ ଆସିବ ନାହିଁ। ରପ୍ତାନିକାରୀଙ୍କ ପାଇଁ ଅଧିକ ସ୍ୱଚ୍ଛତା ଓ ସତର୍କତା ଏହି ସଂଶୋଧନ ରପ୍ତାନିକାରୀମାନଙ୍କୁ ଅଧିକ ସ୍ୱଚ୍ଛତା ଓ ନିୟମିତତା ପ୍ରଦାନ କରିବା ସହ ଏମ୍‌ଏସ୍‌ଏମ୍‌ଇ ରପ୍ତାନିକାରୀଙ୍କୁ ସହାୟତା ପ୍ରଦାନ କରିବାର ଉଦ୍ଦେଶ୍ୟରେ କରାଯାଇଛି। ଏହାଦ୍ୱାରା ଋଣ ପ୍ରଦାନକାରୀ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାଗୁଡ଼ିକୁ ମଧ୍ୟ ଋଣ ପରିଚାଳନାରେ ଅଧିକ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ।

# ନର୍ସିଂ ଅଫିସରଙ୍କ ସେବା ଔଷଧଠାରୁ ଅଧିକ କାମ କରିଥାଏ




## କଳିଙ୍ଗ ନର୍ସିଂ କଲେଜ ଛାତ୍ରୀଛାତ୍ରଙ୍କ ଶପଥ ଗ୍ରହଣ ଉତ୍ସବ

ଭୁବନେଶ୍ୱର, ୨୦।୩ (ବନ୍ଦନା ସେଠୀ)

କଳିଙ୍ଗ ନର୍ସିଂ କଲେଜ ଛାତ୍ରୀଛାତ୍ରଙ୍କ ଶପଥ ଗ୍ରହଣ ଉତ୍ସବ ଶୁକ୍ରବାର (ଇଭେଣ୍ଟ ସ୍କୋୟାରଠାରେ) ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟର କଷ୍ଟକୁ ନିଜ କାନ୍ଧରେ ବୋହି ନେଉଥିବା ପ୍ରକୃତ ସେବା ପ୍ରଦାନକାରୀ ହେଉଛନ୍ତି ନର୍ସିଂ ଅଫିସର। ରୋଗୀମାନଙ୍କ ପ୍ରତି ସେମାନଙ୍କର ସେବା, ସେମାନଙ୍କ କଥା ଔଷଧର ହଜାରେ ଗୁଣରୁ ଅଧିକ କାମ କରିଥାଏ। ସେମାନେ ରୋଗୀମାନଙ୍କ କଷ୍ଟକୁ ବାସ୍ତବରେ ଅନୁଭବ କରିବା ସହ ମନରୁ ସେମାନଙ୍କର ସେବା କରିଥାନ୍ତି ବୋଲି ବିଧାୟିକା କହିଥିଲେ। ନାଲ୍‌କୋର ଅଧ୍ୟକ୍ଷ ଓ ପ୍ରବନ୍ଧ ନିର୍ଦ୍ଦେଶକ ଡ. ତପନ କୁମାର ଚାନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେବାଠାରୁ ବଳି ମହତ୍ତ୍ୱପୂର୍ଣ୍ଣ ଆଉ କିଛି ନାହିଁ ବୋଲି କହିଥିଲେ। ଆପୋଲୋ ହସ୍ପିଟାଲର ଡେପୁଟି ଜେନେରାଲ ମ୍ୟାନେଜର (ନର୍ସିଂ) ସୁରଚିତା ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ନର୍ସିଂ ଅଫିସରମାନଙ୍କ ସେବାକୁ ଭୂୟସୀ ପ୍ରଶଂସାକରିବା ସହ ନୂତନ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ଫ୍ଲୋରେନ୍ସ ନାଇଟ୍‌ଙ୍ଗେଲଙ୍କ ପରି ନିଜର ଜୀବନକୁ ନିଷ୍ଠାପର ସେବା ଯୋଗାଇବାରେ ବିନିଯୋଗ କରିବେ ବୋଲି ଉପଦେଶ ଦେଇଥିଲେ। କଳିଙ୍ଗ ହସ୍ପିଟାଲ ଫାଉଣ୍ଡେଶନର ଟ୍ରଷ୍ଟି ତଥା ପୂର୍ବତନ ଭାରତୀୟ ରାଜସ୍ୱ ସେବା ଅଧିକାରୀ ସୁବାସ ଚନ୍ଦ୍ର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଲେଖକ ଓ ମାର୍ଗଦର୍ଶକ ବିରଜା ପ୍ରସାଦ ମିଶ୍ର ସମ୍ମାନିତ ଅତିଥି ଭାବେ ନିଜର ମତ ରଖିଥିଲେ। କଳିଙ୍ଗ ନର୍ସିଂ କଲେଜର ଅଧ୍ୟକ୍ଷା ପ୍ରଫେସର ସୁଜାତା ସ୍ୱାଇଁ ପ୍ରାରମ୍ଭିକ ସମ୍ଭାଷଣ ପ୍ରଦାନ କରିବା ସହ ନୂତନ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ଷ୍ଟୁଡେଣ୍ଟ ନର୍ସିଂ ଆସୋସିଏସନର ଉପଦେଷ୍ଟା ରଶ୍ମିରଞ୍ଜିତା ଅଧିକାରୀ ସଭା ପରିଚାଳନା କରିଥିବାବେଳେ ଅଧ୍ୟାପିକା ସସ୍ମିତା ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପିକା କଳ୍ପନା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ରେଳଯାତ୍ରୀଙ୍କୁ ୨୪ ଘଣ୍ଟିଆ ସୁରକ୍ଷା ଦେବ ଏଆଇ କ୍ୟାମେରା

## ଯାତ୍ରୀ ସୁବିଧା ଓ ସୁରକ୍ଷାର ସମୀକ୍ଷାକଲେ ରେଳମନ୍ତ୍ରୀ



ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର,୨୦।୩ (ଅନୁରାଧା ମହାରଣା)

ରେଳ, ସୂଚନା ଏବଂ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ରେଳ ଭବନରେ ବରିଷ୍ଠ ରେଳ ଅଧିକାରୀଙ୍କ ସହ ଏକ ବିସ୍ତୃତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ବୈଠକରେ ଷ୍ଟେଶନରେ ପ୍ରବେଶ, ଯାତ୍ରୀ ସୁବିଧାର ଉନ୍ନତୀକରଣ ଏବଂ ଯାତ୍ରୀଙ୍କ ଅଭିଜ୍ଞତାକୁ ଉନ୍ନତ କରିବା ସହ ଅନ୍ୟାନ୍ୟ ସୁରକ୍ଷା ସମ୍ବନ୍ଧୀୟ ସୁଦୃଢ଼ୀକରଣର ଅଗ୍ରଗତି ଆକଳନ କରିବ। ଏହି ବୈଠକରେ ପ୍ରବେଶ ନିୟନ୍ତ୍ରଣ, ଭିଡ଼ ପରିଚାଳନା, ପ୍ରଯୁକ୍ତିବିଦ୍ୟା ପରିଚାଳିତ ତଦାରଖ ଏବଂ ଷ୍ଟେଶନ ପରିସର ମଧ୍ୟରେ ସହଜ ଯାତାୟାତ ଭଳି ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ସଂସ୍କାରଗୁଡ଼ିକ ପ୍ରଥମେ ନୂଆଦିଲ୍ଲୀ ରେଳ ଷ୍ଟେଶନରେ ଲାଗୁ କରାଯିବ ଏବଂ ଏହାଦ୍ୱାରା ମିଳିଥିବା ଅନୁଭୂତି ଆଧାରରେ ପରବର୍ତ୍ତୀ ସମୟରେ ଅନ୍ୟ ଷ୍ଟେଶନଗୁଡ଼ିକରେ ମଧ୍ୟ କାର୍ଯ୍ୟକାରୀ ହେବ । ଏଆଇ ଚାଳିତ କ୍ୟାମେରା ନେଟ୍‌ୱର୍କ ଦ୍ୱାରା ୨୪ଘଣ୍ଟିଆ ନଜର ସୁନିଶ୍ଚିତ କରାଯିବ । ପ୍ଲାଟ୍‌ଫର୍ମ, କନ୍‌କୋର୍ସ, ପ୍ରବେଶ-ପ୍ରସ୍ଥାନ ପଏଣ୍ଟ ଏବଂ ଅନଧିକୃତ ପ୍ରବେଶ ଆଶଙ୍କା ଥିବା ଅଞ୍ଚଳ ସମେତ ଷ୍ଟେଶନ ପରିସରର ସମସ୍ତ କୋଣ ଅନୁକୋଣକୁ ଆଚ୍ଛାଦନକରି କ୍ୟାମେରା ମାଧ୍ୟମରେ ନୂଆଦିଲ୍ଲୀ ରେଳ ଷ୍ଟେଶନରେ ବ୍ୟାପକ ଏଆଇଚାଳିତ ତଦାରଖ ନିୟୋଜିତ କରାଯିବ। ଏକ ଆବଶ୍ୟକ ମୁତାବକ ଇଭେଣ୍ଟ ଡିସ୍‌ପ୍ଲେ-ଆଧାରିତ କଣ୍ଟ୍ରୋଲ ରୁମ୍ ପ୍ରତିଷ୍ଠା କରାଯିବ ଯେଉଁଠାରେ ସିଧାସଳଖ କ୍ୟାମେରା ଫିଡର ଏଆଇ ପ୍ରକ୍ରିୟାକରଣ ନିରୀକ୍ଷଣ କର୍ମଚାରୀଙ୍କୁ ଠିକଣା ସମୟରେ ଅସ୍ୱାଭାବିକ କିମ୍ବା ଅସୁରକ୍ଷିତ ଘଟଣା ବିଷୟରେ ସତର୍କ କରିବ। କେନ୍ଦ୍ରମନ୍ତ୍ରୀ କ୍ୟାମେରାଗୁଡ଼ିକୁ 'ଆଖି' ଏବଂ ଏଆଇକୁ ଏହି ବ୍ୟବସ୍ଥାର 'ମସ୍ତିଷ୍କ' ବୋଲି ବର୍ଣ୍ଣନାକରି ଗୁରୁତ୍ୱାରୋପ କରିଥିଲେ ଯେ ସର୍ବାଧିକ ତଦାରଖ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ସମସ୍ତ କ୍ୟାମେରାର କଭରେଜ ଜୋନ୍‌କୁ ପର୍ଯ୍ୟାପ୍ତ ଆଲୋକିତ କରାଯିବା ଆବଶ୍ୟକ। କେବଳ ଟିକେଟ ଥିବା ଯାତ୍ରୀମାନେ ଷ୍ଟେଶନ ପରିସରରେ ପ୍ରବେଶ କରିବା ସୁନିଶ୍ଚିତ କରିବା ପାଇଁ ରେଳପଥ ସୁରକ୍ଷା ବଳ (ଆର୍‌ପିଏଫ୍)କୁ ଅତିରିକ୍ତ ଭାବେ ନିୟୋଜିତ କରାଯିବ, ଯାହା ମାନବ ଆଧାରିତ ଯାଞ୍ଚରୁ ଇ-ଆଧାରିତ ଯାଞ୍ଚକୁ ପରିବର୍ତ୍ତିତ ହେବ। ଷ୍ଟେଶନରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କ ପାଇଁ ଏକ ରଙ୍ଗିନ କୋଡେଡ୍ ଚିହ୍ନଟ ପ୍ରଣାଳୀ ନିର୍ଦ୍ଦେଶ ଦିଆଯାଇଛି। ରେଳପଥ କର୍ମଚାରୀଙ୍କ ଦ୍ୱାରା ଫ୍ଲୁରୋସେଣ୍ଟ ଜ୍ୟାକେଟ ପିନ୍ଧାଯିବ, ଯେତେବେଳେ ବିକ୍ରେତା, ଷ୍ଟେଶନ ସହାୟକ, ଚୁକ୍ତିଭିତ୍ତିକ କର୍ମଚାରୀ ଏବଂ ଆଇଆର୍‌ସିଟିସି କର୍ମଚାରୀଙ୍କ ସମେତ ଅଣ-କର୍ମଚାରୀମାନେ ମଧ୍ୟ ଭିନ୍ନ ଭିନ୍ନ ରଙ୍ଗର ରଙ୍ଗିନ କୋଡେଡ୍ ଜ୍ୟାକେଟ ପିନ୍ଧିବେ। ଷ୍ଟେଶନ ପରିସରରେ ଉପସ୍ଥିତ ଯାତ୍ରୀ, କର୍ମଚାରୀ ଏବଂ ଅନ୍ୟ ଅଣ କର୍ମଚାରୀ ଯେପରିକି କୁଲି, ସାମଗ୍ରୀ ବିକ୍ରେତାଙ୍କ କର୍ମଚାରୀ, ଖାଦ୍ୟ, ସଫେଇ, ପାର୍ସଲ ଏବଂ ରକ୍ଷଣାବେକ୍ଷଣ କର୍ମଚାରୀଙ୍କ ତ୍ୱରାନ୍ୱିତ ଚିହ୍ନଟକୁ ସକ୍ଷମ କରିବା ପାଇଁ ଏହା କରାଯାଉଛି, ଯାହା ସହ ସୁରକ୍ଷା କର୍ତ୍ତୃପକ୍ଷ ଏବଂ ଟିକେଟ ଯାଞ୍ଚ କର୍ମଚାରୀ ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରିବା ସମୟରେ ନିୟୋଜିତ ହୁଅନ୍ତି । ନୂଆଦିଲ୍ଲୀ ଷ୍ଟେଶନ ମଡେଲ ଭାବରେ କାର୍ଯ୍ୟ କରିବ ଏବଂ ପରବର୍ତ୍ତୀ ସମୟରେ ଦେଶର ଅନ୍ୟାନ୍ୟ ଭାଗରେ ଏହା ଲାଗୁହେବ । ନୂଆଦିଲ୍ଲୀ ରେଳ ଷ୍ଟେଶନରେ କ୍ୟୁଆର୍ କୋଡ୍ ଆଧାରିତ ପ୍ରବେଶ ନିୟନ୍ତ୍ରଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବ । ଦୀପାବଳି ଏବଂ ଛଟ୍ ସମୟରେ ଆଶା କରାଯାଉଥିବା ପାର୍ବଣ ଭିଡ଼ ପୂର୍ବରୁ ଏକ ପାଇଲଟ ପ୍ରକଳ୍ପ ଭାବରେ ନୂଆଦିଲ୍ଲୀ ରେଳ ଷ୍ଟେଶନରେ ଏକ କ୍ୟୁଆର୍ କୋଡ୍ ଆଧାରିତ ପ୍ରବେଶ ପରିଚାଳନା ବ୍ୟବସ୍ଥା ଆରମ୍ଭ କରାଯିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏକର ପିଛା ୫୦ କୋଟି ଦାବି


ଗ୍ରାମସଭାରେ ଜଣେ ବ୍ୟକ୍ତି ନିଜର ଦାବି ଉପସ୍ଥାପନ କରୁଛନ୍ତି।



ପ୍ଲାଣ୍ଟ ବିରୋଧୀ ମଞ୍ଚ ପକ୍ଷରୁ ଗ୍ରାମସଭା ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ପ୍ରସ୍ତାବିତ ମେଗା ଷ୍ଟିଲ୍‌ପ୍ଲାଣ୍ଟ ପାଇଁ ଗ୍ରାମସଭା

- ପ୍ଲାଣ୍ଟ ସପକ୍ଷ, ବିପକ୍ଷବାଦୀଙ୍କ ମଧ୍ୟରେ ଧସ୍ତାଧସ୍ତି
- ପୋଲିସର ଲାଠିଚାର୍ଜ, ୪ ଗିରଫ

**ପାଟଣା,୨୦।୩ (ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ତହସିଲ ଅଞ୍ଚଳରେ ପ୍ରସ୍ତାବିତ ମେଗା ଷ୍ଟିଲ୍‌ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଶୁକ୍ରବାର ଚେମଣା ପଞ୍ଚାୟତ ଧନୁର୍ଜୟପୁର ସ୍କୁଲ ପଡ଼ିଆରେ ୪ର୍ଥ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ କ୍ଷତିଗ୍ରସ୍ତ ଏକର ପିଛା ୫୦ କୋଟି ଟଙ୍କା ଦାବି କରିଥିଲେ। ସଭା ଆରମ୍ଭ ପୂର୍ବରୁ ପ୍ଲାଣ୍ଟ ସପକ୍ଷ ଓ ବିପକ୍ଷବାଦୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ପୋଲିସକୁ ଲାଠିଚାଳନା କରିବାକୁ ପଡ଼ିଥିବା ଦେଖାଯାଇଛି। ପୋଲିସ ୪ଜଣ ବିରୋଧୀ ଗୋଷ୍ଠୀର ନେତାଙ୍କୁ ଗିରଫ କରିଛି।

ପ୍ରକାଶ ଯେ, ସ୍ଥାନୀୟ ସରପଞ୍ଚ ହେମଲତା ନାଏକଙ୍କ ଅଧ୍ୟକ୍ଷତାରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ତଥା ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ପ୍ରୋବେଶନ ଆଇଏଏସ୍ ଅଫିସର ପବନ କୁମାର, ସ୍ଥାନୀୟ ସମିତିସଭ୍ୟ ମନୋଜ ମହାନ୍ତ, ୱାର୍ଡ ମେମ୍ବର ଜାନକୀ ନାଏକ, ପାଟଣା ତହସିଲଦାର ଅଶ୍ୱିନୀ ନାଏକ, ପାଟଣା ବିଡିଓ ମାନସ ଦଣ୍ଡପାଟ, ଇଡ୍‌କୋ ଜମି ଅଧିଗ୍ରହଣ ଅଧିକାରୀ କୃଷ୍ଣ କିଶୋର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ମୌଜାର ୪୪ ପ୍ରଜାଙ୍କ ୧୬୬ଟି ପ୍ଲଟ୍‌ର ୫୭.୧୧୦ ଡିସିମିଲ ଜମି ଅଧିଗ୍ରହଣ ପ୍ରସ୍ତାବ ଉପରେ ଲୋକଙ୍କଠାରୁ ମତାମତ ଗ୍ରହଣ କରାଯାଇଥିଲା। ଏଥିରେ ୩ ଜଣ ଗ୍ରାମବାସୀ ପ୍ରଫୁଲ୍ଲ ମହାରଣା, ରାମଚନ୍ଦ୍ର ମହାନ୍ତ ଓ ସଇତ ମହାରଣା ଏକର ପିଛା ୫୦ କୋଟି ଟଙ୍କା ପ୍ରଦାନ ଓ ଅନ୍ୟାନ୍ୟ ପ୍ରମୁଖ ୩୬ଟି ଦାବି ଉପସ୍ଥାପନ କରିଥିଲେ। ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ କହିଛନ୍ତି, ଦାବିଗୁଡ଼ିକ ଗ୍ରହଣ କରାଯାଇଛି। ଏ ନେଇ ସରକାରଙ୍କୁ ଅବଗତ କରାଯିବା ନେଇ ସେ କହିଥିଲେ। ଅନ୍ୟପକ୍ଷରେ ଶୁକ୍ରବାର ଭୋରରୁ ବିରୋଧୀ ମଞ୍ଚର ଶତାଧିକ ମହିଳା ଓ ପୁରୁଷ ସଭାସ୍ଥଳୀ ନିକଟରେ ପୋଲିସ ପହଞ୍ଚିବା ପୂର୍ବରୁ ପହଞ୍ଚିଯାଇଥିଲେ। ସଭାସ୍ଥଳକୁ ପ୍ରବେଶ ଉଦ୍ୟମ ବେଳେ ସେମାନଙ୍କୁ ସପକ୍ଷବାଦୀ ଅଟକାଇଥିଲେ। ଫଳରେ ଉଭୟପକ୍ଷ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୋଲିସ ପହଞ୍ଚି ଲାଠିଚାର୍ଜ କରିଥିଲା। ଘଟଣାରେ ତୁରୁମୁଙ୍ଗା ପୋଲିସ ୪ ଜଣ ବିରୋଧୀ ମଞ୍ଚ ନେତା ତଥା ଯମୁନାପୋଷି ପଞ୍ଚାୟତ କୋଡ଼ଖମଣ ଗ୍ରାମର ନିର୍ମଳ ମହାନ୍ତ, ମନୋହର ମହାନ୍ତ, ଅମିୟ ନାଏକ ଓ ଧନେଶ୍ୱର ମହାନ୍ତଙ୍କୁ ଗିରଫ କରିଛି। ପୋଲିସ ମାଡ଼ରେ କେତେଜଣ ଆନ୍ଦୋଳନକାରୀ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ପ୍ରତିରୋଧ ମଞ୍ଚ ପକ୍ଷରୁ ଘଟଣାକୁ ନିନ୍ଦା କରାଯିବା ସହ ତୁରନ୍ତ ୪ ନେତାଙ୍କୁ ବିନା ସର୍ତ୍ତରେ ଛାଡ଼ିବାକୁ ଦାବି କରାଯାଇଛି। ତୁରୁମୁଙ୍ଗା ଥାନା ଅଧିକାରୀ ଦୀପ୍ତିରଞ୍ଜନ ସାହୁ କହିଛନ୍ତି, ପୁରୁଣା ମାମଲାରେ ୪ଜଣଙ୍କୁ ଗିରଫ କରାଯାଇଛି।

# ଜଙ୍ଗଲ ସୁରକ୍ଷା ପ୍ରତି ସଚେତନତା ଜରୁରୀ

## ଆଜି ବିଶ୍ୱ ବନ ଦିବସ



ପ୍ରାଣିଜଗତ ଏବଂ ଜଙ୍ଗଲ ବା ବନର ସମ୍ପର୍କ ବେଶ୍ ପ୍ରାଚୀନ। ଦିନ ଥିଲା ଆଦିମ ମାନବ ବଣ ଜଙ୍ଗଲରେ ରହୁଥିଲା। ଧୀରେ ଧୀରେ ସମୟ ସହ ପାଦ ମିଶାଇ ଆଜି ଅତ୍ୟାଧୁନିକ ଯୁଗରେ ପହଞ୍ଚିଛି। ବର୍ତ୍ତମାନ ସମଗ୍ର ବିଶ୍ୱରେ ଜଙ୍ଗଲ ସୁରକ୍ଷା ଏକ ପ୍ରମୁଖ ସମସ୍ୟା ଭାବରେ ଉଭାହୋଇଛି। ଏ ନେଇ ଅଧିକ ଜନସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ମାର୍ଚ୍ଚ ୨୧କୁ 'ବିଶ୍ୱ ବନ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ଚଳିତ ବର୍ଷ ଏହି ଦିବସ ଲାଗି ପ୍ରସଙ୍ଗ ରହିଛି-'ଜଙ୍ଗଲ ଏବଂ ଅର୍ଥନୀତି'। ଜଙ୍ଗଲରୁ ଆମେ ବିଭିନ୍ନ ଜିନିଷ ପାଇଥାଉ। ଫଳମୂଳ, ଫୁଲ ବ୍ୟତୀତ ଅନେକ ଔଷଧୀୟ ବୃକ୍ଷ ମଧ୍ୟ ଏହା ଭିତରେ ରହିଛି। ଜଙ୍ଗଲ ଆମର କେତେ ଉପକାରରେ ଲାଗେ ତାହା ପ୍ରାୟ ସମସ୍ତେ ଜାଣନ୍ତି। ହେଲେ କଳକାରଖାନା, ବାସଗୃହ ଆଦି ଲାଗି ଜଙ୍ଗଲ କାଟିବା ଦିନକୁ ଦିନ ବଢ଼ିଚାଲିଛି। ଜଙ୍ଗଲ ସୁରକ୍ଷିତ ରହିଲେ ତାହାର ସୁପ୍ରଭାବ ପରିବେଶ ଉପରେ ପଡ଼ିବା ସହ ଭଲ ବର୍ଷା ହୁଏ। ତେଣୁ ବର୍ତ୍ତମାନ ଜଙ୍ଗଲ ସୁରକ୍ଷାର ଆବଶ୍ୟକତା ଉପଲବ୍ଧି କରିବା ସହ ଏହି ପ୍ରାକୃତିକ ସମ୍ପଦକୁ ଆମେ ସୁରକ୍ଷିତ କରି ରଖିବା ନିହାତି ଆବଶ୍ୟକ।

"ଜଙ୍ଗଲ ଏକ ଅମୂଲ୍ୟ ସମ୍ପଦ। ଏହା କେବଳ ମଣିଷଙ୍କ ବ୍ୟବହାର ପାଇଁ ନୁହେଁ ଏହା ବହୁ ଜୀବଜନ୍ତୁଙ୍କ ଘର। ତେଣୁ ମଣିଷମାନେ ଜଙ୍ଗଲ ଉପରେ ଏକଚାଟିଆ ଅଧିକାର ଜାହିରକରିବା ଠିକ୍ ନୁହେଁ। ଜଙ୍ଗଲ ଆମକୁ ବହୁ କିଛି ଦେଉଛି। ବିଶେଷକରି ଜଙ୍ଗଲଜାତ ଦ୍ରବ୍ୟ ଆମର ଅର୍ଥନୀତିକୁ ସୁଦୃଢ଼ କରୁଥିବାବେଳେ ତାହାର ସୁରକ୍ଷା ଦରକାର। ତେବେ ଅଧିକାଂଶ ସ୍ଥାନରେ ଜଙ୍ଗଲରୁ ମିଳୁଥିବା ସାମଗ୍ରୀରୁ ଏଠାକାର ଅଧିବାସୀମାନେ ଲାଭବାନ୍ ହେବା ବଦଳରେ ଏଥିରୁ ବାହାର ଲୋକେ ବା କର୍ପୋରେଟ ସେକ୍ଟର ଅଧିକ ଲାଭବାନ୍ ହେଉଛନ୍ତି। ସେହିପରି ଜଙ୍ଗଲ ଭିତରେ ବେଆଇନ କାରବାର ରୋକିବା ସହ ଏନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦରକାର।"

**-ଆକାଶ ରଞ୍ଜନ ରଥ, ପ୍ରତିଷ୍ଠାତା ଜଙ୍ଗଲ ଲୋର୍ ଫାଉଣ୍ଡେଶନ ତଥା ପୂର୍ବତନ ଅବୈତନିକ ୱାଇଲ୍ଡଲାଇଫ୍ ୱାର୍ଡନ, ପୁରୀ**

# ୨୦୨୭ ଇଦ୍ ପାଇଁ ପ୍ରସ୍ତୁତି ଚଳାଇଲେଣି ସଲମାନ



ମୁମ୍ବାଇ: ବଲିଉଡ୍‌ର 'ଭାଇଜାନ୍'ଭାବେ ପରିଚିତ ସଲମାନ ଖାନ୍ ନିଜର ଆଗାମୀ ଫିଲ୍ମ 'ମାତୃଭୂମି'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ପୂର୍ବରୁ ଏହି ଫିଲ୍ମର ନାମ 'ବ୍ୟାଟଲ ଅଫ୍ ଗଲୱାନ' ରଖାଯାଇଥିଲା। କିନ୍ତୁ ନିର୍ମାତା ଏବେ ଏହାର ନାମ ବଦଳାଇ 'ମାତୃଭୂମି' ରଖିଛନ୍ତି। ପ୍ରାୟତଃ ଇଦ୍‌ରେ ସଲମାନ ଅଭିନୀତ ଫିଲ୍ମ ରିଲିଜ ହୋଇଥାଏ। କିନ୍ତୁ ଚଳିତ ବର୍ଷ ଏହି ଅବସରରେ ତାଙ୍କର କୌଣସି ଫିଲ୍ମ ରିଲିଜ ହୋଇନାହିଁ। ହେଲେ ଆସନ୍ତାବର୍ଷ ଇଦ୍ ପାଇଁ ଏବେଠୁ ସେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ପ୍ରଯୋଜକ ଦିଲ୍ ରାଜୁ ଏବଂ ନିର୍ଦ୍ଦେଶକ ବାମଶୀ ପେଡିପଲ୍ଲୀଙ୍କ ସହ ଏକ ବଡ଼ ଆକ୍ସନ ଫିଲ୍ମ ଉପରେ ସଲମାନ ଆଲୋଚନା କରୁଛନ୍ତି। ଏହା ଏକ ମନୋରଞ୍ଜନଭିତ୍ତିକ କମର୍ସିଆଲ ଫିଲ୍ମ ହେବ, ଯେଉଁଥିରେ ଅଧିକ ଆକ୍ସନ ଏବଂ ହାଇ-ଲେଭଲ ଭିଏଫ୍ଏକ୍ସର ବ୍ୟବହାର କରାଯିବ। ଆସନ୍ତା ଏପ୍ରିଲରୁ ଏହି ଫିଲ୍ମର ଶୁଟିଂ ଦେଶର ବିଭିନ୍ନ ସ୍ଥାନରେ ଆରମ୍ଭ ହେବାକୁ ଯାଉଛି। ୨୦୨୫ ଇଦ୍‌ରେ ମୁକ୍ତିଲାଭ କରିଥିଲା ସଲମାନଙ୍କ ଫିଲ୍ମ 'ସିକନ୍ଦର'। ଏହା ବକ୍ସ ଅଫିସରେ ସେତେ ସଫଳ ହୋଇପାରି ନ ଥିଲା। ଏଣୁ ଏବେ ସମସ୍ତଙ୍କ ନଜର ତାଙ୍କର ଆଗାମୀ ବଡ଼ ପ୍ରୋଜେକ୍ଟ ଉପରେ ରହିଛି। ତେବେ ସଲମାନଙ୍କ ଫିଲ୍ମ 'ମାତୃଭୂମି: ମେ ୱାର୍ ରେଷ୍ଟ ଇନ୍ ପିସ୍' ଚଳିତ ବର୍ଷ ୧୪ ଅଗଷ୍ଟରେ ବଡ଼ ପରଦାକୁ ଆସିବାକୁ ଯାଉଛି। ଏହି ଫିଲ୍ମକୁ ନେଇ ଦର୍ଶକଙ୍କ ମଧ୍ୟରେ ବହୁ ଉତ୍ସାହ ଦେଖିବାକୁ ମିଳୁଛି। ସଲମାନ ପୁଣିଥରେ ନିଜର ପୁରୁଣା ଅନ୍ଦାଜରେ ଫେରିବାକୁ ପ୍ରସ୍ତୁତ ହେଉଛନ୍ତି। ତେଣୁ ୨୦୨୭ ଇଦ୍‌ରେ ସେ ପ୍ରଶଂସକଙ୍କୁ ଏକ ବଡ଼ ଉପହାର ଦେଇପାରନ୍ତି ବୋଲି କୁହାଯାଉଛି।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଶ୍ରୀକାନ୍ତ ଚରଣ ଦାସ
Plot No. MB3, Badagada, Brit Colony, Bhubaneswar
ତିରୋଧାନ: ୩୧।୦୩।୨୦୨୫
ବାବା, ପ୍ରଥମ ବର୍ଷର ସମର୍ପଣ । ଆପଣଙ୍କ ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା ଏବଂ ଉପଦେଶ ଆଜି ବି ଆମର ପଥ ପ୍ରଦର୍ଶକ। ଆଜି ଏହି ପବିତ୍ର ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ ।
ଦାସ ପରିବାର ଓ ବନ୍ଧୁବାନ୍ଧବ
ଧ-୩୬୫୪

### ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ରତ୍ନପ୍ରଭା ଦେବୀ
(ଏମ୍.ଏ.ବି.ଏଡ୍) ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ୟୁନିଟ୍-୪, ଭୁବନେଶ୍ୱର
ସି.ଆର.ପି.ଏଫ୍ ଛକ, ଭୁବନେଶ୍ୱର
ଆବିର୍ଭାବ: ୧୨।୦୮।୧୯୪୭ । ତିରୋଧାନ: ୦୭।୦୪।୨୦୧୯
(ଚୈତ୍ର ମାସ ଶୁକ୍ଳପକ୍ଷ ତୃତୀୟା ତିଥି)
ତୁମର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ଚିର ପାଥେୟ ହେଉ। ତୁମ ଅସାଧାରଣ ବ୍ୟକ୍ତିତ୍ୱର ସ୍ମୃତିରେ ରତ୍ନପ୍ରଭା ଦେବୀ ମେମୋରିଆଲ୍ ଟ୍ରଷ୍ଟର ସ୍ଥାପନା କରାଯାଇଛି। ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ। ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୩୭୦୭

### ଏକାଦଶାହ ଉପଲକ୍ଷେ



୰ଗଣେଶ ଚନ୍ଦ୍ର ଦୀକ୍ଷିତ
ଗ୍ରାମ: ୯୪/୪୨୯, ମହାବୀର ନଗର, ଭୁବନେଶ୍ୱର
ଆବିର୍ଭାବ: ୧୭।୧୦।୧୯୫୨
ତିରୋଧାନ: ୧୧।୦୩।୨୦୨୬
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ଶୃଙ୍ଖଳିତ ଜୀବନ, ମାର୍ଗଦର୍ଶନ ଓ ଆଶୀର୍ବାଦ ଆମ ମାନଙ୍କ ପାଇଁ ଚିର ପାଥେୟ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ଆପଣଙ୍କ ଆତ୍ମା ଶାନ୍ତି ଓ ସଦ୍‌ଗତି ପ୍ରାପ୍ତ ହେଉ।
-:ଆପଣଙ୍କ ଶୋକସନ୍ତପ୍ତ ପରିବାରବର୍ଗ:-
ଉମେଶ ଚନ୍ଦ୍ର ଦୀକ୍ଷିତ, ରମେଶ ଚନ୍ଦ୍ର ଦୀକ୍ଷିତ, ରାଜକିଶୋର ଦୀକ୍ଷିତ ଓ ଏଥି ସହ ସମସ୍ତ ପରିବାରବର୍ଗ ଓ ବନ୍ଧୁପରିଜନ।
ଧ-୬୧୯୮୨

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସୁହାସିନୀ ସାହୁ
ତିରୋଧାନ- ୧୧।୦୩।୨୦୨୬
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ହତଭାଗ୍ୟ ପୁତ୍ର: ରାଜକିଶୋର ସାହୁ, ସନ୍ତୋଷ କୁମାର ସାହୁ, ପ୍ରଦ୍ୟୁମ୍ନ କୁମାର ସାହୁ, ଆଶୁତୋଷ ସାହୁ (ନାତି)
ଧ-୩୬୯୬



# Classified Everyday

0674-2580101, 9692975378


REAL ESTATE

SALE

A brand new 3bhk premium category flat in Assotech Pride for immediate sale at a reasonable price. 7008265039 Broker Excuse. D-3540

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅନୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/Duplex ମିଳୁଛି। 8327785834. D-3649

ଭୁବନେଶ୍ୱର ନଖରା Dadhichi College ପାଖରେ Sqft. 1099/ରେ ଘରବାଡି, ବାଉଣ୍ଡାରୀ, Electric ଥାଇ ବାସୋପଯୋଗୀ ପ୍ଲଟ୍ ମିଳୁଛି। 8093465134. D-3683

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25

3BHK Sophisticated Flat at BJB Nagar/ 2100sqft. Gharabari Land at Uttara, Bhubaneswar. Call- 8917520527. D-3671

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




Godown and Showrrom near Pathargadia, Sibamandira 200ft. Road. Mob. 9938060592. D-3544


BUSINESS

Urgently required Second hand Racks for supermarket in Bhubaneswar, Contact: 8240127783. D-3703




All types of physiotherapy and massage contact 9556924059 / 7656969134. D-3668


## LOST

ମୁଁ, ଶ୍ରୀ ଲକ୍ଷ୍ମୀଧର ମହାନ୍ତି (୪୯) ବର୍ଷ, ପତ୍ନୀ- ମଞ୍ଜୁ ମହାନ୍ତି (୪୬) ବର୍ଷ, ସା- ବଳଭଦ୍ରପ୍ରସାଦ, ପୋ- ନୂଆପଡା, ଜିଲ୍ଲା- ନୟାଗଡ଼ ଜଣାଉଛି ମୋର ଘରବାରି ଦଲିଲ ନଂ. ୧୩୯୧୦୦୧୭୭୨, ତାରିଖ: ୦୬।୦୭।୧୦ଟି ବଳଭଦ୍ରପ୍ରସାଦଠାରେ ହଜିଯାଇଛି। ମୁଁ ମୋର ଦଲିଲ ବାଇକରେ ଏକ ବ୍ୟାଗରେ ରଖି ତହସିଲ କାର୍ଯ୍ୟାଳୟକୁ ଯାଉଥିବାବେଳେ ୧୫।୦୨।୨୦୨୨ ତାରିଖରେ ହଜିଯାଇଛି। ଏ ସମ୍ପର୍କରେ ଖଣ୍ଡପଡ଼ା ଥାନାରେ କମ୍ପ୍ଲେନ ନମ୍ବର- ୨୪୮୬୬୦୨୨୦୭୨ ୬୦୦୧୫ ରେ ମାମଲା ରୁଜୁ ହୋଇଛି। ଏଣୁ ନିବେଦନ କରେକି ଯଦି ଏହି ଦଲିଲ କେହି ପାଇଲେ ମୋର ନିମ୍ନୋକ୍ତ ଫୋନ ନମ୍ବରରେ ଜଣାଇବାକୁ ଅନୁରୋଧ।

ଶ୍ରୀ ଲକ୍ଷ୍ମୀଧର ମହାନ୍ତି
ଶ୍ରୀ ମଞ୍ଜୁ ମହାନ୍ତି
ସା- ବଳଭଦ୍ରପ୍ରସାଦ, ଖଣ୍ଡପଡ଼ା, ନୟାଗଡ଼, ଫୋନ ନମ୍ବର- ୬୩୭୦୬୭୮୭୧୨
ଧ-୩୭୦୪

## AFFIDAVIT

By virtue of an affidavit sworn before Notary Public, Kantabanji, dated 20.03.2026, I, MAMATA SAGRIA, D/o.- Bhagabana Sagria, At/ P.O.- Salemudgaon, P.S.- Turekela, Dist.- Bolangir, Odisha, PIN-767040 declare that I have changed my name from NAMITA SAGRIA (Old name) to MAMATA SAGRIA (New name). Henceforth, I shall be known as MAMATA SAGRIA for all purposes.

MAMATA SAGRIA
(New name).
D-3699

By virtue of an affidavit sworn before Executive Magistrate, Thuamul Rampur, dated 04.10.2025, I, Dashmini Naik, R/o. At/P.O.- Gopalpur, P.S.-Thuamul Rampur, Dist.- Kalahandi, Odisha, PIN- 766037 declare that I have changed my name from Dasmita Naik to Dashmini Naik. Henceforth, I shall be known as Dashmini Naik for all purposes.

Dashmini Naik
D-3701

By virtue of an affidavit sworn before Executive Magistrate, Kashipur, Rayagada dated 16.10.2025, I, Ramsingh Majhi, R/o. At- Bhatipas, P.O.- Munusgaon, P.S.- Kashipur, Dist.- Rayagada, Odisha, PIN- 765015 declare that I have changed the name of my son from Matu Majhi to Mantu Majhi. Henceforth, he shall be known as Mantu Majhi for all purposes.

Ramsingh Majhi
D-3702

I, Puspanjali Behera, D/o. Radharani Behera, At- Indipur, P.O.- Indipur, P.S.- Sadar, Dist.- Dhenkanal, PIN- 759025 solemnly declare that I have changed my name from PUSPANJALI DAS to PUSPANJALI BEHERA, dtd. 18.03.2026 before Executive Magistrate, Dhenkanal.

Puspanjali Behera.
D-3697

I, Nishamani Panda, W/o.- Late Somanath Panda, At- Thailo, P.O.- Alikanta, P.S.- Balikuda, Dist.- Jagatsinghpur, 754108, Odisha declare by affidavit No.- 2306, dtd.- 06.12.2025 before Executive Magistrate, Balikuda that I have changed my name from Nirupama Panda to Nishamani Panda. Nishamani Panda and Nirupama Panda is one and same person. Henceforth, I shall be known as Nishamani Panda for all purposes.
D-3700

By virtue of an affidavit Sworn before Notary Public, Kantabanji Dated 20.3.2026 I, Sajara Hati, S/o.- Rakshya Hati of Village- Tentulikhunti, P.O.- Ganrei, P.S.- Muribahal, Dist.- Bolangir, Odisha, declare that I have changed the name of my daughter from Niturupa Hati to Nirupama Hati. Henceforth, she shall be known as Nirupama Hati (New Name) for all purposes.

Sajara Hati
D-3698

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ଆୟୁକ୍ତ, ଚକବନ୍ଦୀ ଓ ବନ୍ଦୋବସ୍ତ, ଭୁବନେଶ୍ୱରଙ୍କ ଅଦାଲତ ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା
ଆର୍.ପି. କେସ୍ ନଂ.୧୬/୨୦୨୪

କପିଳ ରଣସିଂହ ଓ ଅନ୍ୟମାନେ ........ବାଦୀମାନେ
ବନାମ
ତହସିଲଦାର ଟାଙ୍ଗୀ ଓ ଓଗେର .......ପ୍ରତିବାଦୀମାନେ

ପ୍ରତିବାଦୀ ନଂ.୩: ଚନ୍ଦ୍ର ରାଉଳ, ପ୍ରତିବାଦୀ ନଂ.୪: ମଧୁ ରାଉଳ ଦୁଇଜଣଙ୍କର ପିତା: ଦୀନା ରାଉଳ, ପ୍ରତିବାଦୀ ନଂ.୫: ଚିନ୍ତାମଣି ସାହୁ, ପିତା: ଅର୍ଜୁନ ସାହୁ, ପ୍ରତିବାଦୀ ନଂ.୬: ପ୍ରାଣନାଥ ସାମନ୍ତରାୟ, ପିତା: ସତ୍ୟବାଦୀ ସାହୁ, ଏମାନଙ୍କ ଠିକଣା: ସା- ବୋଡଙ୍ଗରା ପାଟଣା, ଥାନା- ନିରାକାରପୁର, ଜିଲ୍ଲା- ଖୋର୍ଦ୍ଧା।

ନୋଟିସ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ

ଉପରୋକ୍ତ ଆର୍.ପି. କେସ୍ ବାଦୀ କପିଳ ରଣସିଂହ ଓ ଅନ୍ୟମାନେ ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ଆୟୁକ୍ତ, ଚକବନ୍ଦୀ ଓ ବନ୍ଦୋବସ୍ତ ଭୁବନେଶ୍ୱର, ଅଦାଲତଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.୩, ୪, ୫ ଓ ୬ଙ୍କ ଠିକଣାରେ ଚିଠି ଯାଇ ପୋଷ୍ଟାଲ ଏଣ୍ଡୋର୍ସମେଣ୍ଟ ଜରିଆରେ, ସେମାନେ ମୃତ ବୋଲି ଦର୍ଶାଯାଇ ଅଦାଲତକୁ ଫେରସ୍ତ ଆସିଅଛି।

ଏଣୁ ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଆୟୁକ୍ତ, ଚକବନ୍ଦୀ ଓ ବନ୍ଦୋବସ୍ତ, ଭୁବନେଶ୍ୱରଙ୍କ ଅଦାଲତ କାର୍ଯ୍ୟାଳୟଠାରେ ଆସନ୍ତା ତା.୨୭।୦୪।୨୦୨୬ରିଖ ଦିବା ଘ.୧୧.୩୦ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର ହୋଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଟାଙ୍ଗୀ, ଥାନା: ନିରାକାରପୁର, ମୌଜା: ବଡ଼ପୋଖରିଆ ସାବିକ ଖାତା ନଂ.୩୨୮, ପ୍ଲଟ୍ ନଂ.୯୭୮, ରକବା: ଏ୧.୨୦୩ ଡି., ପ୍ଲଟ୍ ନଂ.୯୮୧, ରକବା: ଏ୦.୨୩୫ ଡି., ପ୍ଲଟ୍ ନଂ.୯୮୪, ରକବା: ଏ୦.୧୩୨ ଡି., ପ୍ଲଟ୍ ନଂ.୯୯୧, ରକବା: ଏ୨.୦୯୫ ଡି., ମୋଟ ଚାରି ଗୋଟି ପ୍ଲଟ୍, ମୋଟ ରକବା: ଏ୩.୬୬୫ ଡି., ହାଲ୍ ଖାତା ନଂ.୩୨୦, ପ୍ଲଟ୍ ନଂ.୪୨୦୭, ରକବା ଏ୨.୦୨୦ ଡିସିମିଲ, ପ୍ଲଟ୍ ନଂ.୪୨୩୨, ରକବା: ଏ୦.୩୯୦ ଡି., ପ୍ଲଟ୍ ନଂ. ୪୨୩୫, ରକବା: ଏ୧.୦୮୫ ଡି., ପ୍ଲଟ୍ ନଂ.୪୨୩୭, ରକବା: ଏ୦.୧୮୯ ଡି., ମୋଟ ଚାରି ଗୋଟି ପ୍ଲଟ୍, ମୋଟ ରକବା: ଏ୩.୬୮୪ ଡି.

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.୩, ୪, ୫ ଓ ୬ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସେମାନେ କିମ୍ବା ସେମାନଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଓ ଉପରୋକ୍ତ ମାମଲାରେ ଅଂଶଗ୍ରହଣ କରିପାରିବେ। ଅନ୍ୟଥା ଆଇନ ଅନୁସାରେ ଉକ୍ତ ମୋକଦ୍ଦମାର ଫଇସଲା କରାଯିବ।

ଭୁବନେଶର
ତା.୧୧।୦୩।୨୦୨୬

କମିଶନର, ଚକବନ୍ଦୀ ଓ ବନ୍ଦୋବସ୍ତଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଚକବନ୍ଦୀ ଓ ବନ୍ଦୋବସ୍ତ କୋର୍ଟ ଭୁବନେଶର
ଧ-୩୭୦୫

## ସଂକ୍ଷେପରେ

### ଭବାନୀପାଟଣାରେ ଜନଗଣନା ତାଲିମ ଶିବିର

**ଭବାନୀପାଟଣା,୨୦।୩(ଉତ୍ତମ କୁମାର ଦାଶ):** ଜନଗଣନା ୨୦୨୭ ପାଇଁ ଭବାନୀପାଟଣା ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟଠାରେ ଗତ ୧୭ରୁ ତାଲିମ ଶିବିର ଜାରି ରହିଛି। ସ୍ଥାନୀୟ ତହସିଲଦାର ତଥା ଜନଗଣନା ଚାର୍ଜ ଅଧିକାରୀ କ୍ଷୀରୋଦ ବିହାରୀ ଭାରତ ନାଗଙ୍କ ନେତୃତ୍ୱରେ ଏଥିରେ ୩୦୮ ଜଣ ଗଣନାକାରୀ ଓ ୫୧ ଜଣ ସୁପରଭାଇଜରଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ ଚାଲୁଛି। ଅତିରିକ୍ତ ତହସିଲଦାର ମନୀଷା ବେହେରା, ସୁପରଭାଇଜର ସୁଦୀପ୍ତ ସିଂ, ଉପବିଭାଗ ଅଧିକାରୀ ପ୍ରଭାତ ରଣା, ରୋହିତ ଦୁର୍ଗାଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ତାଲିମ ଶିବିରକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଇଲାରାଣୀ ମହାନ୍ତି ସହଯୋଗ କରୁଛନ୍ତି।

### ହିନ୍ଦୁ ନବବର୍ଷ ପାଳିତ

**ଖଡ଼ିଆଳ,୨୦।୩ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳରେ ହିନ୍ଦୁ ନବବର୍ଷ ପାଳନ କମିଟି ପକ୍ଷରୁ ଗୁରୁବାର ପବିତ୍ର ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଭବ୍ୟ ସାଂସ୍କୃତିକ ଶୋଭାଯାତ୍ରା ଖଡ଼ିଆଳ ବଡ ଦଧିବାମନ ମନ୍ଦିରରୁ ବାହାରି ଖଡିଆଳ ସହର ପରିକ୍ରମା କରିଥିଲା। କମିଟି ଅଧ୍ୟକ୍ଷ ବିନୋଦ ବିହାରୀ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପରମାନନ୍ଦ ସରସ୍ୱତୀ ମୁଖ୍ୟବକ୍ତା ଓ ସମ୍ପାଦକ କୌଶିକ ସରାଫ, ସହସମ୍ପାଦକ ବିଭୂତି ଭୂଷଣ ବିଶି, ଉପସଭାପତି ରଶ୍ମିରଞ୍ଜନ ଚଲାନ, ଖଡ଼ିଆଳ ନଗର ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ବିନୋଦ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗୁରୁବାର ଚୈତ୍ର ପ୍ରତିପଦାରେ ନୂତନ ହିନ୍ଦୁ ପଞ୍ଜିକା ଆରମ୍ଭ ହୋଇଥିବାବେଳେ ଏହି ପଞ୍ଜିକା ଅନୁଯାୟୀ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

### ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

**ଖଡ଼ିଆଳ,୨୦।୩ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଡୁକୁଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଶିଶୁବାଟିକା ବିଭାଗର 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅରୁଣ କୁମାର ଦାଶ ଯୋଗଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅମର ସିଂହ ବାରିକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିଶୁବାଟିକା ବରିଷ୍ଠ ଗୁରୁମା ଲୋପିତା ଦୁବେ ମା' ଓ ଶିଶୁଙ୍କ ପ୍ରାୟୋଗିକ ଦିଗ ଉପରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଗୁରୁଜୀ ହେରାମ୍ବ ଗୁରୁଜୀ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ୪୫ ଜଣ ମା' ଯୋଗଦେଇଥିଲେ। ସୁଜିତ ଦାଶ, ବୈବସ୍ୱତ ପଟେଲ, ରମାକାନ୍ତ ରଣା, ସଞ୍ଜୟ ସିଂହ ବାବୁ, ପୁଷ୍ପାଞ୍ଜଳି ହାତୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଷୋହଳ ପ୍ରହର ନାମଯଜ୍ଞ

**ଖଡ଼ିଆଳ,୨୦।୩ (ସୁଜିତ କୁମାର ପ୍ରଧାନ):** ଖଡ଼ିଆଳ ବ୍ଲକ ଚିନ୍ଦାଗୁଡାରେ ତିନିଦିନ ଧରି ଚାଲିଥିବା ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର କଳସଯାତ୍ରା ଓ ଅଧିବାସ, ବୁଧବାର ଓ ଗୁରୁବାର ନାମଯଜ୍ଞ, ଶୁକ୍ରବାର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଛି। ଏହି ନାମଯଜ୍ଞରେ କର୍ତ୍ତା ରୂପେ ଫକୀର ନାଏକ ଓ ତାଙ୍କ ଧର୍ମପତ୍ନୀ ସୁଭଦ୍ରା ନାଏକ, ପୂଜକ ରୂପେ ହେମଲାଲ ମିଶ୍ର, ଜପକ ରୂପେ ରଞ୍ଜନ ମିଶ୍ର ଦାୟିତ୍ୱ ନିର୍ବାହ କରିଥିଲେ। ଏଥିରେ ଜିଲା ତଥା ଜିଲା ବାହାରର ୧୦ଟି ସଂକୀର୍ତ୍ତନ ଦଳ ହରିନାମ ପରିବେଷଣ କରିଥିଲେ। ଆୟୋଜକ କମିଟି ସଭାପତି ସୁନୀଲ କୁମାର ମାଝୀ, ସମ୍ପାଦକ ଯତୀନ୍ଦ୍ର କୁମାର ବିଶି, କୋଷାଧ୍ୟକ୍ଷ ଭୁଜ ମାଝୀ, ଦକ୍ଷରାଜ ପ୍ରଧାନୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ମ୍ୟାଲେରିଆ କବଳରେ କଳାହାଣ୍ଡି

**ଭବାନୀପାଟଣା,୨୦।୩(ଉତ୍ତମ କୁମାର ଦାଶ)**




- ୪ ବର୍ଷରେ ୩୮,୮୧୬ ରୋଗୀ ଚିହ୍ନଟ, ଜଣଙ୍କର ମୃତ୍ୟୁ
- ଲାଞ୍ଜିଗଡ଼ ବ୍ଲକ୍‌ରେ ସର୍ବାଧିକ ରୋଗୀ

କଳାହାଣ୍ଡି ଜିଲାକୁ ଦୀର୍ଘ ୧୦ବର୍ଷ ପରେ ମ୍ୟାଲେରିଆ ପୁନର୍ବାର କବଳିତ କରିବା ଆରମ୍ଭ କରିଛି। ମ୍ୟାଲେରିଆରେ ଗତବର୍ଷ ଜିଲାର ଏମ୍. ରାମପୁର ବ୍ଲକର ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ସରକାରୀ ତଥ୍ୟରୁ ଜଣାପଡିଛି। ୨୦୨୪ ବର୍ଷରେ ମ୍ୟାଲେରିଆ ରୋଗୀ ସଂଖ୍ୟାଠାରୁ ୨୦୨୫ରେ ସାମାନ୍ୟ କମିଛି। ଜିଲାରେ ସବୁପ୍ରକାର ସ୍ୱାସ୍ଥ୍ୟଜନିତ ପ୍ରତିକାର ବ୍ୟବସ୍ଥା ସ୍ୱାସ୍ଥ୍ୟବିଭାଗ ଦ୍ୱାରା ନିଆଯାଉଛି ବୋଲି କୁହାଯିବା ସତ୍ତ୍ୱେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ଚିନ୍ତାର କାରଣ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ୨୦୨୨ରେ ୩୭୫୯୫୦ଜଣଙ୍କ ରକ୍ତନମୁନା ସଂଗ୍ରହ କରାଯାଇଥିଲା। ସେଥିରୁ ୩୮୪୦ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିଲେ। ୨୦୨୩ରେ ୪୨୪୮୧୪ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ୭୫୪୩ ଜଣ ଚିହ୍ନଟ ହୋଇଥିଲେ। ସେହିପରି ୨୦୨୪ରେ ୪୮୦୯୭୨ ଜଣଙ୍କ ରକ୍ତନମୁନା ପରୀକ୍ଷାରୁ ୧୪୩୯୯ ଜଣ ଓ ୨୦୨୫ରେ ୪୬୦୮୯୨ ଜଣଙ୍କ ରକ୍ତ ନମୁନା ପରୀକ୍ଷା ପରେ ୧୩୦୩୪ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିଲେ। ଲାଞ୍ଜିଗଡ଼ ବ୍ଲକରେ ସର୍ବାଧିକ ୬୧୦୦ ରୋଗୀ ଚିହ୍ନଟ ହୋଇଛନ୍ତି। ଏହି ୪ ବର୍ଷକୁ ମିଶାଇଲେ ଜିଲାରେ ୩୮,୮୧୬ ରୋଗୀ ଚିହ୍ନଟ ହୋଇଛନ୍ତି। ଚଳିତବର୍ଷ ଜାନୁଆରୀ ଓ ଫେବୃଆରୀ ୨ ମାସରେ ୩୪୦ ଜଣ ରୋଗୀ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ ହୋଇ ସାରିଲେଣି। ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଗାଁଗୁଡିକରେ ମ୍ୟାଲେରିଆ ପାଦୁର୍ଭାବ ସାଂଘାତିକ ସ୍ଥିତି ସୃଷ୍ଟି କରିଛି। ୨୦୨୦ରୁ ୨୦୨୪ ପର୍ଯ୍ୟନ୍ତ ମ୍ୟାଲେରିଆ ରୋଗ ଜିଲାରେ ନିୟନ୍ତ୍ରଣ ଭିତରେ ରହିଥିଲା। ତେବେ ୨୦୨୪ରୁ ଏହି ରୋଗ ଗ୍ରାମାଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଚାଲିଛି। ମ୍ୟାଲେରିଆରେ ଶିକାର ନ ହେବା ଲାଗି ଔଷଧଯୁକ୍ତ ମଶାରି ବଣ୍ଟନ କରାଯାଉଛି। ଜିଲାରେ ଗତବର୍ଷ ୮ଲକ୍ଷ ୩୬ ହଜାର ୮୭ ମଶାରି ବଣ୍ଟନ କରାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡିଛି। ସମସ୍ତ ବ୍ଲକ, ପୌରାଞ୍ଚଳ ଓ ଜିଲା ମଙ୍ଗଳ ବିଭାଗ ଅଧୀନରେ ଥିବା ସ୍କୁଲଗୁଡିକରେ ଔଷଧଯୁକ୍ତ ମଶାରି ବଣ୍ଟନ କରାଯାଇଛି। ସେହିପରି ମ୍ୟାଲେରିଆକୁ ରୋକିବା ପାଇଁ ଦମନ କାର୍ଯ୍ୟକ୍ରମ ଚାଲୁଥିବାବେଳେ ଗ୍ରାମାଞ୍ଚଳରେ ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀ ଜରୁରିକାଳୀନ ଔଷଧ ବିତରଣ କରୁଥିବା ବିଭାଗୀୟ ଜିଲା ପରାମର୍ଶଦାତା ଦିନେଶ କୁମାର ପ୍ରହରାଜ ପ୍ରକାଶ କରିଛନ୍ତି।

# ୧୦ ସ୍ଥାନରେ ହେଲ୍‌ମେଟ୍ ହବ୍ ସ୍ଥାପନ ପାଇଁ ଏସ୍‌ଓପି ପ୍ରସ୍ତୁତ


ବୈଠକରେ ସଡ଼କ ସୁରକ୍ଷା ଉପରେ ଆଲୋଚନା କରାଯାଉଛି।

**ନୂଆପଡ଼ା,୨୦।୩ (ମକାରୁ ବେମାଲ)**

ନୂଆପଡ଼ା ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆରମ୍ଭରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶଶାଙ୍କ ଶେଖର ଶୁକ୍ଳା ସମସ୍ତଙ୍କୁ ସ୍ୱାଗତକରି ବୈଠକର ବିବରଣୀ ଉପସ୍ଥାପନ କରିଥିଲେ। ଜିଲାପାଳ 'ନୋ ହେଲ୍‌ମେଟ୍ ନୋ ପେଟ୍ରୋଲ' ନିୟମକୁ ଆହୁରି କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ହେଲ୍‌ମେଟ୍ ବ୍ୟବହାର ବାଧ୍ୟତାମୂଳକ କରିବା ପାଇଁ ଜିଲାର ଗୁରୁତ୍ୱପୂର୍ଣ୍ଣ ୧୦ ସ୍ଥାନରେ 'ହେଲ୍‌ମେଟ୍ ହବ୍' ସ୍ଥାପନ ପାଇଁ ଏସ୍‌ଓପି ପ୍ରସ୍ତୁତ ହୋଇଛି ଓ ଏହା ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି କହିଥିଲେ। ଜିଲା ପରିବହନ ଅଧିକାରୀ ଶର୍ମିଳା ମହାରଣା ସଡ଼କ ସୁରକ୍ଷା ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ତଥ୍ୟ ରଖିଥିଲେ। ଚଳିତ ବର୍ଷ ମାର୍ଚ୍ଚ ୧୮ ତାରିଖ ପର୍ଯ୍ୟନ୍ତ ମଦ୍ୟପାନକରି ଗାଡ଼ି ଚାଳନା ପାଇଁ ୮ଟି ଓ ବିନା ହେଲ୍‌ମେଟ୍ ବାଇକ୍ ଚାଳନା ପାଇଁ ୨୨୮ଟି ଚାଲାଣ ଜାରି ହୋଇଛି। ୨୦୨୬ ଜାନୁଆରୀ ୧ରୁ ୩୧ ପର୍ଯ୍ୟନ୍ତ ମଦ୍ୟପାନକରି ଗାଡ଼ି ଚାଳନାରୁ ୧,୨୫,୦୦୦, ଦ୍ରୁତଗତି ପାଇଁ ୨,୭୨,୦୦୦ ଓ ଗାଡ଼ି ଚଳାଇବା ସମୟରେ ମୋବାଇଲ ବ୍ୟବହାର ପାଇଁ ୧୫,୦୦୦ ଟଙ୍କା ଅର୍ଥଦଣ୍ଡ ଆଦାୟ ହୋଇଛି। ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ସୁର୍ମୀ ସୋରେନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧନେଶ୍ୱର ସେଠୀ, ମୁଖ୍ୟ ପ୍ରାଣିସମ୍ପଦ ଅଧିକାରୀ ଡା. ସୁଖେନ୍ଦୁ ରାୟ, ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ୨୧ କୃତୀ ବ୍ରହ୍ମଚାରୀ ସମ୍ମାନିତ


କୃତୀ ଛାତ୍ରମାନଙ୍କୁ ସମ୍ମାନିତ କରାଯାଉଛି।

**ନୂଆପଡ଼ା,୨୦।୩ (ମକାରୁ ବେମାଲ)**

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀ ଆନୁକୂଲ୍ୟରେ ୬୩ତମ ରାଜ୍ୟସ୍ତରୀୟ ଶାସ୍ତ୍ର ସ୍ମରଣ ପ୍ରତିଯୋଗିତା ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାପୀଠ ପୁରୀଠାରେ ଜାନୁଆରୀ ୨୧ ଓ ୨୨ ରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ନୂଆପଡ଼ା ସଦର ବ୍ଲକ ଗୁରୁକୁଳ ହରିପୁରର ୨୧ ଜଣ ବ୍ରହ୍ମଚାରୀ ଅଂଶଗ୍ରହଣ କରି ୯ ଜଣ ପ୍ରଥମ, ୮ ଜଣ ଦ୍ୱିତୀୟ ଓ ୪ ଜଣ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କୃତୀ ବ୍ରହ୍ମଚାରୀଙ୍କୁ ହିନ୍ଦୁ ନବବର୍ଷ ତଥା ଆର୍ଯ୍ୟ ସମାଜ ସ୍ଥାପନ ଦିବସରେ ଗୁରୁକୁଳ ତରଫରୁ ସମ୍ମାନିତ କରାଯାଇଛି। ତାମିଲନାଡୁର ଶ୍ରୀ ଚନ୍ଦ୍ରଶେଖର ସରସ୍ୱତୀ ବିଶ୍ୱବିଦ୍ୟାଳୟ କାଞ୍ଚିପୁରମଠାରେ ମାର୍ଚ୍ଚ ୧୦ରୁ ୧୩ ପର୍ଯ୍ୟନ୍ତ ଆୟୋଜିତ ୬୩ତମ ସର୍ବଭାରତୀୟ ଶାସ୍ତ୍ରୋତ୍ସବ ପ୍ରତିଯୋଗିତାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୯ ଜଣ ବ୍ରହ୍ମଚାରୀ ଅଂଶଗ୍ରହଣ କରିଥିଲେ। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ୮ ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେଇଥିଲେ। ୯ ଜଣଙ୍କ ମଧ୍ୟରୁ ୩ ବ୍ରହ୍ମଚାରୀ ସୁମନ ଆର୍ଯ୍ୟ, ବ୍ରହ୍ମଚାରୀ ଶ୍ରୁତିପ୍ରିୟ ଆର୍ଯ୍ୟ ଓ ବ୍ରହ୍ମଚାରୀ ଚିନ୍ମୟ ଆର୍ଯ୍ୟ ଉପନିଷଦ, ଚରକ ସଂହିତା, ଅଷ୍ଟାଧ୍ୟାୟୀରେ ପ୍ରଥମ ପୁରସ୍କାର ଲାଭ କରିଥିଲେ । ସୂଚନାଯୋଗ୍ୟ, ଗତବର୍ଷ ପତଞ୍ଜଳି ଯୋଗପୀଠ ହରିଦ୍ୱାରଠାରେ ଆୟୋଜିତ ୬୨ତମ ସର୍ବଭାରତୀୟ ଶାସ୍ତ୍ରୋତ୍ସବ ପ୍ରତିଯୋଗିତାରେ ଓଡ଼ିଶା ରାଜ୍ୟରୁ ପ୍ରତିନିଧିତ୍ୱ କରିଥିବା ହରିପୁରର ୩ ଛାତ୍ର ବିଶେଷ ସ୍ଥାନ ଅଧିକାର କରିଥିଲେ। ସେହିପରି ଦ୍ୱିତୀୟ ସଂସ୍କୃତ ଅଲିମ୍ପିଆଡ୍ ପରୀକ୍ଷାରେ ଗୁରୁକୁଳ ହରିପୁରର ୯ମ ଶ୍ରେଣୀ ଛାତ୍ର ଜାତୀୟସ୍ତରରେ ୧ମ ଓ ୨ୟ ସ୍ଥାନ ଅଧିକାର କରିଥିଲେ। ସେହିବର୍ଷ ତୃତୀୟ ଅଲିମ୍ପିଆଡ୍‌ରେ ନବମ ଓ ଦ୍ୱାଦଶ ଶ୍ରେଣୀର ୩ ଛାତ୍ର ରାଜ୍ୟସ୍ତରରେ କୃତକାର୍ଯ୍ୟ ହୋଇ ଯଥାକ୍ରମେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ପ୍ରସନ୍ନ କୁମାର ପାଢ଼ୀ ଅତିଥି ଭାବରେ ଯୋଗଦେଇ କୃତୀ ଛାତ୍ରମାନଙ୍କୁ ସମ୍ମାନିତ କରିଥିଲେ। ଗୁରୁକୁଳ ସଞ୍ଚାଳକ ସୁଦର୍ଶନ ଦେବଚର୍ଯ୍ୟ, ଆଚାର୍ଯ୍ୟ ଦିଲୀପ ଜିଜ୍ଞାସୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଷମଗିରି ଆଶ୍ରମ ସ୍କୁଲର ବାର୍ଷିକୋତ୍ସବ

**ଥୁଆମୂଳ ରାମପୁର, ୨୦।୩ (ଦୁର୍ଗା କୀର୍ତ୍ତି):** ଥୁଆମୂଳ ରାମପୁର ବ୍ଲକ ବିଷମଗିରି ସରକାରୀ (ଏସ୍‌ଏସ୍‌ଡି) ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁକାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଜିଲା ଶିକ୍ଷା ପରିଦର୍ଶକ ଉଦୟ ସିଂ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ବକ୍ତା ଭାବେ ମା' ମାଣିକେଶ୍ୱରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନ୍ନା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନ, ଏମ୍‌ଆଇ ବିଭୁ ରଞ୍ଜନ ସାହୁ, ସିଆର୍‌ସିସି ଜୟସିଂ ମାଝୀ, ଏସ୍‌ଏମ୍‌ସି ଅଧ୍ୟକ୍ଷ ହାନୁ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶେଷରେ ଶିକ୍ଷକ ଦଶରଥ ଗୋପାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଜନଗଣନା ୨୦୨୭ ପାଇଁ ତାଲିମ ଶିବିର


ତାଲିମ ଗ୍ରହଣ କରୁଥିବା ଶିକ୍ଷକମାନେ।

**ଲାଞ୍ଜିଗଡ଼,୨୦।୩(ରମେଶ ଚନ୍ଦ୍ର ନାୟକ)**

ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ମା' ହିରାନୀଳା ଡିଗ୍ରୀ ମହାବିଦ୍ୟାଳୟରେ ଜନଗଣନା ୨୦୨୭ ପାଇଁ ପ୍ରଥମ ପର୍ଯ୍ୟାୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ପ୍ରଥମ କରି ଡିଜିଟାଲ ମାଧ୍ୟମରେ ଜନଗଣନା କରାଯିବ। ପ୍ରଥମ ପର୍ଯ୍ୟାୟ ୧୬ ଏପ୍ରିଲ ୨୦୨୬ରୁ ୧୫ ମେ' ୨୦୨୬ ଯାଏ ଗୃହ ଗଣନା କରାଯିବ। ଲାଞ୍ଜିଗଡ଼ ତହସିଲଦାର ତଥା ଜନଗଣନା ଦାୟିତ୍ୱରେ ଥିବା ଅଧିକାରୀ ବନମାଳୀ ମେହେର ଶିବିର ଶୁଭାରମ୍ଭ କରି ଡିଜିଟାଲ ମୋଡରେ କିଭଳି ଜନଗଣନା କରିବେ ସମସ୍ତଙ୍କୁ ଅବଗତ କରିଛନ୍ତି। ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେର ଠିକ ତଥ୍ୟ ସଂଗ୍ରହକରି ସମସ୍ତେ ନିଜ ଦାୟିତ୍ୱ ସମ୍ପନ୍ନ କରିବା ନେଇ ଗୁରୁତ୍ୱାରୋପ କରିଥିଲେ। ମାଷ୍ଟର ଟ୍ରେନର ଭାବେ ଲାଞ୍ଜିଗଡ ଧଅଁରାଭଟା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଜୀବବିଜ୍ଞାନ ଅଧ୍ୟାପକ ସୁଦିପ ପରମାଣିକ, ଓଡ଼ିଆ ଅଧ୍ୟାପକ ରୋହିତ ଲୁହା, ଧଅଁରାଭଟା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଇଂରାଜୀ ଶିକ୍ଷକ ସନ୍ତୋଷ ମେହେର, ବିଜ୍ଞାନ ଶିକ୍ଷକ ସୌମ୍ୟ ରଞ୍ଜନ ବାରିକ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୧୦୦ ଶିକ୍ଷକ ପର୍ଯ୍ୟବେକ୍ଷକ ଓ ଗଣକ ଭାବେ ତାଲିମ ନେଇଥିଲେ।

# ସିଟିଜେନ୍ ଫୋରମ ପକ୍ଷରୁ ଆଲୋଚନାଚକ୍ର

**କୋକସରା,୨୦।୩ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)**


ବୈଠକରେ ସିଟିଜେନ ଫୋରମ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

କୋକସରା ବ୍ଲକ ସିଟିଜେନ ଫୋରମ ପକ୍ଷରୁ ସ୍ଥାନୀୟ ଶିଶୁମନ୍ଦିର ପରିସରରେ ବ୍ଲକର ବିଭିନ୍ନ ସମସ୍ୟାକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଧନେଶ୍ୱର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକରେ କ୍ରୀଡା ଓ ଖେଳାଳିଙ୍କ ବିକାଶ ପାଇଁ ଷ୍ଟାଡିୟମ ଓ ସ୍ପୋର୍ଟସ କମ୍ପ୍ଲେକ୍ସ ପାଇଁ ୧୬ କୋଟିରୁ ଉର୍ଦ୍ଧ୍ୱ ଅନୁଦାନ ଯୋଗାଇ ଦେଇଥିବା ନେଇ ରାଜ୍ୟ ସରକାର ଓ ସ୍ଥାନୀୟ ବିଧାୟକଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଏହାସହ ରବି ଚାଷ ଅନ୍‌ଲାଇନ ପଞ୍ଜିକରଣ ନେଇ ୱେବସାଇଟ ଖୋଲୁ ନ ଥିବା କାରଣରୁ ଉଠା ଜଳସେଚନ ଅଞ୍ଚଳର ଚାଷୀ ପଞ୍ଜିକରଣରୁ ବଞ୍ଚିତ ରହିଛନ୍ତି। ଏଣୁ ଏହାର ଶୀଘ୍ର ସମାଧାନ କରିବା, କୋକସରା ଆଦର୍ଶ ଶ୍ମଶାନ ନିର୍ମାଣ ତ୍ୱରାନ୍ୱିତ, ଜୁନାଗଡ଼ ନବରଙ୍ଗପୁର ରେଳ ଲାଇନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା, କୋକସରା ବ୍ଲକ ଅଞ୍ଚଳରେ ଦୁର୍ଘଟଣା ବୃଦ୍ଧି ପାଉଥିବାରୁ ସ୍ଥାନୀୟ ସିଏଚ୍‌ସିରେ ଟ୍ରମା କେୟାର ସୁବିଧା ଦାବି ଉପରେ ଆଲୋଚନା ହୋଇଥିଲା। ବୈଠକରେ ସିଟିଜେନ ଫୋରମର ମିନକେତନ ପ୍ରଧାନୀ, ଧବଳେଶ୍ୱର ନାଗ, ଶ୍ରୀନିବାସ ପ୍ରଧାନୀ, ବାହାଦୂର ମାଝୀ, ନାରାୟଣ ପଟ୍ଟନାୟକ, ଜୟଲାଲ ନାଏକ, ବିନୋଦ ବିହାରୀ ରାଉତସମେତ ଅନ୍ୟମାନେ ଉପସ୍ଥିତ ରହି ଆଗାମୀ ଦିନରେ ଅଞ୍ଚଳର ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଇବା ପାଇଁ ନିଷ୍ପତ୍ତି ନିଆଯାଇଛି।

## ନର୍ଲା ହାଇସ୍କୁଲରେ ଜନଗଣନା ତାଲିମ ଶିବିର

**ରୁପ୍ରା ରୋଡ,୨୦।୩ (ସଞ୍ଜୀବ ଦାସ):** ଜନଗଣନା-୨୦୨୭ ପାଇଁ ନର୍ଲାସ୍ଥିତ ପଞ୍ଚାୟତ ସମିତି ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ଗତ ୧୬ତାରିଖରୁ ତାଲିମ ଶିବିର ଜାରି ରହିଛି। ଏହା ଆସନ୍ତା ୨୫ତାରିଖ ପର୍ଯ୍ୟନ୍ତ ଚାଲିବ। ନର୍ଲା ତହସିଲଦାର ତଥା ଜନଗଣନା ଅଧିକାରୀ ବିଭୁପ୍ରସାଦ ସିଂଙ୍କ ନେତୃତ୍ୱରେ ୨୩୩ ଗଣନାକାରୀ ଓ ୪୨ ସୁପରଭାଇଜରଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ ଚାଲିଛି। ପ୍ରଧାନ ଶିକ୍ଷୟିତ୍ରୀ ସୁସ୍ମିତା ସୁନାମୁଣ୍ଡି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ପ୍ରଥମ କରି ଏହି ଜନଗଣନା ଡିଜିଟାଲ ମୋଡରେ କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ଶିବିରରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ତାଲିମ ଦେବାପାଇଁ ୪ଜଣ ତାଲିମଦାତାଙ୍କୁ ନିଯୁକ୍ତି ଦିଆଯାଇଛି। ତାଲିମ କାର୍ଯ୍ୟକ୍ରମ ସୁରୁଖୁରୁରେ ଚାଲିଥିବା ଅତିରିକ୍ତ ତହସିଲଦାର ମନୋରଞ୍ଜନ ନାୟକ ସୂଚନା ଦେଇଛନ୍ତି।

# ଘର ଘର ବୁଲି ତଥ୍ୟ ସଂଗ୍ରହ ଅଭ୍ୟାସ

**କର୍ଲାମୁଣ୍ଡା,୨୦।୩(ପ୍ରଦୀପ କୁମାର ସାହୁ)**

କର୍ଲାମୁଣ୍ଡା ବ୍ଲକରେ ଚାଲିଥିବା ପ୍ରଥମ ପର୍ଯ୍ୟାୟ ଜନଗଣନା ତାଲିମ ଶିବିର ଶୁକ୍ରବାର ହେଉଛି ଅନ୍ତିମ ଦିନ। ଏହି ଅବସରରେ ତାଲିମରତ ଜନଗଣନା ସୁପରଭାଇଜର ଓ ଏନିମେଟରମାନେ ବ୍ଲକ ସଦର ରୁଗୁଡିପଡା, ଶାନ୍ତିନଗର ପଡା, ଡୁକେରମାଲ ପ୍ରଭୃତି ପଡାର ଘର ଘର ବୁଲି ପରିବାର ସଦସ୍ୟଙ୍କ ସହ ଆଲୋଚନା ତଥ୍ୟ ସଂଗ୍ରହ ପ୍ରକ୍ରିୟାର ଅଭ୍ୟାସ କରିଥିଲେ। ଏନିମେଟରମାନେ କିପରି ଘରମୁଖ୍ୟଙ୍କୁ ପ୍ରଶ୍ନ ପଚାରିବେ, ତଥ୍ୟ ଲିପିବଦ୍ଧ କରିବେ ଓ ସମ୍ବେଦନଶୀଳ ବିଷୟରେ ସଚେତନ ହୋଇ କାମ କରିବେ ସେ ସମ୍ପର୍କରେ ଅଭ୍ୟାସ କରିଥିଲେ। ତାଲିମ କାର୍ଯ୍ୟକ୍ରମକୁ ତହସିଲଦାର ଅରୁଣ ବର୍ଗେ ଓ ଅତିରିକ୍ତ ତହସିଲଦାର ଶୁଭେନ୍ଦୁ ପଟେଲ ପରିଚାଳନା କରୁଥିବା ବେଳେ ସାଧନ କର୍ମୀ ଭାବେ ରିଙ୍କୁ ପ୍ରଧାନ, ଶକ୍ତି କାନ୍ତ ବେହେରା ଦାୟିତ୍ୱ ତୁଲାଇଥିଲେ। ସୂଚନାଯୋଗ୍ୟ,ଏହି ତାଲିମ ଶିବିର ବୁଧବାର ଆରମ୍ଭ ହୋଇଥିଲା ଓ ଏଥିରେ ୭ ଜଣ ସୁପରଭାଇଜର ଓ ୪୩ ଜଣ ଏନିମେଟର ତାଲିମ ଗ୍ରହଣ କରିଥିଲେ।

# ବାଳକ ଆଶ୍ରମ ବିଦ୍ୟାଳୟ ବାର୍ଷିକୋତ୍ସବ

**ଲାଞ୍ଜିଗଡ଼,୨୦।୩(ରମେଶ ଚନ୍ଦ୍ର ନାୟକ)**

ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ପିଭିଟିଜି ବାଳକ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ହରି ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟକାନ୍ତ ଭୋଇ ମୁଖ୍ୟ ଅତିଥି ଓ ଲାଞ୍ଜିଗଡ଼ ବିଇଓ ରୁଷିଆ ମେହେର, ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳିୟାର ସିଂହ, ଲାଞ୍ଜିଗଡ଼ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପାର୍ଥିବ ତାଣ୍ଡି, ଲାଞ୍ଜିଗଡ଼ କ୍ଲଷ୍ଟର ସଂଯୋଜକ ଜଳନ୍ଧର ମାଝୀ, ସ୍କୁଲ ପରିଚାଳନା କମିଟି ଉପସଭାପତି ରାଜେନ୍ଦ୍ର ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ବିଦ୍ୟାଳୟର ବାର୍ଷିକ ପଠନ କରିଥିଲେ। ଛାତ୍ରୀ ସରିତା ମାଝୀ ଓ ରୁକ୍ମଣି ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ଯୋଗେଶର ମାଝୀ ଧନ୍ୟବାଦ ଦେଇଥିଲେ।



ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ବ୍ଲକ୍ କାର୍ଯ୍ୟାଳୟ ପ୍ରବେଶ ପଥ ବିପଦସଙ୍କୁଳ

**ଥୁଆମୂଳ ରାମପୁର, ୨୦।୩ (ଦୁର୍ଗା ଦୁର୍ଗା)**


ବ୍ଲକ ଅଫିସ ପ୍ରବେଶପଥରେ ଲୁହାପାଇପ୍ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି।

ଥୁଆମୂଳ ରାମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟର ମୁଖ୍ୟ ପ୍ରବେଶ ପଥ ଏବେ ବିପଦସଙ୍କୁଳ ହୋଇପଡ଼ିଛି। କାର୍ଯ୍ୟାଳୟ ସମ୍ମୁଖ ଡ୍ରେନ୍ ଉପରେ ପଡ଼ିଥିବା ଲୁହା ପାଇପ୍‌ଗୁଡ଼ିକ ଭାଙ୍ଗିରୁଜି ଯାଇଥିଲେ ହେଁ ପ୍ରଶାସନ ଏଥିପ୍ରତି ଆଖି ବୁଜି ଦେଇଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ଗୋରୁ ଓ ଅନ୍ୟାନ୍ୟ ପ୍ରାଣୀଙ୍କ ଅବାଧ ପ୍ରବେଶ ରୋକିବା ପାଇଁ ବ୍ଲକ କାର୍ଯ୍ୟାଳୟର ପ୍ରବେଶ ଦ୍ୱାରରେ ଏହି ଲୁହା ଜାଲି ନିର୍ମାଣ କରାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଏହି ପାଇପ୍‌ଗୁଡ଼ିକ ମଝିରୁ ବାହାରି ଅନେକ ସ୍ଥାନରେ ଫାଙ୍କ ସୃଷ୍ଟି ହୋଇଛି। ପ୍ରତିଦିନ ଏହି ବାଟ ଦେଇ ଶତାଧିକ ଜନସାଧାରଣ, କର୍ମଚାରୀ ଓ ଯାନବାହନ ଚଳାଚଳ କରୁଥିବା ବେଳେ ସାମାନ୍ୟ ଅସାବଧାନତା ହେଲେ ବଡ଼ ଧରଣର ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ବିଶେଷକରି ରାତି ସମୟରେ ବାଇକ୍ ଚାଳକମାନେ ଏହି ଫାଙ୍କରେ ଚକା ଫସିଯିବା ଭୟରେ ଆତଙ୍କିତ ଅବସ୍ଥାରେ ଯାତାୟାତ କରୁଛନ୍ତି। ଏ ନେଇ ବିଡିଓ ଧ୍ରୁବ ଚରଣ ମୁଦୁଲିଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ତାହା ସମ୍ଭବ ହୋଇପାରିନାହିଁ। ତେବେ ସହକାରୀ ଯନ୍ତ୍ରୀ ସାଲକୁ ହେମ୍ବ୍ରମଙ୍କୁ ପଚାରିବାରୁ ସେ କହିଛନ୍ତି, ଆମେ ଏହି ସମସ୍ୟା ବିଷୟରେ ପୂର୍ବରୁ ଅବଗତ ଅଛୁ। ସେହି ରାସ୍ତାରେ ଆମେ ମଧ୍ୟ ପ୍ରତିଦିନ ଯାତାୟାତ କରୁଛୁ, ତେଣୁ ଏହାର ସମାଧାନ ଆମ ପାଇଁ ମଧ୍ୟ ଜରୁରୀ। ଏହାର ମାପଚୁପ ଶେଷ ହୋଇଛି। ପୁରୁଣା ପାଇପ୍‌ଗୁଡ଼ିକୁ ବଦଳାଇ ଉତ୍ତମ ମାନର ନୂତନ ଲୁହା ପାଇପ୍ ଲଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୩ରୁ ୪ ଦିନ ମଧ୍ୟରେ କାମ ସମ୍ପୂର୍ଣ୍ଣ ହୋଇଯିବ ଏବଂ ଆଉ କୌଣସି ବିପଦ ରହିବ ନାହିଁ ବୋଲି ସେ କହିଥିଲେ। ଯଥାଶୀଘ୍ର ଏହି ପ୍ରତିଶ୍ରୁତି ପୂରଣ ନ ହେଲେ ଆଗାମୀ ଦିନରେ କୌଣସି ଅଘଟଣ ପାଇଁ ପ୍ରଶାସନ ଦାୟୀ ରହିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

**ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ**

ବରଗଡ଼ (ପ୍ରେମାନନ୍ଦ ଖମାରୀ): ବରଗଡ଼ ପଞ୍ଚାୟତ କଲେଜ ରୋଡ଼ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରର ବାର୍ଷିକ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଶୁକ୍ରବାର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ସଂଘମିତ୍ରା ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ନିଷ୍ଠା ଓ ଏକାଗ୍ରତାର ସହିତ କାର୍ଯ୍ୟ କଲେ ସଫଳତା ମିଳେ ବୋଲି କହିଥିଲେ । ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ସଂସ୍କୃତି, ପରମ୍ପରାର ପ୍ରତୀକ ପଖାଳ ପରବ


ବରଗଡ଼ ଜିଲାପାଳ ଜିଲାସ୍ତରୀୟ ପଖାଳ ପରବକୁ ଉଦ୍‌ଘାଟନ କରୁଛନ୍ତି।


ଜିଲାସ୍ତରୀୟ ପଖାଳ ପରବରେ ସାମୂହିକ ପଖାଳ ଭୋଜନ କରୁଛନ୍ତି।



ଧାରଣାସ୍ଥଳୀରେ ଚାଷୀମାନେ ପଖାଳ ଦିବସ ପାଳନ କରୁଛନ୍ତି।

ବରଗଡ଼,୨୦।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଆନନ୍ଦ ମଣ୍ଡପରେ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଜିଲାସ୍ତରୀୟ ପଖାଳ ପରବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀଙ୍କ ସମେତ ଜିଲାର ସମସ୍ତ ବ୍ଲକ ଓ ପୌର ପରିଷଦର ଅଧ୍ୟକ୍ଷା, ଅଧ୍ୟକ୍ଷମାନେ ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ପଖାଳ ପରବ ଭଳି ଉତ୍ସବ ମାଧ୍ୟମରେ ରାଜ୍ୟର ସମୃଦ୍ଧ ଖାଦ୍ୟ ସଂସ୍କୃତିକୁ ପ୍ରଚାର କରିବା ସହିତ ଏକତା, ସାମ୍ପ୍ରଦାୟିକ ଗୌରବକୁ ଆରୋହିତ କରିବା ପ୍ରଚେଷ୍ଟାକୁ ଅତିଥିବୃନ୍ଦ ପ୍ରଶଂସା କରିଥିଲେ। ଜିଲା ଏବଂ ରାଜ୍ୟର କଳା, ସଂସ୍କୃତି, ପରମ୍ପରାର ଉନ୍ନତି ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଜରୁରୀ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘର ସଦସ୍ୟମାନେ ଉପସ୍ଥିତ ହୋଇ ସାମୁହିକ ଭାବେ ପଖାଳ ଖାଇଥିଲେ।

ସେହିପରି ବରଗଡ଼ର ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଗଣଦୃଷ୍ଟି ପରିବାର ଏବଂ ଓଡ଼ିଶା ଜନତା ସଂଘର୍ଷ ସମିତିର ମିଳିତ ଆନୁକୂଲ୍ୟରେ ଏକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବରିଷ୍ଠ ଚାଷୀ ଋଷଭ ବିଶ୍ୱାଳ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ, ଆଡ଼ଭୋକେଟ୍ ଶ୍ୟାମସୁନ୍ଦର ଅଗ୍ରୱାଲ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ପତିତପାବନ ସାହୁ, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସରୋଜ ମହାପାତ୍ର, ଓଡ଼ିଶା ଜନତା ସଂଘର୍ଷ ସମିତିର ସଭାପତି କିଶୋର ସାହୁ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ମେଘନାଦ ସାହୁ, ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ ପ୍ରଧାନ, ମାନସିକ ଅନଗ୍ରସର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନେପାଳ ଦୁଆନ, ଶିକ୍ଷାବିତ୍ ସାହେବ ସାହୁ, ବରଗଡ଼ ସାମ୍ବାଦିକ ସଂଘ ଉପସଭାପତି ବିରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ। ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଗହଣରେ ସମସ୍ତେ ପଖାଳ ଖାଇଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଅତିଥିମାନେ ପଖାଳ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର କଳା ଶିକ୍ଷକ ଦୁଃଖୀସେବକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାନବିକ୍ରି ପଞ୍ଜୀକୃତରୁ ବାଦ୍ ପଡ଼ିଥିବା ଚାଷୀଙ୍କ ଧାରଣା ଶୁକ୍ରବାର ୧୧ଦିନରେ ପହଞ୍ଚିଛି। ଶୁକ୍ରବାର ଚାଷୀମାନେ ଧାରଣାସ୍ଥଳୀରେ ରୋଷେଇ କରିବା ସହିତ ପଖାଳ ଖାଇ ପଖାଳ ଦିବସ ପାଳନ କରିଥିଲେ। ସେମାନଙ୍କ ଧାନ ବିକ୍ରି ନ ହେବା ପର୍ଯ୍ୟନ୍ତ ଚାଷୀମାନେ ଧାରଣାରୁ ଉଠିବେ ନାହିଁ ଏବଂ ଆଗକୁ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଚେତାବନୀ ଦେଇଛନ୍ତି। ଧାରଣାସ୍ଥଳୀରେ ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ରଙ୍କ ସମେତ ଅନେକ ଚାଷୀ ପ୍ରତିନିଧି ଉପସ୍ଥିତ ରହିଛନ୍ତି।

## ସମଲେଶ୍ୱରୀଙ୍କ ବ୍ରହ୍ମଚାରିଣୀ ବେଶ

ବରଗଡ଼,୨୦।୩(ପ୍ରେମାନନ୍ଦ ଖମାରୀ)



ବରଗଡ଼ର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମା' ସମଲେଶ୍ୱରୀଙ୍କ ପୀଠରେ ବାସନ୍ତୀକ ନବରାତ୍ର ପୂଜା ଚାଲିଛି। ଏହି କ୍ରମରେ ଶୁକ୍ରବାର ଦେବୀ ବ୍ରହ୍ମଚାରିଣୀ ବେଶରେ ଦର୍ଶନ ଦେଇଥିଲେ। ଦେବୀ ସମଲେଶ୍ୱରୀଙ୍କ ଦର୍ଶନ ପାଇଁ ସକାଳୁ ଭକ୍ତମାନେ ଧୂପଦୀପ, ଫୁଲ ଧରି ମନ୍ଦିରରେ ପହଞ୍ଚିଥିଲେ। ଦେବୀଙ୍କ ପୂଜାର୍ଚ୍ଚନା ସହିତ ଭକ୍ତମାନେ ମାଁ ସମଲେଶ୍ୱରୀଙ୍କଠାରୁ ଆଶୀର୍ବାଦ ନେଇଥିଲେ। ଦେବୀଙ୍କ ଦର୍ଶନ ସକାଶେ ଭକ୍ତମାନଙ୍କ ପାଇଁ ମନ୍ଦିର କମିଟି ପକ୍ଷରୁ ସୁବ୍ୟବସ୍ଥା କରାଯାଇଛି।

## ଛାତ୍ରୀଛାତ୍ର ପାଳିଲେ ବିଶ୍ୱ ଘରଚଟିଆ ଦିବସ



ବିଶ୍ୱ ଘରଚଟିଆ ଦିବସରେ ଆଙ୍କିଥିବା ଚିତ୍ରକୁ ଛାତ୍ରୀମାନେ ଦେଖାଉଛନ୍ତି।

ବରଗଡ଼,୨୦।୩(ପ୍ରେମାନନ୍ଦ ଖମାରୀ)

ଘର ଚଟିଆଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଥିବାରୁ ସେମାନଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଶୁକ୍ରବାର ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାସ୍ଥିତ ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲରେ ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ୨୦ ଜଣ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଏହି ଉପଲକ୍ଷେ ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏକ ଆଲୋଚନାଚକ୍ରରେ ବିଜ୍ଞାନ ଶିକ୍ଷକ ତଥା ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଘରଚଟିଆ ବିଲୁପ୍ତିର କାରଣ ଓ ସେମାନଙ୍କ ସୁରକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଇକୋ କ୍ଲବ୍ ଓ ବିଜ୍ଞାନ କ୍ଲବର ସଦସ୍ୟଙ୍କ ସମେତ ଶିକ୍ଷକ ତେଜରାମ ସା, ବୋଧରାମ ବିଶ୍ୱାଳ, ଆଶୁତୋଷ ଭୋଇ, ପଦ୍ମଲୋଚନ ବିଶି ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ରୋଜାଲିନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ହିର୍ଲିପାଲି ହତ୍ୟାକାଣ୍ଡ ଘଟଣା: ପୁତୁରା ଗିରଫ

ଅତାବିରା,୨୦।୩(ଯୁଧିଷ୍ଠିର ମହାପାତ୍ର)

ଅତାବିରା ଥାନା ଅନ୍ତର୍ଗତ ହିର୍ଲିପାଲିରେ ଗତ ୧୩ ତାରିଖରେ ହୋଇଥିବା ଲମ୍ବୋଦର ରଣା(୬୫)ଙ୍କ ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଛି। ହତ୍ୟା ଅଭିଯୋଗରେ ପୁତୁରା ମଣ୍ଟୁ ରଣା ଓରଫ ପିତାମ୍ବରଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କ ଠାରୁ ପୋଲିସ ଏକ ବାଉଁଶ ଠେଙ୍ଗା ଓ ଗୋଟିଏ ମୋବାଇଲ ଫୋନ ଜବତ କରିଛି । ପ୍ରକାଶ ଥାଉକି, ଗତ ୧୩ ତାରିଖରେ ହିର୍ଲିପାଲି ଟୋପ ରାସ୍ତାରେ ଥିବା ଏକ ପୋଖରୀରୁ ଲମ୍ବୋଦରଙ୍କ ମୃତଦେହ ଜବତ ହୋଇଥିଲା। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୁତୁରା ଜୟ କିଶୋର ରଣା ଅତାବିରା ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୋଲିସ କେସ୍ ନଂ. ୧୦୧/୨୬ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ତଦନ୍ତରୁ ଜଣାପଡିଥିଲା ଯେ, ମଣ୍ଟୁ ଗତ୧୨ତାରିଖ ମଧ୍ୟ ରାତ୍ରୀରେ ଏକ ବାଉଁଶ ଠେଙ୍ଗାରେ ଲମ୍ବୋଦରଙ୍କୁ ଆକ୍ରମଣ କରିଥିଲେ। ଏହାପରେ ସେ ତଳେ ପଡି ଯାଇଥିଲେ। ପରେ ତାଙ୍କୁ ପୋଖରୀରେ ପିଙ୍ଗି ମଣ୍ଟୁ ସେଠାରୁ ଫେରାର ହୋଇଯାଇଥିଲେ।

## ଜଗଦଲପୁର ଥାନାରେ ମହିଳା କର୍ମଚାରୀ ନିଯୁକ୍ତି ଦାବି

ପଦ୍ମପୁର,୨୦।୩(ପ୍ରଦୀପ୍ତ ଦାଶ): ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନାରେ ଦୀର୍ଘଦିନ ହେବ ମହିଳା ପୋଲିସ କର୍ମଚାରୀ ନାହାନ୍ତି। ଏହାର ପରିଣାମ ସ୍ୱରୂପ ମହିଳା ସମ୍ବନ୍ଧୀୟ ମାମଲା ନିର୍ବାହ କରିବାରେ ପୋଲିସ ଅନେକ ସମସ୍ୟାର ସମ୍ମୁଖୀନ ହେଉଛି। ଥାନାକୁ ଆସୁଥିବା ଘରୋଇ ହିଂସା, ନିର୍ଯାତନା ଓ ଅନ୍ୟାନ୍ୟ ମହିଳା ସମ୍ବନ୍ଧୀୟ ଅଭିଯୋଗ ରେକର୍ଡ କରିବା ଓ ତଦନ୍ତ କରିବା ସମୟରେ ମହିଳା ପୋଲିସଙ୍କ ଆବଶ୍ୟକତା ଅନୁଭବ ହେଉଛି। ମହିଳା ଅଭିଯୋଗକାରିଣୀମାନେ ମଧ୍ୟ ନିଜର ସମସ୍ୟା କହିବାରେ ଅସୁବିଧା ଭୋଗୁଛନ୍ତି। ତୁରନ୍ତ ମହିଳା କର୍ମଚାରୀ ନିଯୁକ୍ତ କରିବାକୁ ସାଧାରଣରେ ଦାବି ହେଉଛି ।

## ମହୁଲ ସଂଗ୍ରହକାରୀଙ୍କ ଉପରେ ବ୍ୟବସାୟୀଙ୍କ ନଜର



### ମୂଲ୍ୟ ଉପରେ ମାର୍ଗଦର୍ଶିକା ନିର୍ଦ୍ଧାରଣ ଦାବି

ପଦ୍ମପୁର,୨୦।୩ (ପ୍ରଦୀପ୍ତ ଦାଶ)

ବଣ ପାହାଡ ଘେରା ପଦ୍ମପୁର ଅଞ୍ଚଳରେ ବର୍ତ୍ତମାନ ମହୁଲ ସଂଗ୍ରହ ଜୋରସୋରରେ ଆରମ୍ଭ ହୋଇଛି। ପ୍ରକୃତିର ଏହି ଉପହାର ମଧ୍ୟବିତ୍ତଠାରୁ ଆରମ୍ଭ କରି ଗରିବ ତଥା ଆଦିବାସୀଙ୍କ ଆର୍ଥିକ ମେରୁଦଣ୍ଡ ସଳଖାଇବାରେ ସାହାଯ୍ୟ କରିଥାଏ। ମହୁଲ ଫୁଲ ସଂଗ୍ରହ ଏ ଅଞ୍ଚଳର ଲୋକଙ୍କ ପାଇଁ କେବଳ ପେଶା ନୁହେଁ, ବରଂ ଏହା ସେମାନଙ୍କ ଜୀବନଶୈଳୀ ସହ ଜଡିତ। ଗାଁର ଆବାଳ ବୃଦ୍ଧ ବନିତା ଭୋରରୁ ଟୋକେଇ ଧରି ମହୁଲ ସଂଗ୍ରହ କରି ଯାଆନ୍ତି। ପରେ ସେମାନେ ଏହାକୁ ବିକ୍ରୟ କରି ଯେଉଁ ଅର୍ଥ ପାଆନ୍ତି ତାହା ପରିବାରର ପାଠପଢା ସହିତ ପୁଅ ଝିଅ ବିବାହରେ ମୁଖ୍ୟ ପାଣ୍ଠି ଭାବେ କାମ କରେ। ଚଳିତ ବର୍ଷ ପାଗ ଠିକ ଥିବାରୁ ଗଛରେ ବହୁ ପରିମାଣରେ ମହୁଲ ଫୁଲ ଧରିଛି। ପୂର୍ବବର୍ଷ ଅପେକ୍ଷା ଏଥର ଭଲ ଅମଳ ହେବ ବୋଲି ସମ୍ଭାବନା ଥିବା ବେଳେ ଏହା ପଡୋଶୀ ଛତିଶଗଡ଼, ଝାଡ଼ଖଣ୍ଡ ବେପାରୀଙ୍କ ନଜରରେ ରହିଛି। ଏହି ବ୍ୟବସାୟୀଙ୍କ ଲୋଲୁପ ଦୃଷ୍ଟି ଗ୍ରାମାଞ୍ଚଳର ନୀରିହ ସଂଗ୍ରହକାରୀଙ୍କ ଉପରେ ପଡିଛି। ସ୍ଥାନୀୟ କୁଟିଆ ବେପାରୀ ମାଧ୍ୟମରେ ଏମାନେ ଏବେଠାରୁ ଅଗ୍ରିମ ଦେବା ଆରମ୍ଭ କଲେଣି। ଏହି ବେପାରୀଙ୍କ କବଳରେ ପଡି ମହୁଲ ସଂଗ୍ରହକାରୀ ସେମାନଙ୍କ ପ୍ରକୃତ ମୂଲ୍ୟ ପାଇବାରୁ ବଞ୍ଚିତ ହେବେ। ସରକାର ସବୁବେଳେ ମହୁଲର ଧାର୍ଯ୍ୟ ମୂଲ୍ୟ ନିର୍ଦ୍ଧାରଣ କରୁଥିବା ବେଳେ ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ତେବେ ସୀମାନ୍ତ ଅଞ୍ଚଳରେ କଡାକଡି ଯାଞ୍ଚ କରିବା ସହିତ ମହୁଲର ମୂଲ୍ୟ ଉପରେ ମାର୍ଗଦର୍ଶିକା ନିର୍ଦ୍ଧାରଣ କରିବା ପାଇଁ ଦାବି ହେଉଛି। ଓଡ଼ିଶାରେ ଯେମିତି ଧାନ ମଣ୍ଡି ଖୋଲୁଛି ଏବଂ ଚାଷୀ ସହାୟକ ମୂଲ୍ୟରେ ଧାନ ବିକ୍ରି କରୁଛି, ସେହିଭଳି ରାଜ୍ୟ ସରକାର ପଶ୍ଚିମ ଓଡ଼ିଶାର ଜୀବନ ଜୀବିକାରେ ସହାୟତା କରୁଥିବା ମହୁଲ ଫୁଲ ପାଇଁ ୨ ମାସ ଧରି ମଣ୍ଡି ବ୍ୟବସ୍ଥା କରିବା ଲାଗି ରାଜବୋଡାସମ୍ବରର ଆଇନ ପରାମର୍ଶଦାତା ଅଜିତ ଶତପଥୀ ଦାବି କରିଛନ୍ତି। ମଣ୍ଡି ବ୍ୟବସ୍ଥା ହେଲେ ମହୁଲ ସଂଗ୍ରହକାରୀ ସେମାନଙ୍କ ଉଚିତ ମୂଲ୍ୟ ପାଇପାରିବେ ବୋଲି ଶତପଥୀ କହିଛନ୍ତି ।

## ହାଇୱା ଧକ୍କାରେ ଭାଙ୍ଗିଲା ୨ଟ୍ରାନ୍ସଫର୍ମର

ଅତାବିରା, ୨୦।୩(ଯୁଧିଷ୍ଠିର ମହାପାତ୍ର )

ସମ୍ବଲପୁର-ବରଗଡ଼ ୫୩ ନଂ. ଜାତୀୟ ରାଜପଥର ଅତାବିରା ଥାନା ସରଣ୍ଡା ମନ୍ଦିର ଛକରେ ଶୁକ୍ରବାର ଏକ ଦୁର୍ଘଟଣା ଘଟିଛି। ଝାରସୁଗୁଡାରୁ ଆସ ବୋଝେଇ କରି ସୋହେଲା ଯାଉଥିବା ଏକ ହାଇୱା ନମ୍ବର ଓଡ଼ି ୨୩ୟୁ /୨୩୭୮ ପ୍ରଥମେ ଏକ ଟ୍ରେଲରକୁ ପଛରୁ ଧକ୍କା ଦେଇଥିଲା। ପରେ ହାଇୱା ରାସ୍ତା କଡରେ ଥିବା ଟ୍ରାନ୍ସଫର୍ମରକୁ ମଧ୍ୟ ଧକ୍କା ଦେଇ ଓଲଟି ପଡିଥିଲା। ଏଥିରେ ଟ୍ରାନ୍ସଫର୍ମର ସମ୍ପୂର୍ଣ୍ଣ ଭାଙ୍ଗିଚୁରମାର ହୋଇଯାଇଛି। ଅନ୍ୟପଟେ ଦୁର୍ଘଟଣାଗ୍ରସ୍ତ ହାଇୱାର ଡ୍ରାଇଭର ରୀତିକ କୁମାର (୨୦) ଆହତ ହୋଇ ପ୍ରଥମେ ଅତାବିରା ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଚିକିତ୍ସା ପାଇଁ ତାଙ୍କୁ ବୁର୍ଲା ହସ୍ପିଟାଲକୁ ନିଆଯାଇଛି। ଗୋଟିଏ ଟ୍ରାନ୍ସଫର୍ମର ୧୦୦ କେଭିର ଥିବା ବେଳେ ଅନ୍ୟଟି ୨୫ କେଭିର ଥିଲା। ଫଳରେ ସକାଳ ୬ଟା ୧୫ ଦୁର୍ଘଟଣା ସମୟରୁ ଅପରାହ୍ନ ୩ଟା ୨୦ ମିନିଟ ଯାଏଁ ସରଣ୍ଡା ଫିଡ଼ରେ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଯାଇଥିଲା। ବିଦ୍ୟୁତ ବିଭାଗ କର୍ମଚାରୀ ଅନ୍ୟ ଟ୍ରାନ୍ସଫର୍ମରରୁ ଗ୍ରହକଙ୍କୁ ଲାଇନ ଦେଇଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ, ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ମନ୍ଦିର ପ୍ରତିଷ୍ଠା ସମୟରେ ଏଠାରେ ୧୦୦ କେଭିର ନୂଆଁ ଟ୍ରାନ୍ସଫରମର ଲଗାଯାଇଥିଲା । ଦୁର୍ଘଟଣା ଯୋଗୁ ଟ୍ରାନ୍ସଫର୍ମର ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିବାରୁ ସରଣ୍ଡା ଗ୍ରାମବାସୀ ଏବଂ ମନ୍ଦିର କମିଟି ପକ୍ଷରୁ ଏହାର ଭରଣ ପାଇଁ ଅତାବିରା ଥାନାରେ ଦାବି କରିଛନ୍ତି । ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

## ବିଦ୍ୟାୟତନର ୮ମ ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଶିକ୍ଷୟିତ୍ରୀ, ଶିକ୍ଷକ।

ପଦ୍ମପୁର,୨୦।୩ (ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ରାଜବୋରାସମ୍ବର ବ୍ଲକ ଅନ୍ତର୍ଗତ ନବପ୍ରଭାତ ଆଶ୍ରମ ନୂଆପାଲିଠାରେ ବିଦ୍ୟାୟତନର ୮ମବାର୍ଷିକ ଉତ୍ସବ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହାପରେ ଅନୁଷ୍ଠିତ ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବରେ ଡା. ଯଦୁମଣି ନାଏକ, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତେଜରାଜ ସାହୁ, ନବପ୍ରଭାତ ବୈଦିକ ବିଦ୍ୟାପୀଠର ପ୍ରଧାନ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ ପ୍ରମୁଖ ଯୋଗଦାନ କରିଥିଲେ। ବିଶିଷ୍ଟ ଲେଖକ ତଥା ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରି ସଫଳ ରାଷ୍ଟ୍ର ନିର୍ମାଣ ପାଇଁ ଉପଯୁକ୍ତ ଶିକ୍ଷାର ଆବଶ୍ୟକତା ରହିଛି ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ମହାପାତ୍ର ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ମୃତିଶିଖା ପ୍ରଧାନ ଏବଂ ସୁଧାରାଣୀ ଦୋରା ମଞ୍ଚ ପରିଚାଳନା କରିଥିଲେ। ଚଳିତ ଶିକ୍ଷା ବର୍ଷର କୃତି ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ତଥା ସହଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ତସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୀପକ ଭୋଇଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ସିନ୍ଦୂର' ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ,ଶିକ୍ଷକ ପ୍ରବୀଣ ଦେବତା, ମାନସ ଗଡତିଆ, ଦୟାନିଧି ସାହୁ, ଦୁଷ୍ମନ୍ତ ପଧାନ, ନେତ୍ରାନନ୍ଦ ମହାପାତ୍ର, ପ୍ରବୀଣା ବରାଲ, ରଶ୍ମିତା ପଣ୍ଡା, ସୁନିତା ସାହୁ, ବର୍ଷା ଭୋଇ, ବିଜୟିନୀ ବିଶ୍ୱାଳ, ରଶ୍ମିରେଖା ଥାପା, ସେବତୀ ସାହୁ, ଯାଜ୍ଞସେନି ସାହୁ, ସଞ୍ଜା ବେହେରା, ଇଲାବତୀ ସାହୁ, ବର୍ଷାରାଣୀ ବହିଦାର ତଥା ପୂର୍ବତନ ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଦେବାଶିଷ ନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ବିଦ୍ୟାଳୟର ପରିଚାଳକ ନିର୍ଦ୍ଦେଶକ ରବି ଶଙ୍କର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଷ୍ଟ୍ରୀୟ ନବବର୍ଷ ପାଳନ, ସାଂସ୍କୃତିକ କାର୍ଯ୍ୟକ୍ରମ

ସୋହେଲା,୨୦।୩ (ଅଶ୍ୱିନୀ କୁମାର ପାତ୍ର)



ବରଗଡ଼ ଜିଲା ସୋହେଲାରେ ସାର୍ବଜନୀନ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ରାଷ୍ଟ୍ରୀୟ ନବବର୍ଷ ପାଳନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଉଚ୍ଛବ ୨୦୨୬ର ଶୁଭାରମ୍ଭ ହୋଇଯାଇଛି। ମା' ଗୌରୀଦେବୀ ଟ୍ରଷ୍ଟ ସଭାପତି ପ୍ରକାଶ ଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ୨ ଉପସଭାପତି ବଳବୀର ସିଂ ଠାକୁର, ଗିରଜେଶ ଖାଡେଙ୍ଗା, ସମ୍ପାଦକ ପ୍ରମୋଦ ଦେବତା , ବରିଷ୍ଠ ସଦସ୍ୟ ନଥୁରାମ ଅଗ୍ରୱାଲ, ଗୋବିନ୍ଦ ସାହୁଙ୍କ ସହ ମୁଖ୍ୟ ବକ୍ତାଭାବେ ଶିବାନୀ ଲାଲ ମଞ୍ଚାସୀନ ଥିଲେ। ସଭାପରେ ଆଗାମୀ ୯ ଦିନ ଧରି ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଉଚ୍ଛବ ୨୦୨୬ ଉଦଘାଟନ କରିଥିଲେ। ପ୍ରଥମ ସନ୍ଧ୍ୟାରେ ସୋହେଲା ସରକାରୀ ବାଳିକା ବିଦ୍ୟାଳୟ, ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ତବଡା ଏବଂ ଶ୍ରୀରାମ ନର୍ସିଂ କଲେଜର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ଅଧ୍ୟାପକ ଡ. ତୁଷାରକାନ୍ତ ସାହୁ ମଞ୍ଚ ସଂଯୋଜନା କରିଥିଲେ।

## ପଖାଳ ଦିବସରେ 'ପଖାଳ' ପୁସ୍ତକ ଉନ୍ମୋଚିତ

ଅତାବିରା,୨୦।୩(ଯୁଧିଷ୍ଠିର ମହାପାତ୍ର )


ପୁସ୍ତକୁ ଉନ୍ମୋଚନ କରାଯାଉଛି।

ବରଗଡ଼ ଜିଲା ଅତାବିରା ବ୍ଲକର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଆଞ୍ଚଳିକ ସାହିତ୍ୟ ପରିଷଦ ଅତାବିରା ତରଫରୁ ରେଙ୍ଗାଲି କ୍ୟାମ୍ପ ଶିଖା ଟେଣ୍ଟ ହାଉସଠାରେ ଶୁକ୍ରବାର ଦିନ ୧୦ ଟାରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ସର୍ବ ପ୍ରଥମେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଆଞ୍ଚଳିକ ସାହିତ୍ୟ ପରିଷଦର ସଭାପତି ଦଶରଥ ଭୋଇଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବରଗଡ ଉପ ଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ମୁଖ୍ୟ ବକ୍ତାଭାବେ ଡା. ପ୍ରଶାନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥିଭାବେ ସୁ ସାହିତ୍ୟକ ତଥା ଭାଷାବିତ ଉପେନ କୁମାର ଭୋଇ, ଓଡିଶା ରାଜ୍ୟ କୃଷକ ସଙ୍ଗଠନ ସଭାପତି ବିରେନ୍ଦ୍ର କର, କୁଲତା ସମାଜ ସଭାପତି ଦିବାକର ପ୍ରଧାନ ମଞ୍ଚାସୀନ ଥିଲେ। ଏହି ଅବସରରେ 'ପଖାଳ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ପଶ୍ଚିମ ଓଡ଼ିଶାର ଲୋକଙ୍କ ନିତ୍ୟ ଗ୍ରହଣୀୟ ପଖାଳର ସୁଆଦ ଖୁବ ନିଆରା। ଏହି ଖାଦ୍ୟ ଏଠାକାର ଜନଜୀବନ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବୋଲି ମୁଖ୍ୟବକ୍ତା ନିଜ ଅଭିଭାଷଣରେ ମତ ପ୍ରକାଶ କରିଥିଲେ। ସଙ୍ଗଠନର ବରିଷ୍ଠ ସଦସ୍ୟ କେତନ ରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ସାହିତ୍ୟିକ ଧର୍ମରାଜ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଙ୍ଗଠନର ସମ୍ପାଦକ ସୁରେନ୍ଦ୍ର କଠାର, ସଞ୍ଜୁ ପ୍ରଧାନ, ଅଜିତ କୁମାର ନାଥ, ସୁବାଷ ପ୍ରଧାନ, ଦୁର୍ଲଭ ଗଡତିଆ, ମନୋଜ କୁମାର ଭୋଇ, କିଶୋର ଚନ୍ଦ୍ର ପାତ୍ର, ବୁଧୁ ମାଝି ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଏକ କବିତା ଅସର ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ବରଗଡ଼, ସମ୍ବଲପୁର, ସୋନପୁର, ବଲାଙ୍ଗୀରରୁ ବହୁ କବି ଲେଖକ ଯୋଗ ଦେଇଥିଲେ। ସମସ୍ତ କବି ତଥା କବୟିତ୍ରୀଙ୍କୁ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା। ଶେଷରେ ସରୋଜ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ପଖାଳ ଦିବସରେ କଂସା, ପିତ୍ତଳ ସାମଗ୍ରୀ ପ୍ରଦର୍ଶନୀ

ବରଗଡ଼,୨୦।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଗାନ୍ଧୀ ଛକ ନିକଟ କଲ୍ୟାଣ ମଣ୍ଡପରେ ଶୁକ୍ରବାର ନିଆରା ଭାବେ ପଖାଳ ଦିବସ ପାଳିତ ହୋଇଛି। ସ୍ଥାନୀୟ ପ୍ରକୃତି ପ୍ରେମ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେବଳ ପଖାଳ ଭୋଜନ କରାଯାଇଥିଲା, ତାହା ନୁହେଁ। ଲୁପ୍ତପ୍ରାୟ କଂସା, ପିତ୍ତଳ ନିର୍ମିତ ବାସନକୁସନ ସମେତ ଓଜନ ମାପକ ଯନ୍ତ୍ର, ବିଭିନ୍ନ ମୂର୍ତ୍ତି, ପକ୍ଷୀ, ମାଛ, ବାଦ୍ୟଯନ୍ତ୍ର, ଭୂତନାଚରେ ବ୍ୟବହୃତ ସାମଗ୍ରୀ, ଲଣ୍ଠନ, ଅଳଙ୍କାର ଓ ମୁଦ୍ରା ରଖିବା ବାକ୍ସ ଆଦି ପ୍ରଦର୍ଶିତ ହୋଇଥିଲା। ଶନିବାର ଏହି ପ୍ରଦର୍ଶନୀ ଉଦ୍‌ଯାପନ ହେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଏହି କାର୍ଯ୍ୟକ୍ରମରେ ଆମ ଐତିହ୍ୟ, ଆମ ଗୌରବ ଶୀର୍ଷକ ଆଲୋଚନାଚକ୍ର ଓ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସତ୍ୟକେତନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭାରତୀୟ ଜଳ ପରିଚାଳନା କମିଟି ଭୁବନେଶ୍ୱରର ବୈଜ୍ଞାନିକ ଡଃ ପ୍ରମୋଦ କୁମାର ପଣ୍ଡା, ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ପ୍ରଫେସର ପ୍ରଭାତ କୁମାର ସାହୁ, ପୂର୍ବତନ ଏମପି ଡଃ ପ୍ରଭାସ କୁମାର ସିଂ, ଲକ୍ଷ୍ମୀ ନାରାୟଣ ବକ୍ସି, ନବ ମହନ୍ତମ ପ୍ରମୁଖ ଉପସ୍ଥିତ ଥିଲେ। ପଖାଳ ଦିବସ ପାଳନର ଆଭିମୁଖ୍ୟ ଉପରେ ସେମାନେ ଆଲୋକପାତ କରିବା ସହିତ ପଖାଳ ଓ କଂସା ବାସନକୁସନ ମଧ୍ୟରେ ରହିଥିବା ସାମଞ୍ଜସ୍ୟକୁ ନେଇ ଆଲୋଚନା କରିଥିଲେ। ବରଗଡ଼ ସହର ସମେତ ଜିଲାର ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀଛାତ୍ର ଏବଂ ସ୍ଥାନୀୟ ଲୋକେ ପ୍ରଦର୍ଶନୀ ଦେଖିବାକୁ ଆସିଥିଲେ। ପରେ ପଖାଳ ଭୋଜନ କରାଯାଇଥିଲା।


ଅତିଥିବୃନ୍ଦ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

ନିଆରା କାର୍ଯ୍ୟକ୍ରମ


ଛାତ୍ରୀମାନେ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

## ସଂକ୍ଷେପରେ

### ଉଜ୍ଜ୍ୱଳପୁର ହାଇସ୍କୁଲରୁ ଚୋରି, ୨ ଗିରଫ

ସୁନ୍ଦରଗଡ,୨୦।୩(ଜୟ ନାରାୟଣ ମେଣ୍ଢୁଳି): ସୁନ୍ଦରଗଡ ଜିଲା ଲେଫ୍ରିପଡା ଥାନା ଉଜ୍ଜ୍ୱଳପୁର ସରକାରୀ ହାଇସ୍କୁଲରୁ ଗୁରୁବାର ରାତିରେ ତାଲା ଭାଙ୍ଗି ଗ୍ୟାସ ସିଲିଣ୍ଡର ଓ ପଙ୍ଖା ଚୋରି ଘଟଣାରେ ପୋଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ୨ଅଭିଯୁକ୍ତ ହେଉଛନ୍ତି ଉଜ୍ଜ୍ୱଳ ପୁର ଭାଲୁପତ୍ରାର କାହ୍ନା ସେଠ( ୨୮) ଓ କୌତୁକ ମାଝୀ(୪୫)। ପୋଲିସ ସେମାନଙ୍କ ନିକଟରୁ ଚୋରି ହୋଇଥିବା ଗୋଟିଏ ଗ୍ୟାସ ସିଲିଣ୍ଡର ଓ ୨ଟି ସିଲିଙ୍ଗ ଫ୍ୟାନ ଜବତ କରିଛି। ଏମାନଙ୍କ ବିରୋଧରେ ପୋଲିସ ଲେଫ୍ରିପଡା ଥାନା କେସ୍ ନମ୍ବର ୬୪/୨୦୨୬ରେ ଏକ ଚୋରି ମାମଲା ରୁଜୁ କରିଛି। ଚୋରି ସମ୍ପର୍କରେ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତି ଦାସ ଥାନାରେ ରିପୋର୍ଟ କରିଥିଲେ।

### ବଳାତ୍କାର ଅଭିଯୁକ୍ତ ଗିରଫ

ବଡ଼ଗାଁ,୨୦।୩(ଅଶୋକ ଷଡଙ୍ଗୀ): ବଡ଼ଗାଁ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ଶୁକ୍ରବାର ଗୋବିନ୍ଦପୁର ଥାନା ଅନ୍ତର୍ଗତ ଗୁରଲା ଗ୍ରାମର ଶିବ କିସାନ ଓରଫ ସିଦ୍ଧାର୍ଥ ମାଝୀ (୨୦)ଙ୍କୁ ଗିରଫ କରିଛି। ଏନେଇ ଥାନାରେ କେସ୍ ନଂ. ୯୮ ଦଫା ୬୫(ଆଇ )ବିଏନଏସ ଆରଡବ୍ଲ୍ୟୁ (୬) ପକସୋ ଆକ୍ଟରେ ଶୁକ୍ରବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ଅଭିଯୁକ୍ତ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ। ଏହି ନେଇ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଥାନା ଏସଆଇ ସୁନିଲ ମହନ୍ତ ଘଟଣାର ତଦନ୍ତ କରିଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ

ଲହୁଣୀପଡା,୨୦।୩(ଦାଶରଥି ପଣ୍ଡା): ସୁନ୍ଦରଗଡ଼ ଜିଲା ଲହୁଣୀପଡା ଗ୍ରାମରେ ଅଷ୍ଟମପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଅପରାହ୍ନରେ ଗ୍ରାମର ଶତାଧିକ ମହିଳା ନିକଟସ୍ଥ ପତିବନ୍ଧ ଜଳାଶୟରୁ ପୂର୍ଣ୍ଣ କଳସୀ ଧରି ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ଘଟସ୍ଥାପନା ଓ ଅଧିବାସ ପୂଜାର୍ଚ୍ଚନା କରାଯାଇଥିଲା । ଗୁରୁବାର ସକାଳୁ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏଥିରେ କର୍ତ୍ତା ଭାବେ ଅନିଲ କୁମାର ମାହାନ୍ତ ଓ ତାଙ୍କ ସହଧର୍ମିଣୀ ସରିତା ମାହାନ୍ତ ଦାୟିତ୍ୱ ସମ୍ପାଦନା କରି ଥିବା ବେଳେ ରୁଦ୍ର ନାରାୟଣ ଦାସ ଯଜ୍ଞ ସଞ୍ଚାଳନ କରିଥିଲେ। ଲହୁଣୀପଡା, ଉଲୁସୁରେଇ, ଭୁଗୁଲା, ଦେଓପୋଷି ଗ୍ରାମର ମହିଳା ଓ ପୁରୁଷ, କେନାପାଲି, ଠିଆବେର୍ଣ୍ଣା ଗ୍ରାମର କୀର୍ତ୍ତନ ମଣ୍ଡଳୀ ଅଂଶ ଗ୍ରହଣ କରି ନାମ ସଂକୀର୍ତ୍ତନ କରିଥିଲେ। ଶୁକ୍ରବାର ପୂର୍ଣ୍ଣାହୁତି ଯଜ୍ଞ ଓ ନଗର କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏହି ଅଷ୍ଟମପ୍ରହର ନାମଯଜ୍ଞରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିବା ଜଣାପଡିଛି। ମୋହିତ ମାହାନ୍ତ, ରାଜୀବ ମାହାନ୍ତ, ସାଧୁ ଚରଣ ମାହାନ୍ତ, ଗୋବର୍ଦ୍ଧନ ଦିଗାର, ସୋମନାଥ ଦିଗାର, ଜିତେନ୍ଦ୍ର ମାହାନ୍ତ, ମୃତ୍ୟୁଞ୍ଜୟ ମାହାନ୍ତ, ଲିଙ୍ଗୁନ ମାହାନ୍ତ, କାଳିଆ ମାହାନ୍ତ, ଫଗୁ ମାହାନ୍ତ, ପରମେଶ୍ୱର ଦିଗାର,ସଞ୍ଜୀବ ମାହାନ୍ତ, ରଞ୍ଜନ ମାହାନ୍ତଙ୍କ ସମେତ ଗ୍ରାମବାସୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିବା ଜଣାପଡ଼ିଛି।

# ପଖାଳ ଆମ ସଂସ୍କୃତି, ଆମ ପରିଚୟ

**ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ କଲେଜରେ ବିଶ୍ୱ ପଖାଳ ଦିବସ**

ସୁନ୍ଦରଗଡ,୨୦।୩(ଜୟ ନାରାୟଣ ମେଣ୍ଢୁଳି)




ମଞ୍ଚାସୀନ ଅତିଥିମାନେ।

ସୁନ୍ଦରଗଡ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ବବିତା ଭିତ୍ରିଆ ସଭାପତିତ୍ୱ କରି ପଖାଳ ଦିବସର ଗୁରୁତ୍ୱ ଓ ପଖାଳର ପୋଷକ ତତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ସହକାରୀ ପ୍ରଫେସର ଡ. ନୂତନ ଖମାରୀ ପଖାଳ ସହ ଆମ ପରମ୍ପରା ଓ ସଂସ୍କୃତି କିଭଳି ଜଡ଼ିତ ସେ ବିଷୟରେ ସୂଚନା ଦେଇଥିଲେ। ଗଣିତ ବିଭାଗ ମୁଖ୍ୟ ବରିଷ୍ଠ ପ୍ରାଧ୍ୟାପକ ଆଲୋକ କୁମାର ନାଏକ ପଖାଳ ଶୀର୍ଷକ ଏକ ସ୍ୱରଚିତ କବିତା ପାଠ କରିଥିଲେ। ସେହିପରି ଶିକ୍ଷକ-ଶିକ୍ଷା ବିଭାଗର ସହକାରୀ ପ୍ରଫେସର ଡକ୍ଟର ଗରୁଡେଶ୍ୱର ଦାସ ପଖାଳର ପ୍ରକାର, ଆମ ସଂସ୍କୃତି ଓ ପଖାଳର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅର୍ଥନୀତି ବିଭାଗର ମୁଖ୍ୟ ସହକାରୀ ପ୍ରଫେସର ପ୍ରକାଶ କୁମାର ସାହୁ ଓ ଅବରପ୍ରାପ୍ତ ସେକସନ ଅଫିସର ପ୍ରଦୀପ କୁମାର ବହିଦାର ଫାଷ୍ଟଫୁଡ ଯୁଗରେ ଛାତ୍ରୀଛାତ୍ରଙ୍କ ପାଇଁ ପଖାଳ କେତେ ଜରୁରୀ ସେ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ଶେଷରେ ଓଡିଆ ବିଭାଗର ଛାତ୍ରୀଛାତ୍ରମାନେ ଆମ ଓଡ଼ିଶାର ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ମଧ୍ୟାହ୍ନ ଭୋଜନରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ମାନେ ଏକାଠି ବସି ଦହି ପଖାଳ, ବଡି ଚୁରା, ସଜନା ଛୁଇଁ, ବଡିଭର୍ତ୍ତା, ପାମ୍ପଡ, ଆଚାରର ସୁସ୍ୱାଦୁ ଖାଦ୍ୟର ମଜା ନେଇଥିଲେ। ପଖାଳ ଆମ ସଂସ୍କୃତି, ପଖାଳ ଆମ ପରିଚୟ ବୋଲି ସମସ୍ତେ ବାର୍ତ୍ତା ପ୍ରଦାନ କରିଥିଲେ। ଅଧ୍ୟାପକ ସୁବାଷ ଚନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥିଲେ।

## ଏକାଠି ବସି ପଖାଳ ଖାଇଲେ ବ୍ଲକ କର୍ମଚାରୀ

କୁଆଁରମୁଣ୍ଡା,୨୦।୩(ମହେନ୍ଦ୍ର କୁମାର ସାହୁ)



ଏକାଠି ବସି ପଖାଳ ଭୋଜନ କରୁଛନ୍ତି ବ୍ଲକ କର୍ମଚାରୀ।

ବିଶ୍ୱ ପଖାଳ ଦିବସ ଉପଲକ୍ଷେ କୁଆଁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ପଖାଳ ଦିବସ ପାଳିତ ହୋଇଯାଇଛି। ମଧ୍ୟାହ୍ନରେ ଦହି ପଖାଳ ସହ ମାଛ ଭଜା, ଶାଗ ଭଜା, ବଡ଼ି ଚୂରା ସହ ପ୍ରାୟ ୧୫ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ଏକାଠି ସମସ୍ତ କର୍ମଚାରୀ ଭୋଜନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା, ବିଡିଓ ଡା. ଜଗଦୀଶ ଚନ୍ଦ୍ର ମହାନନ୍ଦ, ଜିପିଇଓ ଦେଓନିସ ଟେଟେ, ମୁଖ୍ୟ କିରାଣି ପ୍ରବୀର କୁମାର ସାହୁ, ବିଓ ଅଧିକାରୀ ଅନୁଚରଣ ଟେଟେ ପ୍ରମୁଖ ଉପସ୍ଥିତ ରହି ପଖାଳ ଦିବସ ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିବା ପରେ ଭୋଜନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଏପିଓ ଶ୍ରବଣ କୁମାର ସାହୁ, ପିଇଓ ଦେବବ୍ରତ ଦାସ, ମୀନା ମହାନନ୍ଦିଆ, ବଲ୍ଲୁ ନାଏକ, ସବନାମ ସାହୁ, ଅନୁପମା ଚକ୍ରବର୍ତ୍ତୀ, ଧରିତ୍ରୀ ନାଏକ ପ୍ରମୁଖ ଉପସ୍ଥିତ ରହି ସମସ୍ତ ପ୍ରକାରର ସହାୟତା କରିଥିଲେ। ଏଥିରେ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ପଖାଳ ଭୋଜନ କରିଥିଲେ।

## ଚୋରା କାଠ ଜବତ, ଅଭିଯୁକ୍ତ ଫେରାର

ବଡ଼ଗାଁ, ୨୦।୩(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବନାଞ୍ଚଳ ଅଧୀନ ବିଭିନ୍ନ ଜଙ୍ଗଲରୁ ଗଛ କାଟି ସେଥିରୁ ବିଭିନ୍ନ ଉପକରଣ ତିଆରି କରି କାଠ ଚୋରମାନେ ବିକ୍ରି କରିଆସୁଛନ୍ତି। କାଠ ଚୋରଙ୍କ ଯୋଗୁ ଜଙ୍ଗଲ ପଦା ହେବାକୁ ବସିଲାଣି। ତେବେ ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ଅଞ୍ଚଳରେ ଚୋରମାନେ ଅବାଧରେ ସଂରକ୍ଷିତ ଜଙ୍ଗଲରୁ ଗଛ କାଟି ନେଉଥିବା ସମ୍ପର୍କରେ କେତେଜଣ ଗ୍ରାମବାସୀ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତଭାବେ ଜଣାଇଥିଲେ। ସୁନ୍ଦରଗଡ଼ ଡିଏଫଓଙ୍କଠାରେ ଅଭିଯୋଗ ହେବାପରେ ତାଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ୍ ରାଜ କୁମାର ସେଠୀଙ୍କ ସହିତ ବଡ଼ଗାଁ ଡେପୁଟି ରେଞ୍ଜର ଅମୂଲ୍ୟ ସେନାପତି, ଫରେଷ୍ଟର ହେମବତୀ ସିଂ, ନୀତିନ କଛାରୀୟା, ରିଙ୍କି ନାଏକ ଏପିଆର ପୋଲିସ ଫୋର୍ସ ଉପସ୍ଥିତିରେ ସାହାଜବାହାଲ ଗ୍ରାମର ଜଣଙ୍କ ଘରେ ଚଢ଼ାଉ କରିଥିଲେ। ଗୁରୁବାର ସନ୍ଧ୍ୟାରେ ଓ ଶୁକ୍ରବାର ଦିନତମାମ ଚଢ଼ାଉ କରି ବନ ବିଭାଗ ଅଧିକାରୀମାନେ ବିପୁଳ ପରିମାଣର ଶାଳ କାଠ ପଟା ଓ କାଠ ଫଡ଼ାଇବା ପାଇଁ ଥିବା ଆରା, ଦୁଇଟି ଟ୍ରାକ୍ଟର ଜବତ କରିଛନ୍ତି। ଟ୍ରାକ୍ଟର ଡାଲାରେ ଥିବା ନମ୍ବର ଏକ ସ୍କୁଟି ନମ୍ବର ବୋଲି ବନ କର୍ମଚାରୀଙ୍କଠାରୁ ଜଣାପଡିଛି। ଫରେଷ୍ଟ ଗାର୍ଡ ଦିପନ କୁମାର ପଟେଲ, ବିନୟ ନାଏକ, ସମୀର ଚୌଧୁରୀ, ସରୋଜ କୁମାର ପଟେଲ, ମିନାକ୍ଷୀ ମହାନ୍ତି, ସନ୍ଦୀପ୍ତ ଶତପଥୀ, ବିଶ୍ୱଜିତା ଗୁରୁ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଏସିଏଫ୍‌ଙ୍କୁ ପଚାରିବାରୁ, ବ୍ୟକ୍ତିଙ୍କ ଘରୁ ଓ ବାଡ଼ିରୁ କାଠ ଜବତ କରାଯାଇଥିବା ବେଳେ ସେ ଫେରାର ଅଛନ୍ତି। ତାଙ୍କ ନାଁରେ ମାମଲା ରୁଜୁ ହେବ। ଏଥିସହିତ ଟ୍ରାକ୍ଟର ସମ୍ପର୍କରେ ଆରଟିଓଙ୍କୁ ଜଣାଇବେ ବୋଲି ସେ ସୂଚନା ଦେଇଛନ୍ତି।

## ଭାଜପା ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଭାଜପା ପଦାଧିକାରୀ।

ସୁନ୍ଦରଗଡ,୨୦।୩ (ଜୟ ନାରାୟଣ ମେଣ୍ଢୁଳି)

ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ସୁନ୍ଦରଗଡ ପୌରାଞ୍ଚଳ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର ଭାଜପା ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ ପୌରାଞ୍ଚଳ ମଣ୍ଡଳ ସଭାପତି ଲକ୍ଷ୍ମୀକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଭୋଜପୁର ସ୍ଥିତ ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଉପସଭାନେତ୍ରୀ ତଥା ପୂର୍ବତନ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଯୋଗ ଦେଇଥିଲେ। ଜିଲା ସଭାପତି ଗିରୀଶ ଚନ୍ଦ୍ର ସାହୁ ଏଥିରେ ସଭାପତିତ୍ୱ କରି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ "ଅଖଣ୍ଡ ମାନବବାଦ" ନୀତିର ବାର୍ତ୍ତା ଦେଇଥିଲେ। ଏଥିସହିତ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଏହି ଶିବିରର ସର୍ବାଧିକ ଲାଭ ଉଠାଇବାକୁ, ଶୃଙ୍ଖଳା ଏବଂ ସମର୍ପଣ ସହିତ ସମସ୍ତ ବିଷୟ ଶିଖିବାକୁ ଏବଂ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସଂକଳ୍ପ ନେବାକୁ ଅନୁରୋଧ କରିଥିଲେ। ପ୍ରଶିକ୍ଷଣ ଶିବିରର ଜିଲା ସ୍ତରୀୟ ବକ୍ତା ଭାବେ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଯଶୋବନ୍ତ ନାଏକ, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭେଷଜ ରଥ, ରାଜ୍ୟ ପରିଷଦ ସଭ୍ୟ ସୁଖଲାଲ ମୁଣ୍ଡା, ସ୍ୱଚ୍ଛ ଭାରତ ରାଜ୍ୟ ସହ ସଂଯୋଜକ ସୁରେନ୍ଦ୍ର ସ୍ୱର୍ଣ୍ଣକାର, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପରକ୍ଷିତ ସାହୁ, ଜିଲା ସମ୍ପାଦକ ଅମୀୟ ପଟ୍ଟନାୟକ ପ୍ରମୁଖ ବୈଚାରିକ ପୃଷ୍ଠ ଭୂମି, ଇତିହାସ ଓ ବିକାଶ, କାର୍ଯ୍ୟ ବିସ୍ତାର ପାଇଁ ଆମର ଦୃଷ୍ଟି କୋଣ, କାର୍ଯ୍ୟ ପଦ୍ଧତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟନ୍ୱୟନ, ବୁଥ ସଂଚାଳନ ବିଷୟ ବସ୍ତୁ ଉପରେ ବିସ୍ତୃତ ଭାବେ ପ୍ରଶିକ୍ଷଣ ଓ ମାର୍ଗଦର୍ଶନ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଜିଲା ଉପସଭାନେତ୍ରୀ ସଂଯୁକ୍ତା ନାଏକ, ମିନତୀ ପୁରୋହିତ, ପୂର୍ବତନ ନଗର ମଣ୍ଡଳ ସଭାପତି ମନୋଜ ପୁରୋହିତଙ୍କ ସମେତ ଶତାଧିକ ମଣ୍ଡଳ ପଦାଧିକାରୀ, ମଣ୍ଡଳ କାର୍ଯ୍ୟକାରିଣୀ ସଦସ୍ୟ, ମଣ୍ଡଳ ମୋର୍ଚ୍ଚା ସଭାପତି, ସାଧାରଣ ସମ୍ପାଦକ, ଶକ୍ତିକେନ୍ଦ୍ର ପ୍ରମୁଖ, ପ୍ରଭାରୀ, ମଣ୍ଡଳ ପ୍ରଭାରୀ, ମଣ୍ଡଳର ରାଜ୍ୟ, ଜିଲା ସ୍ତରୀୟ ପଦାଧିକାରୀ, ସେଲ ପ୍ରମୁଖ, ଦଳର କାଉନସିଲର, ବୁଥ ସଭାପତି ଓ ବରିଷ୍ଠ ଭାଜପା କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ।

## ବନ୍ଧମୁଣ୍ଡାରେ ଉଗାଦି ପର୍ବ ପାଳିତ

ବନ୍ଧମୁଣ୍ଡା, ୨୦।୩( ସୁବ୍ରତ ଡେ)

ବନ୍ଧମୁଣ୍ଡା ବି-ସେକ୍ଟରସ୍ଥିତ ରାମ ମନ୍ଦିର ପରିସରରେ ଆନ୍ଧ୍ରା କଲଚରାଲ ଆସୋସିଏଶନ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ତେଲୁଗୁ ସମ୍ପ୍ରଦାୟର ନବବର୍ଷ ଉଗାଦି ପର୍ବ ପାଳିତ ହୋଇଯାଇଛି। ଏଥିରେ ବହୁ ସଂଖ୍ୟକ ତେଲୁଗୁ ସମାଜର ଲୋକେ ଯୋଗଦେଇ ଉତ୍ସବକୁ ସ୍ମରଣୀୟ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରୁ ଉଦୟ ଭାସ୍କରଙ୍କ ଦ୍ୱାରା ପଞ୍ଜିକା ପାଠ କରାଯାଇଥିଲା। ସଙ୍ଗଠନର ସଚିବ ତଥା ପୂର୍ବତନ ପାର୍ଷଦ ବି. ବର୍ଦ୍ଦେଶ୍ୱର ରାଓଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଏହି ଅବସରରେ ରେଳ ବିଭାଗରୁ ସେବାନିବୃତ୍ତ ହୋଇଥିବା ତେଲୁଗୁ ସମୁଦାୟର କେତେଜଣ କର୍ମଚାରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲର ଡା. ଚିନ୍ନା କୃଷ୍ଣା ଉପସ୍ଥିତ ହୋଇ ସମସ୍ତଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ ଏବଂ ସମାଜର ଏକତା ଓ ସଂସ୍କୃତିକୁ ଅତୁଟ ରଖିବାକୁ ଆହ୍ୱାନ ଜଣାଇଥିଲେ। ବି. ବର୍ଦ୍ଦେଶ୍ୱର ରାଓ ତାଙ୍କ ଅଭିଭାଷଣରେ ସମାଜକୁ ଏକତ୍ର ରଖି ନିଜ ଭାଷା ଓ ସଂସ୍କୃତିକୁ ସୁଦୃଢ଼ କରିବାକୁ ଆହ୍ୱାନ କରିଥିଲେ। ଏହାସହ ଉତ୍ସବରେ ତେଲୁଗୁ ପାରମ୍ପରିକ ଖାଦ୍ୟର ବ୍ୟବସ୍ଥା ମଧ୍ୟ ଥିଲା। କାର୍ଯ୍ୟକ୍ରମରେ ଏମ. ମଧୁ, ଏନ. ଶ୍ରୀନିବାସ ରାଓ, କେ. ରାମବାବୁ, କେ. ମୋହନ ରାଓ, ଦିଲୀପ ରାଓ, ଏମ. ମଙ୍ଗା ରେଢ୍ଡୀ, ବି. ନାରାୟଣ, ପି. ରବି କୁମାର, ଶ୍ୟାମ ସୁନ୍ଦର ରାଓ, ପି. ହରି କୁମାର, କାମେଶ୍ୱର ରାଓ, ଏସ. ଶଙ୍କର ରାଓ ଉପସ୍ଥିତ ଥିଲେ।

## ସର୍ଗୁକିଷାନ ଉଚ୍ଚ ବିଦ୍ୟାଳୟରେ ପଖାଳ ଦିବସ



କୁତ୍ରା,୨୦।୩(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ତୁନମୁରା ସ୍ଥିତ ସର୍ଗୁକିଷାନ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅମରେଶ ସାହୁଙ୍କ ଅଧ୍ୟକ୍ଷତାରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବିଇଓ ଅନନ୍ତ କୁମାର ନାଏକ, ଏବିଇଓ ନିରଞ୍ଜନ ରାଉଳ, ଜେଏସଡବ୍ଲ୍ୟୁ ଜମି ବିଭାଗ ମ୍ୟାନେଜର ସୁନିଲ ନାଥ, ସିଏସଆର ହେଡ ସଂଗ୍ରାମ ରାଉତ, ଅଧିକ୍ଷକ ଆଲେଖ ଧଳାଇ, ଓଆଇଏସଏଲ ସିଏସଆର ବିଭାଗ ଅଧିକାରୀ, ଅବସରପ୍ରାପ୍ତ ଏବିଇଓ ମିନା କୁମାରି ଜେନା, ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ପଣ୍ଡା ପ୍ରମୁଖ ଯୋଗଦେଇ ଓଡିଆ ସଂସ୍କୃତି, ପରମ୍ପରାର ପ୍ରତୀକ ହେଉଛି ପଖାଳ ବୋଲି କହିବା ସହ ଓଡିଆଙ୍କ ପ୍ରିୟ ଖାଦ୍ୟ ପଖାଳ ବୋଲି କହିଥିଲେ। ଓଡିଆଙ୍କ ପାଇଁ ପଖାଳ କେବଳ ଏକ ଖାଦ୍ୟ ନୁହେଁ, ଆମ ସମସ୍ତଙ୍କ ଦୁର୍ବଳତା ବୋଲି କହିଥିଲେ। ପରେ ସମସ୍ତେ ଏକାଠି ପଖାଳ ଖାଇ ପଖାଳ ଦିବସ ପାଳନ କରିଥିଲେ। ଏଥିରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ଦିଲୀପ ରାୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ରାଜ୍ୟ ସଭା ସଦସ୍ୟ ଦିଲୀପ ରାୟଙ୍କ ସହିତ ଅଞ୍ଚଳବାସୀ।

ବଡ଼ଗାଁ,୨୦।୩(ଅଶୋକ ଷଡଙ୍ଗୀ)

ନବ ନିର୍ବାଚିତ ରାଜ୍ୟ ସଭା ସଦସ୍ୟ ଦିଲୀପ ରାୟଙ୍କୁ ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଅଞ୍ଚଳବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରାଉରକେଲା ଠାରୁ ସୁନ୍ଦରଗଡ଼ ଯାଉଥିବାବେଳେ ରାୟଙ୍କୁ ଏହି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ତାଙ୍କ ସହିତ ରାଜନୈତିକ ଓ ବ୍ୟକ୍ତିଗତ ସମ୍ପର୍କ ରଖିଥିବା ବିଶିଷ୍ଟ ବ୍ୟକ୍ତିମାନେ ସାକ୍ଷାତ କରିଥିଲେ। ବରିଷ୍ଠ ଭାଜପା କାର୍ଯ୍ୟକର୍ତ୍ତା ରଞ୍ଜନ ପଟେଲ, ବଡ଼ଗାଁର ବହୁ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ରାମଚନ୍ଦ୍ର ନାୟକ, ରାମଲୀଳା ଯାତ୍ରା ସଂସଦ ସଭାପତି ଦିଲିପ ପୁରୋହିତ ସ୍ଥାନୀୟ ଗ୍ରାମବାସୀ ଫକିର ପୃଷେଟ,ପ୍ରତାପ ମହାପାତ୍ର, ଅଚ୍ୟୁତ ସାହୁ, ବାବୁଲି କର୍ସେଲ, ବସନ୍ତ ଦଣ୍ଡସେନା,ଦିଲିପ ସେନାପତି, ସୌରଭ ପଣ୍ଡାଙ୍କ ସହିତ ବହୁ ସ୍ଥାନୀୟ ବ୍ୟକ୍ତି ସାକ୍ଷାତ କରି ଆଲୋଚନା କରିଥିଲେ।

## ସ୍କାନ୍ ଷ୍ଟିଲ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

କୁତ୍ରା,୨୦।୩(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ବୁଡାକଟା ସ୍ଥିତ ସ୍କାନଷ୍ଟିଲ ଚେୟାରମ୍ୟାନ ରେଜେସ ଗଡୋଡିଆଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମେଗା ସ୍ୱାସ୍ଥ୍ୟ ଶିବିର କାରଖାନା ପରିସରରେ ଆୟୋଜିତ ହୋଇଯାଇଛି। ପ୍ରଥମେ କାରଖାନା ଡାଇରେକ୍ଟର ଅଙ୍କୁର ମଦାନ ଶିବିରର ଶୁଭାରମ୍ଭ କରିବା ସହିତ ଏହାର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ପରେ ରାଉରକେଲା ସ୍ଥିତ ହାଇଟେକ ମେଡିକାଲ ପକ୍ଷରୁ ଡା. ଉମେଶ କୁମାର ସିଂ, ସୁଧାଂଶୁ ମହାପାତ୍ର, ଅକ୍ଷୟ ସାହୁ, ଅମୂଲ୍ୟ ମହାପାତ୍ର, ସନ୍ଦିପ ଭୋଇ, ପ୍ରତି କୁମାରି ପାତ୍ର ଓ ସୁଜାତା ଲାକ୍ରା ଯୋଗଦେଇ ପ୍ରାୟ ତିନିଶହ କର୍ମଚାରୀଙ୍କ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ମଧ୍ୟ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ଧ୍ୟାନରେ ରଖି ଏଭଳି ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରିବା ପାଇଁ କାରଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି। ଏହି ଶିବିରରେ କାରଖାନା ମ୍ୟାନେଜର ସୌଭିକ ସେନ ଗୁପ୍ତା, ଦିପକ ଶର୍ମା, ଅଭୟ ସିଂ, ପ୍ରଭୁରାମ ଦେ, ସରୋଜ ମହାକୁଲ, ସୁବାସ ମଲ୍ଲିକ, କିଶୋର ସାହୁ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



## ନାଟକ 'ନିରବତାର ସ୍ୱର' ମଞ୍ଚସ୍ଥ

**ପ୍ରତିବିମ୍ବ ନାଟ୍ୟ ସଙ୍ଗମର ଉଦ୍‌ଯାପନୀ ସନ୍ଧ୍ୟା**

ରାଉରକେଲା,୨୦।୩(ବିପ୍ଳବ ରଞ୍ଜନ ଦାଶ)

ପ୍ରତିବିମ୍ବ ନାଟ୍ୟ ସଙ୍ଗମର ଶୁକ୍ରବାର ଉଦଯାପନୀ ସନ୍ଧ୍ୟାରେ ଭୁବନେଶ୍ୱରର ଅର୍ପଣ ଥିଏଟର ତରଫରୁ ବିଶ୍ୱନାଥ ପତିଙ୍କ ରଚିତ, ଗୋବିନ୍ଦ ଜେନାଙ୍କ ପରିକଳ୍ପନା ଓ ନିର୍ଦ୍ଦେଶନାରେ ଏକକ ନାଟକ 'ନୀରବତାର ସ୍ୱର' ମଞ୍ଚସ୍ଥ ହୋଇଯାଇଛି। ଏହି ନାଟକରେ ଧରିତ୍ରୀ ଖଣ୍ଡୁଆଳ ଅଭିନୟ କରିଥିଲେ। ନୀରବତା ବେଳେ ବେଳେ କୋଳାହଳଠାରୁ ବେଶୀ ପ୍ରଗଳ୍ଭ ହୋଇଯାଏ। ସେହିପରି ମହାପୁରୁଷଙ୍କ ଧର୍ମପତ୍ନୀ ଯଶୋଧାରା ନୀରବତାର ବିଳାପ ମଧ୍ୟରେ ଥିବାବେଳେ ତାଙ୍କ ଜୀବନ କାହାଣୀ ଉପରେ ଏହି ନାଟକ ପର୍ଯ୍ୟବେଶିତ, ଯିଏ କି ଅଜନ୍ତା ଗୁମ୍ଫାରେ ବୌଦ୍ଧ ଧର୍ମର ପ୍ରବର୍ତ୍ତକ ସିଦ୍ଧାର୍ଥଙ୍କ ଉପରେ ଗବେଷଣା କରୁ କରୁ ନିଜ ଜୀବନରେ ଆସିଥିବା ସିଦ୍ଧାର୍ଥଙ୍କ ବିଷୟରେ ଭାବି ଆନମନା ହୋଇଛନ୍ତି। ଏହି କାହାଣୀକୁ ନେଇ ଗତିଶୀଳ ହୋଇଛି ନାଟକ। ଝିଲିମା ମହାନ୍ତିଙ୍କ ମଞ୍ଚ ସଂଯୋଜନାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଡ. ରମେଶ ଚନ୍ଦ୍ର ମଲ୍ଲିକ, ବିଶିଷ୍ଟ ନାଟ୍ୟକାର ଡ଼ ନିବେଦିତା ଜେନା, ନାଟ୍ୟକାର ବିଜୟ କୁମାର ଭୋଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଭାକର ପାତ୍ରଙ୍କ ରଚିତ ପୁସ୍ତକ 'ଜାନୁଘଣ୍ଟ' ଲୋକାର୍ପିତ ହୋଇଥିଲା। ସଭାପତି ସୋମନାଥ ପାଢ଼ୀ ସ୍ୱାଗତ ଭାଷଣ ଏବଂ ଦୀପକ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ପୋଲିସକୁ ଟଣାଓଟରା ଅଭିଯୋଗରେ ୧୧ ଯୁବକ କୋର୍ଟଚାଲାଣ

ଲହୁଣୀପଡା,୨୦।୩(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଲହୁଣୀପଡା ବାହାଡାପୋଷ ରାସ୍ତା ମୁଚୁରନାଳି ଠାରେ ଫେବୃଆରୀ ୧୪ ତାରିଖ ସନ୍ଧ୍ୟାରେ ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟଣାରେ ପୋଲିସକୁ ଟଣା ଓଟରା କରିଥିବା ୧୧ ଜଣ ଯୁବକଙ୍କୁ ପୋଲିସ ଚିହ୍ନଟ କରିବା ସହିତ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ସିଆଳି କୁଦର ଗ୍ରାମର ମିଥୁନ ମୁଣ୍ଡା (୨୩), ରଞ୍ଜନ କିଷାନ (୨୨), ଅଶିତ କିଷାନ (୨୨), ମୁଚୁରନାଳି ଗ୍ରାମର ଦିନେଶ କୁମାର କିଷାନ (୨୭), ମୁରଲିଧର କିଷାନ (୪୦), ସନ୍ତୋଷ ମୁଣ୍ଡା (୨୦),ଲକ୍ଷ୍ମଣ ମୁଣ୍ଡା (୨୨),ଗାମିଆ ମୁଣ୍ଡା (୨୦), ଦେବଗଡ ଜିଲା ବାରକେଟ ଥାନା ଅଞ୍ଚଳର ହରେକୃଷ୍ଣ ପୁର ଗ୍ରାମର ପବିତ୍ର ମାହାନ୍ତ (୩୪), ଅର୍ଜୁନ ମାହାନ୍ତ (୩୧) ଏବଂ ହୃଷିକେଷ ମାହାନ୍ତ (୩୭)।ସୂଚନା ଅନୁସାରେ, ଫେବୃଆରୀ ମାସ ୧୪ ତାରିଖ ସନ୍ଧ୍ୟାରେ ମୁଚୁରନାଳିଠାରେ ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟଣାକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଲହୁଣୀପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକ ମାନଙ୍କୁ ବୁଝାସୁଝା କରୁଥିବା ବେଳେ ପୋଲିସକୁ ଯୁବକମାନେ ଟଣା ଓଟରା କରି କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ଯାହାକୁ ନେଇ ପୋଲିସ ଏକ ମାମଲା ରୁଜୁ କରିଥିଲା।

## ସୁନ୍ଦରଗଡ ପବ୍ଲିକ ସ୍କୁଲରେ ବିଶ୍ୱ ଘରଚଟିଆ ଦିବସ

ସୁନ୍ଦରଗଡ,୨୦।୩(ଜୟ ନାରାୟଣ ମେଣ୍ଢୁଳି)

ସୁନ୍ଦରଗଡ ପବ୍ଲିକ ସ୍କୁଲରେ ଶୁକ୍ରବାର ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଯାଇଛି। ଶିକ୍ଷକ ଅଶୋକ କୁମାର ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଘରଚଟିଆ ଦିବସ ପାଳନର ଉଦ୍ଦେଶ୍ୟ ଓ ଘରଚଟିଆଙ୍କ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ମାଇକେଲା ଖାଲକୋ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଦେବାଶିଷ ଦାସ, ସନ୍ତୋଷ ମହାନ୍ତ, ସୂର୍ଯ୍ୟକାନ୍ତି ପଟେଲଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ରାଜକିଶୋର ଷଡଙ୍ଗୀଙ୍କ ତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା।




ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଛାତ୍ରୀଛାତ୍ର।

**ଜଙ୍ଘାଲିଙ୍ଗା ବଡ଼ଦେଓଙ୍କ ପୂଜା**

ଲଇକେରା,(ରଞ୍ଜନ କୁମାର ମେହେର): ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ୍ ଭାତଲଇଡ଼ା ଗ୍ରାମପଞ୍ଚାୟତ ଅଧୀନ କେନ୍ଦୁଡ଼ିହିଠାରେ ଜଙ୍ଘାଲିଙ୍ଗା ବଡ଼ଦେଓଙ୍କ ପୂଜା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ସମେତ ଲଇକେରା, କିର୍ମିରା, କୋଲାବିରା ଅଞ୍ଚଳର ଗୋଣ୍ଡ ଜାତିର କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ପୂଜା ଆସନ୍ତା ରବିବାର ପର୍ଯ୍ୟନ୍ତ ଚାଲିବ।

## ସଂକ୍ଷେପରେ

### ଡିମିରିପୋଷି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଦେବଗଡ଼,୨୦।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ୍ ଅନ୍ତର୍ଗତ ଡିମିରିପୋଷିଠାରେ ଡିମିରିପୋଷି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲା ଅତିରିକ୍ତ ଜନ କଲ୍ୟାଣ ଅଧିକାରୀ ଡୋମନ ଏକ୍କା, ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ମମତାରାଣୀ ବେହେରା ଉପସ୍ଥିତ ଥିଲେ। ସିଆର୍‌ସିସି ପ୍ରଦୀପ କୁମାର ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ଦେହୁରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଲକ୍ଷ୍ମୀକାନ୍ତ ସୁନା ଧନ୍ୟବାଦ ଦେଇଥିଲେ।

### ହିନ୍ଦୁ ନବବର୍ଷ ପାଳନ

ବ୍ରଜରାଜନଗର,୨୦।୩(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପତଞ୍ଜଳି ଯୋଗ ସମିତି ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଛକ ନିକଟରେ ଥିବା ଶୁକ୍ରବାର ବଜାର ହନୁମାନ ମନ୍ଦିର ପ୍ରାଙ୍ଗଣରେ ହିନ୍ଦୁ ନବବର୍ଷ ଓ ସାମୁହିକ ଯୋଗ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ହନୁମାନ ମନ୍ଦିର ପ୍ରାଙ୍ଗଣରୁ ଏକ ଶୋଭାଯାତ୍ରା ବାହାରିଥିଲା। ଏଥିରେ ଲୋକମାନେ ସାମିଲ ହୋଇ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ଶୋଭାଯାତ୍ରା ନୁଆଡିହି, ଗାନ୍ଧୀ ଛକ ବିଭିନ୍ନ ସ୍ଥାନ ପରିକ୍ରମା କରି ହନୁମାନ ମନ୍ଦିର ନିକଟରେ ପହଞ୍ଚିଥିଲା। ସେଠାରେ ହୋମଯଜ୍ଞ କରାଯାଇଥିଲା। ଡୋଲାମଣି ପଟେଲ ଓ ପତ୍ନୀ ସରୋଜା ପଟେଲ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଯୁବରାଜ ସାହୁ, ଶ୍ରୀକାନ୍ତ ମହାପାତ୍ର, ରଞ୍ଜନ ସିଂହ, ଓମ୍‌ପ୍ରକାଶ ସିଂହ, ପୂର୍ବି ମିଶ୍ର, ଜୟନ୍ତ ହୋତା, ଅଶୋକ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ସେବା ସମବାୟ ସମିତିର ବାର୍ଷିକ ସଭା

ଲଖନପୁର,୨୦।୩(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ମୁଖ୍ୟାଳୟସ୍ଥିତ ପ୍ରାଥମିକ କୃଷି ସମବାୟ ସମିତି ପ୍ରାଙ୍ଗଣରେ ବାର୍ଷିକ ସାଧାରଣ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏସ୍‌ଡିସିସି ବ୍ୟାଙ୍କର ବେଲପାହାଡ଼ ଶାଖା ପରିଚାଳକ ପୀତାମ୍ବର ସାହୁ, ସମ୍ମାନିତ ଅତିଥି ଭାବେ ଲଖନପୁର ଭିଏଲଡବ୍ଲ୍ୟୁ ସତ୍ୟବତୀ ମେହେର ଉପସ୍ଥିତ ଥିଲେ। ଲଖନପୁର ପ୍ରାଥମିକ କୃଷି ସମବାୟ ସମିତି ସଭାପତି ବେଣୁଧର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାର, ବିହନ, ଋଣ ପ୍ରଦାନ, ଋଣ ଅସୁଲି ଆଦି ବିଷୟରେ ଆଲୋକପାତ କରାଯିବା ସହ ଚାଷୀଙ୍କୁ ସୁଚାରୁରୂପେ ସରକାରଙ୍କ ସମସ୍ତ କୃଷି ସେବା ସମବାୟ ସମ୍ପର୍କିତ ସେବା ଯୋଗାଇ ଦେବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଆଗତ କରାଯାଇଥିଲା। ଲଖନପୁର ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ପ୍ରଦୀପ ସା ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ କୃଷକ ଉପସ୍ଥିତ ଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

କୋଲାବିରା,୨୦।୩(ସଞ୍ଜୟ ପୂଜାରୀ)

କୋଲାବିରା ବ୍ଲକ୍ ଅଧୀନ ଡଣ୍ଡାବୁଡ଼ା ଗ୍ରାମର ଧର୍ମପରାୟଣା ମହିଳା ଚିତ୍ରଭାନୁ ପ୍ରଧାନ(୬୭)ଙ୍କ ଗୁରୁବାର ରାତିରେ



ପରଲୋକ ହୋଇଯାଇଛି। ତାଙ୍କ ଶରୀର ଅସୁସ୍ଥ ହେବାରୁ ଚିକିତ୍ସା ଲାଗିତ।ଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଶୁକ୍ରବାର ତାଙ୍କ ମରଶରୀର ଡଣ୍ଡାବୁଡ଼ା ଗ୍ରାମକୁ ଅଣାଯିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ଗ୍ରାମବାସୀ ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ବିଜୟ ମୁଖାଗ୍ନି ଦେଇଥିଲେ। ଘରେ ତାଙ୍କର ସ୍ୱାମୀ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଝସକେତନ ପ୍ରଧାନ, ବଡ଼ପୁଅ ବିଜୟ, ସାନପୁଅ ସଞ୍ଜୟଙ୍କ ସମେତ ଦୁଇ ବୋହୂ ଓ ନାତୁଣୀନାତି ଅଛନ୍ତି। ଚିତ୍ରଭାନୁ ଜଣେ ଧର୍ମପରାୟଣା, ଭାଗବତ ପ୍ରେମୀ, ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଥିଲେ।

# ତାତି ବଢ଼ିବା ପୂର୍ବରୁ ସମସ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ କର: ଜିଲାପାଳ

ଝାରସୁଗୁଡ଼ା,୨୦।୩(ଆଶିଷ ରଞ୍ଜନ ଦାଶ)

ଚଳିତ ଗ୍ରୀଷ୍ମଋତୁରେ ଜିଲାରେ ପାନୀୟଜଳ ସମସ୍ୟା ଦୂର କରିବା ଏବଂ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଜିଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟଠାରେ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅଧ୍ୟକ୍ଷତା କରି ଜିଲାର ସମସ୍ତ ନଳକୂପ, ସୌରଚାଳିତ ଡୁଆଲ ପମ୍ପ ଏବଂ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଗ୍ରୀଷ୍ମ ପ୍ରବାହ ସମୟରେ ଯେପରି କୌଣସି



ସମୀକ୍ଷା ବୈଠକରେ ଜିଲାପାଳ ଓ ଅଧିକାରୀ।

ସ୍ଥାନରେ ପାନୀୟ ଜଳର ଅଭାବ ନ ହୁଏ, ସେଥିପାଇଁ ସମସ୍ତ ଜଳଉତ୍ସକୁ କାର୍ଯ୍ୟକ୍ଷମ ରଖିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲାର ବିଭିନ୍ନ ବିଦ୍ୟାଳୟ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଟ୍ୟାପ୍ ଯୋଗେ ଜଳ ଯୋଗାଣର ଅଗ୍ରଗତି, ବସୁଧା ଅଭିଯୋଗର ସମାଧାନ ଏବଂ ଜଳକଷ୍ଟ ଅଞ୍ଚଳରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ପାଇଁ ହୋଇଥିବା ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ନୂତନ ନଳକୂପ ଖନନ ସହିତ ଡିଏମ୍‌ଏଫ୍ ଏବଂ ଏସ୍‌ଏଫ୍‌ସି ପାଣ୍ଠିରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରାଯାଇଥିଲା। ବିଶେଷକରି ୪୨ଟି ଗ୍ରାମପଞ୍ଚାୟତକୁ ସାମିଲ କରୁଥିବା ମେଗା ପାନୀୟ ଜଳ ପ୍ରକଳ୍ପର ସ୍ଥିତି ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଜିଲାସ୍ତରୀୟ ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ଘରେ ପଶି ମହିଳାଙ୍କୁ ଗୁଳି

ଝାରସୁଗୁଡ଼ା,୨୦।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ସରବାହାଲ ତଳିପଡ଼ାରେ ଭଡ଼ା ରହୁଥିବା ବିଶ୍ୱ ବିଜୟିନୀ ଜେନା (୩୦) ନାମ୍ନୀ ମହିଳାଙ୍କ ଉପରକୁ ଶୁକ୍ରବାର ରାତିରେ ଗୁଳିମାଡ଼ ହୋଇଛି। ଏଥିରେ ସେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ତଳିପଡ଼ାରେ ଧୀରେନ୍ଦ୍ର ମହାରଣା ଭଡ଼ାଘରେ ରହୁଥିଲେ। ଶୁକ୍ରବାର ରାତି ପ୍ରାୟ ୯ଟା ୩୦ ମିନିଟ୍‌ରେ ଧୀରେନ୍ଦ୍ର ବାହାରୁ ଆସି ଘର ଭିତରେ ପଶିବା ପରେ ପାଣି ପିଇବାକୁ ଯାଉଥିଲେ। ଏହି ସମୟରେ ମୁଖାପିନ୍ଧା ଜଣେ ଯୁବକ ବାଇକ୍‌ରେ ଆସି ତାଙ୍କ ଘରେ ପଶିଥିଲେ। ଧୀରେନ୍ଦ୍ରଙ୍କ ସ୍ତ୍ରୀ ବିଶ୍ୱ ବିଜୟିନୀ ଘର ଭିତରେ ସୋଫାରେ ବସିଥିବାବେଳେ ଯୁବକ ଜଣଙ୍କ ତାଙ୍କ ଉପରେ ୨ ରାଉଣ୍ଡ ଗୁଳି ଚଳାଇଥିଲେ। ସେଥିମଧ୍ୟରୁ ଗୋଟିଏ ଗୁଳି ବିଶ୍ୱ ବିଜୟିନୀଙ୍କ ଜଙ୍ଘରେ ବାଜିଥିଲା। ଏହାପରେ ଯୁବକ ଜଣଙ୍କ ଧୀରେନ୍ଦ୍ରଙ୍କୁ ଗୁଳି ମାରିବା ପାଇଁ ପ୍ରୟାସ କରୁଥିବାବେଳେ ସେ ଭୟରେ ତଳେ ପଡିଯାଇଥିଲେ। ଫଳରେ ଧୀରେନ୍ଦ୍ରଙ୍କୁ ସେ ଗୋଇଠା ମାରି ଫେରାର ହୋଇଯାଇଥିଲେ। ଗୁଳିମାଡ଼ର କାରଣ ଜଣାପଡିନାହିଁ। ଗୁରୁତର ଅବସ୍ଥାରେ ବିଶ୍ୱ ବିଜୟିନୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରେ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଝାରସୁଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଧୀରେନ୍ଦ୍ରଙ୍କ ଘର ସମ୍ବଲପୁର ଅଞ୍ଚଳରେ ହୋଇଥିବାବେଳେ ସେ ଝାରସୁଗୁଡ଼ାରେ ଟ୍ରାନ୍ସପୋର୍ଟ କାମ କରୁଥିବା ଜଣାପଡିଛି।

# ଆକ୍ରମଣରେ ଆହତ ହୋଟେଲ ଜଗୁଆଳି ମୃତ

ଦେବଗଡ଼,୨୦।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଥାନା ଅଧୀନ ଜଡାଗୋଲାସ୍ଥିତ ଏକ ହୋଟେଲଠାରେ ଆକ୍ରମଣରେ ଆହତ ହୋଇଥିବା ଜଗୁଆଳିଙ୍କର ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ସରଣଖୋଲ ଗ୍ରାମର ଲମ୍ବୋଦର ପରିଡ଼ା(୭୫)। ତେବେ ତାଙ୍କୁ ହତ୍ୟା କରିବା ଅଭିଯୋଗରେ ସାଥି ଜଗୁଆଳିଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଉତ୍ତରପ୍ରଦେଶ ମିର୍ଜାପୁର ଅଞ୍ଚଳର ମଉଲା ସରିଫ୍ ଖାନ୍। ସୂଚନା ଅନୁଯାୟୀ, ଜଡାଗୋଲା ଛକରେ ଜୁଆଳୀଭଙ୍ଗା ଗ୍ରାମର ସୁଶାନ୍ତ ସାହୁଙ୍କର ଏକ ହୋଟେଲର ରହିଛି। ହେଲେ ଦୀର୍ଘଦିନ ହେଲା ଏହା ବନ୍ଦ ହୋଇ ପଡିରହିଛି।

**ଅଭିଯୁକ୍ତ ଗିରଫ**

ଫଳରେ ଉକ୍ତ ହୋଟେଲର ସୁରକ୍ଷା ଦୃଷ୍ଟିରୁ ଲମ୍ବୋଦର ଓ ମଉଲା ସରିଫ ଖାନ୍ ଜଗୁଆଳି ଭାବେ କାର୍ଯ୍ୟ କରୁଥିଲେ। ଗତ ୧୪ ତାରିଖ ରାତିରେ ମଦ୍ୟପାନକୁ କେନ୍ଦ୍ରକରି ଲମ୍ବୋଦର ଓ ମଉଲା ସରିଫ ଖାନ୍‌ଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ମଉଲା ସରିଫ ଖାନ୍ ଉତ୍କ୍ଷିପ୍ତ ହୋଇ ଉକ୍ତ ହୋଟେଲରେ ଥିବା ଏକ ଚାପଡ଼(ମାଂଶ କଟାରେ ବ୍ୟବହୃତ ହେଉଥିବା କଟୁରି)ରେ ଲମ୍ବୋଦରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଏହାର ପରଦିନ ଅର୍ଥାତ୍ ୧୫ ତାରିଖ ସକାଳେ ଲମ୍ବୋଦର ମୁମୂର୍ଷ ଅବସ୍ଥାରେ ପଡିରହିଥିବା ଦେଖି ହୋଟେଲ ମାଲିକ ଓ ଅନ୍ୟମାନେ ତାଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା ନିମନ୍ତେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଥିବା ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ଚିକିତ୍ସା କରାଯାଇଥିଲା। ହେଲେ ଅର୍ଥ ଅଭାବରୁ ପରିବାର ଲୋକେ ତାଙ୍କୁ ଘରକୁ ଫେରାଇ ଆଣିବା ସହ ପୁଣି କୌଣସି ଏକ ସରକାରୀ ଡାକ୍ତରଖାନାକୁ ନେବା ପାଇଁ ନିଷ୍ପତ୍ତି ନେଇଥିଲେ। ମାତ୍ର ଶୁକ୍ରବାର ସକାଳେ ଘରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଏକ ହତ୍ୟା ମାମଲା ରୁଜୁ ହୋଇଛି।

## ଏକଲବ୍ୟ ବିଦ୍ୟାଳୟ ପରିଚାଳନା କମିଟି ବୈଠକ

ଝାରସୁଗୁଡ଼ା,୨୦।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଚାଳନା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଏବଂ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ବିଦ୍ୟାଳୟର ଶିକ୍ଷାଦାନ ପଦ୍ଧତି ଏବଂ ଭିତ୍ତିଭୂମିର ସମୀକ୍ଷା କରାଯାଇଥିଲା। କମିଟି ଅନୁଭବ କରିଥିଲା ଯେ, ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ନୂତନ ହଷ୍ଟେଲ, କର୍ମଚାରୀଙ୍କ ପାଇଁ ଆବାସିକ କ୍ୱାର୍ଟର୍ସ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଭିତ୍ତିଭୂମିର ଜରୁରୀ ଆବଶ୍ୟକତା ରହିଛି। ଏହି ଅଭାବଗୁଡ଼ିକୁ ଦୂର କରିବା ସହ ଉତ୍ତମ ଶୈକ୍ଷିକ ପରିବେଶ ଯୋଗାଇଦେବା ପାଇଁ ଜିଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଜିଲା ମଙ୍ଗଳ ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ, ପୂର୍ତ୍ତ ବିଭାଗର ନିର୍ବାହୀଯନ୍ତ୍ରୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, କୁଚିଣ୍ଡା ଓ କିର୍ମିରା ଏକଲବ୍ୟ ବିଦ୍ୟାଳୟର ଅଧ୍ୟକ୍ଷ ଏବଂ ଅଭିଭାବକ ମତ ଉପସ୍ଥାପନ କରିଥିଲେ।

# ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା



ସଭାରେ ସମବାୟ ବିଭାଗର ଅଧିକାରୀ ଓ କର୍ମକର୍ତ୍ତା।

ଝାରସୁଗୁଡ଼ା,୨୦।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ୍ ଅଧୀନ ଶ୍ରୀପୁରାସ୍ଥିତ କଲ୍ୟାଣମଣ୍ଡପରେ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ର ବାର୍ଷିକ ସାଧାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀପୁରା ପାକ୍ସ ସଭାପତି ଶିଶିର କୁମାର ପାଢ଼ୀ ସଭାପତିତ୍ୱକରି ରବିଋତୁ ପାଇଁ ପଞ୍ଜୀକରଣ, ଚାଷୀଙ୍କୁ ଉପଯୁକ୍ତ ସମୟରେ ଋଣ ପ୍ରଦାନ ଏବଂ ଖରିଫ ଚାଷ ନିମନ୍ତେ ସାର ଗଚ୍ଛିତ ରଖିବା ସହ ଉପଯୁକ୍ତ କୀଟନାଶକ ବଣ୍ଟନ ଉପରେ ଆଲୋକପାତ କରିଥିଲେ। ପାକ୍ସ ସମ୍ପାଦକ ବୀରେନ୍ଦ୍ର ପ୍ରଧାନ ଚଳିତବର୍ଷର ଆୟବ୍ୟୟ ପଠନ କରିଥିଲେ। ଏଆର୍‌ସିଏସ୍ ବନମାଳୀ ନାଇକ ଅତିଥି ଭାବରେ ଯୋଗଦେଇ ସମବାୟ ବିଭାଗ ବର୍ତ୍ତମାନ କୃଷକଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ଆର୍ଥିକ କ୍ଷମତାକୁ ମଜଭୁତ କରିବା ପାଇଁ ଚେଷ୍ଟିତ। ଏସ୍‌ଡିସିସି ବ୍ୟାଙ୍କ ଅଧିକାରୀ ହେମସିକ୍ତା ଦାସ କହିଛନ୍ତି, ବ୍ୟାଙ୍କକୁ ଚାଷୀମାନେ ସହଯୋଗ କରନ୍ତୁ। ଏହି ସଭାରେ ଶ୍ରୀପୁରା ସରପଞ୍ଚ ଯଶୋବନ୍ତୀ ପାଣ୍ଡେ, ଦିଲୀପ ବଡ଼େଇଙ୍କ ସମେତ ଶ୍ରୀପୁରା ସମବାୟ ସମିତିର ସଦସ୍ୟ ଓ ଚାଷୀ ଉପସ୍ଥିତ ଥିଲେ।

# ଆଜିର ଶିଶୁ କାଲିର ଭବିଷ୍ୟତ




କାର୍ଯ୍ୟକ୍ରମରେ ଅତିଥି, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଝାରସୁଗୁଡ଼ା,୨୦।୩(ଆଶିଷ ରଞ୍ଜନ ଦାଶ)

**ମରାକୁଟା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ**

ଝାରସୁଗୁଡ଼ା ସଦର ବ୍ଲକ୍ ଅଧୀନ ମରାକୁଟା ଆଶ୍ରମ ବିଦ୍ୟାଳୟଠାରେ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମରାକୁଟା ସରପଞ୍ଚ ଲିଲି ତନ୍ତୀ, ମୁଖ୍ୟବକ୍ତା ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିବେକାନନ୍ଦ ସାମଲ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ସୁଜାତା ମେହେର, ସାମାଜିକ କର୍ମୀ ମହେନ୍ଦ୍ର ଗୁରୁ, ଗୋଲବଦନ କାଲୋ ଏବଂ ବିଦ୍ୟାଳୟର ସଭାପତି ଜଗଦୀଶ ମୁଣ୍ଡା ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ମନୋଜ କୁମାର ଦୀକ୍ଷିତ କହିଛନ୍ତି, ଆଜିର ଶିଶୁ କାଲିର ଭବିଷ୍ୟତ। ତେଣୁ ସେମାନଙ୍କୁ ଉଚିତ୍ ଦିଗଦର୍ଶନ ଓ ଶିକ୍ଷା ଦେବା ଆମର କର୍ତ୍ତବ୍ୟ। ମୁଖ୍ୟବକ୍ତା ସାମଲ କହିଛନ୍ତି, ଛାତ୍ରୀଛାତ୍ର ଭଲ ପାଠପଢି ନିଜର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ। ଏହି ଅବସରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ବାର୍ଷିକ ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ପଖାଳ ଦିବସ ପାଳିତ

ଦେବଗଡ଼,୨୦।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ କ୍ୟାଣ୍ଟିନ୍‌ରେ ଶୁକ୍ରବାର ପଖାଳ ଦିବସ ପାଳିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଏସ୍‌ପି ଅନିଲ କୁମାର ମିଶ୍ର, ଦେବଗଡ଼ ବନଖଣ୍ଡ ଅଧିକାରିଣୀ ରଶ୍ମି ଜି, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲାପାଳ ପରକ୍ଷିତ ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷା ବର୍ଷାରାଣୀ ମୁଣ୍ଡା, ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ସନ୍ଧ୍ୟା ମାଝୀ, ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ବଲପୁର ଏମ୍‌ପିଙ୍କ ଦେବଗଡ଼ ଜିଲା ପ୍ରତିନିଧି ଅରୁଣ କୁମାର ସାହୁ, ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ରଶେଖର ଭୁକ୍ତା, ଜିଲା କଂଗ୍ରେସ ସଭାପତି ସେମ ହେମ୍ରମ, ଦିଲୀପ କୁମାର ଗୁରୁ, ଜିଲା ବରିଷ୍ଠ ନାଗରିକ ଫୋରମ୍‌ର ସଭାପତି ରାମଚନ୍ଦ୍ର ମହାପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ଜିଲା କୃଷକ ସଂଘ ସଭାପତି ପ୍ରମୋଦ କୁମାର ଝାଙ୍କର ଓ ବରିଷ୍ଠ ଆଇନଜୀବୀ ମନୋଜ କୁମାର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ ପଖାଳ ଦିବସର ସିଧା ପ୍ରସାରଣ ତଥା ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଭାଷଣକୁ ଏଲ୍‌ଇଡି ସ୍କ୍ରିନ୍ ଜରିଆରେ ପ୍ରଦର୍ଶନ କରାଯାଇଥିଲା।

# କୋଇଲା ଚୋରଙ୍କ ଦାଦାଗିରି: ସିକ୍ୟୁରିଟି ଇନ୍‌ଚାର୍ଜଙ୍କ ଉପରେ ବାଇକ୍ ଚଢ଼ାଇଦେଲେ

ବ୍ରଜରାଜନଗର,୨୦।୩ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସହରାଞ୍ଚଳ ଇବ୍ କ୍ଷେତ୍ର କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଜଣେ କର୍ତ୍ତବ୍ୟରତ ସିକ୍ୟୁରିଟି ଗାର୍ଡ ତଥା ଫାଟକ ଇନ୍‌ଚାର୍ଜଙ୍କ ଉପରେ କୋଇଲା ଚୋର ବାଇକ୍ ଚଢ଼ାଇ ଦେଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲାସ୍ଥିତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ତଥା ସାଥି ସିକ୍ୟୁରିଟି ଗାର୍ଡ ବୀର ବହାଦୁର ରାୟଙ୍କ ବୟାନ ଅନୁଯାୟୀ, ଏମ୍‌ସିଏଲ୍ ସିକ୍ୟୁରିଟି ଇନ୍‌ଚାର୍ଜ ବିକ୍ରମ କୁମାରଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଫାଟକ ସମ୍ମୁଖ ରାସ୍ତାରେ ଡ୍ୟୁଟିରେ ବାସୁଦେବଙ୍କ ସହିତ ୨ଜଣ ଥିଲେ। ସେହି ସମୟରେ ଏକ ବାଇକ୍‌ରେ କୋଇଲା ନେଇ ଜଣେ ବ୍ୟକ୍ତି ଯାଉଥିଲେ। ଉକ୍ତ ବାଇକ୍‌କୁ ଅଟକାଇ ସେଥିରେ ଥିବା ଦେଢ଼ କୁଇଣ୍ଟାଲ କୋଇଲାକୁ ଜବତ କରିଥିଲେ। ପରେ ବାଇକ୍ ଚାଳକଙ୍କୁ ଛାଡି ଦେଇଥିଲେ। ପ୍ରାୟ ୧ ଘଣ୍ଟା ପରେ ସେହି ଚାଳକ ଏକ ନମ୍ବର ବିହୀନ ବାଇକ୍‌ରେ ଆସି ବାସୁଦେବଙ୍କୁ ଧକ୍କା ଦେଇଥିଲେ। ତାଙ୍କ ମୁଣ୍ଡ ଓ କାନ ପାଖରୁ ରକ୍ତସ୍ରାବ ହେବାରୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଖବରପାଇ ସାଥି ଗାର୍ଡମାନେ ଜିଏମ୍‌ଙ୍କ କାର୍ଯ୍ୟାଳୟ ଫାଟକ ପାଖରେ ପହଞ୍ଚି ସମ୍ପୃକ୍ତ ବାଇକ୍ ଚାଳକଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ବ୍ରଜରାଜନଗର ଥାନାରେ ଏନେଇ ଲିଖିତ ଅଭିଯୋଗ ହୋଇଥିବା ଜଣାପଡିଛି।

## ଗୋମାଂସ ଚାଲାଣ ଅଭିଯୋଗରେ ଯୁବକଙ୍କୁ ହତ୍ୟା ଘଟଣା

# ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ

ଦେବଗଡ଼,୨୦।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ୍ ଅଧୀନ କଂସର ଗ୍ରାମର ମୃତ ଦଳିତ ଯୁବକ କିଶୋର ଚମାରଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଗତ ସେପ୍ଟେମ୍ବର ୩ରେ କିଶୋରଙ୍କୁ ଗୋମାଂସ ଚାଲାଣ ଅଭିଯୋଗରେ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା। ମୃତ କିଶୋର ଦଳିତ ବର୍ଗର ହୋଇଥିବାରୁ ସରକାରଙ୍କ ପକ୍ଷରୁ ହରିଜନ ନିର୍ଯାତନା ନିବାରଣ ଆଇନ ଅନୁସାରେ ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଶେଷରେ କିଶୋରଙ୍କ ସ୍ତ୍ରୀ ମାନସୀଙ୍କୁ ୪ ଲକ୍ଷ ୮୫ ହଜାର ୫୦୦ ଟଙ୍କାର ଆର୍ଥିକ ସହାୟତା ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ଏହି ରାଶି ମଧ୍ୟରେ ୩ ମାସର ରାଶନ ସାମଗ୍ରୀ କ୍ରୟ ବାବଦକୁ ୧୫ ହଜାର, ବାସନ କ୍ରୟ ପାଇଁ ୩ ହଜାର, ୫ ହଜାର ଟଙ୍କାର ମାସିକ ପେନ୍‌ସନ ଅନ୍ତର୍ଭୁକ୍ତ। ଏହି ମାସିକ ପେନ୍‌ସନ ପିଛିଲା ଭାବେ ସେପ୍ଟେମ୍ବରରୁ ପ୍ରଦାନ କରାଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଜିଲା କଲ୍ୟାଣ ଅଧିକାରୀ ଶିଶିର କୁମାର ପୁହାଣ କଂସର ଗ୍ରାମରେ ପହଞ୍ଚି ମାନସୀଙ୍କୁ ସରକାରଙ୍କ ଅନୁମୋଦନ ପତ୍ର ପ୍ରଦାନ କରିଛନ୍ତି। ଏଥିସହ କିଶୋରଙ୍କ ୨ ଝିଅଙ୍କୁ ଛାତ୍ରୀନିବାସରେ ରହି କଂସର ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଠପଢ଼ା ବ୍ୟବସ୍ଥା ହୋଇଥିବା ପୁହାଣ କହିଛନ୍ତି।

# ଭୋଟର ତାଲିକା କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

ଝାରସୁଗୁଡ଼ା,୨୦।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ନିର୍ବାଚନ ବିଭାଗ ପକ୍ଷରୁ ଭୋଟର ତାଲିକା ପ୍ରସ୍ତୁତି ଓ ମ୍ୟାପିଂ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଏକ ସମୀକ୍ଷା ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡିଏମ୍‌ଏଫ୍ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ କୁଣାଲ ମୋତିରାମ ଚହ୍ୱାଣ ଅଧ୍ୟକ୍ଷତା କରିଥିଲେ। ବିଶେଷକରି ଜିଲାର ଯେଉଁ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପ୍ରଦର୍ଶନ ୬୦ ପ୍ରତିଶତରୁ କମ୍ ରହିଛି, ସେମାନଙ୍କ କାର୍ଯ୍ୟକଳାପକୁ ନେଇ ଜିଲାପାଳ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ଏଥିରେ ସୁଧାର ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜିଲାପାଳ କହିଛନ୍ତି, ସଠିକ୍ ଭୋଟର ତାଲିକା ପ୍ରସ୍ତୁତି ଗଣତନ୍ତ୍ରର ମୂଳଦୁଆ। ଏଥିରେ କୌଣସି ପ୍ରକାରର ଶିଥିଳତା ଗ୍ରହଣୀୟ ନୁହେଁ। ବ୍ରଜରାଜନଗର ଓ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ନିମ୍ନ ପ୍ରଦର୍ଶନକାରୀ ବିଏଲ୍‌ଓମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବାକି ରହିଥିବା ଭୋଟର ଯାଞ୍ଚ ଓ ତଥ୍ୟ ଅପ୍‌ଲୋଡ୍ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୨୩ ତାରିଖରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଝାରସୁଗୁଡ଼ା ଗସ୍ତ କରି ପ୍ରି-ଏସ୍‌ଆଇଆର୍ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ପୂର୍ବରୁ ସମସ୍ତ ଅଧିକାରୀ ନିଜ ନିଜ ଅଞ୍ଚଳର ଅପ୍‌ଡେଟେଡ୍ ରିପୋର୍ଟ ଓ ରେକର୍ଡ ପ୍ରସ୍ତୁତ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କମ୍ପାନୀ ଅଧିକାରୀଙ୍କ ଉତ୍ତରରେ ଗ୍ରାମବାସୀ ଅସନ୍ତୁଷ୍ଟ

ଝାରସୁଗୁଡ଼ା,୨୦।୩(ଆଶିଷ ରଞ୍ଜନ ଦାଶ)

**ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ତ୍ରିପାକ୍ଷିକ ବୈଠକ**

ଝାରସୁଗୁଡ଼ା ସଦର ବ୍ଲକ୍ ଅଧୀନ ବୁଢ଼ୀପଦରଠାରେ ଥିବା ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ବିରୋଧରେ ଗ୍ରାମବାସୀ ଓ ସରପଞ୍ଚଙ୍କ ଅଭିଯୋଗକୁ ନେଇ ଝାରସୁଗୁଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଅପରାହ୍ନରେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀ ଅଧିକାରୀ ରଖିଥିବା ଉତ୍ତରକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିବାବେଳେ ଆସନ୍ତା ୧ ମାସ ମଧ୍ୟରେ କମ୍ପାନୀ ତରଫରୁ ଉତ୍ତରଦାୟୀ ଅଧିକାରୀ ରହି ବୈଠକ କରିବା ପାଇଁ ତ୍ରିପାକ୍ଷିକ ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଏହି କମ୍ପାନୀ ଦ୍ୱାରା ସିଏସ୍‌ଆର୍ ଫଣ୍ଡରେ ସ୍ଥାନୀୟ ମରାକୁଟା ଅଞ୍ଚଳରେ ଗମନାଗମନ, ବିଦ୍ୟୁତ୍, ସ୍ୱାସ୍ଥ୍ୟ, ପାଣି ଆଦି କ୍ଷେତ୍ରରେ ଉନ୍ନତି ସାଧନ ଏବଂ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ପାଇଁ କମ୍ପାନୀ ପରିବେଶ ମଞ୍ଜୁରୀବେଳେ ସରକାରଙ୍କ ନିକଟରେ ଚୁକ୍ତି କରିଥିଲା। ଇତିମଧ୍ୟରେ ଦୁଇଟି ଆର୍ଥିକ ବର୍ଷ ବିତିଯାଇଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଉକ୍ତ କାର୍ଯ୍ୟଗୁଡ଼ିକ କରିନାହାନ୍ତି ବୋଲି ମରାକୁଟା ସରପଞ୍ଚ ଲିଲି ତନ୍ତୀ ଏବଂ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଫଳରେ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଶୁକ୍ରବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମରାକୁଟା ସରପଞ୍ଚ, ଗ୍ରାମବାସୀ, କମ୍ପାନୀ ଅଧିକାରୀ ଏବଂ ଉପଜିଲାପାଳ ସବ୍ୟସାଚୀ ପଣ୍ଡାଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ହୋଇଥିଲା। ଏହି ବୈଠକରେ ମରାକୁଟା ଗ୍ରାମବାସୀ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଦ୍ୱାରା ହୋଇଥିବା ଅଭିଯୋଗର ସନ୍ତୋଷଜନକ ଉତ୍ତର କମ୍ପାନୀର ଅଧିକାରୀ ଦେଇ ପାରି ନ ଥିଲେ। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ଉପଜିଲାପାଳ ପଣ୍ଡା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଆସନ୍ତା ବୈଠକରେ ଉତ୍ତରଦାୟୀ ଅଧିକାରୀମାନେ ରହିବା ସହିତ ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ କରିଥିବା ଉନ୍ନୟନ କାର୍ଯ୍ୟର ତାଲିକା ପ୍ରଦାନ ପାଇଁ କହିଛନ୍ତି। ମରାକୁଟା ପଞ୍ଚାୟତବାସୀଙ୍କ କହିବା ଅନୁସାରେ, ଉକ୍ତ କମ୍ପାନୀକୁ ଏକ ମାସ ସମୟ ଦିଆଯାଇଛି। ଏନେଇ ଉପଜିଲାପାଳ ପଣ୍ଡା କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗର ସନ୍ତୋଷଜନକ ଉତ୍ତର ପାଇଁ ଆସନ୍ତା ବୈଠକରେ ଉତ୍ତରଦାୟୀ ଅଧିକାରୀ ରହିବା ଏବଂ ସ୍ଥାନୀୟ ଅଞ୍ଚଳରେ କରାଯାଇଥିବା ଉନ୍ନତିମୂଳକ କାର୍ଯ୍ୟର ତାଲିକା ପ୍ରଦାନ ପାଇଁ କୁହାଯାଇଛି। କମ୍ପାନୀର ମାନବସମ୍ବଳ ବିକାଶ ବିଭାଗର ରଞ୍ଜିତ ବିଶ୍ୱାଳ ଓ ଦେବେନ୍ଦ୍ର ବାଗ୍‌ଙ୍କୁ ପଚାରିବାରୁ କମ୍ପାନୀ ମୁଖ୍ୟଙ୍କ ସହିତ ଯୋଗାଯୋଗ ପରେ ଉତ୍ତର ରଖିବୁ ବୋଲି କହିଛନ୍ତି। ଏହି ତ୍ରିପାକ୍ଷିକ ବୈଠକରେ ସରପଞ୍ଚ ଲିଲି ତନ୍ତୀ, ନାଇବ ସରପଞ୍ଚ ଆଶିଷ ଗର୍ଡିଆ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।




# ଓଡ଼ିଶା ପୁରୁଷ ଦଳକୁ ବ୍ରୋଞ୍ଜ ପଦକ







ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଓଡ଼ିଶା ମହିଳା (ଉପର) ଓ ପୁରୁଷ ଭଲିବଲ ଦଳ।

### ଜାତୀୟ ୟୁଥ୍ ଭଲିବଲ ଉଦ୍‌ଯାପିତ
### ପୁରୁଷରେ ପଞ୍ଜାବ ଓ ମହିଳାରେ କେରଳ ଚାମ୍ପିୟନ

**ଭୁବନେଶ୍ୱର, ୨୦।୩ (ତପନ ସ୍ୱାଇଁ)** କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ୨୬ତମ ଜାତୀୟ ୟୁଥ୍ ଭଲିବଲ ଚାମ୍ପିୟନଶିପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଜାତୀୟ ଭଲିବଲ ଇତିହାସରେ ଓଡ଼ିଶା ଏଥର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛି। ପୁରୁଷ ଦଳ ବ୍ରୋଞ୍ଜ ପଦକ ଜିତିଥିବାବେଳେ ମହିଳା ଦଳ (ଚତୁର୍ଥ ସ୍ଥାନ) ଟପ୍-୪ରେ ରହିବାରେ ସକ୍ଷମ ହୋଇଛି। ୩-୪ ପୋଜିଶନ ମ୍ୟାଚରେ ଓଡ଼ିଶା ପୁରୁଷ ଦଳ ଦିଲ୍ଲୀକୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛି। ମହିଳା ଦଳ ପୋଜିଶନ ମ୍ୟାଚରେ ହରିୟାଣା ନିକଟରୁ ହାରି ଯାଇଛି। ମହିଳା ବର୍ଗର ଫାଇନାଲରେ କେରଳ ୩-୦ (୨୫-୧୬, ୨୫-୧୯, ୨୫-୧୪)ରେ ତାମିଲନାଡୁକୁ ହରାଇ ଟାଇଟଲ ହାସଲ କରିଛି। ଅନ୍ୟପକ୍ଷରେ ତୀବ୍ର ସଂଘର୍ଷପୂର୍ଣ୍ଣ ପୁରୁଷ ଫାଇନାଲରେ ପଞ୍ଜାବ ୩-୨ (୨୧-୨୫, ୨୧-୨୫, ୨୫-୧୫, ୨୫-୨୨, ୧୫-୧୩)ରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)କୁ ପରାସ୍ତ କରିଛି। ପୁରସ୍କାର ବିତରଣୀ ଉତ୍ସବରେ ଓଡ଼ିଶା ଭଲିବଲ ଆସୋସିଏଶନ ସମ୍ପାଦକ ତଥା କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଏମ୍‌ଜିଏମ୍ ମିନେରାଲ୍ସର ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି ମୁଖ୍ୟ ଅତିଥି ଏବଂ ଓଡ଼ିଶା ଭଲିବଲ ଆସୋସିଏଶନ ସଭାପତି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ସରଣଜିତ ସିଂ ଓ ପୂର୍ବତନ କୁଳପତି ଏନ୍.ଏଲ୍.ମିତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଓଡ଼ିଶା ଦଳର ପ୍ରଦର୍ଶନରେ ଅଚ୍ୟୁତ ସନ୍ତୋଷ ପ୍ରକାଶ କରିବା ସହ ସଫଳ ଆୟୋଜନ ପାଇଁ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ ଏବଂ ରାଜ୍ୟ ସଂଘର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୩୦,୦୦୦, ରନରଅପ୍‌କୁ ୨୦,୦୦୦ ଓ ତୃତୀୟ ସ୍ଥାନ ପାଇଁ ୧୫,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ସ୍ୱତନ୍ତ୍ର ପୁରସ୍କାର ଭାବେ ଓଡ଼ିଶା ପୁରୁଷ ଦଳକୁ ୭୫,୦୦୦ ଏବଂ ମହିଳା ଦଳକୁ ୫୦,୦୦୦ ଟଙ୍କା ଦିଆଯାଇଥିଲା। ଭାରତୀୟ ଭଲିବଲରେ ପ୍ରଥମଥର ପାଇଁ କିଟ୍ ଇନ୍‌ଡୋର ହଲ୍‌ର ୬ଟି କୋର୍ଟରେ ଏକସଙ୍ଗେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଶେଷରେ କିଟ୍ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଜ୍ଞାନରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




# ଦକ୍ଷିଣ ଆଫ୍ରିକାକୁ ହରାଇଲା ନ୍ୟୁଜିଲାଣ୍ଡ

### ତୃତୀୟ ଟି୨୦

**ଅକ୍‌ଲାଣ୍ଡ (ନ୍ୟୁଜିଲାଣ୍ଡ), ୨୦।୩ (ଏପି)** ଶୁକ୍ରବାର ଏଠାରେ ଖେଳାଯାଇଥିବା ତୃତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ୮ ଉଇକେଟରେ ପରାସ୍ତ କରିଛି ନ୍ୟୁଜିଲାଣ୍ଡ। ଟମ୍ ଲଥାମ (୬୩)ଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ଏବଂ ପ୍ରଥମ ଉଇକେଟରେ ଡେଭନ କନୱେ (୩୯)ଙ୍କ ସହ ପ୍ରଥମ ଉଇକେଟ ପାର୍ଟନରଶିପ୍‌ରେ ୯୬ରନ ଯୋଗଦାନ ଦଳକୁ ଜିତାଇବାରେ ବଡ଼ ଭୂମିକା ଗ୍ରହଣ କରିଥିଲେ। ନ୍ୟୁଜିଲାଣ୍ଡ ୨୨ବଲ୍ ବାକିଥାଇ ମାତ୍ର ୨ ଉଇକେଟ ବିନିମୟରେ ଦକ୍ଷିଣ ଆଫ୍ରିକା ସ୍କୋର ୧୩୬/୯କୁ ଅତିକ୍ରମ କରିଯାଇଥିଲା। ଏଥିସହିତ ଦଳ ୫ ମ୍ୟାଚ ବିଶିଷ୍ଟ ସିରିଜ ୨-୧ରେ ଅଗ୍ରଣୀ ଲାଭ କରିପାରିଛି। ସିରିଜର ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡର ୯୧ରନକୁ ଚେଜ୍ କରି ଦକ୍ଷିଣ ଆଫ୍ରିକା ୭ ଉଇକେଟରେ ବିଜୟ ଲାଭ କରିଥିଲା। ଦ୍ୱିତୀୟ ମ୍ୟାଚରେ ବିପକ୍ଷ ଦଳକୁ ୧୦୭ ରନରେ ଅଲଆଉଟ କରି ନ୍ୟୁଜିଲାଣ୍ଡ ୬୮ରନରେ ମ୍ୟାଚ ଜିତି ନେଇଥିଲା।

**ସଂକ୍ଷିପ୍ତ ସ୍କୋର ବୋର୍ଡ**

ଦକ୍ଷିଣ ଆଫ୍ରିକା: ୨୦ଓଭରରେ ୧୩୬/୯ (ଜର୍ଜ ଲିଣ୍ଡେ-୨୩, ଏନ୍‌କୋବାନି ନୋକେନା-୨୬*; ମିଚେଲ ସାଣ୍ଟନର-୨/୨୧, ବେନ୍ ସିଅର୍ସ-୨/୨୭, କାଇଲ ଜେମିସନ-୨/୪୨)। ନ୍ୟୁଜିଲାଣ୍ଡ: ୧୬.୨ ଓଭରରେ ୧୩୭/୨ (କେଶବ ମହାରାଜ-୧/୩୦)।

## ହର୍ଷିତ ରାଣା ଆଇପିଏଲରୁ ବିଦା

**କୋଲକାତା, ୨୦।୩ (ପି.ଟି.):** ଇଞ୍ଜୁରୀ କାରଣରୁ ଆଇପିଏଲ୍ ୨୦୨୬ରୁ ବାଦ୍‌ପଡ଼ିଛନ୍ତି ପେସ୍ ବୋଲର ହର୍ଷିତ ରାଣା। ଶୁକ୍ରବାର ଏକଥା ସ୍ପଷ୍ଟ ହେବାପରେ କୋଲକାତା ନାଇଟ ରାଇଡର୍ସକୁ ଶକ୍ତ ଧକ୍କା ଲାଗିଛି। ଗତ ଟି୨୦ ବିଶ୍ୱକପ୍ ବେଳେ ଦକ୍ଷିଣ ଆଫ୍ରିକା ବିପକ୍ଷ ଏକ ୱାର୍ମଅପ୍ ମ୍ୟାଚ ଖେଳୁଥିବା ସମୟରେ ହର୍ଷିତଙ୍କ ଡାହାଣ ଆଣ୍ଠୁରେ ଏକ ଲିଗାମେଣ୍ଟ ଇଞ୍ଜୁରୀ ହୋଇଥିଲା।

# କେନ୍ଦୁଝର, ମୟୂରଭଞ୍ଜ ସାଜିଛି ଭାରତୀୟ ଧନୁର୍ବିଦ୍ୟାର ପେଣ୍ଠସ୍ଥଳ



ଅଭ୍ୟାସ ଅବସରରେ ତୀରନ୍ଦାଜ ପ୍ରତିଭା।

### ଭବିଷ୍ୟତର ତୀରନ୍ଦାଜ ସୃଷ୍ଟି କରୁଛି ଓଡ଼ିଶା ଟାଟା ଆର୍ଚେରୀ ହାଇ ପର୍‌ଫର୍ମାନ୍ସ ସେଣ୍ଟର

**ଭୁବନେଶ୍ୱର, ୨୦।୩ (ତପନ ସ୍ୱାଇଁ)** ଓଡ଼ିଶାର ଜନଜାତି ବହୁଳ ଅଞ୍ଚଳରେ ଧନୁ ଓ ତୀର କେବଳ ଏକ ଅସ୍ତ୍ର ନୁହେଁ, ବରଂ ଏହା ସେମାନଙ୍କ ସଂସ୍କୃତି, ଜୀବିକା ଏବଂ ପରିଚୟ ସହ ଜଡ଼ିତ। ସେହି ପାରମ୍ପରିକ ଦକ୍ଷତାକୁ ବିଶ୍ୱସ୍ତରୀୟ କରିବା ପାଇଁ ରାଜ୍ୟରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ଟାଟା ଷ୍ଟିଲ୍ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ କେନ୍ଦୁଝରଠାରେ ପ୍ରତିଷ୍ଠିତ 'ଓଡ଼ିଶା ଟାଟା ଆର୍ଚେରୀ ହାଇ ପର୍‌ଫର୍ମାନ୍ସ ସେଣ୍ଟର' (ଓଟିଏଏଚ୍‌ପିସି) ଏବେ ଦେଶର ଭବିଷ୍ୟତର ତୀରନ୍ଦାଜମାନଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରୁଛି। କେନ୍ଦୁଝରର ଶଙ୍କରପୁରଠାରେ ଅବସ୍ଥିତ ଏହି କେନ୍ଦ୍ର ୨୦୨୪ ଏପ୍ରିଲରୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ପ୍ରକାଶଯୋଗ୍ୟ ଯେ, ତିନି ଦଶନ୍ଧି ପୂର୍ବରୁ ଜାମସେଦପୁରଠାରେ ଟାଟା ଆର୍ଚେରୀ ଏକାଡେମୀ ପ୍ରତିଷ୍ଠା ହୋଇଥିଲା। ଯାହା ଭାରତର ପ୍ରଥମ ସଙ୍ଗଠିତ ଧନୁର୍ବିଦ୍ୟା ପ୍ରଶିକ୍ଷଣ କେନ୍ଦ୍ର ଭାବେ ବେଶ୍ ପରିଚିତ। ଓଡ଼ିଶାରେ ଧନୁର୍ବିଦ୍ୟାର ବିକାଶକୁ ଆହୁରି ସୁଦୃଢ଼ କରିବା ପାଇଁ ୨୦୨୩ ଡିସେମ୍ବରରେ ଟାଟା ଷ୍ଟିଲ୍ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏକ ସୁସଂଗଠିତ ପ୍ରତିଭା ଅନ୍ୱେଷଣ ପ୍ରକ୍ରିୟା ମାଧ୍ୟମରେ ତୃଣମୂଳସ୍ତରରୁ ପ୍ରତିଭାବାନ ଖେଳାଳିଙ୍କୁ ଚିହ୍ନଟ କରି ସେମାନଙ୍କୁ ଉଚ୍ଚକୋଟୀର ପ୍ରଶିକ୍ଷଣ ପ୍ରଦାନ କରାଯିବା ଏହି ସହଭାଗିତାର ମୁଖ୍ୟ ଲକ୍ଷ୍ୟ ଥିଲା।

ମୟୂରଭଞ୍ଜ ଜିଲାର ପାହାଡ଼ପୁରଠାରେ ଏସ୍‌ଏଲ୍‌ଏସ୍ ସ୍କୁଲ ସହଯୋଗରେ ୨୦୨୫ ମେ' ମାସରୁ ଏକ 'ଆର୍ଚେରୀ ଫିଡର୍ ସେଣ୍ଟର' ସ୍ଥାପନ କରାଯାଇଛି। ଏଠାରେ ୧୨ ବର୍ଷରୁ କମ୍ ବୟସର ୨୦ ଜଣ ଛାତ୍ରୀଛାତ୍ରଙ୍କୁ ଆଧୁନିକ କୌଶଳ ସହ ଶୃଙ୍ଖଳା, ଟିମ୍‌ୱର୍କ ଓ ଆତ୍ମବିଶ୍ୱାସ ବୃଦ୍ଧି ସମ୍ପର୍କରେ ଶିକ୍ଷା ଦିଆଯାଉଛି। ଟାଟା ଷ୍ଟିଲ୍‌ର କ୍ରୀଡ଼ା ବିଭାଗ ମୁଖ୍ୟ ମୁକୁଲ ବିନାୟକ ଚୌଧୁରୀଙ୍କ କହିବା ଅନୁଯାୟୀ, ଏହି କେନ୍ଦ୍ରଗୁଡ଼ିକର ମୁଖ୍ୟ ଲକ୍ଷ୍ୟ ହେଉଛି ତୀରନ୍ଦାଜଙ୍କର ସର୍ବାଙ୍ଗୀନ ବିକାଶ କରିବା ଏବଂ ଦେଶ ପାଇଁ ଗୌରବ ଆଣିବା ଭଳି ଏକ ଶକ୍ତିଶାଳୀ ଯୋଜନା ପ୍ରସ୍ତୁତ କରିବା। କେନ୍ଦୁଝରର ହାଇ ପର୍‌ଫର୍ମାନ୍ସ ସେଣ୍ଟର ଏବଂ ମୟୂରଭଞ୍ଜର ତୃଣମୂଳ କେନ୍ଦ୍ର ମିଳିତ ଭାବେ ଓଡ଼ିଶାକୁ ବିଶ୍ୱ ଧନୁର୍ବିଦ୍ୟା ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ଦେବାକୁ ଲକ୍ଷ୍ୟ ରଖିଛନ୍ତି। କେନ୍ଦୁଝର ଜିଲାର ଶଙ୍କରପୁରସ୍ଥିତ ଏହି ହାଇ-ପର୍‌ଫର୍ମାନ୍ସ ସେଣ୍ଟରରେ ଦୁର୍ଗମ ଅଞ୍ଚଳରୁ ଚୟନ ହୋଇଥିବା ୨୪ ଜଣ କ୍ୟାଡେଟ୍ (୧୨ ବାଳକ ଓ ୧୨ ବାଳିକା) ଅଭ୍ୟାସ କରୁଛନ୍ତି। ମାତ୍ର ଦୁଇ ବର୍ଷ ମଧ୍ୟରେ ଏହି କେନ୍ଦ୍ରର ତୀରନ୍ଦାଜମାନେ ରାଜ୍ୟ ଓ ଜାତୀୟସ୍ତରରେ ୨୦ଟି ପଦକ ଜିତିବାରେ ସଫଳ ହୋଇଛନ୍ତି। ଆସନ୍ତା ୨୫ରୁ ଏପ୍ରିଲ ୩ ପର୍ଯ୍ୟନ୍ତ ଛତିଶଗଡ଼ର ରାୟପୁରଠାରେ ହେବାକୁ ଥିବା ପ୍ରଥମ 'ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ ୨୦୨୬' ଏବଂ ମାର୍ଚ୍ଚ ୨୬ରୁ ଏପ୍ରିଲ ୭ ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରଠାରେ ହେବାକୁ ଥିବା ୧୦, ୧୩ ଓ ୧୫ ବର୍ଷରୁ କମ୍ ଜାତୀୟ ଆର୍ଚେରୀ ଚାମ୍ପିଅନଶିପ୍‌ରେ ଓଡ଼ିଶାର ଏହି ପ୍ରତିଭାମାନେ ଅଂଶଗ୍ରହଣ କରିବେ।

# ହରିୟାଣା ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ ଚାମ୍ପିୟନ

### ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଟାଏକୋଣ୍ଡୋ ଉଦ୍‌ଯାପିତ

**ବାଲେଶ୍ୱର, ୨୦।୩ (ବାଞ୍ଛାନିଧି ଦେ)** ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ଟାଏକୋଣ୍ଡୋ ପ୍ରତିଯୋଗିତା ୨୦୨୫-୨୬ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଦେଶର ୨୫ ରାଜ୍ୟରୁ ୧୭୯ ବିଶ୍ୱବିଦ୍ୟାଳୟର ୧ ହଜାରରୁ ଊର୍ଦ୍ଧ୍ୱ ଖେଳାଳି ନିଜର ଦକ୍ଷତା ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ଶେଷରେ ହରିୟାଣା ରୋହତକର ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ ଚାମ୍ପିୟନ୍ ହୋଇଥିଲା। ଗୁଜରାଟ ସୁରଟ୍‌ର ବୀର ନର୍ମଦ ଦକ୍ଷିଣ ଗୁଜରାଟ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ଓ ଅମୃତସରର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲା। ଉଦ୍‌ଯାପନୀ ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ମହିଳାମାନଙ୍କର ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି ଓ ସଫଳତାକୁ ଉଲ୍ଲେଖ କରି ଛାତ୍ରୀଛାତ୍ରଙ୍କୁ ସଶକ୍ତୀକରଣ ଓ ଶକ୍ତିଶାଳୀ ଭବିଷ୍ୟତ ଗଢ଼ିବା ପାଇଁ ଆହ୍ୱାନ ଦେଇଥିଲେ। ନାରୀନେତୃତ୍ୱ, ଶାରୀରିକ ସାମର୍ଥ୍ୟ ଓ ବିକଶିତ ଭାରତର ଦୃଷ୍ଟିକୋଣକୁ ଉପସ୍ଥାପନ କରିବା ସହ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରୁ ପ୍ରେରଣା ନେଇ ସେ ଖେଳାଳିମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା, ଉତ୍କର୍ଷ ପାଇଁ ପ୍ରୟାସ କରିବା ଓ ସହଯୋଗୀ ମନୋଭାବ ସହ ଜୀବନର ମୂଲ୍ୟବୋଧକୁ ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ।

ସ୍ନାତକୋତ୍ତର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ, ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ଅଧିକୃତ ପର୍ଯ୍ୟବେକ୍ଷକ ଡ. ଦୀପକ ସିଏସ୍ (ବେଙ୍ଗାଲୁରୁ), କୁଳସଚିବ କୁଙ୍କୁମୀନା ଦାସ ଓ କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ା ପରିଷଦ ଉପନିର୍ଦ୍ଦେଶକ ଡ. ଅମିତ ଶର୍ମା ଓ ଶାରୀରିକ ଶିକ୍ଷା ଅଧିକାରୀ ସଂଗ୍ରାମ ବିଶୋଇଙ୍କ ତତ୍ତ୍ୱାବଧାନରେ ୫ଦିନ ବ୍ୟାପୀ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବିଜେତାମାନଙ୍କୁ ପଦକ ଓ ଟ୍ରଫି ପ୍ରଦାନ କରାଯାଇଥିଲା।



ଚାମ୍ପିୟନ ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ ଦଳକୁ ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଟ୍ରଫି ପ୍ରଦାନ କରୁଛନ୍ତି।

## ଆଇପିଏଲ୍ ୨୦୨୬: ଚାମିରା, ନିସାଙ୍କା, କାମିନ୍ଦୁ ମେଣ୍ଡିସଙ୍କୁ ଏନ୍‌ଓସି

**କଲମ୍ବୋ, ୨୦।୩ (ପି.ଟି.)** ଆ।ଇପିଏଲ୍-୨୦୨୬ରେ ଅଂଶଗ୍ରହଣ କରିବା ପାଇଁ ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି) ଶୁକ୍ରବାର ଦୁଷ୍ମନ୍ତ ଚାମିରା, ପାଥୁମ ନିସାଙ୍କା ଓ କାମିନ୍ଦୁ ମେଣ୍ଡିସଙ୍କୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ପ୍ରଦାନ କରିଛି। ଏହି ୩ଜଣ ସଫଳତାର ସହିତ ଏସ୍‌ଏଲ୍‌ସିର ଫିଜିକାଲ ପର୍‌ଫର୍ମାନ୍ସ ଟେଷ୍ଟରେ ଉନ୍ନୀତ ହୋଇପାରିଛନ୍ତି। ଆସନ୍ତା ଆଇପିଏଲ୍ ପାଇଁ ପେସର ଚାମିରା ଏବଂ ଓପନର ନିସାଙ୍କା ଦିଲ୍ଲୀ କ୍ୟାପିଟାଲ୍ସର ସଦସ୍ୟ ରହିଥିବାବେଳେ ସନ୍‌ରାଇଜର୍ସ ହାଇଦ୍ରାବାଦ ଅଲରାଉଣ୍ଡର କାମିନ୍ଦୁ ମେଣ୍ଡିସଙ୍କୁ ରିଟେନ କରିଛି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ରେ ଅଂଶଗ୍ରହଣ ଲାଗି ଅନୁମତି ପାଇଁ ଆବେଦନ କରିଥିବା ଖେଳାଳିମାନଙ୍କୁ ଏସ୍‌ଏଲ୍‌ସିର ଫିଜିକାଲ ପର୍‌ଫର୍ମାନ୍ସ ଟେଷ୍ଟରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ।

# ଓଡ଼ିଶା ଏଫ୍‌ସିର ସହଜ ବିଜୟ

### ରାହୁଲ କେପିଙ୍କ ଡବଲ୍ ଗୋଲ

**ଗୁଆହାଟୀ (ଆସାମ) ୨୦।୩** ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଆଥଲେଟିକ୍ ଷ୍ଟାଡିୟମରେ ଖେଳାଯାଇଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ୨୦୨୫-୨୬ର ଏକ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ସହଜ ବିଜୟହାସଲ କରିଛି। ଦଳ ରାହୁଲ କେପିଙ୍କ ଡବଲ୍ ଗୋଲ ସହାୟତାରେ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସିକୁ ୪-୧ ଗୋଲରେ ପରାସ୍ତ କରିଛି। ରାହୁଲ ୬ଷ୍ଠ ଓ ୬୫ତମ ମିନିଟ୍‌ରେ ଏବଂ ସୁଭମ ଭଟ୍ଟାଚାର୍ଯ୍ୟ ୨୪ତମ ମିନିଟରେ ଗୋଲ୍ ସ୍କୋର କରିଥିବା ବେଳେ ବେକି ଓରାମ ୬୮ତମ ମିନିଟ୍‌ରେ ଏକ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ। ଚଳିତ ସିଜନରେ ଓଡ଼ିଶା ଏଫ୍‌ସିର ଏହା ହେଉଛି ପ୍ରଥମ ବିଜୟ। ଦଳ ବର୍ତ୍ତମାନ ୫ ପଏଣ୍ଟ ସହ ପଏଣ୍ଟ ଟେବୁଲର ୯ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ୬ପଏଣ୍ଟ ସହ ଏହାର ୭ମ ସ୍ଥାନ ବଜାୟ ରଖିଛି। ରାହୁଲ କେପି ତାଙ୍କ ଡବଲ୍ ଗୋଲ୍ ପାଇଁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ମ୍ୟାଚ ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍ ଟି.ଜି. ପୁରୁଷୋଥମନ ଦୁଇ ପରିବର୍ତ୍ତନ କରିଥିଲେ। ସେ ୧୯ ବର୍ଷୀୟ ବାମହାତି ଶୁଭମ ଭଟ୍ଟାଚାର୍ଯ୍ୟଙ୍କୁ ପଦାର୍ପଣର ସୁଯୋଗ ଦେଇଥିବା ବେଳେ ମିଡ୍‌ଫିଲ୍ଡର ଲାଲ୍‌ରିନ୍‌ଫେଲା ଖିଆଙ୍ଗେଟ୍‌ଙ୍କୁ ସୁଯୋଗ ଦେଇଥିଲେ।



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଶୁକ୍ରବାର ଅନୁଷ୍ଠିତ ଟି-୫୩ ବର୍ଗର ପୁରୁଷ ୪୦୦ ମିଟର ଇଭେଣ୍ଟ ଅବସରରେ ଓଡ଼ିଶାର କମଳାକାନ୍ତ ନାୟକ। (ଫଟୋ: ବିକାଶ ନାୟକ)

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ